# ଧରିତ୍ରୀ
DHARITRI

ଢେଙ୍କାନାଳ, ବୁଧବାର, ଅଗଷ୍ଟ ୧୪/୨୦୧୯ (୨୦ ପୃଷ୍ଠା) Dhenkanal, Wednesday, August 14 / 2019 ★★★★★

୧୫ଶ ଭାଗ ୧୭୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-




## ଡି'କକ୍ ଦକ୍ଷିଣ ଆଫ୍ରିକା ଟି୨୦ ଅଧିନାୟକ

ସେପ୍ଟେମ୍ବରରେ ଖେଳାଯିବାକୁ ଥିବା ଭାରତ ବିପକ୍ଷ ଟି୨୦ ସିରିଜ ପାଇଁ କ୍ୱିଣ୍ଟନ ଡି'କକ୍ ଦକ୍ଷିଣ ଆଫ୍ରିକା ଅଧିନାୟକ ମନୋନୀତ ହୋଇଛନ୍ତି।

୧୯

୧୪

## 'ମିଶନ ମଙ୍ଗଲ'ରେ ନିଥ୍ୟା

ଦକ୍ଷିଣ ଭାରତୀୟ ଅଭିନେତ୍ରୀ ନିଥ୍ୟା ମେନନ୍ 'ମିଶନ ମଙ୍ଗଲ'ରେ ଅଭିନୟ କରି ବେଶ୍ ଖୁସି ପ୍ରକାଶ କରିଛନ୍ତି।



**ଆଜିର ସମ୍ପାଦକୀୟ**

ସିଏସ୍ଆର୍ ପାଇଁ ଦଣ୍ଡ

**ଆଜିର ମନ୍ତବ୍ୟ**

"ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ଅସାମ୍ବିଧାନିକ ଉପାୟରେ ହଟାଇ ଦିଆଯାଇଛି।

**-ପ୍ରିୟଙ୍କା ଗାନ୍ଧୀ ଭଦ୍ରା, କଂଗ୍ରେସ ସାଧାରଣ ସମ୍ପାଦକ**

**କିଛି ତଥ୍ୟ**

ସ୍ମାର୍ଟ ମିଟର ନ୍ୟାଶନାଲ ପ୍ରୋଗ୍ରାମ ଅନ୍ତର୍ଗତ ସାରା ଦେଶରେ ୫ ଲକ୍ଷ ୟୁନିଟ ସ୍ମାର୍ଟ ମିଟର କାର୍ଯ୍ୟକ୍ଷମ ରହିଛି।

**– ଇଇଏସ୍ଏଲ୍**


NECC NATIONAL EGG CO-ORDINATION COMMITTEE 13.08.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 56 | 101 | 111 |
| CTC | 55 | 100 | 110 |
| DKL | 54 | 98 | 108 |
| BDK | 55 | 100 | 110 |
| BLS | 56 | 101 | 111 |
| ANG | 55 | 100 | 110 |
| BHM | 54 | 98 | 108 |

*Conditions Apply

Eggs Retail Price- 42/-Dozen
Issued in the Interest of Consumers


# ୫ ଜିଲାରେ ବନ୍ୟା, ୯ ମୃତ

- କର୍ଲାମୁଣ୍ଡାରେ ସର୍ବାଧିକ ୬୦୮ ମିଲିମିଟର ବର୍ଷା
- ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ
- ୭ ଦିନିଆ ରିଲିଫ୍ ଘୋଷଣା

**ଭୁବନେଶ୍ୱର, ୧୩।୮ (ବ୍ୟୁରୋ)**

ଲଘୁଚାପଜନିତ ଲଗାଣ ବର୍ଷାରେ ଦକ୍ଷିଣ-ପଶ୍ଚିମ ଓଡ଼ିଶା ସ୍ଥିତି ସଙ୍ଗିନ ହୋଇପଡ଼ିଛି। ବିଶେଷ କରି ୫ ଜିଲା ବଲାଙ୍ଗୀର, ବୌଦ୍ଧ, କଳାହାଣ୍ଡି, ସୁବର୍ଣ୍ଣପୁର ଓ କନ୍ଧମାଳରେ ଅଧିକ ବର୍ଷା ହୋଇ ବନ୍ୟା ସୃଷ୍ଟି ହୋଇଛି। କଳାହାଣ୍ଡି ଜିଲାର କର୍ଲାମୁଣ୍ଡା ବ୍ଲକରେ ୨୪ ଘଣ୍ଟା ମଧ୍ୟରେ ସର୍ବାଧିକ ୬୦୮ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଏହାଛଡ଼ା କଳାହାଣ୍ଡିର ମଦନପୁର ରାମପୁର ବ୍ଲକରେ ୪୪୫ ମିମି, ନର୍ଲାରେ ୨୪୧, ବଲାଙ୍ଗୀରର ଗୁଡ଼ଭେଲା ବ୍ଲକରେ ୪୧୪, ଦେଓଗାଁରେ ୩୨୮, ସଇଁତଳାରେ ୩୧୩, ପୁଇଁତଳାରେ ୨୯୨, ବଲାଙ୍ଗୀରରେ ୨୬୩, ଟିଟିଲାଗଡ଼ରେ ୨୦୧, ବୌଦ୍ଧ ଜିଲାର କଣ୍ଟାମାଳରେ ୩୪୫, କନ୍ଧମାଳ ଜିଲାର ବାଲିଗୁଡ଼ାରେ ୩୦୨ ମି.ମି. ବର୍ଷା ରେକର୍ଡ କରାଯାଇଛି। ସୋମବାର ରାତିତମାମ ବର୍ଷା ଯୋଗୁ ଏହି ଜିଲାଗୁଡ଼ିକ ଜଳମଗ୍ନ ହୋଇଯାଇଛି। ଅନେକ ଗାଁ ପାଣି ଘେରରେ ରହି ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ବହୁ ଘର ବନ୍ୟାପାଣିରେ ବୁଡ଼ି ରହିଛି। ରେଳ ଟ୍ରାକ୍ ଉପରେ ବର୍ଷାପାଣି ରହିଥିବା ଯୋଗୁ ଟ୍ରେନ୍ ଚଳାଚଳକୁ ସାମୟିକ ଭାବେ ବନ୍ଦ କରାଯାଇଛି। ଉପରୋକ୍ତ ୫ ଜିଲା ସମେତ ବରଗଡ଼ ଓ ନୂଆପଡ଼ା ଜିଲା ମଧ୍ୟ ଲଗାଣ ବର୍ଷାରେ ଗୁରୁତର ପ୍ରଭାବିତ ହୋଇଛି। ଏହି ୭ଜିଲାର ମୋଟ ୧୯ ବ୍ଲକର ୧୩୪ଟି ଗାଁର ୨,୦୫, ୫୫୦ ଲୋକ ବନ୍ୟାରେ ପ୍ରଭାବିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪୧,୬୭୫ଜଣଙ୍କୁ ଉଦ୍ଧାର କରାଯାଇ ୧୧୫ ଆଶ୍ରୟସ୍ଥଳୀରେ ରଖାଯାଇ ଖାଦ୍ୟ ଦିଆଯାଉଛି। ମୋଟ ୧୦୯ ଘର ଭାଙ୍ଗିପଡ଼ିଛି। ବିଭିନ୍ନ ଜିଲାର ନଦୀ ଜଳସ୍ତର ବିପଦ ସଙ୍କେତ ତଳେ ରହିଥିବାବେଳେ କଳାହାଣ୍ଡି କାଳୀଗଙ୍ଗା ନଦୀର ଜଳସ୍ତର ବଢ଼ିଛି ବୋଲି ସ୍ୱତନ୍ତ୍ର ରିଲିଫ୍ କମିଶନର ବିଷ୍ଣୁପଦ ସେଠୀ କହିଛନ୍ତି। ବଲାଙ୍ଗୀର, ସୁବର୍ଣ୍ଣପୁର, ନୟାଗଡ଼, ଅନୁଗୋଳ, ଖୋର୍ଦ୍ଧା, କଟକ, ପୁରୀ, ଜଗତ୍ସିଂହପୁର, ଯାଜପୁର, କେନ୍ଦ୍ରପଡ଼ା, ବୌଦ୍ଧ, କଳାହାଣ୍ଡି, କୋରାପୁଟ, ମାଲକାନଗିରି, ରାୟଗଡ଼ା ଆଦି ୧୫ ଜିଲାରେ ୧୫ ଓଡ୍ରାଫ୍ ଓ ୩ ଏନ୍ଡିଆରଏଫ୍ ଟିମ୍ ମୁତୟନ ହୋଇଛନ୍ତି। ଏଥିସହିତ ଅଗ୍ନିଶମ ବିଭାଗ କର୍ମଚାରୀଙ୍କୁ ମଧ୍ୟ ନିୟୋଜିତ କରାଯାଇଥିବା ଏସ୍ଆର୍ସି ପକ୍ଷରୁ ସୂଚନା ଦିଆଯାଇଛି। ସେପଟେ ରାଜ୍ୟରେ ବର୍ଷା ଓ ବନ୍ୟାରେ ବର୍ତ୍ତମାନ ସୁଦ୍ଧା ୯ ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ସେମାନଙ୍କ ମଧ୍ୟରେ କଳାହାଣ୍ଡିର ୩ ଜଣ ଥିବାବେଳେ କନ୍ଧମାଳର ୨, ମାଲକାନଗିରିର ୨, କୋରାପୁଟର

☞ ପୃଷ୍ଠା-୪



ବଲାଙ୍ଗୀର ସହର ବରପାଲିପଡ଼ା ପୋଲ ଉପରେ ପ୍ରବାହିତ ବନ୍ୟାଜଳ ।

ଇଂଲିଶ, ଗଣିତ, ବିଜ୍ଞାନରେ କମ୍ ନମ୍ବର ରଖୁଛନ୍ତି ପିଲା

# ୩ ବିଷୟରେ ଦେଢ଼ଘଣ୍ଟା ଲେଖାଏ କ୍ଲାସ୍

**ଭୁବନେଶ୍ୱର, ୧୩।୮ (ବ୍ୟୁରୋ)**

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପାଠପଢ଼ା ପିରିୟଡ ଢାଞ୍ଚାରେ ପରିବର୍ତ୍ତନ ଆଣିଛନ୍ତି। ଇଂଲିଶ, ଗଣିତ ଓ ବିଜ୍ଞାନରେ ପିଲାମାନେ କମ୍ ନମ୍ବର ରଖୁଥିବାରୁ ଏସବୁ ବିଷୟ ପାଇଁ ଅଧିକ ସମୟ ପଢ଼ାଯିବ। ୪୫ ମିନିଟ ପରିବର୍ତ୍ତେ ଦେଢ଼ଘଣ୍ଟା ଲେଖାଏ ପଢ଼ାଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ଚଳିତ ଶିକ୍ଷାବର୍ଷରୁ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଏହି ନିୟମ ଲାଗୁ ହେବ। ତେବେ ଅନ୍ୟ ବିଷୟଗୁଡ଼ିକରେ ନିର୍ଦ୍ଧାରିତ ସମୟ ଅନୁସାରେ ପୂର୍ବପରି ପାଠପଢ଼ା ହେବ। ପ୍ରାଥମିକ ସ୍ତରରୁ ଇଂଲିଶ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯିବା ସହ କିଭଳି ଭଲ ନମ୍ବର ରଖିବେ ତାହା ଉପରେ ଦୃଷ୍ଟି ଦିଆଯିବ। ବର୍ତ୍ତମାନ ପାଇଲଟ୍ ବେସିସ୍ରେ ଜିଲାସ୍ତରରେ ଗୋଟିଏ ସ୍କୁଲକୁ ବଛାଯିବ। ପରେ ଏହି ବ୍ୟବସ୍ଥା ବ୍ଲକ୍ସ୍ତରରେ ଲାଗୁ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

ଗତ ମାଟ୍ରିକ୍ ପରୀକ୍ଷାରେ ଛାତ୍ରୀଛାତ୍ରଙ୍କ ପାସ୍ହାର ନୈରାଶ୍ୟଜନକ ଥିଲା। ଛାତ୍ରୀଛାତ୍ରଙ୍କ ପରୀକ୍ଷା ଫଳକୁ ସମୀକ୍ଷା କରାଯିବା ପରେ ଜଣାପଡ଼ିଛି ଯେ, ଅଧିକାଂଶ ପିଲା ଇଂଲିଶ, ଗଣିତ ଓ ବିଜ୍ଞାନ ବିଷୟରେ ଭଲ ପ୍ରଦର୍ଶନ କରିନାହାନ୍ତି। ତେଣୁ ଏହି ୩ଟି ବିଷୟରେ ଅଧିକ ସମୟ ପାଠ ପଢ଼ାଯିବା ପାଇଁ ନିଷ୍ପତ୍ତି ନେଇଛୁ ବୋଲି ମନ୍ତ୍ରୀ କହିଛନ୍ତି। ତେବେ ସରକାରଙ୍କ ଏଭଳି ନିଷ୍ପତ୍ତିକୁ ଅନେକ ସ୍ୱାଗତ କରିଥିବାବେଳେ ଆଉକିଛି ଏହା ଛାତ୍ରୀଛାତ୍ରଙ୍କ ଉପରେ କୁପ୍ରଭାବ ପକାଇବ ବୋଲି କହୁଛନ୍ତି। ଏତେ ସମୟ ଧରି ଗୋଟିଏ ବିଷୟରେ ବସି ପଢ଼ିବା ପିଲାଙ୍କ ପାଇଁ କଷ୍ଟକର ହୋଇପାରେ ବୋଲି ଶିକ୍ଷାବିତ୍ମାନେ ଆଶଙ୍କା କରୁଛନ୍ତି। ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ସରକାର ବହୁ ଯୋଜନା କରୁଛନ୍ତି। କିନ୍ତୁ ସରକାରୀ ସ୍କୁଲରେ ପଢୁଥିବା ଛାତ୍ରୀଛାତ୍ରଙ୍କ ରେଜଲ୍ଟ ଭଲ ହେଉନାହିଁ। ଏପରିସ୍ଥଳେ ବିଭାଗର ନୂଆ ନିଷ୍ପତ୍ତି କେତେଦୂର ସଫଳ ହେବ ତାହାକୁ ନେଇ ମଧ୍ୟ ସେମାନେ ପ୍ରଶ୍ନ ଉଠାଇଛନ୍ତି।


ଓଡ଼ିଶା ଶାସନ

# ଜଳସମ୍ପଦ ବିଭାଗ

## ବନ୍ୟା ଓ ବର୍ଷାଋତୁ ପାଇଁ ସତର୍କ ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଚଳିତ ବର୍ଷାଋତୁରେ ବିଭିନ୍ନ ନଦୀଗୁଡିକର ଜଳସ୍ତର ଯେକୌଣସି ସମୟରେ ବଢ଼ିବାର ସମ୍ଭାବନା ଅଛି । ତେଣୁ ଜନସାଧାରଣ ନଦୀ ବା ଜଳଭଣ୍ଡାର ମଧ୍ୟକୁ ଯିବା ସମୟରେ ନିମ୍ନଲିଖିତ ସତର୍କତା ଅବଲମ୍ବନ କରନ୍ତୁ;

### ✓ ଏହା କରନ୍ତୁ

- ଗଭୀର ଜଳ ଓ ପ୍ରଖର ସ୍ରୋତଠାରୁ ଦୂରେଇ ରୁହନ୍ତୁ ।
- ସ୍କୁଲ ଓ କଲେଜ ଯାଉଥିବା ପିଲାମାନଙ୍କ ପ୍ରତି ତଥା ବୃଦ୍ଧ ଓ ବୟସ୍କ ବ୍ୟକ୍ତିମାନଙ୍କ ପ୍ରତି ଅଧିକ ଧ୍ୟାନ ଦିଅନ୍ତୁ ।
- ବନ୍ୟା ସମୟରେ ବୁଡ଼ି ଯିବାକୁ ଥିବା ସ୍ଥାନରୁ ଯଥାଶୀଘ୍ର ଆବଶ୍ୟକୀୟ ଜିନିଷପତ୍ର ଧରି ଉଚ୍ଚ ସ୍ଥାନକୁ ଚାଲି ଯାଆନ୍ତୁ ।
- ନଦୀ, ନାଳ, ହ୍ରଦ ଓ ଜଳଭଣ୍ଡାର ମଧ୍ୟରେ ଯାତାୟତ ସମୟରେ ଜୀବନସୁରକ୍ଷା ଜ୍ୟାକେଟ୍ (Life Jacket) ବ୍ୟବହାର କରନ୍ତୁ ।
- ଟେଲିଭିଜନ୍, ରେଡିଓ, ବିଭିନ୍ନ ଖବର କାଗଜ ଏବଂ ଡାକବାଜି ଯନ୍ତ୍ର ସାହାଯ୍ୟରେ ଦିଆଯାଉଥିବା ବନ୍ୟା ସମ୍ପର୍କିତ ସୂଚନା ଜାଣନ୍ତୁ ଏବଂ ଆବଶ୍ୟକୀୟ ସତର୍କତା ଅବଲମ୍ବନ କରନ୍ତୁ ।
- ନଦୀବନ୍ଧରେ ଘଳିଆ ହେଲେ କିମ୍ବା ଘାଇ ହେବାର ସମ୍ଭାବନା ଦେଖିଲେ ଜଳସମ୍ପଦ ବିଭାଗର ଅଧିକାରୀଙ୍କ ସହ ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ବନ୍ଧ ମରାମତି କାର୍ଯ୍ୟରେ ସମ୍ପୂର୍ଣ୍ଣ ସହଯୋଗ କରନ୍ତୁ ।

### X ଏଭଳି କରନ୍ତୁ ନାହିଁ

- ବୁଡ଼ି ଯାଇଥିବା ନଦୀବନ୍ଧ ଉପରେ ଯାତାୟତ କରନ୍ତୁ ନାହିଁ ।
- ପହଁରା ଜାଣିଥିଲେ ମଧ୍ୟ ସୁଅ ଥିବା ପାଣିରେ ପ୍ରବେଶ କରନ୍ତୁ ନାହିଁ ।
- ଚପଳମତି କିଶୋର/କିଶୋରୀମାନଙ୍କୁ ଦୁଃସାହସିକ ଭାବେ ବନ୍ୟା ଦେଖିବାକୁ ବା ମାଛ ଧରିବାକୁ ଛାଡନ୍ତୁ ନାହିଁ ।
- ଅଣଲାଇସେନ୍ସପ୍ରାପ୍ତ ନୌକାରେ ଯାତାୟତ କରନ୍ତୁ ନାହିଁ ତଥା ଧାର୍ଯ୍ୟ କ୍ଷମତାଠାରୁ ଅଧିକ ସଂଖ୍ୟକ ଯାତ୍ରୀ ଯାତାୟତ କରିବାରୁ କ୍ଷାନ୍ତ ରୁହନ୍ତୁ ।
- ଜଳଭଣ୍ଡାରରୁ ପାଣି ଛଡ଼ା ଯାଉଥିବା ସୂଚନା ଥିଲେ ନଦୀ ଶଯ୍ୟା ଭିତରକୁ ନିଜେ ପ୍ରବେଶ କରନ୍ତୁ ନାହିଁ ଓ ଗୃହପାଳିତ ପଶୁମାନଙ୍କୁ ଛାଡ଼ନ୍ତୁ ନାହିଁ ।



ବୁଡ଼ି ଯାଇଥିବା ପୋଲ ଉପରେ ଯାତାୟତ କରନ୍ତୁ ନାହିଁ



ଅତଡ଼ା ଖାଉଥିବା ବନ୍ଧ ଉପରେ ଛିଡ଼ା ହୁଅନ୍ତୁ ନାହିଁ



ଲାଇସେନ୍ସପ୍ରାପ୍ତ ନୌକାରେ ଯାତାୟତ କରନ୍ତୁ ଜୀବନସୁରକ୍ଷା ଜ୍ୟାକେଟ୍ ବ୍ୟବହାର କରନ୍ତୁ

ଇଂ. ଅକ୍ଷୟ କୁମାର ବାନାର୍ଜୀ
ସର୍ବୋଚ୍ଚ ଯନ୍ତ୍ରୀ,
ଜଳସମ୍ପଦ ବିଭାଗ

DSPL-66

32031/13/0005/1920



କଶ୍ମୀର ପ୍ରସଙ୍ଗରେ ଭାରତର ନିଷ୍ପତ୍ତି ବିରୋଧରେ ଇସ୍‌ଲାମାବାଦ୍‌କୁ ଜାତିସଂଘ ସୁରକ୍ଷା ପରିଷଦ ଓ ମୁସ୍‌ଲିମ ରାଷ୍ଟ୍ରଗୁଡିକର ସମର୍ଥନ ମିଳିବା ସହଜ ନୁହେଁ। ତେଣୁ ପାକିସ୍ତାନୀମାନେ 'ନିର୍ବୋଧଙ୍କ ସ୍ୱର୍ଗ'ରେ ରୁହନ୍ତୁ ନାହିଁ।
- ଶାହ ମେହମୁଦ୍ କୁରେଶୀ, ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ



## ସଂକ୍ଷେପରେ

### ମନମୋହନଙ୍କ ପ୍ରାର୍ଥିପତ୍ର ଦାଖଲ

ଜୟପୁର,୧୩।୮(ପି.ଟି.): ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ରାଜ୍ୟ ସଭା ଉପନିର୍ବାଚନ ପାଇଁ ମଙ୍ଗଳବାର ରାଜସ୍ଥାନରୁ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ମନମୋହନ ରାଜସ୍ଥାନ ବିଧାନସଭାର ରିଟର୍ନିଂ ଅଫିସରଙ୍କ ଚାମ୍ବରରେ ଚାରି ସେଟ୍ ପ୍ରାର୍ଥୀପତ୍ର ଦାଖଲ କରିବା ସହିତ ତାଙ୍କୁ କଂଗ୍ରେସ ଦଳ ମନୋନୀତ କରିଥିବାରୁ ସେ କୃତଜ୍ଞତା ପ୍ରକାଶ କରିଥିଲେ। ସେ ରାଜ୍ୟବାସୀଙ୍କ ଉନ୍ନତି ପାଇଁ ଯଥାସମ୍ଭବ କାର୍ଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଜୁନ୍‌ରେ ଭାଜପା ନେତା ମଦନ ଲାଲ ସାଇନିଙ୍କ ମୃତ୍ୟୁ ପାଇଁ ରାଜ୍ୟ ସଭା ଆସନ ଖାଲି ପଡିଥିଲା। ପ୍ରାର୍ଥିପତ୍ର ଦାଖଲ କରିବା ପରେ ଖବରଦାତାଙ୍କୁ ସୂଚନା ଦେଇ କହିଲେ, ରାଜ୍ୟ ସଭାର ଖାଲି ଆସନ ପାଇଁ ତାଙ୍କୁ ମନୋନୀତ କରାଯାଇଥିବାରୁ କଂଗ୍ରେସ ପାର୍ଟି, ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ, ଉପମୁଖ୍ୟମନ୍ତ୍ରୀ ସଚିନ ପାଇଲଟ୍ ଏବଂ କଂଗ୍ରେସ ଦଳର ସମସ୍ତ ସଦସ୍ୟଙ୍କ ନିକଟରେ ସେ ଅତ୍ୟନ୍ତ କୃତଜ୍ଞ।

### ଉନ୍ନାଓ ପୀଡ଼ିତା ପିତାଙ୍କୁ ହତ୍ୟା ମାମଲାରେ ଚାର୍ଜଫ୍ରେମ

ନୂଆଦିଲ୍ଲୀ,୧୩।୮(ପି.ଟି.): ଉନ୍ନାଓ ବଳାତ୍କାର ପୀଡ଼ିତାଙ୍କ ପିତାଙ୍କୁ ହତ୍ୟାକରିବା ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ଦିଲ୍ଲୀର ଏକ ଅଦାଲତ ବହିଷ୍କୃତ ଭାଜପା ବିଧାୟକ କୁଲଦୀପ ସେନ୍‌ଗର ଏବଂ ଅନ୍ୟମାନଙ୍କ ବିରୋଧରେ ଚାର୍ଜଫ୍ରେମ କରିଛନ୍ତି। ଜିଲା ବିଚାରପତି ଧର୍ମେଶ ଶର୍ମା ୨୦୧୮ରେ ଘଟିଥିବା ଏହି ହତ୍ୟାକାଣ୍ଡ ଘଟଣାରେ ମାରଣାସ୍ତ୍ର ନିରୋଧ ଆଇନ ଅନୁଯାୟୀ ସେନ୍‌ଗର ଏବଂ ଅନ୍ୟ ଅଭିଯୁକ୍ତଙ୍କୁ ମିଶାଇ ମୋଟ ୧୦ଜଣଙ୍କ ବିରୋଧରେ ଅଭିଯୋଗପତ୍ର ପ୍ରସ୍ତୁତ କରିଛନ୍ତି।

### ସ୍ୱରାଷ୍ଟ୍ରମନ୍ତ୍ରୀଙ୍କୁ ରାଜାଙ୍କ ଚିଠି
### କଶ୍ମୀରୀ ଛାତ୍ରୀଛାତ୍ରଙ୍କୁ ସୁରକ୍ଷା ଦିଅ

ନୂଆଦିଲ୍ଲୀ, ୧୩।୮(ପି.ଟି.): ରାଜ୍ୟ ବାହାରେ ରହୁଥିବା ଜମ୍ମୁ-କଶ୍ମୀର ଛାତ୍ରୀଛାତ୍ରଙ୍କ ଦୁର୍ଦ୍ଦଶା ବଢିଚାଲିଛି। ସେମାନେ ଆର୍ଥିକ ଓ ସୁରକ୍ଷା ସଙ୍କଟର ସମ୍ମୁଖୀନ ହେଉଛନ୍ତି। ଯୋଗାଯୋଗ ବ୍ୟବସ୍ଥା ରଦ୍ଦ କରାଯିବାରୁ ସେମାନେ ଘରଲୋକ ଓ ସମ୍ପର୍କୀୟଙ୍କ ସହ କଥାବାର୍ତ୍ତା ହୋଇପାରୁ ନାହାନ୍ତି। ତେଣୁ ସେମାନଙ୍କୁ ସୁରକ୍ଷା ଯୋଗାଇଦେବା ପାଇଁ ମଙ୍ଗଳବାର ସିପିଆଇ ସାଧାରଣ ସମ୍ପାଦକ ଡି. ରାଜା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହଙ୍କୁ ଚିଠି ଲେଖି ଅନୁରୋଧ କରିଥିବା କହିଛନ୍ତି।



ଲାଲକିଲ୍ଲାରେ ସ୍ୱାଧୀନତା ଦିବସ ପାଇଁ ପରେଡ୍ ଅଭ୍ୟାସ ବେଳେ ଅନୁଧ୍ୟାନ କରୁଛନ୍ତି ଜଣେ ସୁରକ୍ଷା କର୍ମୀ।



ରାମେଶ୍ୱରମସ୍ଥିତ ପମ୍ବନ ବ୍ରିଜ୍ ରେଲୱେ ଟ୍ରାକ୍‌ରେ ଯାଞ୍ଚ କରୁଛି ପୋଲିସ।




ଶ୍ରୀନଗରସ୍ଥିତ ଲାଲଚୌକରେ ପୋଲିସ ବ୍ୟାରିକେଡ୍।

## ୭୩ତମ ସ୍ୱାଧୀନତା ଦିବସ ପାଇଁ କଡ଼ା ସୁରକ୍ଷା
# ଲାଲକିଲ୍ଲାରୁ ଲାଲଚୌକ ଅଭେଦ୍ୟ

**■ଲାଲଚୌକରେ ଶାହ ଉଡ଼ାଇବେ ତ୍ରିରଙ୍ଗା**

**■ସବୁଠି ଅଭୂତପୂର୍ବ ସୁରକ୍ଷା ବନ୍ଦୋବସ୍ତ**

ନୂଆଦିଲ୍ଲୀ,୧୩।୮

ଦିଲ୍ଲୀର ଲାଲକିଲ୍ଲା ପ୍ରାଚୀରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତ୍ରିରଙ୍ଗା ଉତ୍ତୋଳନ କରି ଦେଶବାସୀଙ୍କୁ ଉଦ୍‌ବୋଧନ ଦେଉଥିବାବେଳେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ଶ୍ରୀନଗର କେନ୍ଦ୍ରସ୍ଥଳ ଲାଲଚୌକରେ ଜାତୀୟ ପତାକା ଉଡ଼ାଉଥିବେ। ଗୁରୁବାର ୭୩ତମ ସ୍ୱାଧୀନତା ଦିବସ ପାଳନ ବେଳେ ଏଭଳି ଐତିହାସିକ ଚିତ୍ର ଦେଖିବାକୁ ମିଳିପାରେ। କେନ୍ଦ୍ରର ଜମ୍ମୁ-କଶ୍ମୀର ସମ୍ପର୍କିତ ନିଷ୍ପତ୍ତି ପରେ ଉପତ୍ୟକାର ସମସ୍ତ ପ୍ରମୁଖ ସ୍ଥାନରେ ତ୍ରିରଙ୍ଗା ଉଡ଼ାଇବା ଲାଗି ସ୍ଥିର କରାଯାଇଛି। ଏହାକୁ ବାସ୍ତବ ରୂପ ଦେବା ପାଇଁ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲଙ୍କୁ ନିରାପତ୍ତାର ଗୁରୁଦାୟିତ୍ୱ ଦିଆଯାଇଛି। ସ୍ୱାଧୀନତା ଦିବସରେ ଦେଶବାସୀ ପ୍ରଥମଥର ପାଇଁ ଏଭଳି ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମର ସାକ୍ଷ ହେବାକୁ ଯାଉଥିବାରୁ ଲାଲକିଲ୍ଲାରୁ ଲାଲଚୌକ ପର୍ଯ୍ୟନ୍ତ ସବୁଠି କଡ଼ା ସୁରକ୍ଷା ବନ୍ଦୋବସ୍ତ କରାଯାଇଛି।

ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ପାହ୍ୟା ପ୍ରଦାନ କରୁଥିବା ସମ୍ବିଧାନର ଅନୁଚ୍ଛେଦ ହଟାଇ ଏହି ରାଜ୍ୟକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିବା ନିଷ୍ପତ୍ତିକୁ ୮ ଦିନ ବିତିଛି। ଶନିବାର ସମଗ୍ର ଉପତ୍ୟକାରେ ଶାନ୍ତିପୂର୍ଣ୍ଣ ଭାବେ ଇଦ୍ ପାଳନ କରାଯାଇଥିବାବେଳେ ଆଉ ଦୁଇଦିନ ଗଲେ ସ୍ୱାଧୀନତା ଦିବସ ପାଳନ କରାଯିବ। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ଗୁରୁବାର ଶ୍ରୀନଗର ଯାଇ ଲାଲଚୌକରେ ତ୍ରିରଙ୍ଗା ଉଡ଼ାଇବେ। ଏଥିପାଇଁ ସମଗ୍ର ଉପତ୍ୟକାରେ ଜମ୍ମୁ-କଶ୍ମୀର ପୋଲିସ, କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍), ଇଣ୍ଡୋ-ତିବ୍ବତୀୟ ବର୍ଡର ପୋଲିସ (ଆଇଟିବିପି) ଏବଂ ଅନ୍ୟ ଅର୍ଦ୍ଧସାମରିକ ସୁରକ୍ଷା ବାହିନୀ ଯବାନମାନଙ୍କୁ ମୁତୟନ କରାଯାଇଛି। ଆତଙ୍କବାଦୀ ଆକ୍ରମଣ ଆଶଙ୍କା ଥିବାରୁ ଦିଲ୍ଲୀରେ ମଧ୍ୟ ପୂର୍ବ ବର୍ଷଗୁଡ଼ିକ ଅପେକ୍ଷା ଅଧିକ ସୁରକ୍ଷା ବନ୍ଦୋବସ୍ତ କରାଯାଇଛି। ଶାହଙ୍କ ଶ୍ରୀନଗର ଗସ୍ତ ନେଇ ସୁରକ୍ଷା ଦୃଷ୍ଟିରୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଆନୁଷ୍ଠାନିକ ଭାବେ କୁହାଯାଇ ନ ଥିଲେ ମଧ୍ୟ କାର୍ଯ୍ୟକ୍ରମ ଏକପ୍ରକାର ଚୂଡ଼ାନ୍ତ ହୋଇଥିବା ସୂତ୍ରରୁ ସୂଚନା ମିଳିଛି। ଶାହ ଲାଲଚୌକରେ ଜାତୀୟ ପତାକା ଉତ୍ତୋଳନ କରିବା ସମୟରେ ସେଠାରେ ଏନ୍‌ଏସ୍‌ଏ ଅଜିତ ଡୋଭାଲ ଉପସ୍ଥିତ ରହିବେ। ଶାହ ୧୬ ଓ ୧୭ ତାରିଖରେ ନବଗଠିତ ଅନ୍ୟ କେନ୍ଦ୍ରଶାସିତ ଅଞ୍ଚଳ ଲଦାଖ ଗସ୍ତ କରିବେ ବୋଲି ଜଣାପଡ଼ିଛି। ପ୍ରକାଶ ଯେ, ୧୯୯୨ରେ ପାକିସ୍ତାନୀ ଆତଙ୍କବାଦୀଙ୍କ ଧମକକୁ ଖାତିର ନ କରି ବରିଷ୍ଠ ଭାଜପା ନେତା ମୁରଲୀ ମନୋହର ଜୋଷୀଙ୍କ ସହ ମୋଦି ଲାଲଚୌକରେ ଜାତୀୟ ପତାକା ଉଡ଼ାଇଥିଲେ। ୧୯୪୮ରେ ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଏଠାରେ ତ୍ରିରଙ୍ଗା ଉତ୍ତୋଳନ କରିଥିଲେ।

## ଜମ୍ମୁ-କଶ୍ମୀରରୁ କଟକଣା ହଟାଇବା ପାଇଁ ଆବେଦନ
# ଅନ୍ତରୀଣ ରାୟକୁ ସୁପ୍ରିମକୋର୍ଟଙ୍କ ନା

ନୂଆଦିଲ୍ଲୀ,୧୩।୮ (ପି.ଟି./ଆଇଏଏନ୍‌ଏସ୍)

ସମ୍ବିଧାନର ଅନୁଚ୍ଛେଦ ୩୭୦ ହଟାଇ ଜମ୍ମୁ-କଶ୍ମୀରକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିବା ପରେ ଜାରି ହୋଇଥିବା କଟକଣା ହଟାଇବା ପାଇଁ ଅନ୍ତରୀଣ ରାୟ ଦେବାକୁ ମଙ୍ଗଳବାର ସୁପ୍ରିମକୋର୍ଟ ମନାକରିଦେଇଛନ୍ତି। ସୁରକ୍ଷା ଓ ଆଇନଶୃଙ୍ଖଳା ଦୃଷ୍ଟିରୁ କଟକଣା ଜାରି କରାଯାଇଥିବାରୁ ସ୍ୱାଭାବିକ ସ୍ଥିତି ଫେରିବା ଯାଏ କେନ୍ଦ୍ର ସରକାରଙ୍କୁ ଅଧିକ ସମୟ ଦିଆଯିବା ଉଚିତ। ତେଣୁ ଦୁଇ ସପ୍ତାହ ପରେ ଏହାର ଶୁଣାଣି କରାଯିବ ବୋଲି ସର୍ବୋଚ୍ଚ ଅଦାଲତ ଧାର୍ଯ୍ୟ କରିଛନ୍ତି।

ଜମ୍ମୁ-କଶ୍ମୀର ସମ୍ପର୍କିତ କେନ୍ଦ୍ରର ନିଷ୍ପତ୍ତି ପରେ ଉପତ୍ୟକାରେ ଚାପା ଉତ୍ତେଜନା ଲାଗିରହିଛି। ଏହାକୁ ଦୃଷ୍ଟିରେ ରଖି ସେଠାରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ଉପାଧ୍ୟକ୍ଷ ଓମାର ଅବ୍‌ଦୁଲ୍ଲା ଏବଂ ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ଅଧ୍ୟକ୍ଷା ମେହବୁବା ମୁଫ୍‌ତିଙ୍କ ସମେତ ଅନେକ ନେତାଙ୍କୁ ଗୃହବନ୍ଦୀ କରାଯାଇଛି। ଏହାକୁ ନେଇ କଂଗ୍ରେସ ନେତା ତେହସିନ୍ ପୁନାୱାଲା ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଏର କରି କର୍ଫ୍ୟୁ ହଟାଇବା ସହ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ସ୍ୱାଭାବିକ କରିବାକୁ ଅନୁରୋଧ କରିଥିଲେ। ଜଷ୍ଟିସ୍ ଅରୁଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ଏମ୍.ଆର. ଶାହ ଓ ଅଜୟ ରସ୍ତୋଗୀଙ୍କୁ ନେଇ ଗଠିତ ୩ଜଣିଆ ଖଣ୍ଡପୀଠ ମଙ୍ଗଳବାର ଏହାର ଶୁଣାଣି କରିଛନ୍ତି। ଖଣ୍ଡପୀଠ କହିଛନ୍ତି, ବର୍ତ୍ତମାନ ଜମ୍ମୁ-କଶ୍ମୀରରେ ସ୍ଥିତି ଅତ୍ୟନ୍ତ ସମ୍ବେଦନଶୀଳ ରହିଛି। ସ୍ୱାଭାବିକ ସ୍ଥିତି ଫେରିବା ପାଇଁ କେନ୍ଦ୍ର ସରକାରଙ୍କୁ କିଛି ସମୟ ଦିଆଯାଉ। ଉପତ୍ୟକାରେ ଯେପରି କାହାରି ଜୀବନହାନି ନ ହେବ ସେନେଇ ସରକାର ସୁନିଶ୍ଚିତ କରିବା ଉଚିତ ବୋଲି ଆର୍ଟର୍ନି ଜେନେରାଲ କେ.କେ. ବେଣୁଗୋପାଳଙ୍କୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

# ରାହୁଲ-ରାଜ୍ୟପାଳ ବାକ୍‌ଯୁଦ୍ଧ



ନୂଆଦିଲ୍ଲୀ,୧୩।୮: ଜମ୍ମୁ-କଶ୍ମୀର ଗସ୍ତ କରିବାକୁ ଚାହୁଁଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସହ ରାଜ୍ୟପାଳ ସତ୍ୟପାଲ ମଲିକଙ୍କ ବାକ୍‌ଯୁଦ୍ଧ ଜୋରଧରିବାରେ ଲାଗିଛି। ଜମ୍ମୁ-କଶ୍ମୀରରେ ଲୋକେ ମରୁଥିବାବେଳେ ସବୁକିଛି ସ୍ୱାଭାବିକ ଅଛି ବୋଲି ରାଜ୍ୟପାଳ ଦାବି କରୁଥିବା ନେଇ ରାହୁଲ ସମାଲୋଚନା କରିଥିଲେ। ଏହାକୁ ନେଇ ସୋମବାର ରାଜ୍ୟପାଳ କହିଥିଲେ, ରାହୁଲ ଜମ୍ମୁ-କଶ୍ମୀର ଆସନ୍ତୁ। ତାଙ୍କ ପାଇଁ ଏକ ବିମାନ ପଠାଯିବ। ଏହାର ଜବାବରେ ରାହୁଲ କହିଛନ୍ତି, ସେ ଜମ୍ମୁ-କଶ୍ମୀର ଗସ୍ତ ପାଇଁ ରାଜ୍ୟପାଳଙ୍କ ନିମନ୍ତ୍ରଣକୁ ଗ୍ରହଣ କରୁଛନ୍ତି। କିନ୍ତୁ ଏଥିଲାଗି ସେ ରାଜ୍ୟପାଳଙ୍କ ବିମାନ ବ୍ୟବହାର କରିବେ ନାହିଁ। ତାଙ୍କ ସହ ଅନ୍ୟ ବିରୋଧୀ ଦଳ ନେତାମାନେ ସେଠାକୁ ଯାଇ ଲୋକଙ୍କୁ ଭେଟିବା ପାଇଁ ରାଜ୍ୟପାଳ କେବଳ ଅନୁମତି ଦିଅନ୍ତୁ ବୋଲି ରାହୁଲ ଟୁଇଟ କରିଛନ୍ତି। ଏନେଇ ରାଜ୍ୟପାଳ କହିଛନ୍ତି, ରାହୁଲ ଗସ୍ତ ପାଇଁ ସର୍ତ୍ତ ବାଢୁଛନ୍ତି। ସେ ବିରୋଧୀ ନେତାମାନଙ୍କ ଏକ ପ୍ରତିନିଧି ଦଳକୁ ନେଇ ସେଠାକୁ ଯିବା ପାଇଁ କହି ଅଶାନ୍ତି ସୃଷ୍ଟି କରୁଛନ୍ତି। ଏହାସହ ରାହୁଲ ମିଛ ଖବର ବିସ୍ତାର କରୁଥିବା ନେଇ ରାଜ୍ୟପାଳ ଅଭିଯୋଗ ଆଣିଛନ୍ତି।

## କେନ୍ଦ୍ର ମାନିଲା ଶ୍ରୀନଗରରେ ଟେକାମାଡ଼ ହୋଇଛି

ନୂଆଦିଲ୍ଲୀ,୧୩।୮

ଜମ୍ମୁ-କଶ୍ମୀର ସମ୍ପର୍କିତ ନିଷ୍ପତ୍ତି ପରେ ଉପତ୍ୟକାର କୌଣସି ସ୍ଥାନରେ ଟେକାମାଡ଼ ହୋଇନାହିଁ କି ପୋଲିସ ବନ୍ଧୁକରୁ ଗୋଟିଏ ହେଲେ ଗୁଳି ଫୁଟିନାହିଁ ବୋଲି ଖଣ୍ଡନ କରିଆସୁଥିବା କେନ୍ଦ୍ର ସରକାର ଶେଷରେ ସତ ମାନିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ମଙ୍ଗଳବାର ଏକ ଟୁଇଟ୍‌ରେ କୁହାଯାଇଛି ଯେ, ଶ୍ରୀନଗରର ସୌରା ଅଞ୍ଚଳରେ ଶୁକ୍ରବାର ନମାଜପାଠ ବେଳେ ଟେକାମାଡ଼ ହୋଇଥିଲା। ଅନ୍ୟପକ୍ଷରେ ସ୍ଥାନୀୟ ବିକ୍ଷୋଭକାରୀଙ୍କୁ ଘଉଡ଼ାଇବା ପାଇଁ ପୋଲିସ ଗୁଳି ଚଳାଇଥିବା କେତେକ ଅନ୍ତର୍ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଇଛି। ହେଲେ ପୋଲିସ ପକ୍ଷରୁ ଗୁଳି ଚଳାଯିବା ଅଭିଯୋଗକୁ ମନ୍ତ୍ରଣାଳୟ ଖଣ୍ଡନ କରିଛି।

# ଭାଜପାରେ ୧୦ ଏସ୍‌ଡିଏଫ୍ ବିଧାୟକ



ଭାଜପା କାର୍ଯ୍ୟକାରୀ ଅଧ୍ୟକ୍ଷ ଜେ.ପି. ନଡ୍ଡା ଓ ସାଧାରଣ ସମ୍ପାଦକ ରାମମାଧବଙ୍କ ଉପସ୍ଥିତିରେ ଦଳରେ ସାମିଲ ହେଉଛନ୍ତି ଏସ୍‌ଡିଏଫ୍ ବିଧାୟକମାନେ।

ନୂଆଦିଲ୍ଲୀ,୧୩।୮(ପି.ଟି.)

ସିକିମ ଡେମୋକ୍ରାଟିକ୍ ଫ୍ରଣ୍ଟ (ଏସ୍‌ଡିଏଫ୍)ର ୧୦ ବିଧାୟକ ମଙ୍ଗଳବାର ଦଳ ଛାଡ଼ି ଭାଜପାରେ ସାମିଲ ହୋଇଛନ୍ତି। ଫଳରେ ନିକଟରେ ଅନୁଷ୍ଠିତ ସିକିମ ବିଧାନସଭା ନିର୍ବାଚନରେ ଗୋଟିଏ ବି ଆସନ ଦଖଲ କରିପାରି ନ ଥିବା ଭାଜପା ବିରୋଧୀ ଦଳର ମାନ୍ୟତା ହାସଲ କରିଛି। ଏହାସହ ପୂର୍ବତନ ମୁଖ୍ୟମନ୍ତ୍ରୀ ପୱନ କୁମାର ଚାମ୍‌ଲିଙ୍ଗଙ୍କ ନେତୃତ୍ୱାଧୀନ ଏସ୍‌ଡିଏଫ୍ ବିଧାୟକଙ୍କ ସଂଖ୍ୟା ୧୩ରୁ ୩କୁ ଖସିଆସିଛି। ସିକିମ ବ୍ୟତୀତ ଉତ୍ତର-ପୂର୍ବର ସମସ୍ତ ରାଜ୍ୟରେ ଭାଜପା ନିଜେ କିମ୍ବା ସହଯୋଗୀ ଦଳଗୁଡ଼ିକ ସହ ମିଶି ସରକାରରେ ରହିଛି। ଚାମ୍‌ଲିଙ୍ଗଙ୍କ ନେତୃତ୍ୱରେ ଏସ୍‌ଡିଏଫ୍ ୨୫ ବର୍ଷ ଧରି ସିକିମରେ କ୍ଷମତାସୀନ ଥିଲା, ଯାହାକି ଦେଶରେ ସର୍ବକାଳୀନ ରେକର୍ଡ। କିନ୍ତୁ ନିକଟରେ ଅନୁଷ୍ଠିତ ବିଧାନସଭାରେ ଏସ୍‌ଡିଏଫ୍‌କୁ ପରାଜୟର ମୁହଁ ଦେଖିବାକୁ ପଡ଼ିଥିଲା। ୩୨ ଆସନ ବିଶିଷ୍ଟ ବିଧାନସଭାରେ ଏସ୍‌ଡିଏଫ୍ ୧୫ ଆସନ ଦଖଲ କରି ବିରୋଧୀ ଦଳର ମାନ୍ୟତା ପାଇଥିବାବେଳେ ଏହାର ପ୍ରତିଦ୍ୱନ୍ଦ୍ୱୀ ସିକିମ କ୍ରାନ୍ତିକାରୀ ମୋର୍ଚ୍ଚା (ଏସ୍‌କେଏମ୍) ୧୭ ଆସନରେ ବିଜୟୀ ହୋଇ ସରକାର ଗଠନ କରିଛି। ଏସ୍‌ଡିଏଫ୍‌ର ଦୁଇଜଣ ବିଧାୟକ ୨ଟି ଲେଖାଏ ଆସନରୁ ବିଜୟୀ ହୋଇଥିବାରୁ ଗୋଟିଏ ଲେଖାଏ ଆସନରୁ ଇସ୍ତଫା ଦେଇସାରିଛନ୍ତି। ଏବେ ଏସ୍‌ଡିଏଫ୍‌ର ୧୦ ବିଧାୟକ ଭାଜପା କାର୍ଯ୍ୟକାରୀ ଅଧ୍ୟକ୍ଷ ଜେ.ପି. ନଡ୍ଡା ଓ ସାଧାରଣ ସମ୍ପାଦକ ରାମମାଧବଙ୍କ ଉପସ୍ଥିତିରେ ଦଳରେ ଯୋଗଦେଇଛନ୍ତି। ଦୁଇ-ତୃତୀୟାଂଶ ବିଧାୟକ ଦଳ ଛାଡ଼ିଥିବାରୁ ସେମାନଙ୍କ କ୍ଷେତ୍ରରେ ଦଳବଦଳ ଆଇନ ଲାଗୁ ହେବନାହିଁ।

# ସୋନଭଦ୍ର ମୃତକଙ୍କ ପରିବାରକୁ ଭେଟିଲେ ପ୍ରିୟଙ୍କା

ସୋନଭଦ୍ର(ୟୁପି),୧୩।୮(ପି.ଟି.)



କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ମଙ୍ଗଳବାର ସୋନଭଦ୍ର ଜିଲାର ଉମ୍ଭା ଗାଁ ଗସ୍ତକରି ଗଣହତ୍ୟାରେ ମୃତକଙ୍କ ପରିବାର ସଦସ୍ୟଙ୍କୁ ଭେଟିଛନ୍ତି। ମାସେ ତଳେ ଏକ ଜମି ବିବାଦକୁ କେନ୍ଦ୍ରକରି ସେଠାରେ ୧୦ ଆଦିବାସୀ ଲୋକଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ପ୍ରିୟଙ୍କା ପୂର୍ବରୁ ହତ୍ୟାକାଣ୍ଡ ସ୍ଥଳକୁ ଯିବାବେଳେ ତାଙ୍କୁ ସେଠାକୁ ଯିବାକୁ ବାରଣ କରି ରାଜ୍ୟ ପ୍ରଶାସନ ମିର୍ଜାପୁରଠାରେ ଅଟକ ରଖିଥିଲା। ପ୍ରିୟଙ୍କା ବାରାଣସୀଠାରୁ ୧୦୦ କି.ମି. ସଡକ ପଥରେ ଯାତ୍ରା କରି ସୋନଭଦ୍ର ଜିଲାର ଏହି ଗାଁକୁ ଯାଇଥିଲେ। ପ୍ରିୟଙ୍କାଙ୍କ ପ୍ରିୟଙ୍କା ଉକ୍ତ ଗାଁରେ ପହଞ୍ଚିଥିବାର ଫଟୋକୁ ୟୁପି କଂଗ୍ରେସ ଟୁଇଟ୍ କରିଛି। ଏହି ଗସ୍ତ ଦ୍ୱାରା ସେ ରାଜନୈତିକ କଟକଣାକୁ ଅବଜ୍ଞା କରିଛନ୍ତି ବୋଲି ଉତ୍ତରପ୍ରଦେଶ ଉପମୁଖ୍ୟମନ୍ତ୍ରୀ ଦିନେଶ ଶର୍ମା ଅଭିଯୋଗ କରିଛନ୍ତି। ଉକ୍ତ ଗାଁରେ ଜଣେ ପୂର୍ବତନ ପ୍ରଧାନଙ୍କ ନେତୃତ୍ୱରେ କେତେକ ସଶସ୍ତ୍ର ଲୋକ ୧୦ ଗୋଣ୍ଡ ଆଦିବାସୀ ଲୋକଙ୍କୁ ଗୁଳିକରି ହତ୍ୟା କରିଥିଲେ। ଏହି ଆଦିବାସୀ ଲୋକମାନେ ଜୁଲାଇ ୧୭ରେ ଏକ ବିବାଦୀୟ ଜମିକୁ ନିଜ ନିୟନ୍ତ୍ରଣକୁ ନେବାକୁ ଉଦ୍ୟମ କରୁଥିବାବେଳେ ଏହି ହତ୍ୟାକାଣ୍ଡ ଘଟିଥିଲା।

## ସୀମାରେ ପାକ୍ ସେନାର ପ୍ରସ୍ତୁତିକୁ ରାୱତଙ୍କ ଖଣ୍ଡନ

ନୂଆଦିଲ୍ଲୀ, ୧୩।୮(ପି.ଟି.)

ଜମ୍ମୁ-କଶ୍ମୀରର ନିୟନ୍ତ୍ରଣ ରେଖା(ଏଲ୍‌ଓସି) ନିକଟରେ ପାକିସ୍ତାନୀ ସେନାର ଯୁଦ୍ଧ ପ୍ରସ୍ତୁତିକୁ ସେନାଧ୍ୟକ୍ଷ ଜେନେରାଲ ବିପିନ ରାୱତ ଖଣ୍ଡନ କରିଛନ୍ତି। ପ୍ରତ୍ୟେକ ଦେଶ ସୀମା ସୁରକ୍ଷା ଉପରେ ଗୁରୁତ୍ୱ ଦେଇଥାନ୍ତି, ନିୟନ୍ତ୍ରଣ ରେଖା ନିକଟରେ ପାକ୍ ଅଧିକ ସେନା ମୁତୟନ କରିବା କିଛି ବଡ଼ କଥା ନୁହେଁ। ଏଥିରେ ବ୍ୟସ୍ତ ହେବାର କିଛି କାରଣ ନାହିଁ ବୋଲି ସେ ପ୍ରକାଶ କରିଛନ୍ତି।




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## [ଇତିହାସର ଆଇନାରେ]
### ଅଗଷ୍ଟ ୧୪ର ପ୍ରମୁଖ ଘଟଣା

୨୦୦୬ ଅଗଷ୍ଟ ୧୪ରେ ଶ୍ରୀଲଙ୍କା ବାୟୁସେନା ପକ୍ଷରୁ ଆକାଶମାର୍ଗରୁ ଆକ୍ରମଣ ଫଳରେ ୬୧ଜଣ ସ୍କୁଲଛାତ୍ରୀ ପ୍ରାଣ ହରାଇଥିଲେ। ଚେନ୍‌ଚୋଲାଇଠାରେ ଏହି ବୋମା ଆକ୍ରମଣ କରାଯାଇଥିଲା। ଶ୍ରୀଲଙ୍କା ଏୟାର ଆର୍ମ ୧୯୫୧ରେ ପ୍ରତିଷ୍ଠା ହୋଇଥିଲା। ଏହା ମଧ୍ୟ ରୟାଲ ସିଲୋନ ଏୟାରଫୋର୍ସ (ଆରସିୱାଇଏଏଫ୍) ଭାବେ ପରିଚିତ। ଶ୍ରୀଲଙ୍କା ଗୃହଯୁଦ୍ଧରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା।

୨୦୧୩ ଅଗଷ୍ଟ ୧୪ରେ ଇଜିପ୍ଟରେ ଜରୁରୀ ପରିସ୍ଥିତି ଘୋଷଣା ହୋଇଥିଲା। ପୂର୍ବତନ ରାଷ୍ଟ୍ରପତି ମହମ୍ମଦ ମୋର୍ସିଙ୍କୁ ସମର୍ଥନ କରି ବିକ୍ଷୋଭ ପ୍ରଦର୍ଶନ ବେଳେ ନିରାପତ୍ତା ବାହିନୀ ଆକ୍ରମଣରେ ଶହ ଶହ ଲୋକ ପ୍ରାଣ ହରାଇଥିଲେ। ଏଥିପାଇଁ ଜରୁରୀ ପରିସ୍ଥିତି ଜାରି କରାଯାଇଥିଲା। ଆଫ୍ରିକା ମହାଦେଶର ଉତ୍ତର-ପୂର୍ବ କୋଣରେ ଏବଂ ଏସିଆର ଦକ୍ଷିଣ-ପଶ୍ଚିମ କୋଣରେ ରିପବ୍ଲିକ୍ ଅଫ୍ ଇଜିପ୍ଟ ରହିଛି।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ମେଘୁଆ ରହିବ।

**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ମେଘାଚ୍ଛନ୍ନ ରହିବା ସହିତ ବର୍ଷା ହେବାର ସମ୍ଭାବନା ଅଛି। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୨୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୦.୫ | ୨୩.୭ |
| ଚାନ୍ଦବାଲି | ୩୧.୮ | ୨୫.୨ |
| କଟକ | ୩୦.୫ | ୨୨.୫ |
| ପାରାଦ୍ୱୀପ | ୩୧.୪ | ୨୫.୮ |
| ଭୁବନେଶ୍ୱର | ୩୦.୪ | ୨୪.୮ |
| ଗୋପାଳପୁର | ୩୨.୪ | ୨୬.୦ |
| ପୁରୀ | ୩୧.୮ | ୨୪.୮ |
| ଅନୁଗୋଳ | ୨୮.୧ | ୨୦.୬ |
| ବାରିପଦା | ୩୦.୬ | ୨୫.୦ |
| ଝାରସୁଗୁଡ଼ା | ୨୯.୬ | ୨୩.୬ |
| କେନ୍ଦୁଝର | ୨୮.୬ | ୨୪.୦ |
| ସମ୍ବଲପୁର | ୨୮.୫ | ୨୪.୧ |
| ସୁନ୍ଦରଗଡ଼ | ୨୬.୫ | ୨୦.୦ |
| ହୀରାକୁଦ | ୨୭.୪ | ୨୫.୬ |
| ତାଳଚେର | ୩୦.୦ | ୨୪.୦ |
| ଭବାନୀପାଟଣା | ୨୬.୦ | ୨୫.୨ |
| ବଲାଙ୍ଗୀର | ୨୬.୫ | ୨୪.୩ |
| କୋରାପୁଟ | ୨୩.୬ | ୨୦.୦ |
| ଫୁଲବାଣୀ | ୨୫.୨ | ୨୨.୫ |
| ଟିଟିଲାଗଡ଼ | ୨୫.୦ | ୨୦.୦ |
| ମାଲକାନଗିରି | ୨୯.୨ | ୨୦.୨ |
| ସୋନପୁର | ୨୬.୮ | ୨୧.୦ |
| ଦାରିଙ୍ଗିବାଡ଼ି | ୨୩.୦ | ୧୭.୦ |

ଡିଗ୍ରୀ ସେଲ୍‌ସିୟସ୍

# କେନ୍ଦ୍ରକୁ ୬,୮୧୩ କୋଟି ମାଗିଲା ମହାରାଷ୍ଟ୍ର

ନୂଆଦିଲ୍ଲୀ, ୧୩।୮(ପି.ଟି.)



କର୍ଣାଟକର ହାମ୍ପି ଦ୍ୱୀପରେ ଫଶିଥିବା ବନ୍ୟା ବିପନ୍ନଙ୍କୁ ହେଲିକପ୍ଟରରେ ଉଦ୍ଧାର କରାଯାଉଛି।

**ବନ୍ୟାସ୍ଥିତି ସଙ୍ଗିନ**

**■କର୍ଣାଟକ ଦାବି କଲା ୩ ହଜାର କୋଟି**

**■ମହାରାଷ୍ଟ୍ର ମନ୍ତ୍ରୀଙ୍କ ମାସକର ଦରମା ଦାନ**

ଦେଶର ୮ ରାଜ୍ୟରେ ବନ୍ୟା ପରିସ୍ଥିତି ଗମ୍ଭୀର ରୂପ ଧାରଣ କରିଥିବାବେଳେ ରିଲିଫ ଓ ଉଦ୍ଧାର କାର୍ଯ୍ୟକୁ ଗୁରୁତ୍ୱ ଦିଆଯାଉଛି। ମଙ୍ଗଳବାର କେରଳ ଓ ମହାରାଷ୍ଟ୍ରରେ ପରିସ୍ଥିତି ଜଟିଳ ଥିବାବେଳେ କର୍ଣାଟକରେ ସାମାନ୍ୟ ସୁଧାର ଆସିଛି। କେରଳରେ ବନ୍ୟା ଜନିତ ମୃତ୍ୟୁସଂଖ୍ୟା ୯୧ରେ ପହଞ୍ଚିଥିବାବେଳେ ୪୦ ଜଣ ନିଖୋଜ ଥିବା ଜଣାପଡ଼ିଛି। ୨.୫୨ ଲକ୍ଷ ଲୋକଙ୍କୁ ୧,୩୩୨ଟି ରିଲିଫ୍ କ୍ୟାମ୍ପରେ ରଖାଯାଇଛି। ମାଲାପୁରମ୍ ଓ ୱାୟନାଡ଼ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି।

କର୍ଣାଟକ ସ୍ଥିତିରେ ସାମାନ୍ୟ ସୁଧାର ଆସିଥିବାବେଳେ ୬.୬୭ ଲକ୍ଷ ଲୋକ ଏବେ ବି ସ୍ଥାନାନ୍ତର ହୋଇ ଅଛନ୍ତି। ଅନେକ ସ୍ଥାନରେ ଜଳସ୍ତର କମିଥିଲେ ହେଁ ଲୋକଙ୍କ ଦୁର୍ଦ୍ଦଶା ବଢିବାରେ ଲାଗିଛି। ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦୁରପ୍ପା ମଙ୍ଗଳବାର ଶିବମୋଗା ଗସ୍ତକରି ରିଲିଫ କ୍ୟାମ୍ପଗୁଡ଼ିକର କାର୍ଯ୍ୟ ତଦାରଖ କରିଛନ୍ତି। ବନ୍ୟାରେ ରାଜ୍ୟର ୪୮ ଲୋକ ପ୍ରାଣ ହରାଇଥିବାବେଳେ ଉତ୍ତର ଓ ଉପକୂଳ ଅଞ୍ଚଳ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି। କେନ୍ଦ୍ର ତୁରନ୍ତ ୩ ହଜାର କୋଟି ଟଙ୍କା ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ଦାବି କରିଛନ୍ତି। ମହାରାଷ୍ଟ୍ରର କୋହ୍ଲାପୁର, ସତାରା ଓ ସାଙ୍ଗଲି ସ୍ଥିତି ଜଟିଳ ରହିଥିବାବେଳେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ ରିଲିଫ୍ ଅପରେଶନକୁ ଗୁରୁତ୍ୱ ଦେଇଛନ୍ତି। କେନ୍ଦ୍ର ସରକାର ରାଜ୍ୟକୁ ୬,୮୧୩ କୋଟି ଟଙ୍କାର ରିଲିଫ୍ ପ୍ୟାକେଜ୍ ଯୋଗାଇ ଦେବାକୁ ସେ ଦାବି କରିଛନ୍ତି। ରାଜ୍ୟରେ ଏପର୍ଯ୍ୟନ୍ତ ବନ୍ୟା ମୃତ୍ୟୁସଂଖ୍ୟା ୪୩କୁ ବୃଦ୍ଧିପାଇଛି। ଫଡ୍‌ନବିସ ଓ କ୍ୟାବିନେଟ ମନ୍ତ୍ରୀମାନେ ମାସକର ଦରମା ବନ୍ୟା ପ୍ରପୀଡ଼ିତଙ୍କୁ ଦାନ କରିବାକୁ ସ୍ଥିର କରିଛନ୍ତି।

## ସଂକ୍ଷେପରେ

### ଡେଙ୍ଗୁ ନେଲା ମହିଳାଙ୍କ ଜୀବନ

**ଏସ୍‌ସିବିରେ ଚଳିତବର୍ଷର ପ୍ରଥମ ଡେଙ୍ଗୁଜନିତ ମୃତ୍ୟୁ**

**କଟକ ଅଫିସ,୧୩।୮:** ଏସ୍‌ସିବି ମେଡିକାଲରେ ମଙ୍ଗଳବାର ଜଣେ ଡେଙ୍ଗୁ ରୋଗୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅନ୍ତର୍ଗତ ବାଲକାଟୀ ଅଞ୍ଚଳର ଦେବକୀ ବେହେରା (୬୦)। ସେ ଗତ ୧୫ଦିନ ହେଲା ମେଡିସିନ ବିଭାଗ ଆଇସିୟୁରେ ଚିକିତ୍ସାଧୀନ ଥିଲେ। ଚଳିତବର୍ଷ ଏସ୍‌ସିବି ମେଡିକାଲରେ ଏହା ପ୍ରଥମ ଡେଙ୍ଗୁଜନିତ ମୃତ୍ୟୁ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ଜ୍ୱରରେ ପୀଡ଼ିତ ଥିବା ଦେବକୀଙ୍କୁ ତାଙ୍କ ପରିବାର ଲୋକେ ଗତ ୨୯ତାରିଖରେ ଏସ୍‌ସିବି ମେଡିକାଲକୁ ଆଣିଥିଲେ। ତାଙ୍କ ସ୍ୱାସ୍ଥ୍ୟ ଓ ରକ୍ତ ପରୀକ୍ଷା ପରେ ସେ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଥିଲା। ଏହାପରେ ତାଙ୍କୁ ମେଡିସିନ ବିଭାଗର ଆଇସିୟୁରେ ରଖାଯାଇ ଚିକିତ୍ସା କରାଯାଉଥିଲା। ତେବେ କିଛିଦିନ ହେବ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଘଟୁଥିଲା। ଏପରି କି ଯକୃତ, ବୃକକ୍ ଖରାପ ହେବା ସହ ମସ୍ତିଷ୍କ କାର୍ଯ୍ୟ କରିବା ବନ୍ଦ କରି ସାରିଥିଲା ବୋଲି ଡାକ୍ତର ଶ୍ରୀପ୍ରସାଦ ମହାନ୍ତି କହିଛନ୍ତି। ଏବେ ଡେଙ୍ଗୁ ୱାର୍ଡରେ ୨୪ଜଣ ଚିକିତ୍ସାଧୀନ ଥିବାବେଳେ ୫ଜଣ ଗୁରୁତର ରୋଗୀ ଆଇସିୟୁରେ ରହିଛନ୍ତି।

**ବିଏସ୍‌ଏଫ୍ ଏଏସ୍‌ଆଇଙ୍କ ଦାୟିତ୍ୱହୀନତା**

### ଟ୍ରେନ୍‌ରେ ଛାଡ଼ିଦେଲେ ୬୦ ରାଉଣ୍ଡ ଗୁଳି

**ଉଦ୍ଧାର କରିବା ପରେ ହସ୍ତାନ୍ତର କଲା ଆରପିଏଫ୍**

**ଜୟପୁର,୧୩।୮(ନି.ପ୍ର./ଡି.ଏନ୍.ଏ.):** ବିଶାଖାପାଟଣା-କିରନ୍ଦୁଲ ଏକ୍ସପ୍ରେସ୍‌ରୁ ମଙ୍ଗଳବାର ଇନସାସ୍ ରାଇଫଲର ୬୦ ରାଉଣ୍ଡ ଗୁଳି (୩ଟି ମାଗାଜିନ) ଏବଂ ଗୋଟିଏ ୟୁନିଫର୍ମ ବେଲ୍ଟ ଉଦ୍ଧାର କରିଛି କୋରାପୁଟ ଜିଲା ଜୟପୁର ଆରପିଏଫ୍। ବିଏସ୍‌ଏଫ୍‌ର ଜଣେ ଏଏସ୍‌ଆଇ ଏହି ଟ୍ରେନ୍‌ରେ ଯିବାବେଳେ ନିଜ ସିଟ୍‌ରେ ଉପରୋକ୍ତ ସାମଗ୍ରୀ ଛାଡ଼ିଦେଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ମଙ୍ଗଳବାର ଭୋର ୫ଟା ସମୟରେ ବିଶାଖପାଟଣା-କିରନ୍ଦୁଲ ଏକ୍ସପ୍ରେସ୍‌ରେ ବିଏସ୍‌ଏଫ୍‌ର କେତେ ଜଣ ଯବାନ କୋରାପୁଟ ଆସିଥିଲେ। ଭୋରବେଳେ ସେମାନେ କୋରାପୁଟରେ ଓହ୍ଲାଇଥିଲେ। ସେମାନଙ୍କ ମଧ୍ୟରୁ ଏଏସ୍‌ଆଇ ବଚନ ପାଣ୍ଡେ ଶୋଇଥିବା ବର୍ଥରେ ନିଜ ୟୁନିଫର୍ମ ବେଲ୍ଟ ଓ ଏହାର ମୁଣାରେ ଥିବା ଇନସାସ୍ ରାଇଫଲର ୩ଟି ମାଗାଜିନ୍ ଛାଡ଼ିଦେଇଥିଲେ। ସେଥିରେ ୬୦ ରାଉଣ୍ଡ ଜୀବନ୍ତ ଗୁଳି ରହିଥିଲା। ପାଣ୍ଡେ ଏହା ଜାଣିବା ପରେ ତୁରନ୍ତ କୋରାପୁଟ ଆରପିଏଫ୍ ଥାନାକୁ ଜଣାଇଥିଲେ। ସେଠାରୁ ଜୟପୁର ଥାନା ଓ ଟ୍ରେନରେ ସୁରକ୍ଷା ଦାୟିତ୍ୱରେ ଥିବା ଜଣେ ଆରପିଏଫ୍ କନଷ୍ଟେବଲ ପ୍ରଦୀପ କୁମାରଙ୍କୁ ଏନେଇ ସୂଚନା ଦିଆଯାଇଥିଲା। ଟ୍ରେନ୍‌ର ସୁରକ୍ଷାକର୍ମୀ ତୁରନ୍ତ ଉକ୍ତ ବଗିରେ ପହଞ୍ଚି ବର୍ଥରୁ ଯବାନ ଛାଡ଼ିଥିବା ସାମଗ୍ରୀ ଉଦ୍ଧାର କରିଥିଲେ। ଜୟପୁର ଆରପିଏଫ୍ ଥାନା କୋରାପୁଟ ବିଏସ୍‌ଏଫ୍ କମାଣ୍ଡାଣ୍ଟଙ୍କୁ ଏନେଇ ସୂଚନା ଦିଆଯାଇଥିଲା। କମାଣ୍ଡାଣ୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ କୋରାପୁଟ ବିଏସ୍‌ଏଫ୍ ଇନ୍ସପେକ୍ଟର ସନାତନ ଡୁଡୁଙ୍କ ଉପସ୍ଥିତିରେ ସମସ୍ତ ସାମଗ୍ରୀ ବିଏସ୍‌ଏଫ୍ ଏଏସ୍‌ଆଇ ବଚନ ପାଣ୍ଡେଙ୍କୁ ହସ୍ତାନ୍ତର କରାଯାଇଥିବା ଆରପିଏଫ୍ ଏସ୍‌ଆଇ ଅଶ୍ୱିନ ମିଶ୍ର କହିଛନ୍ତି।




**ବର୍ଷା ପାଇଁ ସମ୍ବଲପୁର-ଟିଟିଲାଗଡ଼ ସେକ୍ସନରେ ସେବା ବ୍ୟାହତ**

## ୯ ଟ୍ରେନ ବାତିଲ, ୧୧ଟିର ଗତିପଥ ବଦଳିଲା

**ଭୁବନେଶ୍ୱର, ୧୩।୮(ବ୍ୟୁରୋ)**

ସୋମବାର ରାତିରୁ ମଙ୍ଗଳବାର ସକାଳ ପର୍ଯ୍ୟନ୍ତ ଅବିରତ ବର୍ଷା ଯୋଗୁ ବିଶେଷକରି ପଶ୍ଚିମ ଓଡ଼ିଶାରେ ବନ୍ୟା ପରିସ୍ଥିତି ଉପୁଜିଛି। ଫଳରେ ସମ୍ବଲପୁର-ଟିଟିଲାଗଡ଼ ରେଳ ସେକ୍ସନରେ ସେବା ବ୍ୟାହତ ହୋଇଛି। ଅଧିକାଂଶ ସ୍ଥାନରେ ରେଳ ଧାରଣା ଉପରେ ପାଣି ପ୍ରବାହିତ ହେଉଛି। ଟ୍ରେନ ଓ ଯାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ଏହି ସେକ୍ସନରେ ୯ ଟ୍ରେନକୁ ବାତିଲ୍ କରାଯାଇଥିବାବେଳେ ୩ଟିର ଆଂଶିକ ବାତିଲ୍ ଓ ୧୧ ଟ୍ରେନର ଗତିପଥ ବଦଳାଯାଇଛି ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।

ମିଳିଥିବା ସୂଚନାନୁସାରେ, ଦେଓଗାଁ ରୋଡ୍-ବରଗଡ଼, ଲୋଇସିଂହା-ବଲାଙ୍ଗୀର, ବରପାଲି-ଡୁଙ୍ଗୁରିପାଲି ଷ୍ଟେଶନ ମଧ୍ୟରେ ରେଳ ଧାରଣାରେ ପାଣି ଚାଲୁଛି। ଏଥିପାଇଁ ୩ ଏକ୍ସପ୍ରେସ ଓ ୬ ପାସେଞ୍ଜର ଟ୍ରେନକୁ ୧୪ରୁ ୧୭ ତାରିଖ ଯାଏ ବାତିଲ କରାଯାଇଛି। ବାତିଲ ଟ୍ରେନ୍‌ଗୁଡିକ ହେଲା ରାଉରକେଲା-ଜଗଦଲପୁର ଏକ୍ସପ୍ରେସ, ସମ୍ବଲପୁର-ରାୟଗଡା ଏକ୍ସପ୍ରେସ, ଜଗଦଲପୁର-ରାଉରକେଲା ପାସେଞ୍ଜର, ଦୁର୍ଗ-ବିଶାଖାପାଟଣା ପାସେଞ୍ଜର, ଟିଟିଲାଗଡ଼-ବିଳାସପୁର ପାସେଞ୍ଜର, ସମ୍ବଲପୁର-କୋରାପୁଟ ପାସେଞ୍ଜର, କୋରାପୁଟ- ସମ୍ବଲପୁର ପାସେଞ୍ଜର, ସମ୍ବଲପୁର-ଜୁନାଗଡ଼ ରୋଡ ପାସେଞ୍ଜର, ଜୁନାଗଡ଼ ରୋଡ୍-ସମ୍ବଲପୁର ପାସେଞ୍ଜର। ଅନ୍ୟପକ୍ଷରେ ହାଓଡ଼ା-ଟିଟିଲାଗଡ଼ ଏକ୍ସପ୍ରେସ ସମ୍ବଲପୁର ଓ ଟିଟିଲାଗଡ ମଧ୍ୟରେ, ହାଓଡା-ଜଗଦଲପୁର ଏକ୍ସପ୍ରେସ ସମ୍ବଲପୁର ଓ ଜଗଦଲପୁର ମଧ୍ୟରେ ଏବଂ ଭୁବନେଶ୍ୱର-ବଲାଙ୍ଗୀର ଇଣ୍ଟରସିଟି ଏକ୍ସପ୍ରେସ ସମ୍ବଲପୁର ଓ ବଲାଙ୍ଗୀର ମଧ୍ୟରେ ବାତିଲ୍ ରହିବ। ସେହିପରି ଧାନବାଦ-ଆଲେପି ଏକ୍ସପ୍ରେସ, ହଟିଆ-ଯଶୋବନ୍ତପୁର ଏକ୍ସପ୍ରେସ, ସୁରଟ-ପୁରୀ ଏକ୍ସପ୍ରେସ ଆଦି ୧୧ ଟ୍ରେନର ଗତିପଥ ବଦଳାଯାଇଛି ବୋଲି ପୂର୍ବତଟ ରେଳବାଇ ପକ୍ଷରୁ ସୂଚନା ମିଳିଛି।

## କାଳିଆ ଅଯୋଗ୍ୟ ହିତାଧିକାରୀ ଯାଞ୍ଚ ଅବଧି ୨୭ ଯାଏ ବୃଦ୍ଧି

**ଭୁବନେଶ୍ୱର,୧୩।୮(ବ୍ୟୁରୋ)**

ଯୋଗ୍ୟ କାଳିଆ ହିତାଧିକାରୀ ଯାଞ୍ଚ ପ୍ରକ୍ରିୟାକୁ ରାଜ୍ୟ ସରକାର ବୃଦ୍ଧି କରିଛନ୍ତି। କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ଅରୁଣ କୁମାର ସାହୁ ମଙ୍ଗଳବାର ଗଣମାଧ୍ୟମ ପ୍ରତିନିଧିଙ୍କୁ ଏହି ସୂଚନା ଦେଇଛନ୍ତି। ବୁଧବାର ଶେଷ ହେବାକୁ ଥିବା ଯାଞ୍ଚ ପ୍ରକ୍ରିୟା ଚଳିତ ମାସ ୨୭ ଯାଏ ବୃଦ୍ଧି କରାଯାଇଛି। କୃଷି ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବସିଥିବା ସମୀକ୍ଷା ବୈଠକରେ ଏହି ନିଷ୍ପତ୍ତି ନିଆଯାଇଥିଲା। ସେହିପରି ରାଜ୍ୟର ୫୨ ଲକ୍ଷ ହିତାଧିକାରୀଙ୍କ ମଧ୍ୟରୁ ପ୍ରାୟ ୧୩ ଲକ୍ଷ ହିତାଧିକାରୀଙ୍କ ଯାଞ୍ଚ ପ୍ରକ୍ରିୟା ସମାପ୍ତ ହୋଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।


ସମୀକ୍ଷା ବୈଠକରେ ମନ୍ତ୍ରୀ ଅରୁଣ ସାହୁ ଓ ଅନ୍ୟମାନେ।

- ୧୩ଲକ୍ଷରୁ ପ୍ରାୟ ୭୦,୦୦୦ ଅଯୋଗ୍ୟ ହିତାଧିକାରୀ
- ୨୯ରେ ବ୍ଲକ, ୩୧ରେ ଜିଲାସ୍ତରରେ ଯାଞ୍ଚ

ରାଜ୍ୟରେ ସବୁ ବର୍ଗର କୃଷକମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ଏହି ଯୋଜନାର ଶୁଭାରମ୍ଭ କରାଯାଇଥିଲା। ଯୋଜନା ଦ୍ୱାରା ହିତାଧିକାରୀଙ୍କ ଆକାଉଣ୍ଟକୁ ସହାୟତା ରାଶି ପ୍ରଦାନ କରାଯାଇଥିଲା। ହେଲେ ପରବର୍ତ୍ତୀ ସମୟରେ ବହୁ ଅଯୋଗ୍ୟ ହିତାଧିକାରୀ ସହାୟତା ରାଶି ପାଇଥିବା ସରକାର ଅନୁଭବ କରିଥିଲେ। ତେଣୁ ଉପଯୁକ୍ତ ଯାଞ୍ଚ କରି ସେମାନଙ୍କଠାରୁ ଟଙ୍କା ଫେରସ୍ତ ପାଇଁ ସରକାର ନିଷ୍ପତ୍ତି ନେଇଥିଲେ। ଏହା ପରେ ପଞ୍ଚାୟତ, ବ୍ଲକ ଏବଂ ଜିଲାସ୍ତରରେ କମିଟି ଗଠନ କରି ଅଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରିବା ପାଇଁ ସ୍ଥିର କରାଯାଇଥିଲା। ବିଭାଗ ପକ୍ଷରୁ ହିତାଧିକାରୀଙ୍କ କାଗଜପତ୍ର ଯାଞ୍ଚ ପରେ ୧୩ ଲକ୍ଷରୁ ପ୍ରାୟ ୭୦,୦୦୦ ଅଯୋଗ୍ୟ ହିତାଧିକାରୀ କାଳିଆ ସହାୟତା ପାଇଥିବା ଜଣାପଡିଛି। ହାରାହାରିଭାବେ ଜଣେ ଚାଷୀ ଯଦି ୫୦୦୦ ଟଙ୍କା ସହାୟତା ରାଶି ଫେରସ୍ତ କରନ୍ତି, ତେବେ ରାଜ୍ୟ ସରକାର ପାଖାପାଖି ୩୫ କୋଟି ଟଙ୍କା ଫେରସ୍ତ ପାଇବେ। ସେହିପରି ଆହୁରି ୩୮ ଲକ୍ଷ ହିତାଧିକାରୀଙ୍କ ଯାଞ୍ଚ ବାକି ରହିଥିବାରୁ ଅଯୋଗ୍ୟ ହିତାଧିକାରୀଙ୍କ ସଂଖ୍ୟା ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଚଳିତ ମାସ ୨୭ରେ ପଞ୍ଚାୟତସ୍ତରୀୟ ଯାଞ୍ଚ ପରେ , ୨୯ରେ ବ୍ଲକ ଏବଂ ୩୧ରେ ଜିଲାସ୍ତରୀୟ ଯାଞ୍ଚ ପ୍ରକ୍ରିୟା କରାଯିବ। ସେହିଭଳି ଯେଉଁ ଅଯୋଗ୍ୟ ହିତାଧିକାରୀମାନେ ପ୍ରଥମ କିସ୍ତିରେ କାଳିଆ ଟଙ୍କା ପାଇଛନ୍ତି, ସେମାନେ ଦ୍ୱିତୀୟ କିସ୍ତିରେ ସହାୟତା ପାଇବେ ନାହିଁ ବୋଲି କୁହାଯାଇଛି। ରାଜ୍ୟରେ ୧୯ଟି ଗ୍ରାମ ପଞ୍ଚାୟତରେ ଆବଶ୍ୟକ ସଂଖ୍ୟକ ହିତାଧିକାରୀ ଚିହ୍ନଟ ହୋଇପାରିନାହାନ୍ତି। ତେଣୁ ସେହିସବୁ ପଞ୍ଚାୟତରେ ଉପଯୁକ୍ତ ଯାଞ୍ଚ କରି ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରିବା ନେଇ କୃଷି ନିର୍ଦ୍ଦେଶକଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

- ହୀରାକୁଦ ଡ୍ୟାମ୍ ଜଳସ୍ତର ବୃଦ୍ଧି

## ଆଜି ହେବ ବନ୍ୟାଜଳ ନିଷ୍କାସନ

**ସମ୍ବଲପୁର,୧୩।୮(ବ୍ୟୁରୋ)**



ହୀରାକୁଦ ଡ୍ୟାମ୍‌ରୁ ବୁଧବାର ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯିବ। ପୂର୍ବାହ୍ନ ୧୧ଟାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇ ଗେଟ୍ ଖୋଲାଯିବ। ଦୀର୍ଘବର୍ଷ ହେଲା ପ୍ରଥମେ ୭ନଂ ଗେଟ୍ ଖୋଲାଯିବାର ପରମ୍ପରା ରହିଆସିଛି। ଚଳିତବର୍ଷ ମଧ୍ୟ ଏହି ଗେଟ୍ ପ୍ରଥମେ ଖୋଲିବା ସମ୍ଭାବନା ରହିଛି। ତେବେ ମୋଟ କେତୋଟି ଗେଟ୍ ଖୋଲାଯିବ ସେ ନେଇ କୌଣସି ନିର୍ଦ୍ଦିଷ୍ଟ ସୂଚନା ଦିଆଯାଇ ନାହିଁ। ଜଳଭଣ୍ଡାର ଜଳସ୍ତରକୁ ଦୃଷ୍ଟିରେ ରଖି ଗେଟ୍ ସଂଖ୍ୟା ନିର୍ଦ୍ଧାରଣ କରାଯିବ ବୋଲି କୁହାଯାଇଛି। ଏହି ଅବସରରେ ଜିଲା ପ୍ରଶାସନର ପଦାଧିକାରୀ, ରାଜନେତା ଓ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହିବେ। ଭଜନକୀର୍ତ୍ତନ ସହ ବିଶ୍ୱକର୍ମାଙ୍କ ପୂଜା କରାଯିବ। ପରେ ଶୁଭ ସମୟରେ ପ୍ରଥମ ଗେଟ୍ ଖୋଲାଯିବ। ଡ୍ୟାମ୍ କର୍ତ୍ତୃପକ୍ଷ ଏ ନେଇ ସମସ୍ତ ପ୍ରସ୍ତୁତି ଶେଷ କରିଛନ୍ତି। ଅନ୍ୟପକ୍ଷରେ ହୀରାକୁଦରୁ ପାଣି ଛଡ଼ାଗଲେ ମହାନଦୀ ଓ ତା'ର ଶାଖା ନଦୀଗୁଡ଼ିକରେ ଜଳସ୍ତର ବୃଦ୍ଧି ପାଇବ। ତେଣୁ ଡ୍ୟାମ୍ ତଳମୁଣ୍ଡରେ ବସବାସ କରୁଥିବା ଲୋକେ ସତର୍କ ରହିବାକୁ କୁହାଯାଇଛି। ବନ୍ୟାଜଳ ନିଷ୍କାସନ ପରେ କୌଣସି ଦୁର୍ଘଟଣା ଘଟିଲେ ଡ୍ୟାମ୍ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ବୋଲି ସୂଚାଇ ଦିଆଯାଇଛି। ଶନିବାର ସନ୍ଧ୍ୟା ୬ଟା ସୁଦ୍ଧା ଡ୍ୟାମ୍ ଜଳସ୍ତର ୬୧୭.୨୩ ଫୁଟ ରହିଛି। ପ୍ରତି ସେକେଣ୍ଡରେ ଡ୍ୟାମ୍ ମଧ୍ୟକୁ ୯୭ ହଜାର ୫୯୩ ଘନଫୁଟ ଜଳ ପ୍ରବେଶ କରୁଥିବା ବେଳେ ୧୩ହଜାର ୯୫୪ ଘନଫୁଟ ଜଳ ନିଷ୍କାସିତ ହେଉଛି।

## ଥାନାରେ ଅଭିଯୁକ୍ତଙ୍କ ଆତ୍ମହତ୍ୟା ଉଦ୍ୟମ

**ଦିଗହପଣ୍ଡି/ପାଟପୁର, ୧୩।୮(ଡି.ଏନ.ଏ.)**

ଗଞ୍ଜାମ ଜିଲା ପାଟପୁର ଥାନାରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ହତ୍ୟା ମାମଲାର ତଦନ୍ତ ପାଇଁ ପୋଲିସ ଥାନାକୁ ଆଣିଥିବା ଜଣେ ଯୁବକ ଶୌଚାଳୟରେ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସେ ହେଲେ ପୋଡ଼ାମାରି ଯାଦବସାହିର ଶିବ ପାତ୍ର। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଆଡ଼ପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପୋଲିସ ଭର୍ତ୍ତି କରିଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।


ଚିକିତ୍ସାଧୀନ ଶିବ ପାତ୍ର।

- ଝରକା ଗ୍ରୀଲ୍‌ରେ ଗାମୁଛାରେ ରଶି ଲଗାଇ ଝୁଲିପଡିଲେ
- ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି
- ହତ୍ୟା ଅଭିଯୋଗରେ ପଚରାଉଚରା ପାଇଁ ଆଣିଥିଲା ପୋଲିସ

ପ୍ରକାଶ ଯେ, ୧୨ ଡିସେମ୍ବର ୨୦୧୬ରେ ଶିବଙ୍କ ଭାଉଜ ସାବିତ୍ରୀଙ୍କ ମୃତଦେହ ତପ୍ତପାଣି ନାଳକଡ଼ ଏକ ଗଛ ମୂଳରୁ ମିଳିଥିଲା। ବ୍ୟବଚ୍ଛେଦ ରିପୋର୍ଟରେ ତାଙ୍କୁ ତଣ୍ଟିଚିପି ହତ୍ୟା କରାଯାଇଥିବା ଜଣାପଡିଥିଲା। ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଶିବଙ୍କୁ ଏନେଇ ୨ ଥର ଥାନାକୁ ଆଣି ଜେରା କରିଥିଲେ ମଧ୍ୟ ତତ୍କାଳୀନ ଥାନା ଅଧିକାରୀ କୌଣସି ସୁରାକ୍ ପାଇ ନଥିଲେ। ବର୍ତ୍ତମାନର ଥାନା ଅଧିକାରୀ ରମେଶ କୁମାର ପ୍ରଧାନ ଉକ୍ତ ଘଟଣାର ତଦନ୍ତ ଆରମ୍ଭ କରି ଶିବଙ୍କୁ ଥାନାକୁ ପଚରାଉଚରା ପାଇଁ ଆଣିଥିଲେ। ମଙ୍ଗଳବାର ଅପରାହ୍ନ ପ୍ରାୟ ସାଢ଼େ ୧ଟାରେ ଶିବ ଏକ ଗାମୁଛା ନେଇ ଥାନା ପରିସରରେ ଥିବା ପାଇଖାନାକୁ ଶୌଚ ପାଇଁ ଯାଇଥିଲେ। ଜଣେ କନ୍‌ଷ୍ଟେବଲ ଓ ହୋମଗାର୍ଡ ତାଙ୍କୁ ଜଗିଥିଲେ। ଶିବ ପାଇଖାନା ଭିତରକୁ ଯାଇ କାନ୍ଥରେ ମୁଣ୍ଡ ପିଟିବା ସହ ଝରକା ଗ୍ରୀଲ୍‌ରେ ଗାମୁଛା ବାନ୍ଧି ଓହଳି ପଡିଥିଲେ। ବହୁ ସମୟ ଧରି ପାଇଖାନାରୁ ନ ବାହାରିବାରୁ ପୋଲିସ କର୍ମଚାରୀ ଯାଇ ଶିବ ଗାମୁଛାରେ ରଶି ଲଗାଇ ଓହଳିଥିବା ଦେଖିଥିଲେ।

ସୂଚନାଯୋଗ୍ୟ ଯେ, ୧୨ ଡିସେମ୍ବର ୨୦୧୬ରେ ଶିବଙ୍କ ଭାଇ କ୍ରିଷ୍ଣା ଛେଳି ଚରାଇବାକୁ ବିଲମାଳକୁ ଯାଇଥିଲେ। ଭାଉଜ ସାବିତ୍ରୀ ସ୍ୱାମୀ କ୍ରିଷ୍ଣାଙ୍କ ପାଇଁ ମଧ୍ୟାହ୍ନରେ ଖାଇବାକୁ ନେଇ ଯାଇଥିଲେ। ସନ୍ଧ୍ୟାରେ କ୍ରିଷ୍ଣା ଘରକୁ ଛେଳିଗୋଠ ଧରି ଫେରି ସ୍ତ୍ରୀ ଫେରି ନ ଥିବା ଜାଣିବାକୁ ପାଇଥିଲେ। ପରଦିନ ତାଙ୍କ ମୃତଦେହ ମିଳିଥିଲା। ସାବିତ୍ରୀଙ୍କ ଭାଇ ଡିଲେଶ୍ୱ ପାଟପୁର ଥାନାରେ ଏତଲା ଦେଇଥିଲେ। ନଂ.୨୦୭/୧୬ରେ ମାମଲା ରୁଜୁ କରି ପୋଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଥିଲା। ନାଳ ନିକଟରୁ ତାଙ୍କ ମୋବାଇଲ ଓ ସୁନା କାନ ଫୁଲ ମିଳିଥିଲା। ସାବିତ୍ରୀଙ୍କ ପରିବାର ସଦସ୍ୟଙ୍କ ବୟାନକୁ ଭିତ୍ତିକରି ଶିବଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଥିଲେ ମଧ୍ୟ ତତ୍କାଳୀନ ଆଇଆଇସି ଅଜୟ କୁମାର ବାରିକ କୌଣସି ସୁରାକ ପାଇ ନ ଥିଲେ।

## ରେଳଧାରଣାରେ ପାଣି, ଅଟକିଲା ଇସ୍ପାତ ଏକ୍ସପ୍ରେସ

**ସୋନପୁର,୧୩।୮(ନି.ପ୍ର.):** ରେଳ ଧାରଣାରେ ପାଣି ଜମି ଥିବାରୁ ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ରେଲୱେ ଷ୍ଟେଶନରେ ଇସ୍ପାତ ଏକ୍ସପ୍ରେସ ମଙ୍ଗଳବାର ଅଟକି ରହିଥିଲା। ସକାଳ ୮ଟାରୁ ଟ୍ରେନ୍ ଷ୍ଟେଶନରେ ଅଟକି ରହିବା ଯୋଗୁଁ ଯାତ୍ରୀମାନେ ହୀନସ୍ତା ହୋଇଥିଲେ। ପାଣି କମିବା ପରେ ଅପରାହ୍ନ ୨ଟାରେ ଟ୍ରେନ୍ ଷ୍ଟେଶନ ଛାଡିଥିଲା। ଗତ ତିନିଦିନ ଧରି ଲଗାଣ ବର୍ଷା ତଥା ଗତ ୨୪ ଘଣ୍ଟା ମଧ୍ୟରେ ଡୁଙ୍ଗୁରିପାଲି ବ୍ଲକରେ ସର୍ବାଧିକ ୧୯୪ମିମି ବର୍ଷା ହେବା ଯୋଗୁଁ ଡୁଙ୍ଗୁରିପାଲି-ସମ୍ବଲପୁର ରାସ୍ତାର ରେଳଧାରଣାରେ ପାଣି ଜମି ରହିଥିଲା। ଟିଟିଲାଗଡରୁ ହାଓଡା ଯାଉଥିବା ଇସ୍ପାତ ଏକ୍ସପ୍ରେସ ଡୁଙ୍ଗୁରିପାଲି ଷ୍ଟେଶନରେ ପହଞ୍ଚିବା ପରେ ଷ୍ଟେଶନ ମାଷ୍ଟର ଆଗକୁ ଯିବା ପାଇଁ ଅନୁମତି ଦେଇ ନଥିଲେ।




## ଚାଷୀଙ୍କ ସନ୍ଦେହଜନକ ମୃତ୍ୟୁ

**ଗୁଣପୁର,୧୩।୮(ଡି.ଏନ.ଏ)**

ରାୟଗଡା ଜିଲା ରାମନାଗୁଡା ବ୍ଲକ ଲିମାପଦର ଗ୍ରାମରେ ମଙ୍ଗଳବାର ଜଣେ ଚାଷୀଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି । ସେ ହେଲେ ରଙ୍ଗାଧର ପଣ୍ଡା(୫୫) ।

ବିଲରେ ଚାଷ କାର୍ଯ୍ୟ ଚାଲୁ ଥିବାବେଳେ ତିନି ଥର ବର୍ଷା ପାଣି ପଶି କ୍ଷତିଗ୍ରସ୍ତ ହୋଇଥିଲା । ଏହାକୁ ନେଇ ସେ ଚିନ୍ତାରେ ଥିଲେ। ମଙ୍ଗଳବାର ସକାଳେ ସେ ଚାଷ କାର୍ଯ୍ୟ ଲାଗି ବିଲକୁ ଯାଇ ଅପରାହ୍ନରେ ଫେରିଥିଲେ । ପରେ ତାଙ୍କ ମୁଣ୍ଡ ବୁଲାଉ ଥିବା କହି ତଳେ ପଡି ଯାଇଥିଲେ । ସଙ୍ଗେ ସଙ୍ଗେ ତାଙ୍କ ପୁଅ ସୁବ୍ରତ ତାଙ୍କୁ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରଙ୍ଗାଧରଙ୍କ ମୃତ୍ୟୁ ହୋଇଥିଲା। ବିଷକ୍ରିୟା ଯୋଗୁଁ ତାଙ୍କର ମୃତ୍ୟୁ ହୋଇଥିବା ଚିକିତ୍ସା କରୁଥିବା ଡାକ୍ତର ପ୍ରକାଶ କରିଛନ୍ତି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।



## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..................................


ସଂଜଳି
ପରିବାରବର୍ଗ


ଇରମ୍
ପରିବାରବର୍ଗ


ମଧୁସ୍ମିତା
ପରିବାରବର୍ଗ


ମାମା
ପରିବାରବର୍ଗ


ଓମ୍ ପ୍ରସାଦ୍
ପରିବାରବର୍ଗ


ରିୟା
ପରିବାରବର୍ଗ


ସିଲ୍‌ଭା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଠାରୁ ୪.୩୦ଲକ୍ଷ ଲୁଟ୍

**ତିହିଡ଼ି, ୧୩।୮ (ଡି.ଏନ୍.ଏ.)**

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ କୁବେରା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବାସୁଦେବ ବେହେରାଙ୍କଠାରୁ ମଙ୍ଗଳବାର ମଧ୍ୟାହ୍ନରେ ୪ଲକ୍ଷ ୩୦ ହଜାର ଟଙ୍କା ଲୁଟ୍ ହୋଇଛି। ଭଦ୍ରକ-ଚାନ୍ଦବାଲି ରାସ୍ତାର ଦୋଳସାହି ବଜାର ନିକଟରୁ ଦୁଇଜଣ ଦୁର୍ବୃତ୍ତ ତାଙ୍କଠାରୁ ଏହି ଟଙ୍କା ଲୁଟି ନେଇଥିବା ନେଇ ସେ ତିହିଡ଼ି ଥାନାରେ ଅଭିଯୋଗ କରିବା ପରେ ପୋଲିସ ତନାଘନା ଚଳାଇଛି।

କାର୍ଯ୍ୟନିର୍ବାହୀ ଅଧିକାରୀ ବେହେରା ପଞ୍ଚାୟତରେ ଭତ୍ତା ବଣ୍ଟନ ଲାଗି ପୂର୍ବାହ୍ନରେ ୟୁକୋ ବ୍ୟାଙ୍କ ତିହିଡ଼ି ଶାଖାକୁ ଯାଇ ୪.୩୦ ଲକ୍ଷ ଟଙ୍କା ଉଠାଇଥିଲେ। ସେ ଟଙ୍କାକୁ ଏକ ବ୍ୟାଗରେ ସରକାରୀ କାଗଜପତ୍ର ସହ ରଖିଥିଲେ। ପରେ ଟଙ୍କାବ୍ୟାଗକୁ ବାଇକ୍‌ରେ ଝୁଲାଇ ତିହିଡ଼ିରୁ କୁବେରା ପଞ୍ଚାୟତ ଅଭିମୁଖେ ଯିବା ସମୟରେ ଦୋଳସାହି ଠାରେ ଅସୁସ୍ଥତା ଅନୁଭବ କରିଥିଲେ। ସେଠାରେ ଗାଡ଼ି ରଖି ଠିଆ ହୋଇଥିବା ବେଳେ ତିହିଡ଼ିରୁ ବାଇକ୍‌ରେ ଯାଇଥିବା ୨ଜଣ ଦୁର୍ବୃତ୍ତ ତାଙ୍କ ନିକଟରୁ ଟଙ୍କା ବ୍ୟାଗ ଝାମ୍ପି ନେଇ ଦ୍ରୁତ ଗତିରେ ଭଦ୍ରକ ଅଭିମୁଖେ ପଳାଇ ଯାଇଥିଲେ। ଅଭିଯୋଗ ପାଇବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା କହିଛି।

# ପୂର୍ବତନ ପୋଲିସ ଏସ୍‌ଆଇଙ୍କୁ ୩ବର୍ଷ ଜେଲ

**ଭୁବନେଶ୍ୱର, ୧୩।୮ (ବ୍ୟୁରୋ)**

ଚନ୍ଦ୍ରଶେଖରପୁର ଥାନାର ପୂର୍ବତନ ଏସ୍‌ଆଇ ରାମଚନ୍ଦ୍ର ସେଠୀଙ୍କୁ ମଙ୍ଗଳବାର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଦଣ୍ଡିତ କରିଛନ୍ତି। ସେ ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଉକ୍ତ ମାମଲାର ବିଚାର କରି ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଅମ୍ବୁଜ ମୋହନ ଦାସ ଅଭିଯୁକ୍ତଙ୍କୁ ୩ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ହେଲେ ଅଧିକ ୬ମାସ ଜେଲ ଦଣ୍ଡ ଭୋଗିବାକୁ ଆଦେଶ ହୋଇଛି।

ସୂଚନା ମୁତାବକ, ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ରହୁଥିବା ଜିତେନ୍ଦ୍ର ପାଢୀ ତାଙ୍କର ଏକ ଘରକୁ ପାଣ୍ଡବ ସ୍ୱାଇଁଙ୍କୁ ଭଡ଼ା ଦେଇଥିଲେ। ପରବର୍ତ୍ତୀ ସମୟରେ ଉଭୟଙ୍କ ମଧ୍ୟରେ ବିବାଦ ଦେଖାଯିବାରୁ ଜିତେନ୍ଦ୍ର ଘର ଛାଡିବା ପାଇଁ ପାଣ୍ଡବଙ୍କୁ କହିଥିଲେ। ମାତ୍ର ପାଣ୍ଡବ ଘର ନ ଛାଡିବାରୁ ଉଭୟଙ୍କ ମଧ୍ୟରେ ମାର୍‌ପିଟ ପର୍ଯ୍ୟନ୍ତ କଥା ଯାଇଥିଲା। ୨୦୦୯ ଡିସେମ୍ବରରେ ଘର ମାଲିକ ଜିତେନ୍ଦ୍ର ଆକ୍ରମଣ କରିଥିବା ନେଇ ପାଣ୍ଡବ ଥାନାରେ ଅଭିଯୋଗ କରିଥିଲେ। ସେହିଭଳି ଜିତେନ୍ଦ୍ର ମଧ ଭଡାଟିଆ ପାଣ୍ଡବଙ୍କ ନାମରେ ପାଲଟା ଅଭିଯୋଗ ଆଣିଥିଲେ।

**ଲାଞ୍ଚ ନେଇ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିଲେ**

ତତ୍‌କାଳୀନ ଏସ୍‌ଆଇ ରାମଚନ୍ଦ୍ର ସେଠୀ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ପାଣ୍ଡବ ଘର ଛାଡି ଚାଲିଯାଇଥିଲେ। ମାତ୍ର ଏହି ମାଲାରେ ତଦନ୍ତକାରୀ ଅଧିକାରୀ ସେଠୀ ସେହିବର୍ଷ ଡିସେମ୍ବର ୧୨ରେ ଜିତେନ୍ଦ୍ରଙ୍କ ପିତା ଭୀମସେନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଏପରିକି ଜିତେନ୍ଦ୍ରଙ୍କୁ ଗିରଫ ପାଇଁ ଧମକ ଦେବାସହ ଚାର୍ଜସିଟରୁ ନାମ କାଟିବା ପାଇଁ ସେଠୀ ୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ଜିତେନ୍ଦ୍ର ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଯୋଜନା ମୁତାବକ ୪ହଜାର ଟଙ୍କା ଦେବାକୁ ଜିତେନ୍ଦ୍ର ଏଏସ୍‌ଆଇ ସେଠୀଙ୍କ ସହ କଥା ହୋଇଥିଲେ। ଡିସେମ୍ବର ୧୪ରେ ଉକ୍ତ ଲାଞ୍ଚ ଗ୍ରହଣ କରୁଥିବାବେଳେ ଏଏସ୍‌ଆଇ ସେଠୀ ଭିଜିଲାନ୍ସ ହାତରେ ପଡ଼ିଥିଲେ। ଏହି ମାମଲାରେ ୬ ଜଣ ସାକ୍ଷୀଙ୍କ ବୟାନ ଓ ତଥ୍ୟ ପ୍ରମାଣକୁ ଆଧାର କରି ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ରାୟ ଶୁଣାଇଥିଲେ। ସରକାରଙ୍କ ପକ୍ଷରୁ ସ୍ପେଶାଲ ପିପି (ଭିଜିଲାନ୍ସ) ହେମନ୍ତ କୁମାର ସ୍ୱାଇଁ ମାମଲା ପରିଚାଳନା କରିଥିଲେ।

ପ୍ରଥମ ପୃଷ୍ଠାରୁ...

## ୫ ଜିଲାରେ ...

ଜଣେ ଓ ନବରଙ୍ଗପୁର ଜଣେ ରହିଛନ୍ତି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବୁଧବାର ନୂଆପଡ଼ା, ବଲାଙ୍ଗୀର, ସୁବର୍ଣ୍ଣପୁର, ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, କଳାହାଣ୍ଡି, କୋରାପୁଟ, ରାୟଗଡ଼ା ଆଦି ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଲୋକ ସେବା ଭବନରେ ବନ୍ୟା ପରିସ୍ଥିତି ସମୀକ୍ଷା କରିଛନ୍ତି। ବନ୍ୟା ପରିସ୍ଥିତି ଉପରେ ୨୪ଘଣ୍ଟା ସତର୍କ ରହିବା ଏବଂ ଲୋକଙ୍କୁ ସୁରକ୍ଷା ଓ ସହାୟତା କରିବା ପାଇଁ ସବୁ ବିଭାଗ ସଜାଗ ରହିବାକୁ ସେ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଅଧିକ ପ୍ରଭାବିତ ୧୩ ଜିଲାର ଜିଲାପାଳଙ୍କ ସହ ଭିଡିଓ କନ୍‌ଫରେନ୍‌ସିଂ ଜରିଆରେ ପରିସ୍ଥିତି ସମ୍ପର୍କରେ ଆଲୋଚନା କରି ସେମାନଙ୍କ ଆବଶ୍ୟକତା ସମ୍ପର୍କରେ ପଚାରି ବୁଝିଥିଲେ। ବଲାଙ୍ଗୀର ସହରରେ ପ୍ରବଳ ବର୍ଷା ଯୋଗୁ ପରିସ୍ଥିତି ଗମ୍ଭୀର ରହିଥିବାରୁ ସେଠାରେ ଅଧିକ ୩ ଓଡ୍ରାଫ ଟିମ୍ ପଠାଯାଇଛି।

ବୁଧବାର ହୀରାକୁଦରୁ ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯିବ। ୧୫ ତାରିଖ ସକାଳ ୬ଟାରୁ ୧୦ଟା ଭିତରେ ମହାନଦୀକୁ ସାଢ଼େ ୧୧ଲକ୍ଷ କ୍ୟୁସେକ୍ ପାଣି ଛଡ଼ାଯିବ। ଏହାଦ୍ୱାରା ଖୋର୍ଦ୍ଧା, ପୁରୀ, କଟକ, ଜଗତ୍‌ସିଂହପୁର, ନୟାଗଡ଼ ଓ କେନ୍ଦ୍ରାପଡ଼ା ଜିଲାରେ ବନ୍ୟା ଆଶଙ୍କା ରହିଛି। ତେଣୁ ଏହି ୬ ଜିଲାର ଜିଲାପାଳଙ୍କୁ ସତର୍କ ରହିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। କଟକ ସହରର ରିଙ୍ଗ୍‌ରୋଡ୍ ଉପରେ ମଧ ନଜର ରଖିବା ପାଇଁ ପରାମର୍ଶ ଦିଆଯାଇଛି। ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ବନ୍ୟା ପ୍ରଭାବିତ ୫ ଜିଲା ପାଇଁ ୭ ଦିନିଆ ରିଲିଫ ଘୋଷଣା କରାଯାଇଛି। ତଦନୁଯାୟୀ ଦୈନିକ ପ୍ରତି ବୟସ୍କଙ୍କୁ ୬୦ ଟଙ୍କା ଏବଂ ପିଲାଙ୍କୁ ୪୫ ଟଙ୍କା ଦିଆଯିବ।


# classifieds Everyday 0674-2580101, 2549302




**BRIDE WANTED**

କଂସାରି ପୁଅ 28Y, କଂପାନୀ ଚାକିରି, +2ଙ୍କ ପାଇଁ (ଘରଜୋଇଁଆ) ଝିଅ ଆବଶ୍ୟକ। 7377316197. D-13895

Brahmin boy MCA 1990, 5'-11" working MNC, Bangalore required beautiful working girl (prefered Bangalore). 9439630459. D-67038

Handsome Khandayat boy 1991, 5'9", B.Tech, M.Tech, IIT, Kharagpur, serving IES. Sunasansar: 9937512659. D-66761

Divorcee groom Engineer 31+, Bank 36, Doctor 40+. Samadhan: 8594926181. D-67040

**GROOM WANTED**

Divorcee bride Govt. Clerk 31, Bank 34+, Teacher 37-8594926181. D-67039

Divorcee bride Bank 45, Teacher 38, Business 40 (Caste-no-bar). 7873374269. D-67041

26 ବୟସ୍କା, Civil Engineer, 30,000/- ପାଉଥିବା ସୁନ୍ଦର Karana Divorcee, BBSR ସ୍ଥିତ ଝିଅଙ୍କ ପାଇଁ ପୁଅ ଦରକାର। 9658674636. D-13866

Beautiful Khandayat girl 1994/5'3" B.Tech Govt. employee, "VAISNABI" 7008967858. D-66174

Now Matrimonial ads. only on Wednesday & Sunday Book 1 Get 1 FREE

**automobile SALE**

Maruti Dzire, petrol, Silver, 6years run, 27000k.m in excellent condition. 9182574495. D-66762

**real estate SALE**

House for sale near KIIT main road, Maruti Villa 1.40cr. GA plot west facing, Sum Hospital 1.10cr. and plot at Nuagaon @1900. Contact: 7735768268. D-13899

3 Store Building For Sale Near Dhauli Bhubaneswar. All Are 3BHK Flat. New Building Contact - 9337730923. D-13575

**ଭୁବନେଶ୍ୱର Infocity-2 boundaryକୁ ଲାଗି mega plotting project sqft. 350/- ରେ (Sidhavihar Colony)ରେ plot କିଣନ୍ତୁ। 9114955347, 8658962508.** D-66753

Investment plot for sale near AIIMS Hospital, Bhubaneswar. 7749092225, 7327097208. D-67344

ଭୁବନେଶ୍ୱର ନିକଟସ୍ଥ ନଖରା, **DPS** ଅନନ୍ତପୁର, ଦଧିଚିକଲେଜ ପାଖ ବାଲିଅନ୍ତା, ପାହାଳ, ରଙ୍ଗବଜାର (ସତ୍ୟଭାମାପୁର), ଗୁଡ଼ିଆପୋଖରି (ବିଲିପଡା) ଓ ଝାରପଡାରେ ଗୃହୋପଯୋଗୀ ପ୍ଲଟ ବିକ୍ରିହେଉଛି। ଯୋଗାଯୋଗ: **8249870448.** D-13744

Plot for sale at Khandagiri, Hanspal, Trisulia, Nakhara, 9937816565, 9937568585. D-13835

**Twincity ର middle point ଫୁଲନଖରାରେ ଥିବା Delhi Public Schoolକୁ ଲାଗି ଘରବାରି boundary plots ସୁଲଭ ମୂଲ୍ୟରେ କିଣନ୍ତୁ ଏବଂ ସଙ୍ଗେ ସଙ୍ଗେ ଗୃହ ନିର୍ମାଣ କରନ୍ତୁ। 9124321519.** D-66758

Land available at Sisupalgarh 1k.m. from Lingaraj temple. Call: 9437033691. D-65678

**ଫୁଲନଖରାର Synergy Engineering College ସମ୍ମୁଖରୁ walkable distance ରେ ପିଚୁରାସ୍ତାକୁ ଲାଗି ଘରବାରି boundary plots ଶସ୍ତାରେ ମିଳୁଅଛି। 9938737955.** D-66756

Prime land on Puri Konark Marine Drive on NH (1st plot) 8000sqft. cost 150lakhs (negotiable), ideal for Lodge/Nursing home. Contact No.: 9338579645. D-65000

**Twincityର middle point ଫୁଲନଖରାରେ ଥିବା Delhi Public Schoolକୁ ଲାଗି ଘରବାରି boundary plots ସୁଲଭ ମୂଲ୍ୟରେ କିଣନ୍ତୁ ଏବଂ ସଙ୍ଗେ ସଙ୍ଗେ ଗୃହ ନିର୍ମାଣ କରନ୍ତୁ। 7978773097.** D-66757

Bhubaneswar ସୁନ୍ଦରପଦା କୁହାରେ sqft. 850/- ପ୍ଲଟ୍ କିଣି ଘର କରନ୍ତୁ। 9938016295. D-66177

2BR flats 1113-1400 sqft. for sale, AIIMS Hospital, Patrapada, Bhubaneswar. 8917665342, 9861444497. D-66176

**Bhubaneswar କଳ୍ପନାଛକଠାରୁ 11k.m. ଏବଂ ରଙ୍ଗବଜାର BJEM School-2 ଠାରୁ 3k.m. Gayatri College ପାଖରେ ଘରବାରି demarcated 30' ରାସ୍ତା ଏବଂ Electricity ସୁବିଧାଥାଇ immediate ଘର ଉପଯୋଗୀ ପ୍ଲଟ sqft. 415/- ରେ ମିଳୁଛି। 9937025111, 9437114429.** D-66759

BDA Plot 60', 30' road, ready for construction. Sft. 650/- ରେ ଭୁବନେଶ୍ୱର Pitapalli, NH sideରେ ମିଳୁଅଛି। Contact: 9348330874, 6371719107. D-13893

**Bhubaneswar Sundarpada Xavier backside sqft.135/- Gangapada 1200sqft. 3,60,000/- spot possession. 9348232008, 9938841730.** D-66760

ଭୁବନେଶ୍ୱର ଓ ପୁରୀ (BDA & PKDA) ଏରିଆ ଭିତରେ ପ୍ଲଟ, ଘର, ଆପାର୍ଟମେଣ୍ଟ, ସିମ୍ପ୍ଲେକ୍ସ, Duplex କିଣିବା/ ବିକ୍ରୟ କରିବାପାଇଁ ଯୋଗାଯୋଗ କରନ୍ତୁ। ପୁରୀରେ ଘରକରିବାପାଇଁ ସହଜ କିସ୍ତିରେ ପ୍ଲଟ୍ ବିକ୍ରୟ ଚାଲିଛି। ଯୋଗାଯୋଗ: 9438109040, 8144658008. D-13897

Book individual simplex house at Bhimatangi, near Lingaraj Station, Bhubaneswar. Price- 58.5lakh. Contact: 9861234908. D-67350

**Flats for sale at DHPL Crystal, Raghunathpur. Contact: 9937059891, 8908292617.** D-13901

Contact for complete simplex/duplex/triplex house construction with interior from the experts. Call: 7008550473. D-13908

**LEASE**

Land for lease- 8800sqft land on 60ft. road side to Daya Canal, Surangapur, Delang for agriculture/ commercial purpose. Contact: 8984543494, 8984541911. D-13898

**construction**

**Contact for interior design of ceiling, TV unit, wardrobe and modular kitchen from the experts. Call: 7008550473.** D-13806

**packers & movers**

Shivam logistic packers movers. Household/ car relocation countrywide. 9777044177, 9338461133. D-13903

**healthcare**

Fully refreshed / relaxed body massage by expert therapist, Shastri Nagar. 7377984773. D-67333

Rejuvenate and ayurvedic full body massage by smart therapist. 9114402304. D-67334

Thailand unisex massage experience luxurious hospitality home services. 7077335555. thailandunisexspa9853999966@gmail.com. D-59937

Herbal full body massage by smart / expert therapist. Contact: 8338067247. D-67346

Summer special mesmerizing offer expert therapeutic refreshing massage appointment. 9668374480. D-67347

Full body herbal massage with refreshment expert therapist. 7381239385, 06742540855. D-67348

Experience full body massage with us (expert). Call: 7377048581, 06742597822. D-67349

Newly open fullbody massage ladies and gents full service. 7682913255. D-38561

**astrology**

ଆଚାର୍ଯ୍ୟଜୀ ଗୋଲ୍ଡ ମେଡ଼ାଲିଷ୍ଟ। ସମସ୍ୟାର ତୁରନ୍ତ ସମାଧାନ। ବଶୀକରଣ, ପ୍ରେମବିବାହ, ପ୍ରେମରେ ପ୍ରତାରଣା, ସଉତୁଣୀ ଶତ୍ରୁମୁକ୍ତି, ପ୍ରେମିକ, ସ୍ୱାମୀ, ସନ୍ତାନ, ମନୋମାଳିନ୍ୟ। ସମସ୍ୟା ଯାହା ବି ହେଉ- 8054019023, 9779158760. D-13793


**ସ୍ମୃତିରେଖା ସିଂହାରୀଙ୍କ ଡକ୍ଟରେଟ ଲାଭ**



ସମ୍ପ୍ରତି ଆମିଟି ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗର ଅଧ୍ୟାପକ ସ୍ମୃତିରେଖା ସିଂହାରୀ Institute For Social And Economic Change, Bangalore ରୁ ଗବେଷଣା କରି ପିଏଚ୍.ଡି ଡିଗ୍ରୀ ହାସଲ କରିଛନ୍ତି। "Labour Market Discrimination in India: An Econometric Analysis" ଶୀର୍ଷକ ସନ୍ଦର୍ଭ ପ୍ରସ୍ତୁତ କରି ISEC, Bangalore ର ପ୍ରଫେସର ଡ. ମାଧେଶ୍ୱରନ୍‌ଙ୍କ ତତ୍ତ୍ୱାବଧାନରେ ଏ ଶ୍ରେୟ ହାସଲ କରିବା କ୍ଷେତ୍ରରେ ସେ ସଫଳକାମ ହୋଇଛନ୍ତି। ସେ ପିଏଚ୍.ଡି ଡିଗ୍ରୀ ନିମନ୍ତେ ମହୀଶୂର ବିଶ୍ୱବିଦ୍ୟାଳୟରେ ରେଜିଷ୍ଟର କରିଥିଲେ। ତାଙ୍କର ଗବେଷଣାଲବ୍ଧ ସଫଳତା ପାଇଁ ସ୍ୱର୍ଗତ ଜେଜେବାପା: ଜନ୍ମେଶ୍ୱର ସିଂହାରୀ, ଜେଜେମା: ପାର୍ବତୀ ସିଂହାରୀ, ଆଈ: ଶିବପ୍ରିୟା ଦିବ୍ୟା, ବାପା: ପୂର୍ଣ୍ଣଚନ୍ଦ୍ର ସିଂହାରୀ, ମାଆ: ବିଷ୍ଣୁପ୍ରିୟା ସିଂହାରୀ, ଭଉଣୀ, ଭାଇ, ତଥା ISEC, Bangalore ର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ବନ୍ଧୁବର୍ଗଙ୍କ ଆଶୀର୍ବାଦ ପାଇଁ କୃତଜ୍ଞତା ଜ୍ଞାପନ କରିଛନ୍ତି। ତାଙ୍କର ଏ ସଫଳତା ପାଇଁ ସେ ପରିବାରର ଇଷ୍ଟଦେବ ଶ୍ରୀଜଗନ୍ନାଥଙ୍କ ନିକଟରେ କୃତଜ୍ଞତା ଜଣାଇଛନ୍ତି। ଧ-୧୩୯୦୨

**Birthday Wish**



**Silva Smruti Hota**

It's your day..
Hey, it is your birthday and you should smile Birthday is truly special all the while all the gifts that you will get all the reasons that will make you happy celebrate this day with a cheer your birthday is special. Oh my dear make it memorable in your way. Today is indeed a very special day wishing you a very Happy Birthday. Have a nice day.

D-13904

**ପାଠକଙ୍କ ପାଇଁ ସୂଚନା:**

 କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଯାତ୍ରା କିମ୍ବା କଠୋର ପରିଶ୍ରମଜନିତ ଶାରୀରିକ କ୍ଳାନ୍ତି ଅନୁଭବ କରିପାରନ୍ତି। ବନ୍ଧୁମାନଙ୍କ ସମାଲୋଚନାର ଜବାବ ଦେବାକୁ ଯାଇ ସାମାଜିକ ସ୍ତରରେ ପ୍ରତିଯୋଗିତା ମନୋଭାବାପନ୍ନ ହେବେ। ଅତି ନିକଟରେ ରହୁଥିବା ବନ୍ଧୁଟି ଦ୍ୱାରା ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପନ୍ନ କରାଇପାରନ୍ତି।

**ବୃଷ** ସ୍ୱାସ୍ଥ୍ୟ ବିଶେଷ କିଛି ଖରାପ ନ ଥିଲେ ମଧ୍ୟ ବିଭିନ୍ନ ପ୍ରକାର ଘରୋଇ ଝମେଲା କାରଣରୁ ମନ ଭଲ ରହି ନ ପାରେ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ ତଥା ଲେଖାପଢ଼ା ଏବଂ ପ୍ରଶାସନ ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ, ନଚେତ୍ ହଜିଯିବାର ଆଶଙ୍କା ରହିଛି।

**ମିଥୁନ** ବହୁତ ଦିନରୁ ଅଟକି ରହିଥିବା କାମଗୁଡିକ ସୁବିଧାରେ ହୋଇଯିବ। ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ଆର୍ଥିକ ପରିସ୍ଥିତି ବଦଳାଇବା କିମ୍ବା କିଛି କରିବା ସକାଶେ ମନ ବଳାଇ କର୍ମମୁଖର ହେବେ। ସହକର୍ମୀଙ୍କ ସହଯୋଗ ପାଇ ଅସମ୍ପୂର୍ଣ୍ଣ କାର୍ଯ୍ୟ କିଛି ଅଂଶରେ ବଢ଼ିଚାଲିବ। ଶିଳ୍ପ, ବ୍ୟବସାୟ ଓ ପରିବହନରେ ଉନ୍ନତି କରିବେ।

**କର୍କଟ** ଅତୀତ କଥାକୁ ଚିନ୍ତାକରି ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେମିତି କିଛି ହେବନି। ନୂତନ କର୍ମାରମ୍ଭ, ଶିଳ୍ପ, ବ୍ୟବସାୟ ଓ ପରିବହନ ତଥା ନିର୍ମାଣରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। ଅର୍ଥହାନି ଯୋଗୁ ସାମୟିକ ଚିନ୍ତିତ ରହିବେ।

**ସିଂହ** ଅତି ଭଲ ସମ୍ପର୍କ ରହିଥିବା ବନ୍ଧୁଙ୍କ ନିମନ୍ତ୍ରଣ ପାଇ ଦୂରଯାତ୍ରା କରିବାକୁ ପଡ଼ିପାରେ। ଦେହ ଭଲ ରହିବ ମାତ୍ର କଠିନ ପରିଶ୍ରମଜନିତ କ୍ଳାନ୍ତିବୋଧ କରିପାରନ୍ତି। ଆଇନ, ଅଦାଲତ ଓ ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ବନ୍ଧୁ ଗହଣରେ ଅପ୍ରିୟ ସତ୍ୟ କହି ସହକର୍ମୀଙ୍କ ଚକ୍ଷୁଶୂଳ ହୋଇପାରନ୍ତି।

**କନ୍ୟା** ପୂର୍ବ ପ୍ରସ୍ତୁତି ନ ଥାଇ ମଧ୍ୟ ବନ୍ଧୁଙ୍କ ଅନୁରୋଧରେ କୌଣସି କାମ କରିବା ସକାଶେ ବାଧ ହୋଇପାରନ୍ତି। କୌଣସି ଖଳ ଲୋକଙ୍କ କଥାରେ ପଡି ଭୁଲ୍ ମାର୍ଗର ଅନୁସରଣ କରିପାରନ୍ତି। ହଠାତ୍ ଜଣେ ସହକର୍ମୀଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ। ମାଲି ମକଦ୍ଦମା, ସଭାସମିତି, ସଙ୍ଗଠନ, ନିର୍ମାଣ ଓ ପରିବହନ କ୍ଷେତ୍ରରୁ ଶୁଭଫଳ ପାଇବେ।

**ତୁଳା** ଆଜିର ପ୍ରତ୍ୟୁଷ ଯାତ୍ରାରେ ଅଭିଳଷିତ ଜିନିଷ ପାଇ ମନ ଖୁସୀ ହୋଇଯିବ। ପୂର୍ବ ଶତ୍ରୁତାକୁ ନେଇ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ପାଇବେ ନାହିଁ। ଶିଳ୍ପ, ବାଣିଜ୍ୟ, ରାଜନୀତି, କଳା, କ୍ରୀଡ଼ା, ଚଳଚ୍ଚିତ୍ର, ସାହିତ୍ୟ, ସାମ୍ବାଦିକତା ସ୍ତରରେ ସୁପ୍ରତିଷ୍ଠିତ ହୋଇପାରନ୍ତି। ବନ୍ଧୁଙ୍କ ସାହାଯ୍ୟରୁ ଅର୍ଥଲାଭ ଓ ବନ୍ଧୁମିଳନ ଅବଶ୍ୟ ଘଟିବ।

**ବିଛା** ଦୀର୍ଘଦିନର ଅଭିଳାଷ ପୂରଣ ହେବା କାରଣରୁ ମନ ପ୍ରଫୁଲ୍ଲ ରହିବ। ଆଲୋଚନା ପରିସରରେ ଟିକିଏ ଟିକିଏ କଥାରେ ଜ୍ୟେଷ୍ଠା ନକ୍ଷତ୍ରର ବନ୍ଧୁଙ୍କ ସହ ମନୋମାଳିନ୍ୟ ଘଟିବାର ସୂଚନା ରହିଛି। ଅପରାହ୍ନେ ଅର୍ଥ ଓ ସମ୍ମାନ ପାଇ ମନ ଖୁସୀ ହୋଇଯିବ। କଳା, ରାଜନୀତି, ସଙ୍ଗଠନ ଓ କ୍ରୀଡ଼ା, ଚଳଚ୍ଚିତ୍ରରେ ସମସ୍ୟା ଆପଣାଛାଏଁ ସମାଧାନ ହୋଇଯିବ।

**ଧନୁ** କର୍ମକ୍ଷେତ୍ରରେ ସହକର୍ମୀଙ୍କଠାରୁ ଭୁଲ୍ ଖବର ପାଇ ସାମୟିକ ଭାବେ ବିବ୍ରତ ହୋଇପାରନ୍ତି। ଭାଇବନ୍ଧୁଙ୍କ ସହାୟତାରେ ଅର୍ଥ ଓ ସମ୍ମାନ ପାଇବାର ସୁଯୋଗ ଜୁଟିବ। ଅନ୍ୟମନସ୍କତା ପରିହାର କରି ଯାତ୍ରାକାଳରେ ଯାନବାହନରେ ସତର୍କତା ରକ୍ଷା କରନ୍ତୁ। କୌଣସି ବ୍ୟକ୍ତି ନିକଟରେ ବାକି ରହିଥିବା ଟଙ୍କା ପାଇବାରେ ଅସୁବିଧା ହେବନାହିଁ।

**ମକର** ପାରିବାରିକ କ୍ଷେତ୍ରରେ ମାନସିକ ଅଶାନ୍ତି କ୍ରମଶଃ ବୃଦ୍ଧି ପାଇବା କାରଣରୁ ମନରେ ସରସତା ରହିବ ନାହିଁ। ବନ୍ଧୁ ମାନଙ୍କ ସହ ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ। ଆଇନ ଅଦାଲତ, ଜମିଜମା, ରପ୍ତାନି କାରବାରରେ ପ୍ରଶଂସିତ ହେବେ। ଈର୍ଷାପରାୟଣବଶତଃ କିମ୍ବା ଗର୍ବ ଅହଂକାର ଲାଗି ନିକଟ ସମ୍ପର୍କୀୟମାନେ ହତାଦର କରିପାରନ୍ତି।

**କୁମ୍ଭ** ବହୁ ଦିନ ହେଲା ଯେଉଁ ଜିନିଷଟି ନ ପାଇ ବ୍ୟସ୍ତ ହେଉଥିଲେ ଆଜି ତାହା ଅତି ସୁବିଧାରେ ପାଇପାରିବେ। ବିବାଦୀୟ ଘଟଣା କିମ୍ବା କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳପ୍ରାପ୍ତିର ସମ୍ଭାବନା ରହିଛି। ନୂତନ ଶିଳ୍ପ, ବ୍ୟବସାୟ ଓ ପରିବହନ କ୍ଷେତ୍ରରୁ ପ୍ରତିବନ୍ଧକ ଦୂରେଇଯିବ। ଆଲୋଚନା କାଳରେ ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ।

**ମୀନ** ବହୁତ ଦିନରୁ ଅଟକି ରହିଥିବା କାମଗୁଡ଼ିକ ସୁବିଧାରେ ସମ୍ପନ୍ନ ହେବାରୁ ଆନନ୍ଦ ଅନୁଭବ କରିବେ। ସାମାଜିକ କ୍ଷେତ୍ରରେ ଅର୍ଥ ଓ ସମ୍ମାନ ପାଇବାରେ ବିଶିଷ୍ଟବ୍ୟକ୍ତିମାନେ ସହାୟତା କରିପାରନ୍ତି। ନିର୍ମାଣ, ପରିବହନ, ସଭାସମିତି କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ। ପିଲାଙ୍କ ବିଶୃଙ୍ଖଳା ସକାଶେ ମନସ୍ତାପ କରିପାରନ୍ତି।

ଆଜି ଶ୍ରାବଣ ଶୁକ୍ଳ ଚତୁର୍ଦ୍ଦଶୀ ଯୁକ୍ତ ପୂର୍ଣ୍ଣିମା ବୁଧବାର, ଅଗଷ୍ଟ ୧୪ ତାରିଖ, ରାଶି ନକ୍ଷତ୍ର-ଶ୍ରବଣା/ମକର, ସିଂହ ରାଶିର ଘାତଚନ୍ଦ୍ର, କର୍କଟ ରାଶିର ଘାତବାର, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୬।୫୦ମି. ଗତେ ଘ୮।୨୯ମି. ମଧ୍ୟେ, ଘ୩।୦୫ମି. ଗତେ ଘ୪।୪୪ମି. ମଧ୍ୟେ ଅମୃତବେଳା। ସକାଳ ଘ୬।୫୦ମି. ମଧ୍ୟେ ଘ୧୦।୦୮ମି. ଗତେ, ଘ୧।୪୭ମି. ମଧ୍ୟେ ଘ୪।୪୪ମି. ଗତେ, ଘ୬।୦୫ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୧୧।୫୧ମି. ଗତେ ଘ୧।୨୭ମି. ମଧ୍ୟେ ରାହୁକାଳ।

**ସଂକ୍ଷେପରେ**

## ବାରୁଆଁ ଗାଁରୁ ଭାଲୁ ଛୁଆ ଉଦ୍ଧାର



**ଆନନ୍ଦପୁର,୧୩।୮(ସ୍ୱ.ପ୍ର.):** ଆନନ୍ଦପୁର ବ୍ଲକ କଂଟିପାଳ ପଞ୍ଚାୟତ ବାରୁଆଁ ଗ୍ରାମରୁ ମଙ୍ଗଳବାର ଏକ ଭାଲୁ ଛୁଆ ଉଦ୍ଧାର ହୋଇଛି। ସ୍ଥାନୀୟ ଜଙ୍ଗଲରୁ ଭାଲୁ ଛୁଆଟି ଗ୍ରାମକୁ ପଶିଆସିଥିଲା। ଆଉ ଫେରିପାରି ନ ଥିଲା। ଗ୍ରାମର ଲୋକେ ଭାଲୁ ଛୁଆକୁ ସୁରକ୍ଷିତ ରଖି ବନ ବିଭାଗକୁ ସୂଚନା ଦେଇଥିଲେ। ଆନନ୍ଦପୁର ବନ ବିଭାଗର ଏକ ଟିମ୍ ଭାଲୁ ଛୁଆକୁ ଉଦ୍ଧାର କରି କାଠିକଟା ନିକଟସ୍ଥ ସଂରକ୍ଷିତ ଜଙ୍ଗଲରେ ଛାଡ଼ିବାର ବ୍ୟବସ୍ଥା କରିଥିଲେ।

# ଇଦ୍-ଉଲ୍-ଜୁହା ଲାଗି ଖର୍ଚ୍ଚ ମାଗିବାରୁ 'ତଲାକ୍'

**ସୋର, ୧୩।୮(ଡି.ଏନ.ଏ.)**

ତିନି ତଲାକ୍‌କୁ ବେଆଇନ ଘୋଷଣା କରାଯାଇଛି। ଏହାକୁ ଅମାନ୍ୟ କଲେ ୩ ବର୍ଷ ଜେଲଦଣ୍ଡ ବିଧାନ ବ୍ୟବସ୍ଥା ହୋଇଛି। ଏହାସତ୍ତ୍ୱେ ବାଲେଶ୍ୱର ଜିଲା ଭୋଗରାଇ ଅଞ୍ଚଳରେ ଜଣେ ମୁସଲିମ ମହିଳା ରବିବାର ଏଭଳି ପରିସ୍ଥିତିର ସମ୍ମୁଖୀନ ହୋଇଥିବା ବେଳେ ମଙ୍ଗଳବାର ସୋର ମ୍ୟୁନିସିପାଲିଟି ପଠାଣମହଲା ଗ୍ରାମର ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ତଲାକ ଦେଇଛନ୍ତି। ସମ୍ପୃକ୍ତ ମହିଳା ଜଣକ ସୋର ବ୍ଲକ ପରିସରରେ ଚାଲିଥିବା ମିଳିତ ଅଭିଯୋଗ ଜନଶୁଣାଣି ଶିବିରରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଓ ଏସ୍‌ପି ବି. ଯୁଗଳ କିଶୋର କୁମାରଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଜିଲାପାଳ ଏହାର ତଦନ୍ତ କରିବାକୁ ସୋର ଥାନାଧିକାରୀ କ୍ଷମାସାଗର ପଣ୍ଡାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ୨୦୧୬ ମେ' ୨ ତାରିଖରେ ଭଦ୍ରକ ଜିଲା ଆଗରପଡ଼ା ଅଞ୍ଚଳର ନାସିର ଖାଁଙ୍କ ଝିଅ ରେସୋ ଖାତୁନ (୨୪) ସୋର ଥାନା ଅନ୍ତର୍ଗତ ପଠାଣମହଲା ଗ୍ରାମର ସହିମ ଖାଁଙ୍କୁ ବିବାହ କରିଥିଲେ। ବିବାହ ସମୟରେ ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ବିବାହର ୬ମାସ ପରେ ରେସୋଙ୍କୁ ଶାରୀରିକ ନିର୍ଯାତନା ଦିଆଯିବା ଆରମ୍ଭ ହୋଇଥିଲା। ଏପରିକି ଶାରୀରିକ ନିର୍ଯାତନା ଯୋଗୁ ତାଙ୍କର ଗର୍ଭପାତ ହୋଇଯାଇଥିଲା। ଏନେଇ ଗ୍ରାମର ଭଦ୍ରବ୍ୟକ୍ତିଙ୍କ ସହାୟତାରେ ବୈଠକ ବସି ବାରମ୍ବାର ଏହି ବିବାଦର ସମାଧାନ କରାଯାଇଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ଶ୍ୱଶୁର କୟୁମ ଖାଁ , ଶାଶୁ ରାଜିଆ ବିବି ମଧ୍ୟ ବୋହୂ ରେସୋଙ୍କୁ ଅତ୍ୟାଚାର କରିଚାଲିଥିଲେ। ଶେଷରେ ରେସୋ ବାପଘରକୁ ପଳାଇ ଯାଇଥିଲେ। ପରେ ସେ ଶ୍ୱଶୁର ଘରକୁ ଆସି ଏକୁଟିଆ ଚଳୁଥିଲେ। ଅନ୍ୟପକ୍ଷରେ ସ୍ୱାମୀ ସହିମ ଅନ୍ୟ ଜଣେ ଝିଅ ସହିତ ସମ୍ପର୍କ ରଖିବା ସହ ଭଉଣୀ ଘରେ ରହୁଥିବା ରେସୋ ଅଭିଯୋଗ କରିଛନ୍ତି। ସ୍ୱାମୀ ସହିମ ୨୦୧୭ ଡିସେମ୍ବର ୨୨ ତାରିଖ, ୨୦୧୮ ଜାନୁୟାରୀ ୨୨ ତାରିଖ ଓ ଫେବୃୟାରୀ ୨୨ ତାରିଖରେ ଏକ କାଗଜ ଯୋଗେ ତିନିଥର ତଲାକ ଲେଖି ପତ୍ନୀ ରେସୋଙ୍କୁ ଦେଇଛନ୍ତି। ଏବେ ରେସୋ ଏକୁଟିଆ ଶ୍ୱଶୁର ଘରେ ରହୁଥିବା ବେଳେ ସୋମବାର ଇଦ୍-ଉଲ୍-ଜୁହା ପାଳନ ପାଇଁ ସ୍ୱାମୀ ସହିମଙ୍କ ଦୋକାନକୁ ଖର୍ଚ୍ଚ ମାଗିବାକୁ ଯାଇଥିଲେ। ସେଠାରେ ସ୍ୱାମୀ ସହିମ ରେସୋଙ୍କୁ ତିନିଥର ତଲାକ, ତଲାକ, ତଲାକ କହିବା ସହିତ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏନେଇ ରେସୋ ତାଙ୍କ ଓକିଲ କାହ୍ନୁଚରଣ ବେହେରାଙ୍କ ସହାୟତାରେ ମଙ୍ଗଳବାର ଅପରାହ୍ନରେ ସୋର ଥାନାରେ ପହଞ୍ଚିଛନ୍ତି। ପୋଲିସ ଏନେଇ ତଦନ୍ତ ଆରମ୍ଭ କରିଛି।



ରେସୋ ଖାତୁନ

**ଜିଲା ଟିଠି**

**କଟକ**



## କଟକ ପାଇଁ ଡର ବାହାର ଅପରାଧୀ

ଐତିହ୍ୟନଗରୀ କଟକରେ ଗତମାସରେ ଘଟିଥିଲା ୪ ହତ୍ୟାକାଣ୍ଡ। ଜୁଲାଇ ୧ରେ ଗୋଟିଏ ଏବଂ ସେହିମାସ ୨୩ ଓ ୨୪ ତାରିଖରେ ଆଉ ୩ଟି ସିରିଜ ହତ୍ୟାକାଣ୍ଡ ଘଟିଥିଲା। ବିଶେଷ କରି ୨୪ ଘଣ୍ଟା ଭିତରେ ୩ଜଣଙ୍କୁ ଗଳାକାଟି ହତ୍ୟା ଘଟଣା କିଛିଦିନ ଧରି ସହରବାସୀଙ୍କୁ ଡରେଇ ରଖିଥିଲା। ରାତି ୧୦ ବାଜିବା ମାତ୍ରେ ଦୋକାନବଜାର ବନ୍ଦ, ସବୁ ଛକ ଶୁନଶାନ। ମୁଖ୍ୟ ଛକଗୁଡ଼ିକରେ ଜୋରଦାର ପାଟ୍ରୋଲିଂ କରାଯାଇଥିଲା। ଜୁଲାଇ ୧ରେ ଘଟିଥିବା ଶୁଭ୍ରାଂଶୁ ଶତପଥୀ ହତ୍ୟାକାଣ୍ଡର ଅଭିଯୁକ୍ତଙ୍କୁ ପୋଲିସ ବାନ୍ଧି ସାରିଲାଣି। ଏହାଛଡ଼ା ୩ଜଣଙ୍କ ଗଳାକାଟି ହତ୍ୟା ଘଟଣାରେ ପୋଲିସ ୨ଟି ମାମଲାରେ ଜଣଙ୍କୁ ଗିରଫ କରିଥିବା ବେଳେ ଏବେ ବି ଆଡୁଆଳରେ ଅଛି ଗୋଟିଏ ମାମଲା। ମୁଖ୍ୟକଥା ଏହା ଯେ, ଶୁଭ୍ରାଂଶୁ ହତ୍ୟାକାଣ୍ଡ ମାମଲାରେ ୪ ଅଭିଯୁକ୍ତଙ୍କ ମଧ୍ୟରୁ ୨ଜଣ କଟକ ବାହାରର ବ୍ୟକ୍ତି। ସେମାନେ ମଦ୍ୟପାନ କରି ସାମାନ୍ୟ କେଇଟା ଟଙ୍କା ଲୋଭରେ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳର ଶୁଭ୍ରାଂଶୁଙ୍କୁ ହତ୍ୟା କରିଥିଲେ। ସେହିପରି ସିରିଜ ହତ୍ୟାକାଣ୍ଡର ଅଭିଯୁକ୍ତ ନାରାୟଣ ସାହୁଙ୍କ ଘର ନୟାଗଡ଼ରେ ଓ ସେ ହତ୍ୟା କରିଥିବା ୨ଜଣ ବ୍ୟକ୍ତିଙ୍କ ପରିଚୟ ଏବେ ବି ଅସ୍ପଷ୍ଟ। ପୂର୍ବ ଶତ୍ରୁତାକୁ ନେଇ ଏହି ହତ୍ୟାକାଣ୍ଡ ହୋଇଥିଲା। ସବୁ ଘଟଣା ପଛରେ କଟକ ସହ ଅପରାଧୀମାନଙ୍କ ସିଧା କୌଣସି ସମ୍ପର୍କ ନାହିଁ। ସାହି ବିବାଦ, ଦାଦାବଟିକୁ କେନ୍ଦ୍ରକରି କଟକରେ ପୂର୍ବରୁ ଯେମିତି ମୁଣ୍ଡ ଗଡୁଥିଲା ତାହା ବହୁମାତ୍ରାରେ କମିଛି। ସହରର ଜଣାଶୁଣା ବ୍ୟକ୍ତି ହିଁ ପୂର୍ବରୁ ଟାର୍ଗେଟ ହେଉଥିଲେ। ହେଲେ ଏବେ ବାହାର ଅଞ୍ଚଳ ଲୋକ ହତ୍ୟାର ଶିକାର ହେଉଛନ୍ତି। ଅଭିଯୁକ୍ତମାନେ ମଧ୍ୟ ପ୍ରାୟତଃ ବାହାର ଅଞ୍ଚଳର, ଯାହା ପରୋକ୍ଷ ଭାବେ କଟକର ଶାନ୍ତ ତଥା ଭାଇଚାରାର ପରିବେଶକୁ କ୍ଷତି ପହଞ୍ଚାଇଛି। ଆଉ କିଛି ଦିନ ପରେ ପାର୍ବଣର ଆସର ଜମିବ। ପୂର୍ବରୁ ପାର୍ବଣରେ ଅନେକ ଅପରାଧର ମୂକସାକ୍ଷୀ କଟକ ପାଲଟିଛି। ଏଣୁ ପାର୍ବଣ ଋତୁରେ ଆଇନଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିବା ପୋଲିସ ପାଇଁ ଚ୍ୟାଲେଞ୍ଜିଂ ହେବ। କହିବାକୁ ଗଲେ କଟକବାସୀଙ୍କ ପାଇଁ ଡର ପାଲଟି ଯାଇଛନ୍ତି ବାହାର ଅପରାଧୀ।

– କୁମାରଶ୍ରୀ ସାହୁ

# ୩ଥର ଚମ୍ପଟ ମାରିଥିବା ବିଚାରାଧୀନ କଏଦୀ ଗିରଫ

**ଭାପୁର,୧୩।୮(ଡି.ଏନ.ଏ)**

ଜେଲ ହାଜତରେ ବିଚାରାଧୀନ କଏଦୀ ଭାବେ ଥିବା ଜଣେ ଯୁବକ ୩ ମାସ ମଧ୍ୟରେ ୩ ଥର ଚମ୍ପଟ ମାରିଥିଲେ। ଏହା ଜେଲ କର୍ମଚାରୀ ଓ ପୋଲିସ ପାଇଁ ମୁଣ୍ଡବିନ୍ଧାର କାରଣ ହୋଇଥିଲା। ମଙ୍ଗଳବାର ସମ୍ପୃକ୍ତ କଏଦୀଙ୍କୁ ଗିରଫ କରାଯାଇଛି। ସେ ହେଲେ ନୟାଗଡ଼ ଜିଲା ଫତେଗଡ଼ ଥାନା କରବର ଗ୍ରାମର ତପନ କୁମାର ରାଉତ (୨୭)। ସେ ଏକ ବଳାତ୍କାର ମାମଲାରେ ଗିରଫ ହୋଇ ଖଣ୍ଡପଡ଼ା ଜେଲ ହାଜତରେ ଥିଲେ। ତେବେ ସମ୍ପୃକ୍ତ କଏଦୀ ଅତି ଚତୁରତାର ସହ ଜୁନ୍ ୧୦ ତାରିଖରେ ପ୍ରଥମେ ଖଣ୍ଡପଡ଼ା ଜେଲରୁ ଚମ୍ପଟ ମାରିଥିଲେ। ପୋଲିସ ତାଙ୍କୁ ଗିରଫ କରି ପୁଣି ଜେଲ ହାଜତକୁ ପଠାଇଦେଇଥିଲା। ମାତ୍ର ପୁନର୍ବାର ଚଳିତ ମାସ ୩ ତାରିଖରେ ଖଣ୍ଡପଡ଼ା ଜେଲରୁ ସେ ଖସି ପଳାଇଥିଲେ। ଏହି ଘଟଣାରେ ୨ ଜଣ ଜେଲ କର୍ମଚାରୀ ନିଲମ୍ବିତ ହୋଇଥିଲେ। କଏଦୀ ତପନଙ୍କୁ ପୋଲିସ ଗିରଫ କରି ପୁଣି ଥରେ ଜେଲରେ ରଖିଥିବା ବେଳେ ଗତ ୯ ତାରିଖରେ ଭାପୁର କୋର୍ଟରେ ହାଜର ପାଇଁ ଆଣିଥିଲା। କୋର୍ଟ କାର୍ଯ୍ୟ ଶେଷ ପରେ ତାଙ୍କୁ ପୋଲିସ ଭ୍ୟାନରେ ବସାଇବା ପାଇଁ ନିଆଯାଉଥିବାବେଳେ ପୋଲିସକୁ ଧକ୍କା ମାରି ସେ ତୃତୀୟ ଥର ପାଇଁ ଫେରାର ହୋଇଯାଇଥିଲେ। ଏହି ଘଟଣାରେ ନୟାଗଡ଼ ଏସ୍‌ପି ୫ଜଣ ପୋଲିସ କର୍ମଚାରୀଙ୍କୁ ନିଲମ୍ବନ କରିଥିଲେ। ଶେଷରେ ଅଭିଯୁକ୍ତ ତପନଙ୍କୁ ମଙ୍ଗଳବାର ମଧ୍ୟାହ୍ନରେ ଫତେଗଡ଼ ଥାନା ଆଇଆଇସି ନିରଞ୍ଜନ ଧିର ସଦଳବଳ ଚଢ଼ାଉ କରି ପଦ୍ମାବତୀ ଗ୍ରାମ ମୁଣ୍ଡରେ ଥିବା ବୁଦାଳିଆ ସ୍ଥାନରୁ ଗିରଫ କରିଛନ୍ତି।



ତପନ କୁମାର ରାଉତ

**ନିଲମ୍ବିତ ହୋଇଥିଲେ ୭ପୋଲିସ କର୍ମଚାରୀ**

# ଜଳଭଣ୍ଡାର ମଝିରେ ଡଙ୍ଗା ଅଚଳ, ଅଳ୍ପକେ ବର୍ତ୍ତିଲେ ୧୫ ଯାତ୍ରୀ

**କଲମପୁର/ଭବାନୀପାଟଣା,୧୩।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ କଣାସୁକୁଲି ଡଙ୍ଗାଘାଟରୁ ୧୫ ଜଣ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ଡଙ୍ଗା ଯାନ୍ତ୍ରିକ ତ୍ରୁଟି ଯୋଗୁ ଇନ୍ଦ୍ରାବତୀ ଜଳଭଣ୍ଡାର ମଝିରେ ଫସି ରହିଥିଲେ। ଡଙ୍ଗା ଚାଳକଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ଯାତ୍ରୀମାନେ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ଖବର ଅନୁସାରେ, ମଙ୍ଗଳବାର ମାଳିଗାଁ ପଞ୍ଚାୟତ କଣାସୁକୁଲି ଡଙ୍ଗାଘାଟରୁ ତଳନାପି ପଞ୍ଚାୟତ ଲୁଟୁକୁଲି ଘାଟ ଅଭିମୁଖେ ଯାଉଥିବା ଡଙ୍ଗାରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା। ଡଙ୍ଗା ଇନ୍ଦ୍ରାବତୀ ଜଳଭଣ୍ଡାର ମଝିରେ ଅଚଳ ହୋଇପଡିଥିଲା। ଫଳରେ ଦୀର୍ଘ ୨ ଘଣ୍ଟା ଧରି ୧୫ ଜଣ ଯାତ୍ରୀ ଫସି ରହିଥିଲେ। ଡଙ୍ଗା ଚାଳକ ଜୟ ଗଉଡ କୌଶଳକ୍ରମେ ଡଙ୍ଗାକୁ ଏକ ଟାପୁକୁ ନେଇଯାଇଥିଲେ। ଏହି ସମୟରେ ପାଖାପାଖି ୫ କି.ମି. ଦୂରରେ ଯାଉଥିବା ଏକ ଡଙ୍ଗାକୁ ଦେଖି ଜୟ ସଙ୍କେତ ଦେଇଥିଲେ। ଉକ୍ତ ଡଙ୍ଗା ସେଠାରେ ପହଞ୍ଚିବା ପରେ ଯାତ୍ରୀମାନେ ସେଥିରେ କୂଳକୁ ନେଇ ଆସିଥିଲେ। ଡଙ୍ଗାରେ ଗୋପୀନାଥପୁର ପଞ୍ଚାୟତ ଓ ମାଳିଗାଁ ପଞ୍ଚାୟତର ୪ ଜଣ ମହିଳାଙ୍କ ସମେତ ୧୧ ଜଣ ପୁରୁଷ ରହିଥିଲେ।

# ନାବାଳିକା ଗାଧୋଇବା ବେଳେ ଭିଡିଓ ରେକର୍ଡିଂ କରି ଯୁବକ ଗିରଫ

**ବାରିପଦା ଅଫିସ,୧୩।୮**

ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କ ଗାଧୁଆ ସମୟର ଦୃଶ୍ୟ ମୋବାଇଲରେ ରେକର୍ଡିଂ କରି ଜଣେ ଯୁବକ ଗିରଫ ହୋଇଛନ୍ତି। ପୋଲିସ ତାଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ବାଙ୍ଗିରିପୋଷି ଥାନା କୁମ୍ଭାର ମୁଣ୍ଡାକଟା ଗ୍ରାମର ସୋନୁ ପାତ୍ର (୨୦)। ଟାଉନ ଥାନାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ କେ.ପି ପଟ୍ଟନାୟକ ଏହି ସୂଚନା ଦେଇଛନ୍ତି।

ପୋଲିସ କହିବା ଅନୁଯାୟୀ, ବାରିପଦା ସହରର ଜଣେ ବ୍ୟକ୍ତିଙ୍କ ଘରେ ସୋନୁ ଭଡ଼ାରେ ରହି ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ସୋମବାର ରାତି ପ୍ରାୟ ୮ଟା ବେଳେ ଉକ୍ତ ୱାର୍ଡର ଜଣେ ନାବାଳିକା ତାଙ୍କ ଗାଧୁଆ ଘରେ ଗାଧୋଉଥିଲେ। ଏହି ସମୟରେ ସୋନୁ ଗାଧୁଆ ଘରର ଆଜବେଷ୍ଟ ଛାତକୁ ଚଢି ସେଠାରେ ଥିବା କଣାରେ ନାବାଳିକା ଗାଧୋଇବା ସମୟର ଦୃଶ୍ୟ ନିଜ ମୋବାଇଲରେ ରେକର୍ଡିଂ କରୁଥିଲେ। ନାବାଳିକା ଏହା ଜାଣିପାରି ପାଟି କରିଥିଲେ। ପରିବାର ଓ ପଡ଼ୋଶୀ ଲୋକେ ଧାଇଁ ଆସି ସୋନୁଙ୍କୁ କାବୁକରି ବାରିପଦା ଟାଉନ ପୋଲିସ ଜିମା ଦେଇଥିଲେ। ତଦନ୍ତ ବେଳେ ସୋନୁଙ୍କ ମୋବାଇଲରେ ଏକାଧିକ ମହିଳା ଓ ଯୁବତୀମାନଙ୍କ ଗାଧୋଇବା ତଥା ଆପତ୍ତିଜନକ ଦୃଶ୍ୟ ରେକର୍ଡିଂ ହୋଇଥିବା ଜଣାପଡ଼ିବାରୁ ପୋଲିସ ଏହାକୁ ଜବତ କରିଛି। ଉକ୍ତ ମୋବାଇଲକୁ ପରୀକ୍ଷା ପାଇଁ ଲ୍ୟାବକୁ ପଠାଯିବ ବୋଲି ଏସଡିପିଓ ପଟ୍ଟନାୟକ କହିଛନ୍ତି। ନାବାଳିକାଙ୍କ ବାପାଙ୍କ ଅଭିଯୋଗ ମୁତାବକ ପୋଲିସ ଏକ ମାମଲା (ନଂ.୧୭୫/୧୯) ରୁଜୁ କରିଛି। ପୋଲିସ ପକ୍ଷରୁ ଆୟୋଜିତ ଏହି ଖବରଦାତା ସମ୍ମିଳନୀରେ ବାରିପଦା ଟାଉନ ଥାନା ଅଧିକାରୀ ଅଶୋକ କୁମାର ନାୟକ ଉପସ୍ଥିତ ଥିଲେ।



ଗିରଫ ସୋନୁ ପାତ୍ର

- ଲୋକେ ଅଭିଯୁକ୍ତଙ୍କୁ କାବୁକରି ପୋଲିସ ଜିମା ଦେଲେ
- ଜବତ ମୋବାଇଲରେ ଏକାଧିକ ମହିଳା ଓ ଯୁବତୀଙ୍କ ଆପତ୍ତିଜନକ ଦୃଶ୍ୟ

## ■ ସ୍ତ୍ରୀଙ୍କୁ ହତ୍ୟା ମାମଲା

# ଅଭିଯୁକ୍ତ ସ୍ୱାମୀଙ୍କୁ ୭ବର୍ଷ ଜେଲ୍

**କଟକ ଅଫିସ୍, ୧୩।୮**

ସ୍ତ୍ରୀଙ୍କୁ ତଣ୍ଟି ଚିପି ହତ୍ୟା କରିବା ମାମଲାରେ କଟକ ଅତିରିକ୍ତ ଜିଲା ଦୌରାଜଜ୍-୩ ବନ୍ଦନା କର ମଙ୍ଗଳବାର ଅଭିଯୁକ୍ତ ସ୍ୱାମୀଙ୍କୁ ୭ବର୍ଷ କାରାଦଣ୍ଡ ଓ ୧୦ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ୬ମାସ ଜେଲ୍‌ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି। ଏହି ମାମଲାରେ ସରକାରଙ୍କ ପକ୍ଷରୁ ୨୧ଜଣ ସାକ୍ଷୀ ଓ ମୁଦାଲାଙ୍କ ତରଫରୁ ୪ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ବିଚାରପତି ଆଇପିସି ଧାରା ୩୦୪ (୨) ଅନୁଯାୟୀ ଅଭିଯୁକ୍ତ ଦେବୀପ୍ରସାଦ ତ୍ରିପାଠୀଙ୍କୁ ଏହି ଦଣ୍ଡରେ ଦଣ୍ଡିତ କରିଛନ୍ତି। ତେବେ ତାଙ୍କ ମା' ମନୋରମା ତ୍ରିପାଠୀଙ୍କୁ ଦୋଷମୁକ୍ତ କରିଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ ଯେ, କଟକ ବାଦାମବାଡ଼ି ଥାନା ଅଞ୍ଚଳର ଶ୍ରୀରାମନଗରସ୍ଥ ଦେବୀ ପ୍ରସାଦ ଗତ ୨୦୧୩ ମେ ୧୨ରେ ଭୁବନେଶ୍ୱର ଜୟଦେବବିହାର ଅଞ୍ଚଳର ପ୍ରଜ୍ଞା ପାରମିତା ମିଶ୍ରଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ଦେବୀପ୍ରସାଦ ଝୋଲାସାହିସ୍ଥିତ ଏଚ୍‌ଡିଏଫ୍‌ସି ବ୍ୟାଙ୍କରେ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିବାବେଳେ ପ୍ରଜ୍ଞା ଭୁବନେଶ୍ୱର ଜଳସେଚନ ବିଭାଗରେ କାର୍ଯ୍ୟ କରୁଥିଲେ। ତେବେ ବିବାହ ପରଠାରୁ ଉଭୟଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା। ୨୦୧୫ ଜାନୁୟାରୀରେ ଉଭୟେ ବୈଷ୍ଣୋଦେବୀ ଦର୍ଶନ ପାଇଁ ଯାଇଥିଲେ। ୨୦୧୫ ଜାନୁୟାରୀ ୨୬ରେ ଦୁହେଁ ବୈଷ୍ଣୋଦେବୀ ଦର୍ଶନ ସାରି ଫେରିବା ପରେ ଘରେ ଉଭୟଙ୍କ ମଧ୍ୟରେ ପ୍ରବଳ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଦେବୀପ୍ରସାଦ ପ୍ରଜ୍ଞାଙ୍କ ତଣ୍ଟି ଚିପି ଦେଇଥିଲେ। ଫଳରେ ପ୍ରଜ୍ଞାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହାପରେ ଦେବୀପ୍ରସାଦ ବାଦାମବାଡ଼ି ଥାନାରେ ଆତ୍ମସମର୍ପଣ କରିଥିଲେ। ସେହିପରି ପ୍ରଜ୍ଞାଙ୍କ ପରିବାର ପକ୍ଷରୁ ଦେବୀପ୍ରସାଦ ଓ ତାଙ୍କ ମା' ମନୋରମା ତ୍ରିପାଠୀଙ୍କ ବିରୋଧରେ କଟକ ମହିଳା ଥାନାରେ ଯୌତୁକଜନିତ ହତ୍ୟା ନେଇ ଏକ ଅଭିଯୋଗ ଦାଖଲ କରାଯାଇଥିଲା। ବାଦାମବାଡ଼ି ପୋଲିସ ୪୯୮ (ଏ), ୩୦୪ (ବି), ୩୦୨, ୩୪ ଆଇପିସି ଅନୁଯାୟୀ ଅଭିଯୁକ୍ତ ଦେବୀପ୍ରସାଦଙ୍କୁ କୋର୍ଟ ଚାଲାଣ କରିଥିଲା। ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ବିଜୟ କୁମାର ମହାନ୍ତି ମାମଲା ପରିଚାଳନା କରିଥିଲେ।

**IN THE COURT OF SENIOR CIVIL JUDGE, TALCHER**

**Mat case No- 118/2019**

Sujit Kumar Pradhan, aged about 34 yrs, S/o Sadananda Pradhan, Village- Khandadhuan, PS- Kundheigola, Dist- Deogrh.
-Petitioner

Versus

Subhashree Sahoo, aged about 24 yrs, W/o Sujit Kumar Pradhan, D/o Hadibandhu Sahu, Village- Khandadhuan, PS- Kundheigola, Dist- Deogarh, At/Po-Village: Kalamchhuin, PS- Colliery, Dist- Angul
-Respondent

**Notice under order 5 Rule 20 CPC**

The above noted case filed by the petitioner against you u/s 13 of Hindu Marriage Act seeking divorce stands posted 18.09.19 for filing written statement/ hearing. Hence notice is hereby given to you to appear in person or through counsel for filing Written statement on the date, time fixed before this court, failing which, the matter will be heard ex-parte.

Sd./-
Sr. Civil Judge, Talcher




**नालको NALCO**
National Aluminium Company Limited
(A Government of India Enterprise)

Nalco Bhawan, P/1, Nayapalli, Bhubaneswar-751013, Odisha, India
(CIN: L27203OR1981GOI000920)
A NAVRATNA COMPANY

स्वच्छ भारत
एक कदम स्वच्छता की ओर

**EXTRACTS OF FINANCIAL RESULTS FOR THE QUARTER ENDED 30TH JUNE, 2019** (Rs. in Crore)

| Sl. No. | Particulars | Standalone | | | | Consolidated | | | |
|---|---|---|---|---|---|---|---|---|---|
| | | Quarter Ended | | | Year Ended | Quarter Ended | | | Year Ended |
| | | 30.06.2019 (Unaudited) | 31.03.2019 (Audited) | 30.06.2018 (Unaudited) | 31.03.2019 (Audited) | 30.06.2019 (Unaudited) | 31.03.2019 (Audited) | 30.06.2018 (Unaudited) | 31.03.2019 (Audited) |
| 1. | Total Income from Operations | 2,084.08 | 2,766.20 | 2,973.31 | 11,499.32 | 2,084.08 | 2,766.20 | 2,973.31 | 11,499.32 |
| 2. | Net Profit/(Loss) for the Period (before Tax, Exceptional and/or Extraordinary items) | 147.72 | 494.33 | 950.93 | 2,739.92 | 147.72 | 494.33 | 950.93 | 2,739.92 |
| 3. | Net Profit/(Loss) for the period before Tax (after Exceptional and/or Extraordinary items) | 147.72 | 403.32 | 1,041.94 | 2,739.92 | 147.81 | 403.29 | 1,042.11 | 2,741.21 |
| 4. | Net Profit/(Loss) for the period after Tax (after Exceptional and/or Extraordinary items) | 97.78 | 233.59 | 687.05 | 1,732.40 | 97.87 | 233.56 | 687.22 | 1,733.69 |
| 5. | Total Comprehensive Income for the period Comprising Profit/Loss for the period (after tax) and Other Comprehensive Income (after tax) | 97.29 | 204.86 | 689.31 | 1,732.25 | 97.38 | 204.83 | 689.48 | 1,733.54 |
| 6. | Equity Share Capital | 932.81 | 932.81 | 966.46 | 932.81 | 932.81 | 932.81 | 966.46 | 932.81 |
| 7. | Reserves (excluding Revaluation Reserve) as shown in the Audited Balance Sheet of the previous year | - | - | - | 9,551.70 | - | - | - | 9,552.13 |
| 8. | Earnings Per Share (before extraordinary items) (of Rs. 5/- each) (not annualised) : | | | | | | | | |
| | 1. Basic | 0.52 | 1.25 | 3.55 | 9.06 | 0.52 | 1.25 | 3.56 | 9.07 |
| | 2. Diluted | 0.52 | 1.25 | 3.55 | 9.06 | 0.52 | 1.25 | 3.56 | 9.07 |

The above is an extract of the detailed format of Quarterly Financial Results filed with the Stock Exchanges under Regulation 33 of the SEBI (Listing Obligations and Disclosure Requirements) Regulations, 2015. The full format of the above Financial Results are available on the Stock Exchange websites, **www.nseindia.com** and **www.bseindia.com** and Company's website, **www.nalcoindia.com**.

**Note :**
1. The Financial Results have been reviewed by the Audit Committee and approved at the meeting of the Board of Directors held on 13th August,2019. Limited review as required under Regulation 33 of the SEBI (Listing Obligation and Disclosure Requirements) Regulations, 2015 has been carried out by the Statutory Auditors of the Company.
2. With effect from April 1, 2019 the Company adopted Ind As 116'Leases', applied to all lease contracts existing as on April 1, 2019 using the modified retrospective method recognising right-of-use asset at an amount equal to the adjusted lease liability. Accordingly, comparatives for the year ended March 31, 2019 have not been restated retrospectively.
3. Figures pertaining to previous periods have been regrouped, recasted and rearranged, wherever necessary.

**Place : New Delhi**
**Dated : 13th August, 2019**

**(Dr. T.K. Chand)**
**Chairman-cum-Managing Director**



ନମ୍ର ହେବା ଅର୍ଥ ହେଲା- ମନରେ, ପ୍ରାଣରେ ଏବଂ ଶରୀରରେ ସର୍ବଦା ସଚେତନ ରହିବା ଯେ, ଭଗବାନଙ୍କୁ ଛାଡି କିଛି ଜାଣି ହେବ ନାହିଁ- ନିଜର ଅସ୍ତିତ୍ୱ ପର୍ଯ୍ୟନ୍ତ ରହିବ ନାହିଁ ଓ କିଛି କାର୍ଯ୍ୟ କରିହେବ ନାହିଁ। ଭଗବାନଙ୍କ ବ୍ୟତୀତ ମଣିଷ କେବଳ ଅଜ୍ଞାନ, ଶକ୍ତିହୀନ ଓ ଅବ୍ୟବସ୍ଥିତ।
-ଶ୍ରୀମା



# ସିଏସ୍‌ଆର୍ ପାଇଁ ଦଣ୍ଡ

ନିକଟରେ ଭାରତୀୟ ପାର୍ଲାମେଣ୍ଟ କମ୍ପାନୀ ଆଇନରେ କେତେକ ସଂଶୋଧନ ଆଣିଛି। କମ୍ପାନୀ (ସଂଶୋଧନ) ଆଇନ ୨୦୧୯ରେ ଅନ୍ୟତମ ମୁଖ୍ୟ ଦିଗ ଯାହା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି, ତାହା ହେଲା କମ୍ପାନୀ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍)। ଏଥିରେ କୁହାଯାଇଛି ଯେ, ସିଏସ୍‌ଆର୍ ସର୍ତ୍ତ ଉଲ୍ଲଂଘନ କରୁଥିବା କମ୍ପାନୀକୁ ଅପରାଧୀ ଭାବେ ଘୋଷଣା କରାଯିବା ସହ ଜରିମାନା ପରିମାଣ ୫୦ ହଜାର ଟଙ୍କାରୁ ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରହିବ। ସେହିଭଳି କମ୍ପାନୀ ଅଧିକାରୀଙ୍କୁ ୩ ବର୍ଷ ଜେଲଦଣ୍ଡ କିମ୍ବା ଜରିମାନା ବାବଦରେ ୫୦ ହଜାର ଟଙ୍କାରୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆଦାୟର ବ୍ୟବସ୍ଥା କରାଯାଇଛି ଏବଂ ସ୍ଥଳବିଶେଷରେ ଉଭୟ ଦଣ୍ଡ ଲାଗୁ ହୋଇପାରେ। ଶିଳ୍ପ ଜଗତ ସରକାରଙ୍କ ଏଭଳି ନିୟମକୁ ପ୍ରତ୍ୟାହାର କରିନେବା ପାଇଁ ଅଡ଼ି ବସିଛି। ବିଶେଷକରି ଜେଲଦଣ୍ଡ ଅଧିକ କଠୋର ହୋଇଯାଉଛି ବୋଲି ଅଭିଯୋଗ ହୋଇଛି। କର୍ପୋରେଟ୍ କ୍ଷେତ୍ରର ଏଭଳି ଦାବିକୁ ବିଚାର କରାଯିବ ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ କହିଛନ୍ତି।

ସିଏସ୍‌ଆର୍ ହେଉଛି କମ୍ପାନୀର ଏକ ବ୍ୟବସାୟିକ ପଦକ୍ଷେପ, ଯାହା ଦ୍ୱାରା ସାମାଜିକ ମଙ୍ଗଳ କାର୍ଯ୍ୟ କରାଯାଇଥାଏ। ସମାଜର ନିରନ୍ତର ଅଭିବୃଦ୍ଧି ଓ ବିକାଶ ଦିଗରେ ସିଏସ୍‌ଆର୍ ଏକ ସମନ୍ୱୟ ଆଣିଥାଏ। ଧରାଯାଉ କୌଣସି ଅଞ୍ଚଳରେ ଏକ କାରଖାନା ପ୍ରତିଷ୍ଠା କରାଯାଇଛି। ସେଥିରୁ ନିର୍ଗତ ଧୂଆଁ ଓ ବର୍ଜ୍ୟବସ୍ତୁ ସମ୍ପୃକ୍ତ ଅଞ୍ଚଳର ଲୋକଙ୍କ ଉପରେ ପ୍ରଭାବ ପକାଇବା ସ୍ୱାଭାବିକ। ବ୍ୟାପକ ଗାଡ଼ିମୋଟର ଚଳାଚଳ ଫଳରେ ରାସ୍ତାଘାଟ ଖରାପ ହେବା ସହ ପ୍ରଦୂଷଣ ସୃଷ୍ଟି ହୋଇଥାଏ। ତେଣୁ ସେଠାକାର ଲୋକଙ୍କ ସାମାଜିକ, ଅର୍ଥନୈତିକ ବିକାଶ ସହ ପରିବେଶ ରକ୍ଷା ଲାଗି କମ୍ପାନୀ ପକ୍ଷରୁ ବ୍ୟାପକ ଚାରା ରୋପଣ, ରାସ୍ତାଘାଟର ଉନ୍ନତି, ସ୍କୁଲ ଓ ହସ୍ପିଟାଲ ଭଳି ମୌଳିକ ଭିତ୍ତିଭୂମି ସୁଦୃଢ଼ କରିବା ପାଇଁ ଆଇନରେ ସିଏସ୍‌ଆର୍ ନେଇ ଉଲ୍ଲେଖ ରହିଛି। ସେହି ଅନୁଯାୟୀ କାର୍ଯ୍ୟ କରୁଥିଲେ ପ୍ରତ୍ୟେକ ସରକାରୀ ଓ ବେସରକାରୀ କମ୍ପାନୀ ସେମାନଙ୍କ ଲାଭର ଦୁଇ ପ୍ରତିଶତ ଏହିଭଳି ସାମାଜିକ କାର୍ଯ୍ୟରେ ଖର୍ଚ୍ଚ କରିବାକୁ ବାଧ୍ୟ। କିନ୍ତୁ ବାସ୍ତବତା ଏହାଠାରୁ ଯଥେଷ୍ଟ ଭିନ୍ନ। ଘରୋଇ କମ୍ପାନୀ କଥା ଦୂରେ ଥାଉ, ସରକାରୀ ବା ରାଷ୍ଟ୍ରାୟତ୍ତ ଉଦ୍ୟୋଗ ବିଭିନ୍ନ ଆଳରେ ଲୋକଙ୍କୁ ଭୁଆଁ ବୁଲାଇ ଏହି ଅର୍ଥକୁ ବାଟବଣା କରିଦିଅନ୍ତି। ଏହି ଦୁର୍ନୀତିରେ ମୁଖ୍ୟତଃ ସମ୍ପୃକ୍ତ ରାଜ୍ୟ ସରକାରୀ ଅଧିକାରୀ, ସ୍ଥାନୀୟ ରାଜନେତା ଓ କମ୍ପାନୀ ଅଧିକାରୀ ବାଣ୍ଟି କରି ବିପୁଳ ଅର୍ଥ ତୋସରପାତ କରୁଥିବାର ଦୃଷ୍ଟାନ୍ତ ପ୍ରାୟ ସବୁ ଜାଗାରେ ମିଳିଥାଏ। କୌତୂହଳର ବିଷୟ, ସବୁ ଉଦ୍ୟୋଗ ଏହି ପାଣ୍ଠି ବିନିଯୋଗ ସମ୍ପର୍କରେ ଅତି ସୁନ୍ଦର ପାୱାରପଏଣ୍ଟ ପ୍ରେଜେଣ୍ଟେଶନ ପ୍ରସ୍ତୁତ କରି ଠକି ଦେଇପାରୁଛନ୍ତି।

ସିଏସ୍‌ଆର୍ ନାମରେ ଏହି ପାଣ୍ଠି ପ୍ରସ୍ତୁତ ହୋଇଥିବାରୁ ଏହାକୁ ପରିଚାଳନା ସକାଶେ ଦାୟିତ୍ୱସମ୍ପନ୍ନ ବ୍ୟକ୍ତିଙ୍କୁ ନିୟୋଜିତ କରାଯାଇଥାଏ। ସିଏସ୍‌ଆର୍ ପାଣ୍ଠି ଲାଗି ସଂସ୍ଥାଗୁଡ଼ିକ କେତେ ଅର୍ଥ ରଖିବେ ସେଥିନେଇ କମ୍ପାନୀ ଆଇନରେ ନିୟମାବଳୀ ସ୍ଥିର କରାଯାଇଛି। ୫୦୦ କୋଟି ଟଙ୍କାର ନେଟ୍ ମୂଲ୍ୟ କିମ୍ବା ୧୦୦୦ କୋଟି ଟଙ୍କାରୁ ଅଧିକ କାରବାର କରୁଥିଲେ ଅଥବା ୫ କୋଟି ଟଙ୍କାରୁ ଅଧିକ ଲାଭ କରୁଥିବା କମ୍ପାନୀ ସିଏସ୍‌ଆର୍ ପାଣ୍ଠି ରଖିବାକୁ ବାଧ୍ୟ। ସାଧାରଣତଃ ୩ ବର୍ଷର ହାରାହାରି ଲାଭର ୨ ପ୍ରତିଶତ ପ୍ରତ୍ୟେକ ବର୍ଷ ଉକ୍ତ ପାଣ୍ଠିରେ ରଖାଯିବାର ବ୍ୟବସ୍ଥା ରହିଛି। ସିଏସ୍‌ଆର୍ ଦାୟିତ୍ୱରେ ଥିବା ଅଧିକାରୀ ଏସବୁ ଖର୍ଚ୍ଚ କରିବା ଲାଗି ଉତ୍ତରଦାୟୀ ରହିବା କଥା। ହେଲେ ଦେଖାଯାଉଛି, ଅନେକ ସଂସ୍ଥା ଉକ୍ତ ନିୟମକୁ ସିଧାସଳଖ ଉଲ୍ଲଂଘନ କରୁଛନ୍ତି। ବାରମ୍ବାର ଏଭଳି ତ୍ରୁଟି ଲକ୍ଷ୍ୟ କରାଯିବା ପରେ ସରକାର କଠୋର ଆଇନ ପ୍ରଣୟନ କରିବାକୁ ବାଧ୍ୟ ହେଲେ । ଏବେ କର୍ପୋରେଟ୍ ଜଗତ ଉକ୍ତ ନିୟମରେ ସଂଶୋଧନ ଆଣିବା ଲାଗି ଦାବି କରୁଛନ୍ତି। ହୁଏତ ଆଗକୁ ଅର୍ଥମନ୍ତ୍ରୀ ନିୟମ କୋହଳ କରିପାରନ୍ତି। ଦେଖିବାକୁ ଗଲେ ଏକ କଡ଼ା ଆଇନ ବ୍ୟବସ୍ଥାରେ ଯଥେଷ୍ଟ ପରିବର୍ତ୍ତନ ଆଣିଥାଏ। ଜଣେ ଅଧିକାରୀ ଦାୟିତ୍ୱରେ କ୍ରମାଗତ ଅବହେଳା କରୁଥିବା ଜଣାପଡ଼ିବା ପରେ ତାଙ୍କ ବିରୋଧରେ ଆର୍ଥିକ ଏବଂ ଜେଲଦଣ୍ଡର ବ୍ୟବସ୍ଥା ରହିଲେ ସେ କାର୍ଯ୍ୟ ପ୍ରତି ଉତ୍ତରଦାୟୀ ହେବାକୁ ଚେଷ୍ଟା କରିବେ।

ଯୋଗ୍ୟ କମ୍ପାନୀଗୁଡ଼ିକ ସିଏସ୍‌ଆର୍ ଲାଗି ବ୍ୟୟ କରୁଥିବା ଅର୍ଥକୁ ଅପବ୍ୟୟ ବୋଲି ବିଚାର କରିବା ଠିକ୍ ନୁହେଁ। କାରଣ ଉପଭୋକ୍ତାଙ୍କ ନିକଟରେ ପହଞ୍ଚିବା ପାଇଁ ଏହା ଏକ ମାଧ୍ୟମ ପାଲଟିଥାଏ। ଆଜିର ନବ୍ୟ ବଜାର ବ୍ୟବସ୍ଥାକୁ ଦେଖିଲେ ଗ୍ରାହକଙ୍କ ନିକଟତର ହେବା ଲାଗି ସାମାଜିକ ବିକାଶ ଦିଗରେ କାର୍ଯ୍ୟ କରୁଥିବା କମ୍ପାନୀଗୁଡ଼ିକର ନାମ ସ୍ୱତଃ ଆଲୋଚନା ପରିସରକୁ ଆସିଥାଏ। ବିଶ୍ୱର ବୃହତ୍ କର୍ପୋରେଟ୍ ଏହାର ଗୁରୁତ୍ୱକୁ ଉପଲବ୍ଧି କରି ନିଜର ଉତ୍ପାଦର ଚାହିଦା ବଢ଼ାଇବାରେ ଲାଗିଲେଣି। ଭାରତରେ ଏଭଳି ପାଶ୍ଚାତ୍ୟ ଚିନ୍ତାଧାରାକୁ ଅନେକ କମ୍ପାନୀ ସ୍ୱୀକାର କରିବାକୁ ଚାହୁଁ ନ ଥିବାରୁ ସିଏସ୍‌ଆର୍ ପାଇଁ ଉଦ୍ଦିଷ୍ଟ ଅର୍ଥକୁ ଠିକ୍ ଭାବେ ବ୍ୟୟ କରୁନାହାନ୍ତି। ଫଳରେ ବର୍ଷକ ମଧ୍ୟରେ ଯେଉଁଭଳି ସାମାଜିକ ଉନ୍ନତିମୂଳକ କାର୍ଯ୍ୟ ହେବା କଥା, ତାହା ହୋଇପାରୁ ନାହିଁ। ଏଭଳିସ୍ଥଳେ ସମ୍ପୃକ୍ତ ଅଧିକାରୀଙ୍କୁ ଦଣ୍ଡିତ କରାଯିବା ଉଚିତ। ଅର୍ଥମନ୍ତ୍ରୀଙ୍କ ସମୀକ୍ଷା ପରେ ଦଣ୍ଡର ପରିମାଣ କିଭଳି ରହିବ ତାହା ଆଉ ଏକ ଦିଗକୁ ସୂଚାଉଛି। କିନ୍ତୁ ତାହା ନ୍ୟାୟୋଚିତ ଢଙ୍ଗରେ ହୋଇପାରିଲେ କମ୍ପାନୀ ଓ ସମାଜର ମଙ୍ଗଳ ହୋଇପାରନ୍ତା।

# ଭୂସ୍ୱର୍ଗର ପ୍ରତ୍ୟାବର୍ତ୍ତନ



ବିପିନ ବିହାରୀ ମିଶ୍ର

ଏ ପର୍ଯ୍ୟନ୍ତ ମାନଚିତ୍ରକୁ ଦେଖିଲେ ଜଣାପଡୁଥିଲା ଯେ ସମଗ୍ର କଶ୍ମୀର ଭାରତର ଏକ ଅଙ୍ଗ। ସବୁ ଦଳର ନେତା କହି ଆସୁଛନ୍ତି ଯେ କଶ୍ମୀର ଭାରତର ଅବିଚ୍ଛେଦ୍ୟ ଅଙ୍ଗ। କିନ୍ତୁ ପ୍ରକୃତ ଅବସ୍ଥା ଏଇଆ ଯେ ମାନଚିତ୍ରରେ ଦେଖାଯାଉଥିବା କଶ୍ମୀରର ଏକ ତୃତୀୟାଂଶ ପାକିସ୍ତାନ ଦଖଲରେ। ଲଦାଖର ୩୭,୨୪୪ ବର୍ଗ କି.ମି. ଚାଇନାର ଅବୈଧ ଅକ୍ତିଆରରେ। କିନ୍ତୁ କଶ୍ମୀରର ଯେତିକି ଅଂଶ ଆମର ହୋଇଛି ସେ ଅଂଶ ପ୍ରକୃତରେ ଆମ ଦେଶରେ ଅଛି କି ବୋଲି ଅନେକ ବୁଦ୍ଧିଜୀବୀ ଅତୀତରେ ବାରମ୍ବାର ପ୍ରଶ୍ନ କରିଛନ୍ତି। ଓଡ଼ିଶା, ଉତ୍ତରପ୍ରଦେଶ କିମ୍ବା ବିହାର ଓ ଅନ୍ୟାନ୍ୟ ସବୁ ପ୍ରଦେଶ ବିଷୟରେ କାହାକୁ ଘୋଷଣା କରିବା ପାଇଁ ପଡ଼ିନାହିଁ ଯେ ଏହି ପ୍ରଦେଶଗୁଡ଼ିକ ଆମ ଦେଶର ଅବିଚ୍ଛେଦ୍ୟ ଅଙ୍ଗ। କିନ୍ତୁ କଶ୍ମୀର ବିଷୟରେ କାହିଁକି ? କାରଣ ପାକିସ୍ତାନ ବାରମ୍ବାର ଦାବି କରୁଛି ଯେ କଶ୍ମୀର ହେଉଛି ପାକିସ୍ତାନର, ଯେହେତୁ ଏହାର ଅଧିକାଂଶ ଅଧିବାସୀ ମୁସଲମାନ। ଯଦି ଅଧିକାଂଶ ଅଧିବାସୀ ମୁସଲମାନ ହେବାରୁ କଶ୍ମୀର ପାକିସ୍ତାନର ଅଙ୍ଗ ହୋଇଯିବ ତେବେ ପାକିସ୍ତାନ କାହିଁକି ଦାବି କରୁନାହିଁ ଯେ ଇରାନ ଓ ଆଫଗାନିସ୍ତାନ ମଧ୍ୟ ପାକିସ୍ତାନର ଅଙ୍ଗ।

ଭୂଗୋଳ ଓ ଇତିହାସ କଶ୍ମୀର ବିପକ୍ଷରେ। କଶ୍ମୀରରେ ୧୮୫୦ ମସିହାଠାରୁ ଡୋଗ୍ରା ଶାସନ ଚାଲିଥିଲା। ତା'ପୂର୍ବରୁ ଇଂରେଜ ଶାସନ, ତା'ପୂର୍ବରୁ ଆଫଗାନ। ଏକଦା କଶ୍ମୀର ଥିଲା ହିନ୍ଦୁମାନଙ୍କ ରାଜ୍ୟ, କିନ୍ତୁ ଆଫଗାନମାନେ ଦଖଲକରି ବହୁ ହିନ୍ଦୁଙ୍କୁ ହତ୍ୟାକଲେ ଓ ଜବରଦସ୍ତ ଧର୍ମ ପରିବର୍ତ୍ତନ କରାଇଲେ। ବହୁ ପଣ୍ଡିତଙ୍କୁ ହତ୍ୟାକଲେ। କାରଣ ସେମାନଙ୍କର ଶାସନ ଓ ସମାଜରେ ବେଶ୍ ପତିଆରା ଥିଲା। ଉତ୍ତରରେ ରୁଷିଆ, ପଶ୍ଚିମରେ ଆଫଗାନିସ୍ତାନ ଓ ପାକିସ୍ତାନ, ପୂର୍ବରେ ତିବ୍ବତ ପରେ ଚାଇନା ଓ ଦକ୍ଷିଣରେ ଭାରତ ଥିବାରୁ କଶ୍ମୀର ଦେଶୀୟ ରାଜ୍ୟ (ଯାହାର ଶାସକ ଥିଲେ ମହାରାଜା ହରି ସିଂହ) ଭୂଗୋଳ ଦୃଷ୍ଟିରୁ ଅସୁବିଧାରେ ଥିଲା। ଦେଶ ବିଭାଜନ ହେବା ପୂର୍ବରୁ ଓ ପରେ ଇଂରେଜମାନେ ମନେକଲେ ଯେ ନୂତନ ସମୀକରଣ ଦୃଷ୍ଟିରୁ କଶ୍ମୀରକୁ ଏକ ଘାଟି ରୂପେ ବ୍ୟବହାର କରିବା ଠିକ୍ ହେବ। ସେଥିପାଇଁ ଇଂଲଣ୍ଡ, ଆମେରିକା ଓ ପାଶ୍ଚାତ୍ୟ ଗୋଷ୍ଠୀ ପାକିସ୍ତାନକୁ ସମର୍ଥନ କଲେ। ଜାତିସଂଘରେ ଆମେରିକାର ପ୍ରତିନିଧି ଇଂଲଣ୍ଡର ପ୍ରତିନିଧି ନୋଏଲ ବେକରଙ୍କ ପରାମର୍ଶ ଲୋଡ଼ି ନିରାପତ୍ତା ପରିଷଦରେ ବାରମ୍ବାର ଦାବି କରୁଥିଲେ ଯେ କଶ୍ମୀରରେ ଗଣଭୋଟ ହେଉ। ମହାରାଜା ହରି ସିଂହ ଭାରତରେ କଶ୍ମୀରର ମିଶ୍ରଣ ପାଇଁ ଚୁକ୍ତି କଲେ। କିନ୍ତୁ ସେ ଚୁକ୍ତିପତ୍ରରେ ଏକ ମସ୍ତବଡ଼ ଭୁଲ୍ ରହିଗଲା। ତାହା ହେଲା, ଭାରତର କ୍ଷମତା ସୀମିତ ରହିବ କେବଳ ପ୍ରତିରକ୍ଷା, ବୈଦେଶିକ ବ୍ୟାପାର ଓ ଯୋଗାଯୋଗରେ। ଏଭଳି ଚୁକ୍ତି ୫୬୪ ଦେଶୀୟ ରାଜ୍ୟ ମଧ୍ୟରୁ କାହା ସଙ୍ଗେ ହୋଇ ନ ଥିଲା।

ସେତେବେଳେ ଏଭଳି ଗୋଟିଏ ପରେ ଗୋଟିଏ ଭୁଲ୍ କରି ଚାଲିଲେ ପଣ୍ଡିତ ନେହେରୁଙ୍କ ସରକାର। ସ୍ୱରାଷ୍ଟ୍ରମନ୍ତ୍ରୀ ସର୍ଦ୍ଦାର ପଟେଲଙ୍କୁ ଉପେକ୍ଷା କରି ଦେଶ ଭୋଗୁଥିଲା କଶ୍ମୀରଜନିତ ଦଶା। ୧୯୪୭ରୁ ୧୯୫୩ ମସିହା ପର୍ଯ୍ୟନ୍ତ କଶ୍ମୀରର ପ୍ରଧାନମନ୍ତ୍ରୀ ନିଜ ମନ ମୁତାବକ ଶାସନ କଲେ। ହିନ୍ଦୁମାନଙ୍କୁ ହାତରେ ନ ମାରି ଭାତରେ ମାରିଲେ। ଭୂସଂସ୍କାର ନାମରେ ତାଙ୍କଠାରୁ ଜମିସବୁ ଛଡ଼େଇ ନିଆଗଲା। ଚାକିରି କ୍ଷେତ୍ରରେ ଯୋଗ୍ୟ ହିନ୍ଦୁ ବିଶେଷତଃ ପଣ୍ଡିତମାନଙ୍କୁ ଉପେକ୍ଷା କରାଗଲା। ୧୯୫୩ ମସିହା ବେଳକୁ ସରକାର ଜାଗି ଉଠିଲେ। ଶେଖ୍ ଅବଦୁଲାଙ୍କୁ ଗିରଫ କଲେ।

୧୯୫୪ ମସିହାରେ କଶ୍ମୀର ନିଜ କ୍ଷମତା ପରିସର ବଢ଼େଇଚାଲିଲା। ଜନସଂଘ ଦଳ ଏହାର ଖୁବ୍ ପ୍ରତିବାଦ କଲା। ସେ ସମୟରେ ଉକ୍ତ ଦଳ କାୟାବିସ୍ତାର କରିପାରି ନ ଥିଲା। କିନ୍ତୁ ସମ୍ବିଧାନରେ ଅସ୍ଥାୟୀ ଭାବେ ୩୭୦ ଧାରା ଯୋଡ଼ାଗଲା। ଯାହା ବଳରେ ୩୫(କ) ଧାରା ମଧ୍ୟ ରହିଲା। ଜଣେ ଅଣ-କଶ୍ମୀରୀ କଶ୍ମୀରରେ ଜମି କିଣିପାରିଲା ନାହିଁ। ଯଦି କଶ୍ମୀରୀ ଝିଅ ଅଣକଶ୍ମୀରୀ ପୁଅକୁ ବାହାହେବ ତେବେ ସେ ନାଗରିକତ୍ୱ ହରେଇବ। କଶ୍ମୀର ବିଧାନସଭାର ସମ୍ମତି ବିନା ଭାରତର ଆଇନ ପ୍ରଯୁଜ୍ୟ ହେବ ନାହିଁ। କଶ୍ମୀରର ଭିନ୍ନ ଜାତୀୟ ପତାକା ଓ ଭିନ୍ନ ସମ୍ବିଧାନ। ଏଭଳି ବ୍ୟବସ୍ଥା କରାଗଲା ଯେ କଶ୍ମୀରବାସୀଙ୍କର ଅଣକଶ୍ମୀରଙ୍କଠାରୁ ମାନସିକ ଦୂରତା ବଢ଼ିଲା। ପାକିସ୍ତାନ ୧୯୮୯ ମସିହାରୁ ସନ୍ତ୍ରାସବାଦୀଙ୍କୁ ପଠେଇଲା। କଶ୍ମୀରରେ ଅନେକ ମଦ୍ରାସା ଖୋଲିଲା। ପରିସ୍ଥିତି ଜଟିଳ ହେଲା।

ସମଗ୍ର ପୃଥିବୀକୁ ଚମକାଇ ମୋଦି ସରକାର ଏହି ଯେଉଁ ଦୁଃସାହସିକ ପଦକ୍ଷେପ ନେଲେ ତାହାର ପରିଣାମ ପାଇଁ ସେମାନେ ନିଶ୍ଚୟ ପ୍ରସ୍ତୁତ ଥିବେ। ଆମ ଭିତରେ ଅନେକ ଗୋତ୍ରମାରୁ ଅଛନ୍ତି, ଯେଉଁମାନେ ଆମ ଶତ୍ରୁ ରାଜ୍ୟ ପାକିସ୍ତାନକୁ ଅନେକ ଉପାଦାନ ଯୋଗାଉଛନ୍ତି। ଜଣେ ବିଶିଷ୍ଟ ନେତା କହିଲେ ଯେ ସମଗ୍ର କଶ୍ମୀର ଏକ ବନ୍ଦିଶାଳା ହୋଇଛି ଓ ପାକିସ୍ତାନ ସେଇଆକୁ ଘୋଷି ହେଉଛି। ଏକଥା ସତ ଯେ ବର୍ତ୍ତମାନ କଶ୍ମୀରରେ କର୍ଫ୍ୟୁ ଜାରି ହୋଇଛି ସୁରକ୍ଷା ଦୃଷ୍ଟିରୁ। ଅତୀତରେ ଦେଶର ବହୁ ସ୍ଥାନରେ ବହୁ ସମୟରେ ସାନ୍ଧ୍ୟ ଆଇନ ଜାରି ହୋଇଛି। ଜରୁରିକାଳୀନ ପରିସ୍ଥିତି ସମୟରେ ସର୍ବସାଧାରଣଙ୍କର ଦେଖିବା, ଶୁଣିବା ଏବଂ କହିବା ବନ୍ଦ କରିଦିଆଗଲା ପ୍ରାୟ ଦୁଇବର୍ଷ ପର୍ଯ୍ୟନ୍ତ। ସେତେବେଳେ ସମଗ୍ର ଦେଶ ବନ୍ଦୀଶାଳା ଥିଲା ଓ ଯେଉଁମାନେ ଏବେ କଶ୍ମୀର ଏକ ବନ୍ଦୀଶାଳା ବୋଲି କହୁଛନ୍ତି ତାଙ୍କର ଦଳ ଶାସନ କରୁଥିଲା। ୧୯୬୨ ମସିହାରେ ଚାଇନା ସଙ୍ଗେ ଯୁଦ୍ଧ ହେଲାବେଳେ ଦୋଷ ଥାଉ କିମ୍ବା ନ ଥାଉ ବାମପନ୍ଥୀମାନଙ୍କୁ ଆଖିବୁଜା ଗିରଫ କରାଗଲା। ସେତେବେଳେ କଂଗ୍ରେସ ଶାସନ ଥିଲା। ଦେଶକୁ ବନ୍ଦୀଶାଳା କୁହାଗଲା ନାହିଁ। ବର୍ତ୍ତମାନ ଜାତୀୟ ସୁରକ୍ଷା ଦୃଷ୍ଟିରୁ କର୍ଫ୍ୟୁ ଜାରି କରାଗଲା ଓ ତିନିଦିନ ମଧ୍ୟରେ କୋହଳ କରାଗଲା। ତଥାପି ସେଇ ବନ୍ଦୀଶାଳା ସ୍ଲୋଗାନ ଚାଲିଛି।

ପାକିସ୍ତାନ ଭାରତ ସଙ୍ଗେ ବାଣିଜ୍ୟ ସମ୍ପର୍କ ଛିନ୍ନ କରିଦେଲା। ସମଝୌତା ଏକ୍ସପ୍ରେସ୍‌କୁ ବନ୍ଦ କରିଦେଲା। ଆକାଶମାର୍ଗକୁ ଆଂଶିକ ରୁଦ୍ଧ କରିଦେଲା ଓ ମୁସଲମାନ ଦେଶଗୁଡ଼ିକ ସହ ସେ ଆଲୋଚନା କରୁଛି। ତା' ସାଙ୍ଗରେ ପୁଲ୍‌ୱାମା ଭଳି ଘଟଣା ଓ ଆଣବିକ ଯୁଦ୍ଧ ହୋଇପାରେ ବୋଲି ଧମକ ଦେଉଛି। ୧୯୫୮ ମସିହାରେ ଜେନେରାଲ ଆୟୁବ ଖାଁ ସାମରିକ ଶାସନ କରିବା ଦିନଠାରୁ ପାକିସ୍ତାନ ଯୁଦ୍ଧ ଧମକ ଦେଇ ଆସୁଛି ଓ ତିନିଥର (୧୯୬୫, ୧୯୭୧, ୧୯୯୯) ଭାରତ ଆକ୍ରମଣ କରିଛି ଏବଂ ହାରିଛି। ୧୯୭୧ ମସିହା ଯୁଦ୍ଧ ପାକିସ୍ତାନ ପାଇଁ ସବୁଠୁ ଲଜ୍ଜାଜନକ ଥିଲା। ଏବେ ପାକିସ୍ତାନ ଧମକାଉଛି ଯେ ଅନ୍ତର୍ଜାତୀୟ ଅଦାଲତ ଏବଂ ଜାତିସଂଘକୁ ଯିବ। ଯଦିବା ଶିମ୍‌ଲା ଚୁକ୍ତିରେ ପାକିସ୍ତାନ ଘୋଷଣା କରିଛି ଯେ କଶ୍ମୀର ସମେତ ସମସ୍ତ ସମସ୍ୟାର ସମାଧାନ ଦ୍ୱିପାକ୍ଷିକ ଆଲୋଚନା ମାଧ୍ୟମରେ ହେବ। ବର୍ତ୍ତମାନ ଆମେରିକା ପାକିସ୍ତାନ ସଙ୍ଗେ ଫାଟ ଯୋଡ଼ିବା ପାଇଁ ବାଧ୍ୟ ହୋଇଛି। କାରଣ ପାକିସ୍ତାନର ବିନା ସହଯୋଗରେ ତାଲିବାନ୍‌ଙ୍କ ସହ ଆଲୋଚନା ହୋଇପାରିବ ନାହିଁ ଓ ଆମେରିକା ଆଫଗାନିସ୍ତାନରୁ ସୈନ୍ୟ ଫେରାଇ ପାରିବ ନାହିଁ। ତେଣୁ ଆମେରିକା ଓ ଇଂଲଣ୍ଡ ନିରପେକ୍ଷ ରହିବେ। ଆମେରିକା, ଚାଇନା ଓ ଜାତିସଂଘ ଶିମ୍‌ଲା ରାଜିନାମା ମାନିବା ପାଇଁ ପାକିସ୍ତାନକୁ କହିସାରିଲେଣି।

ରୁଷିଆ ମଧ୍ୟ ନିରପେକ୍ଷ ରହିବ। କାରଣ ରୁଷିଆ ଚାହୁଁଛି ପାକିସ୍ତାନର ଗ୍ୱାଦର ବନ୍ଦର ଦେଇ ଆରବ ସାଗରକୁ ପ୍ରବେଶ କରିବାର କ୍ଷମତା। ତା'ଛଡ଼ା ଭାରତ ରୁଷିଆରୁ ବେଶି ଅସ୍ତ୍ରଶସ୍ତ୍ର କିଣୁନାହିଁ। କେବଳ ଫ୍ରାନ୍ସ ଉପରେ ନିର୍ଭର କରିବାକୁ ପଡ଼ିବ, ଯେହେତୁ ଫ୍ରାନ୍ସରୁ ଅନେକ ଅସ୍ତ୍ରଶସ୍ତ୍ର କିଣା ହେଉଛି ଓ କିଣାହେବାର ଅଛି। ତେଣୁ ଫ୍ରାନ୍ସ ଭାରତକୁ ସମର୍ଥନ କରିବା ସମ୍ଭାବନା ବେଶି। ଏସବୁ ଦେଶଗୁଡ଼ିକର ଭିଟୋ କ୍ଷମତା ଅଛି। ତେଣୁ ନିରାପତ୍ତା ପରିଷଦର ଅଧିକାଂଶ ସଦସ୍ୟ ଭାରତ ବିରୋଧରେ ଗଲେ ମଧ୍ୟ ପ୍ରସ୍ତାବକୁ ଅକାମୀ କରିବା ପାଇଁ ଗୋଟିଏ ଭିଟୋ ଯଥେଷ୍ଟ। ଆମେ ପାରାଡାଇଜ ରିଗେନ୍‌ଡ (ସ୍ୱର୍ଗ ଫେରିପାଇଛେ)। ଆମକୁ ସମସ୍ତ ପ୍ରକାର ବ୍ୟବସ୍ଥା ଓ କୂଟନୀତି କରିବାକୁ ପଡ଼ିବ ଯେପରି ଫେରିପାଇଥିବା ସ୍ୱର୍ଗ ହାତରୁ ଖସି ନ ଯାଏ। ଉଭୟ ଅନ୍ତଃଶତ୍ରୁ ଓ ବହିଃଶତ୍ରୁ ପ୍ରତି ସାବଧାନ ରହିବାକୁ ପଡ଼ିବ । ତା' ସଙ୍ଗେ କଶ୍ମୀର ଓ ଲଦାଖର ବିକାଶ ଦରକାର। ନିର୍ବାଚନମଣ୍ଡଳୀକୁ ପୁନର୍ଗଠନ କରି ଯେଭଳି ସବୁଧର୍ମର ଭୋଟଦାତାଙ୍କ ପ୍ରାଧାନ୍ୟ ରହିବ ତାହା ଦେଖିବାକୁ ପଡ଼ିବ। ସାମରିକ ବାହିନୀ ଏପରି କୌଣସି ପଦକ୍ଷେପ ନେବା କଥା ନୁହେଁ, ଯାହା ପାଇଁ ଅନ୍ୟାନ୍ୟ ଦେଶ ଆମକୁ ଭୁଲ୍ ବୁଝିବେ।

ପୂର୍ବତନ ଡିଜି, ମୋ-୯୦୪୦୪୧୨୩୭୮

# ବିବେକୀ ମଣିଷ

ମମତା ପଣ୍ଡା

ମଣିଷକୁ ନିୟନ୍ତ୍ରଣ କରେ ତା'ର ମନ, ବୁଦ୍ଧି ଓ ବିବେକ। ବୃତ୍ତି-ରଙ୍ଗିଳ ମନ ପ୍ରବୃତ୍ତି ମାର୍ଗରେ ଆତ୍ମସ୍ୱାର୍ଥ ପୂରଣ ପାଇଁ ନିଜ ଇନ୍ଦ୍ରିୟଗୁଡ଼ିକୁ ବ୍ୟବହାର କରେ। ନିଜର ବୃତ୍ତି-ଆଶା ପୂରଣ ଲାଗି ସେ ବୁଦ୍ଧିର ବିନିଯୋଗ କରେ। ବିବେକର ଡାକ ସେ ଶୁଣେ ନାହିଁ। ଆତ୍ମସ୍ୱାର୍ଥ ସାଧନ ପାଇଁ ଦରକାର ପଡ଼ିଲେ ଅନ୍ୟର କ୍ଷତି କରିବାକୁ ବି ସେ ପଛାଏ ନାହିଁ। କିନ୍ତୁ ଇଷ୍ଟ-ରଙ୍ଗିଳ ମନ ସର୍ବଦା ବିବେକର ଅନୁସରଣ କରି ନିଜର ବା ଅପରର କେବଳ ମଙ୍ଗଳ ହିଁ କରିଥାଏ। ଅନ୍ୟର କ୍ଷତି କରିବା ଦୂରେ ଥାଉ ବରଂ ଗୋଟିଏ ପିମ୍ପୁଡ଼ିର ମଧ୍ୟ ବ୍ୟଥା ନିରାକରଣ ଦିଗରେ ମୁଁ ଯଦି ଯତ୍ନଶୀଳ ନ ହେଲି ତା'ହେଲେ ମୋଠାରୁ ହୀନ ଆଉ କିଏ, 'ସତ୍ୟାନୁସରଣ' ଶୈଳୀରେ ସେ ଏହିପରି ଚିନ୍ତା କରେ। ଏମାନେ ହେଉଛନ୍ତି ବିବେକୀ ମଣିଷ। ତେବେ ଏପରି ମଣିଷ ଆଜିକାଲି ଦୁର୍ଲଭ।

ଠାକୁର ରାମକୃଷ୍ଣ ପରମହଂସ ନରେନ୍ଦ୍ରନାଥ ଦତ୍ତଙ୍କୁ ସନ୍ନ୍ୟାସ ଦୀକ୍ଷା ଦେବା ପରେ ତାଙ୍କର ନାମ ରଖିଥିଲେ ବିବେକାନନ୍ଦ, କାରଣ ବିବେକର ଅନୁସରଣ କରିବାରେ ସେ ଆନନ୍ଦ ପାଉଥିଲେ। ସେ ମାତ୍ର ୩୯ ବର୍ଷର ସ୍ୱଳ୍ପ ଜୀବନକାଳ ମଧ୍ୟରେ ଅନେକ ମହତ୍ କାମ କରିଯାଇଛନ୍ତି। ତେବେ ଏଠାରେ ମୁଁ ଆଉ ଜଣେ ବିବେକାନନ୍ଦଙ୍କ ବିଷୟରେ ସୂଚନା ଦେବାକୁ ଚାହୁଁଛି, ଯିଏ ଉକ୍ତ ମହାପୁରୁଷଙ୍କ ସହ ତୁଳନୀୟ ନ ହେଲେ ମଧ୍ୟ ମାନବସେବାକୁ ମାଧବସେବା ଜ୍ଞାନରେ ନିଜ ଜୀବନର ବ୍ରତ କରି ଜୀବନର ସ୍ୱଳ୍ପ ଅବଧି ଭିତରେ ସ୍ମରଣୀୟ ହୋଇ ରହିଯାଇଛନ୍ତି। ସେ ଆରମ୍ଭ କରିଥିବା ସେବାକାର୍ଯ୍ୟ ତାଙ୍କ ପରେ ବି ଅବ୍ୟାହତ ରହିଛି।

ତାଙ୍କର ଜନ୍ମ ହୁଏ ୧୯୬୭ ମସିହା ମାଘ କୃଷ୍ଣ ସପ୍ତମୀ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମତିଥିରେ। ସେଥିପାଇଁ ପିତା ଲକ୍ଷ୍ମୀଧର ଓ ମାତା ହେମାଙ୍ଗିନୀ ତାଙ୍କ ନାଁ ରଖିଥିଲେ ବିବେକାନନ୍ଦ। ବାଲ୍ୟକାଳରୁ ହିଁ ସେ ଥିଲେ ପରଦୁଃଖକାତର। ଦିନେ ସେ ତାଙ୍କୁ କିଛି ଦିନ ପାଠ ପଢ଼ାଇଥିବା ତାଙ୍କ ପିତାଙ୍କ ପ୍ରାଥମିକ ଶିକ୍ଷକଙ୍କଠାରୁ ଏକ ଚିଠି ପାଇଲେ। ଏହି ଚିଠି ମାଧ୍ୟମରେ ଗୁରୁଜୀ ତାଙ୍କର ଦେହ ଭଲ ରହୁ ନ ଥିବା ଓ ଅଭାବ ଅସୁବିଧାରେ ଚଳୁଥିବା ବିଷୟ ଦର୍ଶାଇବା ସହ ଏକ ଶୀତଚାଦର କିଣିବା ପାଇଁ ତାଙ୍କ ପିତାଙ୍କୁ ମାତ୍ର ୧୦ ଟଙ୍କା ମାଗିଥିଲେ। ବିବେକାନନ୍ଦ ତାଙ୍କ ମାଆଙ୍କୁ କହିଲେ: ମାଆ, ଗୁରୁଜୀଙ୍କ ଦେହ ଭଲ ନାହିଁ। ମୁଁ ଏକ ଚାଦର ଓ କିଛି ଫଳମୂଳ ନେଇ ତାଙ୍କୁ ଦେଖିବାକୁ ଯିବି। ମାଆ ଅନୁମତି ଦେବାରୁ ମାଉସୀପୁଅ ଭାଇ ବାଲୁଙ୍କେଶ୍ୱରଙ୍କୁ ସାଙ୍ଗରେ ନେଇ ସେ ଗଲେ ଭୁବନେଶ୍ୱରରୁ ଖୋର୍ଦ୍ଧା ଓ ସେଠାରୁ କିଛି ବାଟ ଦୂର ଏକ ନିପଟ ମଫସଲ ଗାଁକୁ। ଗାଁରେ ପହଞ୍ଚି ଯାହା ଦେଖିଲେ ସେଥିରେ ତାଙ୍କର ପ୍ରାଣ କାନ୍ଦିଉଠିଲା। କାରଣ ସେ ପହଞ୍ଚିବା ବେଳକୁ ଗୁରୁଜୀଙ୍କର ପରଲୋକ ହୋଇଯାଇଥିଲା। ଗାଁ ମୁଣ୍ଡ ଶ୍ମଶାନରେ ତାଙ୍କର ଶବଦାହ ହେଉଥିଲା।

ସେଦିନ ଶୋକାତୁର ଭଙ୍ଗା ମନ ନେଇ ଘରକୁ ଫେରିବା ପରେ ୮ ବର୍ଷର ବିବେକାନନ୍ଦ ତାଙ୍କ ମାଆଙ୍କ ଆଗରେ ପ୍ରତିଜ୍ଞା କରିଥିଲେ: ମାଆ ! ମୁଁ ବଡ଼ ହେଲେ ମାଆବାପା, ବୁଢ଼ୀବୁଢ଼ା, ଗରିବ ଓ ଅସହାୟ ଲୋକମାନଙ୍କର ସେବା କରିବି। ସେ ପ୍ରତିଜ୍ଞା ଥିଲା ତାଙ୍କର ଭୀଷ୍ମପ୍ରତିଜ୍ଞା। ସେଥିରୁ ସେ କେବେ ବି ଓହରିନାହାନ୍ତି।

ବଡ଼ ହେବା ପରେ ସେ ବାଛିନେଲେ ଆଇନ ବ୍ୟବସାୟକୁ ତାଙ୍କର ଜୀବିକା ରୂପେ। ଘର ଲୋକେ ସମସ୍ତେ ଜାଣନ୍ତି ଯେ ପୁଅ କଚେରିକୁ ଯାଇଛି। କିନ୍ତୁ ସେ କେତେବେଳେ ବସ୍ତି ଅଞ୍ଚଳକୁ ଯାଇ ରୋଗୀସେବା କରନ୍ତି, କେତେବେଳେ ସଫେଇ କାର୍ଯ୍ୟ କରନ୍ତି, କେତେବେଳେ ଗରିବ ପିଲାଙ୍କୁ ପାଠ ପଢ଼ାନ୍ତି ଓ କେତେବେଳେ ରକ୍ତଦାନ କରନ୍ତି, ତାହା ତାଙ୍କ ଛଡ଼ା ଓ ତାଙ୍କ ସେବାକାର୍ଯ୍ୟର ସହଯୋଗୀ ସାଥୀ ଓକିଲଙ୍କ ଛଡ଼ା ଆଉ କେହି ଜାଣନ୍ତି ନାହିଁ। ଅନେକ ଗରିବ ମେଧାବୀ ପିଲାଙ୍କ ପାଇଁ ସେ ପଢ଼ାଖର୍ଚ୍ଚ ବହନ କରୁଥିଲେ। କିନ୍ତୁ ସମସ୍ତଙ୍କୁ ତାଙ୍କ ନାଁ ପ୍ରକାଶ ନ କରିବା ପାଇଁ ତାଗିଦ କରୁଥିଲେ। ଏପରି କି ସେ ଏତେ ସେବାକାର୍ଯ୍ୟ କରୁଥିବା ବିଷୟରେ ତାଙ୍କ ମାଆବାପା ବି ତାଙ୍କ ମୃତ୍ୟୁ ପର୍ଯ୍ୟନ୍ତ ଜାଣି ନ ଥିଲେ। ୧୩।୦୮।୨୦୦୦ ଗହ୍ମା ପୂର୍ଣ୍ଣମୀର ପୂର୍ବଦିନ ମାତ୍ର ୩୩ ବର୍ଷ ବୟସରେ ବିବେକାନନ୍ଦଙ୍କ ପରଲୋକ ଘଟିବା ପରେ ଜମା ହୋଇପଡ଼ିଥିଲେ ତାଙ୍କର ଶୁଭେଚ୍ଛୁ ଓ ତାଙ୍କ ଦ୍ୱାରା ଉପକୃତ ହୋଇଥିବା ମଣିଷମାନେ। ସେମାନେ ତାଙ୍କ ମୁହଁରେ ନିଜେ ପାଇଥିବା ଉପକାର ବିଷୟରେ ସ୍ୱୀକାର କରିବା ପରେ ହିଁ ବିବେକାନନ୍ଦଙ୍କ ସେବାକାର୍ଯ୍ୟ ବିଷୟରେ ତାଙ୍କ ପରିବାର ଲୋକେ ଜାଣିବାକୁ ପାଇଥିଲେ। ସେଥିପାଇଁ ତାଙ୍କର ପିତା ଲକ୍ଷ୍ମୀଧର ବାବୁ ଓ ଅନ୍ୟମାନେ ନିଷ୍ପତ୍ତି ନେଲେ ବିବେକାନନ୍ଦଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ସେବାକାର୍ଯ୍ୟ ଯେପରି ତାଙ୍କ ମୃତ୍ୟୁ ପରେ ବି ଅନନ୍ତକାଳ ଧରି ଅବ୍ୟାହତ ରହେ ତା'ର ବ୍ୟବସ୍ଥା କରିବାକୁ। ତାଙ୍କ ମୃତ୍ୟୁ ପରେ ମିଳିଥିବା ପ୍ରାୟ ଏକ କୋଟି ଟଙ୍କାର ବୀମା ଅର୍ଥକୁ ତାଙ୍କ ସ୍ମୃତ୍ୟର୍ଥେ ଏକ ଟ୍ରଷ୍ଟ ଗଠନ କରି ଜମା କରିଦିଆଗଲା, ଯାହାର ସୁଧ ଅର୍ଥରେ ଗରିବ ମେଧାବୀ ପିଲାଙ୍କୁ ଛାତ୍ରବୃତ୍ତି ପ୍ରଦାନ କରାଯିବା ସହ ଅନ୍ୟାନ୍ୟ ସେବାକାର୍ଯ୍ୟ ଜାରି ରହିଛି। ଧନ୍ୟ ସେହି ନର ଯିଏ ଜୀବନରେ ଓ ମରଣରେ ବି ପରୋପକାର କରିଚାଲିଛନ୍ତି। ଶାସ୍ତ୍ରରେ ଅଛି- ''ପରୋପକାରାୟ ଫଳନ୍ତି ବୃକ୍ଷାଃ ପରୋପକାରାୟ ବହନ୍ତି ନଦ୍ୟଃ। ପରୋପକାରାୟ ଦୁହନ୍ତି ଗାବଃ ପରୋପକାରାର୍ଥମିଦଂ ଶରୀରମ୍।।'' ଅର୍ଥାତ୍ ପରର ଉପକାର କରିବା ପାଇଁ ବୃକ୍ଷଗୁଡ଼ିକ ଫଳଧାରଣ କରନ୍ତି, ପରର ଉପକାର କରିବା ପାଇଁ ନଦୀଗୁଡ଼ିକ ପ୍ରବାହିତ ହୁଅନ୍ତି, ପରର ଉପକାର ପାଇଁ ଗାଈମାନେ କ୍ଷୀର ଦିଅନ୍ତି, ସୁତରାଂ ଏ ଶରୀର କେବଳ ପରର ଉପକାର କରିବା ପାଇଁ ଉଦ୍ଦିଷ୍ଟ।

ହାସିମନଗର, ତିରଣ, ଜଗତ୍‌ସିଂହପୁର

## ଏଇ ଭାରତରେ

ପରିଣତ ବୟସରେ ମାତାପିତାଙ୍କୁ ଅଯଥା ବୋଝ ମନେକରି ସେମାନଙ୍କୁ ବୃଦ୍ଧାଶ୍ରମରେ ଛାଡ଼ି ଦିଆଯାଉଛି। କେତେକ ବ୍ୟକ୍ତି ସେମାନଙ୍କ ମାତାପିତାଙ୍କୁ ପ୍ରତିପୋଷଣ କରିବାକୁ କୁଣ୍ଠାବୋଧ କରିବା ସହ ନିର୍ଯ୍ୟାତନା ମଧ୍ୟ ଦେଇଥାଆନ୍ତି। କିନ୍ତୁ ଜଣେ ପିତାଙ୍କ ଇଚ୍ଛା ପୂରଣ କରିବାକୁ ଯାଇ ପୁଅ ତାଙ୍କ ମୃତଦେହକୁ ସାମ୍ନାରେ ରଖି ବିବାହ କରିବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ସତ୍ୟ। ତାମିଲନାଡୁର ବିଲ୍ଲୁପୁରମ୍‌ରେ ଘଟିଛି ଏମିତି ଏକ ଘଟଣା। ୩୧ ବର୍ଷୀୟ ଆଲେକ୍‌ଜାଣ୍ଡରଙ୍କର ବିବାହ ଖୁବ୍ ଧୁମ୍‌ଧାମ୍‌ରେ କରିବେ ବୋଲି ତାଙ୍କ ପିତା ସ୍ଥିର କରିଥିଲେ। ଆସନ୍ତା ସେପ୍ଟେମ୍ବର ୨ରେ ଆଲେକ୍‌ଜାଣ୍ଡରଙ୍କର ବିବାହ ହୋଇଥାଆନ୍ତା। ହେଲେ ଗତ ଶୁକ୍ରବାର ତାଙ୍କ ପିତା ଦେବମଣିଙ୍କର ହଠାତ୍ ମୃତ୍ୟୁ ହୋଇଗଲା। ଏଥିରେ ପୁଅ ଆଲେକ୍‌ଜାଣ୍ଡର ଭାଙ୍ଗି ପଡିଲେ ସତ। ହେଲେ ପିତାଙ୍କ ସାମ୍ନାରେ ସେ ବିବାହ କରିବେ ବୋଲି ନିଷ୍ପତ୍ତି ନେଲେ। ପିତାଙ୍କ ସଂସ୍କାର ପୂର୍ବରୁ ସେ ଯେମିତି ହେଉ ବିବାହ କରିବାକୁ ଚିନ୍ତା କଲେ। ଏଥିପାଇଁ ସେ ବିବାହ କରିବାକୁ ଯାଉଥିବା ଅନ୍ନପୂର୍ଣ୍ଣାନୀଙ୍କ ସହ କଥା ହୋଇ ବିବାହ ପାଇଁ ଆୟୋଜନ କଲେ। ଅନ୍ନପୂର୍ଣ୍ଣାନୀ ବୃତ୍ତିରେ ଜଣେ ଶିକ୍ଷୟିତ୍ରୀ ହୋଇଥିବା ବେଳେ ସେ ଆଲେକ୍‌ଜାଣ୍ଡରଙ୍କ କଥାରେ ରାଜି ହୋଇ ଯାଇଥିଲେ। ଏହାପରେ ବରଯାତ୍ରୀ ସହ ପିତାଙ୍କ ମୃତଦେହକୁ ନେଇ କନ୍ୟାଘରକୁ ଯାଇ ବିବାହ କରିଥିଲେ ଆଲେକ୍‌ଜାଣ୍ଡର। ଆଉ ବିବାହ ପରେ ଆଲେକ୍‌ଜାଣ୍ଡରଙ୍କ ପିତାଙ୍କର ମୃତଦେହକୁ ସଂସ୍କାର କରାଯାଇଥିଲା।

## ୨୫ ବର୍ଷ ତଳର ଧରିତ୍ରୀ

୧୪ ଅଗଷ୍ଟ ୧୯୯୪

- କଙ୍ଗୋର ରାଜଧାନୀ ବ୍ରାଜାଭିଲ୍ଲେର ଏକ ଚର୍ଚ୍ଚ ନିକଟରେ ଦଳାଚକଟା ହୋଇ ୧୫୦ ଜଣ ପ୍ରାଣ ହରାଇଛନ୍ତି।
- ଶ୍ରୀଲଙ୍କାରେ ସାଧାରଣ ନିର୍ବାଚନ ପୂର୍ବରୁ ବିଭିନ୍ନ ଅଞ୍ଚଳରେ ହିଂସା ଘଟି ୭୩ ଜଣ ନିହତ।

## ଚିରନ୍ତନୀ

ନାମଟା ଖାଲି ରହିଲା ସିନା
କାହିଁଛି ଆଉ କବି
ସତ୍ତା ତାର ମିଳିବ ଅବା କାହିଁ ?
ଶିଳ୍ପୀ ନାମ ଗଲାଣି ଲୁଚି
ରହିଚି ଖାଲି ଛବି
ରହିଚି ଜଡ଼, ଜୀବନ ଆଉ ନାହିଁ। (ଅମର ଆଶା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 2 | 1 | 6 | | | | 8 | | | | 5 | D | A | |
| | 4 | | | | | | 0 | 6 | 3 | | A | | | |
| A | | B | 9 | 4 | | | D | | | | 0 | C | | |
| | C | | | | | E | | | | | D | | | |
| | | E | | | | | | B | | 8 | | 9 | | 3 |
| | 8 | | | | 3 | | | | | | C | | | 9 |
| | 9 | 4 | 8 | 1 | | | A | C | 0 | | E | | D | 6 |
| | 3 | 6 | C | E | | | | 2 | 4 | | | | B | 0 |
| | | | | 0 | | | | | | 1 | | A | | 4 |
| | | | 4 | | 7 | | 6 | 5 | | A | | 8 | | |
| 2 | | | | | | | C | | 8 | 7 | 9 | E | 4 | |
| | B | | 7 | 5 | | | E | | | C | 1 | | | |
| | | 0 | D | 8 | | | | | | 5 | | | | |
| | D | | 3 | 2 | | 5 | | | | E | | | | |
| 3 | | C | | | | 8 | B | 4 | 6 | | | | 5 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | 1 | 2 | 4 | C | 0 | D | 5 | E | 8 | 7 | A | 6 | 3 | B |
| 3 | E | 5 | B | A | 2 | 7 | C | 6 | D | 4 | 0 | 8 | 1 | 9 |
| 0 | 4 | A | 7 | 8 | 1 | 9 | B | 3 | 5 | 6 | C | 2 | D | E |
| 7 | D | 6 | 9 | 3 | E | 8 | 4 | 0 | 2 | B | 1 | C | A | 5 |
| 8 | C | B | 5 | D | 6 | A | 1 | 2 | 9 | E | 3 | 7 | 0 | 4 |
| B | 6 | 0 | 8 | 7 | 4 | 3 | A | 1 | C | 2 | E | 9 | 5 | D |
| C | 8 | D | A | 0 | 5 | 2 | 6 | 9 | B | 3 | 4 | 1 | E | 7 |
| 1 | 9 | E | 6 | 2 | B | 4 | D | 5 | 0 | 8 | 7 | 3 | C | A |
| A | 7 | 3 | C | 1 | D | E | 8 | B | 6 | 5 | 9 | 0 | 4 | 2 |
| 5 | 2 | 4 | 3 | E | 9 | C | 0 | 7 | 1 | A | D | B | 8 | 6 |
| 2 | 0 | C | D | 6 | 7 | 1 | E | 4 | 3 | 9 | 5 | A | B | 8 |
| 4 | B | 8 | E | 9 | C | 0 | 7 | D | A | 1 | 6 | 5 | 2 | 3 |
| E | 3 | 9 | 0 | 4 | A | 5 | 2 | 8 | 7 | C | B | D | 6 | 1 |
| 6 | A | 1 | 2 | 5 | 3 | B | 9 | C | E | D | 8 | 4 | 7 | 0 |
| D | 5 | 7 | 1 | B | 8 | 6 | 3 | A | 4 | 0 | 2 | E | 9 | C |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସଡ଼କ ଦୁର୍ଘଟଣା

ମହାଶୟ,

ଏକ ପରିସଂଖ୍ୟାନରୁ ଜଣାପଡିଛି, ପ୍ରତିଦିନ ଭାରତର କେଉଁଠି ନା କେଉଁଠି ୪୦୦ ଲୋକ ଦୁର୍ଘଟଣାରେ ପ୍ରାଣ ହରାଉଛନ୍ତି। ଏହାର ମୂଳ କାରଣ ବେପରୁଆ ଗାଡ଼ି ଚାଳନା। ବିନା ଶିକ୍ଷାଗତ ଯୋଗ୍ୟତାରେ ଲାଇସେନ୍ସ ଦିଆଯାଉଛି। ସେଭଳି ଚାଳକ ନା ଟ୍ରାଫିକ ରୁଲ୍ ପଢ଼ିବେ ନା ଜାଣିବେ। ଜାତୀୟ ରାଜପଥରେ ହମ୍ପସ ନାହିଁ। କିନ୍ତୁ ମଝିରେ ମଝିରେ ଅନେକ କଟିଂ ଅଛି। ଲୋକେ ରାସ୍ତାର ଏକ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱକୁ ଏହି କଟିଂରେ ହିଁ ଯାଇଥାନ୍ତି। ସେହି ସ୍ଥାନରେ ଜେବ୍ରା ଲାଇନ ଟଣାଯାଇ ନାହିଁ କି ଟ୍ରାଫିକ ପୋଲିସ ନାହାନ୍ତି କି ଗାଡ଼ିକୁ ନିୟନ୍ତ୍ରଣ କରିବାର ବ୍ୟବସ୍ଥା ନାହିଁ। ଏହି ସ୍ଥାନରେ ଅନେକ ସମୟରେ ଦୁର୍ଘଟଣା ଘଟି ଧନଜୀବନ ନଷ୍ଟ ହେଉଛି। ରାସ୍ତାଠୁ ଅଳ୍ପ ଦୂରରେ ମଦ ବେପାର ଚାଲିଛି। ଡ୍ରାଇଭରମାନେ ମଦ ପିଇ ବେପରୁଆ ଗାଡି ଚଳାଇ ଦୁର୍ଘଟଣା ଘଟାଉଛନ୍ତି। ଗାଡ଼ି ଚଲାଇଲା ବେଳେ କାନରେ ମୋବାଇଲ ଲଗାଇ ରାସ୍ତାଯାକ ଗପ କରି କରି ଚାଳକମାନେ ଗାଡ଼ି ଚଲାଉଛନ୍ତି। ଆହୁରି ମଧ୍ୟ ଦେଖାଯାଉଛି ଭଲଭାବରେ ଡ୍ରାଇଭିଂ ନ ଜାଣି ଲାଞ୍ଚ ଦେଇ ଦଲାଲମାନଙ୍କ ଦ୍ୱାରା ଲାଇସେନ୍ସ ପାଇ ଯାଉଛନ୍ତି। ସେ କ୍ଷେତ୍ରରେ ଟେଷ୍ଟ ଦେବାଟା କେବଳ ନାଁକୁ ମାତ୍ର ହୋଇଥାଏ। ସରକାର ଏଥିପ୍ରତି ଦୃଷ୍ଟି ଦେଲେ ଦୁର୍ଘଟଣାକୁ ଅନେକ ପରିମାଣରେ ନିୟନ୍ତ୍ରଣ କରାଯାଇପାରନ୍ତା।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

### କୋଟିପତି ସରପଞ୍ଚ

କିଛିଦିନ ତଳେ ଦିଗପହଣ୍ଡି ଅଞ୍ଚଳର ଜଣେ ସରପଞ୍ଚ ଦେଢ଼ କୋଟି ଟଙ୍କା ସମ୍ପତ୍ତିର ଅଧିକାରୀ ହେବା ଖବର ରାଜ୍ୟରେ ହଇଚଇ ସୃଷ୍ଟି କରିଛି। ଭିଜିଲାନ୍ସ ବିଭାଗ ଏହାଙ୍କ ଘରେ ଚଢ଼ାଉ କରି ଲକ୍ଷ ଲକ୍ଷ ଟଙ୍କାର ନଗଦ ଅର୍ଥ, ଦଶବାରଟି ପ୍ଲଟ, ଗାଡ଼ି ଓ କେତୋଟି ଘର ଥିବାର ଜାଣିପାରିଛି। ଅବଶ୍ୟ ଗତ ନିର୍ବାଚନରେ ଆମ ରାଜ୍ୟରେ ଯେଉଁ ବିଧାୟକ ଓ ସାଂସଦ ଜନ ପ୍ରତିନିଧି ରୂପେ ଗାଦିନସୀନ ହେଲେ ସେମାନଙ୍କ ମଧ୍ୟରେ ବହୁ ନେତା କୋଟିପତି ଥିବା ପ୍ରକାଶ ପାଇଛି। ଏହି କୋଟିପତିମାନେ କେତେବର୍ଷରେ ଏତେ ସମ୍ପତ୍ତିର ଅଧିକାରୀ ହେଲେ ଓ ପ୍ରତିବର୍ଷ ଆୟକର ରିଟର୍ନରେ ସେମାନଙ୍କ ସମ୍ପତ୍ତିର ପରିମାଣ ଦର୍ଶାଇଲେ କି ନାହିଁ ସେ ସମ୍ବନ୍ଧରେ କୌଣସି ଖୋଳତାଡ ହେଉନାହିଁ। ଇୟେ ତ ଜଣେ ସରପଞ୍ଚ ଧରାପଡ଼ିବା କଥା, ଆହୁରି କେତେ ମଗର, ତିମି ପ୍ରଶାସନରେ ସମସ୍ତଙ୍କ ଜାଣତରେ ଉବୁଟୁବୁ ହେଉଛନ୍ତି କିନ୍ତୁ ଧରପଗଡ ନାହିଁ।

ହରମୋହନ ମହାନ୍ତି, ଦତ୍ତତୋଟା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଛାତ୍ରୀଛାତ୍ରଙ୍କୁ ପୋଷାକ, ଜୋତା ବିତରଣ



**ଅନୁଗୋଳ ଅଫିସ, ୧୩।୮:** ଅନୁଗୋଳ ବ୍ଲକ ଇଙ୍କରବନ୍ଧ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୨୦୧୯-୨୦ ବର୍ଷ ପାଇଁ ପୋଷାକ ଓ ଜୋତା ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ ନିର୍ଦ୍ଦେଶ ମୁତାବକ ଅଗଷ୍ଟ ୧୫ ମଧ୍ୟରେ ପୋଷାକ ଓ ଜୋତା ବିତରଣ କରାଯାଇଛି। ଏଥିପାଇଁ ଆୟୋଜିତ ସଭାରେ ବିଦ୍ୟାଳୟ ପରିଚାଳନା କମିଟି ସଭାନେତ୍ରୀ ରୋଜାଲିନ ବେହେରା, ଉପସଭାପତି ନରେନ୍ଦ୍ର ପ୍ରଧାନ, ସଭ୍ୟ ମନୋଜ ସାହୁ, ଦିଗାମ୍ବର ଘଡ଼େଇ, ବିକ୍ରମ ବେହେରା, ସନ୍ଧ୍ୟାରାଣି ସାହୁ, ପ୍ରଭାତି ସାହୁ, ୱାର୍ଡ ସଭ୍ୟ କବିଲତା ସାହୁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ପ୍ରଧାନ ଶିକ୍ଷକ ପ୍ରଦ୍ୟୁମ୍ନ କୁମାର ମିଶ୍ର ସଭାପତିତ୍ୱ କରିଥିଲେ। ଶିକ୍ଷକ ସୁଶାନ୍ତ ଭୋଇ, ବୀରୋନ ଦାସ, ସ୍ୱର୍ଣ୍ଣରେଖା ଦେହୁରୀ, ନିବେଦିତା ସାହୁ ଓ ଗୀତା କୁମାରୀ ମହାନ୍ତି ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଏହି ଉତ୍ସବରେ ୧୩୦ ଜଣ ଛାତ୍ରୀଛାତ୍ରଙ୍କୁ ପୋଷାକ ଓ ଜୋତା ବିତରଣ କରାଯାଇଥିଲା। ସହକାରୀ ଶିକ୍ଷକ ପ୍ରଶାନ୍ତ କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ।

### ସ୍ୱାସ୍ଥ୍ୟକେନ୍ଦ୍ର ଛାତରୁ ଗଳୁଛି ପାଣି

ମାଧପୁର,୧୩।୮- ଆଠମଲ୍ଲିକ ବ୍ଲକ ମାଧପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଫିସ ଗୃହ ଓ ଡାକ୍ତରଙ୍କ କ୍ୱାର୍ଟର୍ସ ଛାତରୁ ପାଣି ଗଳୁଛି। ସାମାନ୍ୟ ବର୍ଷା ହେଲେ ବି ପାଣି ଗଳି ବିଭିନ୍ନ ଆସବାବପତ୍ର ନଷ୍ଟ କରୁଥିବାରୁ ଡାକ୍ତର ଓ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। କର୍ମଚାରୀମାନେ କହିଛନ୍ତି ଯେ, ୨୦୦୬ରେ ଅଫିସ ଗୃହ ଓ ୨୦୧୫ରେ ଡାକ୍ତରଙ୍କ କ୍ୱାର୍ଟର୍ସ ନିର୍ମାଣ ହୋଇଥିଲା। ତେବେ ନିର୍ମାଣର ମାତ୍ର କିଛି ବର୍ଷ ପରେ ଛାତରୁ ପାଣି ଗଳିବା ଅତ୍ୟନ୍ତ ଆଶ୍ଚର୍ଯ୍ୟର ବିଷୟ। ଏଥିରୁ କାର୍ଯ୍ୟର ମାନ ଓ ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତୁରନ୍ତ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ମରାମତି କାର୍ଯ୍ୟ କରିବାକୁ କର୍ମଚାରୀମାନେ ଦାବି କରିଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ରାହୁଲ ଗର୍ଗ କହିଛନ୍ତି, ସମସ୍ୟା ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯିବ।

### ଅନାଥ ଶିଶୁଙ୍କୁ ଭୋଜନ, ବସ୍ତ୍ରଦାନ

ଅନୁଗୋଳ ଅଫିସ, ୧୩।୮: ଅନୁଗୋଳସ୍ଥିତ ଆଦର୍ଶ ଅନୁଷ୍ଠାନର ଅଧକ୍ଷ ମହେଶ ଚନ୍ଦ୍ର ଧଳଙ୍କ ତତ୍ତ୍ୱାବଧାନରେ ଇଞ୍ଜିନିୟରିଂ କଲେଜ ପରିସର ଶିବ ମନ୍ଦିର ପ୍ରାଙ୍ଗଣରେ ଆଦୃତା ଶିଶୁ ଯତ୍ନ ଅନୁଷ୍ଠାନର ଛାତ୍ରୀଛାତ୍ରମାନଙ୍କୁ ବସ୍ତ୍ର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ କୁନି ଛାତ୍ରୀଛାତ୍ରମାନଙ୍କୁ ମଧ୍ୟାହ୍ନ ଭୋଜନରେ ଆପାୟିତ କରାଯାଇଥିଲା। ଆଦର୍ଶ ଅଧକ୍ଷଙ୍କ ଏପରି ସେବା ମନବୃତ୍ତିକୁ ଆଦୃତା ଅନୁଷ୍ଠାନର କର୍ମକର୍ତ୍ତାମାନେ ଉଚ୍ଚ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ଇଞ୍ଜିନିୟରିଂ କଲେଜର ନିର୍ଦ୍ଦେଶକ ପ୍ରକାଶ ଚନ୍ଦ୍ର ଧଳ, ଅଧକ୍ଷ ଏ.କେ. ସିଂ, ପ୍ରଶାସନିକ ଅଧିକାରୀ ଅବନିକାନ୍ତ ଷଡ଼ଙ୍ଗୀ, ଲୋକ ସମ୍ପର୍କ ଅଧିକାରୀ ବଂଶୀଧର ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ଆଦର୍ଶ ଇଣ୍ଟରନ୍ୟାଶନାଲ ସ୍କୁଲ ଅଧକ୍ଷ ଓ ସମସ୍ତ କର୍ମଚାରୀ ଯୋଗଦାନ କରିଥିଲେ। ଆଗାମୀ ଦିନରେ ଏପରି ଜନହିତକର କାର୍ଯ୍ୟକ୍ରମ ଚାଲୁ ରଖିବା ପାଇଁ ଧଳ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ।



## ■ପିଜି ଆବେଦନ ଫର୍ମରେ ତ୍ରୁଟି ଅଭିଯୋଗ

# ଜିଲା ପ୍ରଶାସନର ଦ୍ୱାରସ୍ଥ ହେଲେ ଛାତ୍ର

**ଅନୁଗୋଳ ଅଫିସ, ୧୩।୮**



ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପିଜି ଫର୍ମରେ ତ୍ରୁଟି ଥିବା ସମ୍ପର୍କରେ କର୍ତ୍ତୃପକ୍ଷଙ୍କୁ ଜଣାଯାଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନ ଥିବା କଲେଜର କେତେଜଣ ଛାତ୍ର ଅଭିଯୋଗ କରିଛନ୍ତି। ଏ ନେଇ ସମ୍ପୃକ୍ତ ଛାତ୍ରମାନେ ମଙ୍ଗଳବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ତେବେ ଅଭିଯୋଗପତ୍ର ପାଇବା ପରେ ଅତିରିକ୍ତ ଜିଲାପାଳ ତାହାକୁ ରାଜ୍ୟ ଶିକ୍ଷା ବିଭାଗକୁ ପଠାଇ ଦେଇଥିବା ଜଣାପଡ଼ିଛି।

ସମ୍ପୃକ୍ତ ଛାତ୍ରମାନେ ଅଭିଯୋଗ କରିଛନ୍ତି ଯେ, ମହାବିଦ୍ୟାଳୟର ୫ଟି ବିଭାଗରେ ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ଫର୍ମ ବାହାରିଥିଲା। ରାଜନୀତି ବିଜ୍ଞାନ ପାଇଁ ୩୨ଟି ଆସନ ଥିବାବେଳେ ଅର୍ଥନୀତି ବିଭାଗରେ ୧୬ଟି, ଓଡ଼ିଆରେ ୩୨, ପଦାର୍ଥ ବିଜ୍ଞାନରେ ୧୬ ଓ ଜୁଲୋଜିରେ ୧୬ଟି ଆସନ ଥିଲା। ଗତ ଜୁଲାଇ ୩ରେ ମହାବିଦ୍ୟାଳୟ ପକ୍ଷରୁ ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଜୁଲାଇ ୯ ଶେଷ ତାରିଖ ଥିବାବେଳେ ଏହାକୁ ପରବର୍ତ୍ତୀ ସମୟରେ ୧୨ ତାରିଖ କରାଯାଇଥିଲା। ପ୍ରଥମ ଚୟନ ପ୍ରକ୍ରିୟା ଜୁଲାଇ ୧୭ରେ ହୋଇଥିଲା। ଅଗଷ୍ଟ ୮ ମଧ୍ୟରେ ଦୁଇଟି ପର୍ଯ୍ୟାୟରେ ଚୟନ ପ୍ରକ୍ରିୟା ଶେଷ ହୋଇ ନାମ ଲେଖା ସରିଛି। ତେବେ ସଂରକ୍ଷଣ ପ୍ରତିଶତରେ ତ୍ରୁଟି ଥିବା ଛାତ୍ରମାନେ ଅଭିଯୋଗ କରିଥିଲେ। ଏସ୍‌ଟିରେ ୨୨.୫ ପ୍ରତିଶତ ସଂରକ୍ଷଣ ଥିବାବେଳେ ଏସ୍‌ସି ଓ ଏକ୍ସ ସର୍ଭିସମ୍ୟାନ ସଂରକ୍ଷଣ ୧୬.୨୫ ପ୍ରତିଶତ ରଖାଯାଇଛି। ସେହିପରି ସର୍ଭିସରେ ଥିବା ଡିଫେନ୍ସ ପରସନ୍‌ଙ୍କ ପାଇଁ ୧ ପ୍ରତିଶତ ଓ ଭିନ୍ନକ୍ଷମଙ୍କ ପାଇଁ ୫ ପ୍ରତିଶତ ସଂରକ୍ଷଣ ରଖାଯାଇଛି। ଏଥିସହ ଏନ୍‌ସିସି ପିଲାଙ୍କ ପାଇଁ କୌଣସି ସଂରକ୍ଷଣ ରଖାଯାଇନାହିଁ। ଏହାକୁ ନେଇ ବିବାଦ ଦେଖାଦେଇଛି। ଅନ୍ୟ ବିଶ୍ୱବିଦ୍ୟାଳୟ ଓ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏକ୍ସ ସର୍ଭିସମ୍ୟାନଙ୍କ ପାଇଁ ୧ ପ୍ରତିଶତ ସଂରକ୍ଷଣ ରହୁଥିବାବେଳେ ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏଥିରେ ବ୍ୟତିକ୍ରମ ହୋଇଥିବାରୁ ବହୁ ଛାତ୍ରୀଛାତ୍ର ନାମଲେଖାରୁ ବାଦ୍ ପଡ଼ିଛନ୍ତି। ହେଲେ ଅଭିଯୋଗକୁ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଗୁରୁତ୍ୱ ନ ଦେବାରୁ ସେମାନେ ପ୍ରଶାସନର ଦ୍ୱାରସ୍ଥ ହୋଇଥିବା ଛାତ୍ର ମାନସ ରଞ୍ଜନ ସାହୁ ଓ ଅବିନାଶ ସାହୁଙ୍କ ସହ ଅନ୍ୟମାନେ ଅଭିଯୋଗ କରିଛନ୍ତି। ଏ ନେଇ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ଉତ୍ତର ମିଳି ନ ଥିଲା। ତେବେ ଅନ୍ୟଜଣେ ବରିଷ୍ଠ ଅଧିକାରୀ ସଂରକ୍ଷଣରେ ତ୍ରୁଟି ଥିବା ନାମ ଗୋପନ ରଖି ସ୍ୱୀକାର କରିଛନ୍ତି।



ଡାକ୍ତର ଓ କର୍ମଚାରୀମାନେ କଳାବ୍ୟାଜ ପରିଧାନ କରିଛନ୍ତି।

## ■ପୋଲିସ ନିଷ୍କ୍ରିୟତାର ପ୍ରତିବାଦ

# କଳାବ୍ୟାଜ ପିନ୍ଧିଲେ ଡାକ୍ତର, କର୍ମଚାରୀ

**ଅନୁଗୋଳ ଅଫିସ, ୧୩।୮**

ତାଳଚେର ଉପଖଣ୍ଡ ଡାକ୍ତରଖାନା ଓ ଅନୁଗୋଳ ମେଡିକାଲ ପରିସରରେ ଡାକ୍ତରଙ୍କୁ ଆକ୍ରମଣ ଘଟଣାରେ ପୋଲିସ ଏଯାଏ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବାରୁ ଏହାର ପ୍ରତିବାଦ କରିଛନ୍ତି ଅନୁଗୋଳର ଡାକ୍ତର ଓ କର୍ମଚାରୀ। ଘଟଣାକୁ ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏଶନ (ଓମ୍‌ସା) ପକ୍ଷରୁ ନିନ୍ଦା କରାଯିବା ସହ ମଙ୍ଗଳବାର ଠାରୁ ଓମ୍‌ସାର ସଦସ୍ୟ ଡାକ୍ତର ଓ କର୍ମଚାରୀମାନେ କଳାବ୍ୟାଜ ପରିଧାନ କରିଛନ୍ତି। ଏହି ପ୍ରତିବାଦ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲିବ ବୋଲି ଓମ୍‌ସା ପକ୍ଷରୁ କୁହାଯାଇଛି। ଏଥିସହ ତାଳଚେର ହସ୍ପିଟାଲ ପରିସରରେ ଏକ ଫାଣ୍ଡି ଖୋଲିବା, ଅନୁଗୋଳ ହସ୍ପିଟାଲରେ ଥିବା ଫାଣ୍ଡିକୁ ୨୪ ଘଣ୍ଟିଆ କାର୍ଯ୍ୟକାରୀ କରାଯିବାକୁ ଦାବି କରାଯାଇଛି। ଏହି ପ୍ରତିବାଦ ସଭାରେ ଓମ୍‌ସା ସଭାପତି ଡାକ୍ତର ବିଶ୍ୱଜିତ ସାମଲ, ଡାକ୍ତର ଜ୍ଞାନରଞ୍ଜନ ବିଶ୍ୱାଳ, ଡାକ୍ତର ବିଭୁପ୍ରସାଦ ଷଡ଼ଙ୍ଗୀ, କର୍ମଚାରୀ ଲଳିତ ପଟ୍ଟନାୟକ, ଗଣେଶ୍ୱର ବେହେରା, ସାଗର ମୁଖି, ଉମାକାନ୍ତ ମହାନ୍ତିଙ୍କ ସମେତ ବହୁ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ■ବର୍ଷା ବଢ଼ାଇଲା ଦୁର୍ଦ୍ଦଶା

# ଡାକ୍ତରଖାନାରେ ପଶିଲା ଡ୍ରେନ ପାଣି



**ପାଲଲହଡା,୧୩।୮(ଡି.ଏନ.ଏ.)**

ଅନୁଗୋଳ ଜିଲା ପାଲଲହଡା ଉପଖଣ୍ଡ ଚିକିତ୍ସାଳୟରେ ମଙ୍ଗଳବାର ଡ୍ରେନ ପାଣି ପଶିଯିବାରୁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ହନ୍ତସନ୍ତ ହୋଇଛନ୍ତି। ସୋମବାରଠାରୁ ଲାଗି ରହିଥିବା ବର୍ଷା ଯୋଗୁ ଡ୍ରେନ୍ ପାଣି ନିଷ୍କାସନ ହୋଇ ନ ପାରି ଏପରି ପରିସ୍ଥିତି ସୃଷ୍ଟି ହୋଇଥିବା ଜଣାପଡ଼ିଛି। ପ୍ରତିବର୍ଷ ବର୍ଷା ଦିନେ ଏପରି ସମସ୍ୟା ସୃଷ୍ଟି ହେଉଥିଲେ ବି ଡାକ୍ତରଖାନା କର୍ତ୍ତୃପକ୍ଷ ଏବଂ ଉପଖଣ୍ଡ ପ୍ରଶାସନ ପକ୍ଷରୁ ସ୍ଥାୟୀ ସମାଧାନ ନିମନ୍ତେ କୌଣସି ପଦକ୍ଷେପ ନିଆଯାଉ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସେମାନେ କହିଛନ୍ତି ଯେ, ଡାକ୍ତରଖାନା ଚତୁଃପାର୍ଶ୍ୱରେ ଥିବା ଡ୍ରେନର କିଛି ଅଂଶ ସ୍ଥାନୀୟ ଉଠାଦୋକାନୀଙ୍କ ଜବରଦଖଲରେ ରହିଛି। ସେହିପରି ଡ୍ରେନ୍‌ରେ ପଡୁଥିବା ଅଳିଆ ଆବର୍ଜନା ନିୟମିତ ସଫେଇ ହେଉ ନ ଥିବାରୁ ବର୍ଷା ଜଳ ନିଷ୍କାସନ ହୋଇପାରୁ ନାହିଁ। ଏ ନେଇ ଉପଖଣ୍ଡ ଚିକିତ୍ସା ଅଧିକାରୀ ଜୟକୃଷ୍ଣ ପାତ୍ର କହିଛନ୍ତି, ଡାକ୍ତରଖାନାଠାରୁ ରାସ୍ତାର ଉଚ୍ଚତା ଅଧିକ ରହିଛି। ଡାକ୍ତରଖାନା ଚାରିପାଖରେ ଥିବା ସ୍ଥାନୀୟ ପଞ୍ଚାୟତର ଡ୍ରେନ ଗୁଡିକ ଜାମ ହୋଇ ଯାଉଥିବାରୁ ବର୍ଷା ହେଲେ ଡ୍ରେନ୍ ପାଣି ଡାକ୍ତରଖାନା ମଧ୍ୟକୁ ପ୍ରବେଶ କରୁଛି। ସମସ୍ୟା ସମ୍ପର୍କରେ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବ ବୋଲି ପାତ୍ର ପ୍ରକାଶ କରିଛନ୍ତି।

## ଆଉ ୨ ଡେଙ୍ଗୁ ରୋଗୀ ଚିହ୍ନଟ

**ଅନୁଗୋଳ ଅଫିସ, ୧୩।୮**

ଅନୁଗୋଳ ଜିଲାରେ ଡେଙ୍ଗୁ ରୋଗୀ ସଂଖ୍ୟା ବୃଦ୍ଧି ପାଉଛି। ମଙ୍ଗଳବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ଦୁଇ ରୋଗୀଙ୍କୁ ଚିହ୍ନଟ କରାଯାଇଛି। ଜଣଙ୍କ ଘର ଅନୁଗୋଳ ସହର ଶିକ୍ଷକପଡ଼ାରେ ହୋଇଥିବା ବେଳେ ଅନ୍ୟଜଣଙ୍କ ଘର ଠାକୁରଗଡ଼ର ସାନଦଦରା ଅଞ୍ଚଳରେ ବୋଲି ଜଣାପଡ଼ିଛି। ଏହି ଦୁଇ ଜଣଙ୍କୁ ମିଶାଇ ମୋଟ୍ ୯ ଜଣ ଡେଙ୍ଗୁ ରୋଗୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚଳିତବର୍ଷ ଚିହ୍ନଟ ହୋଇଥିବା ଜଣାପଡ଼ିଛି। ଚଳିତବର୍ଷ ମୋଟ୍ ୧୩୨ ଜଣଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇ ଡେଙ୍ଗୁ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୯ ଜଣ ଏଥିରେ ଆକ୍ରାନ୍ତ ରହିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟରେ ପୂର୍ବରୁ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିଲେ ମଧ୍ୟ ସ୍ୱତନ୍ତ୍ର ୱାର୍ଡ ଖୋଲାଯାଇ ନ ଥିଲା। ମଙ୍ଗଳବାର ଦୁଇ ଜଣ ଚିହ୍ନଟ ହେବା ପରେ ଅଂଶୁଘାତ ୱାର୍ଡକୁ ଡେଙ୍ଗୁ ୱାର୍ଡରେ ପରିଣତ କରାଯାଇଥିବା ସୂଚନା ମିଳିଛି।

## ଫଟୋରେ ଖବର



ଆସୁଛି ରାଖୀ ପୂର୍ଣ୍ଣିମା। ଅନୁଗୋଳ ସହରର ଏକ ଦୋକାନରୁ ଯୁବତୀମାନେ ରାଖୀ କିଣୁଛନ୍ତି।

# ବସ୍‌ଷ୍ଟାଣ୍ଡ ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ

**ଅନୁଗୋଳ ଅଫିସ, ୧୩।୮**

ବହୁ ପ୍ରତୀକ୍ଷିତ ଅନୁଗୋଳର ନବନିର୍ମିତ ବସ୍‌ଷ୍ଟାଣ୍ଡ ଓ ମାର୍କେଟ କମ୍ପଲେକ୍ସ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଖୁବ୍ ଶୀଘ୍ର ଏହା ଉଦ୍‌ଘାଟିତ ହେବ। ତେବେ ମଙ୍ଗଳବାର ବସ୍‌ଷ୍ଟାଣ୍ଡର ମୁଖ୍ୟ ଫାଟକ ସମ୍ମୁଖରେ ଥିବା ଦୋକାନ ଗୁଡ଼ିକୁ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ବାକି ଥିବା ଦୋକାନ ଘର ବୁଧବାର ଉଚ୍ଛେଦ ହେବ ବୋଲି ଅନୁଗୋଳ ତହସିଲଦାର ବିଚିତ୍ରାନନ୍ଦ ନାୟକ କହିଛନ୍ତି। ସେହିପରି ଜବରଦସ୍ତିପଡ଼ାରେ ଜଣଙ୍କ ବ୍ୟକ୍ତିଗତ ଜାଗାକୁ ସହରର ଜଣେ ବ୍ୟକ୍ତି ବହୁ ବର୍ଷ ହେବ ଅକ୍ତିଆର କରି ରଖିଥିଲେ। ଏହାକୁ ଉଚ୍ଛେଦ କରିବା ପାଇଁ ଓଡ଼ିଶା ଉଚ୍ଚନ୍ୟାୟାଳୟ ନିର୍ଦ୍ଦେଶ ଦେଇଥିବାରୁ ପ୍ରଶାସନିକ ଅଧିକାରୀଙ୍କ ସମେତ ଅନୁଗୋଳ ପୋଲିସ ବୁଲଡୋଜର ନେଇ ସେଠାରେ ପହଞ୍ଚିଥିଲା। କିନ୍ତୁ ବୁଲଡୋଜର ଉକ୍ତ ସ୍ଥାନକୁ ଯିବାରେ ସମସ୍ୟା ହେବାରୁ ଉଚ୍ଛେଦ କାର୍ଯ୍ୟ ବନ୍ଦ ରହିଛି। ବୁଧବାର ଉକ୍ତ ଉଚ୍ଛେଦ କାର୍ଯ୍ୟ ପୁନର୍ବାର ଆରମ୍ଭ କରାଯିବ ବୋଲି ଅନୁଗୋଳ ତହସିଲଦାର ବିଚିତ୍ରାନନ୍ଦ ନାୟକ ସୂଚନା ଦେଇଛନ୍ତି।

# ବାଇକ୍ ଯାତ୍ରାରେ ସଚେତନତା ବାଣ୍ଟିଲେ



**ତାଳଚେର,୧୩।୮(ନି.ପ୍ର.)**

ବାଇକ୍‌ରେ ବାଙ୍ଗାଲୋରରୁ ତାଳଚେର ଦୀର୍ଘ ୧୧୩୫ କିମି ଯାତ୍ରା କରି ଟ୍ରାଫିକ ନିୟମ ସମ୍ପର୍କରେ ଗାଡ଼ି ଚାଳକମାନଙ୍କୁ ସଚେତନ କରିଛନ୍ତି ତାଳଚେର ଥର୍ମାଲର ରାହୁଲ ମହାନ୍ତି। ବିପିନ କୁମାର ମହାନ୍ତି ଓ ରୂପାଲୀ ମହାନ୍ତିଙ୍କ ପୁଅ ରାହୁଲ ଗତ ୧୦ ତାରିଖ ଭୋର ୪ଟାରେ ବାଙ୍ଗାଲୋରରୁ ବାହାରିଥିଲେ। ସେ ରାଜମହେନ୍ଦ୍ରୀ, ବିଜୟୱାଡା, ବିଶାଖାପାଟଣା, ବ୍ରହ୍ମପୁର ଦେଇ ଭୁବନେଶ୍ୱରଠାରେ ପହଞ୍ଚି ଥିଲେ। ମଦ୍ୟପାନ କରି ଗାଡି ନ ଚଳାଇବା, ହେଲମେଟ ବ୍ୟବହାର କରିବା ସହ ଟ୍ରାଫିକ ନିୟମକୁ ଠିକ୍ ଭାବେ ପାଳନ ସମ୍ପର୍କରେ ବିଭିନ୍ନ ସ୍ଥାନରେ ସେ ଲୋକଙ୍କୁ ସଚେତନ କରାଇଥିଲେ। ୧୧ ତାରିଖ ଅପରାହ୍ନ ୫ଟାରେ ସେ ତାଳଚେର ଥର୍ମାଲରେ ପହଞ୍ଚିବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଯାଇଥିଲା।

# ସାମାନ୍ୟ ବର୍ଷାରେ ଜମୁଛି ଆଣ୍ଠୁଏ ପାଣି

**ତାଳଚେର,୧୩।୮(ନି.ପ୍ର.)**

ତାଳଚେର ଫାଷ୍ଟଗେଟ ଠାରୁ ଶର୍ମା ଛକ ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମିତ ରାସ୍ତାର ଅନେକ ସ୍ଥାନରେ ସାମାନ୍ୟ ବର୍ଷାରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହୁଥିବା ଅଭିଯୋଗ ହେଉଛି। ପରିସ୍ଥିତି ଏପରି ହେଉଛି ଯେ ବର୍ଷା ପରେ ଉକ୍ତ ରାସ୍ତାରେ ବାଇକ୍‌ରେ ଯାତାୟାତ ଅସମ୍ଭବ ହୋଇପଡୁଛି। ୪ ଚକିଆ କିମ୍ବା ଭାରିଯାନ ଚଳାଚଳ କଲେ ଜମିଥିବା ପାଣି ପାଖ ଦୋକାନ ଭିତରକୁ ମାଡ଼ିଯାଉଛି। ନିର୍ମାଣ କାର୍ଯ୍ୟରେ ତ୍ରୁଟି ଯୋଗୁ ଏଭଳି ହେଉଛି ବୋଲି ସ୍ଥାନୀୟ ବ୍ୟବସାୟୀ ଓ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଏସ୍‌ଡିଓ ଦାମୋଦର କୈବର୍ତ୍ତ କହିଛନ୍ତି, ଏମ୍‌ସିଏଲ୍ ଲିଙ୍ଗରାଜ କଲୋନୀର ସମସ୍ତ ପାଣି ରାସ୍ତାକୁ ଆସୁଛି। ଫଳରେ ଏଭଳି ଅବସ୍ଥା ସୃଷ୍ଟି ହେଉଛି।

## ■ଶ୍ରମ ଆଇନ ସଂଶୋଧନ, ଘରୋଇକରଣ ବନ୍ଦ ଦାବି

# ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ

**ଅନୁଗୋଳ ଅଫିସ, ୧୩।୮**




ଏଆଇୟୁଟିୟୁସି ପକ୍ଷରୁ ଶୋଭାଯାତ୍ରା ସହର ପରିକ୍ରମା କରୁଛି।

କେନ୍ଦ୍ର ଭାଜପା ସରକାର ଦେଶୀ ବିଦେଶୀ କମ୍ପାନୀମାନଙ୍କ ସ୍ୱାର୍ଥରେ କରୁଥିବା ଶ୍ରମ ଆଇନ୍ ସଂଶୋଧନ ଓ ନାଲ୍‌କୋ, ଏନ୍‌ଟିପିସି ପରି ରାଷ୍ଟ୍ରାୟତ୍ତ ଉଦ୍ୟୋଗରୁ ପୁଞ୍ଜି ପ୍ରତ୍ୟାହାର ପାଇଁ ଚଳାଇଥିବା ଉଦ୍ୟମକୁ ବନ୍ଦ ରଖିବାକୁ ଦାବି କରିଛି ଅଲ୍ ଇଣ୍ଡିଆ ୟୁନାଇଟେଡ୍ ଟ୍ରେଡ୍ ୟୁନିୟନ୍ ସେଣ୍ଟର (ଏଆଇୟୁଟିୟୁସି)। ଏହି କେନ୍ଦ୍ରୀୟ ସଙ୍ଗଠନ ପକ୍ଷରୁ ମଙ୍ଗଳବାର ଅନୁଗୋଳ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସଙ୍ଗଠନର ଶତାଧିକ କର୍ମୀ ଏକ ଶୋଭାଯାତ୍ରାରେ ଷ୍ଟାଡିୟମରୁ ବାହାରି ବଜାର ପରିକ୍ରମା କରିବା ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେଠାରେ ଏଆଇୟୁଟିୟୁସିର ଜିଲା ସଭାପତି ପ୍ରହ୍ଲାଦ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ଉପସଭାପତି ଭିକାରୀ ପ୍ରଧାନ, ଜିଲା ସମ୍ପାଦକ ବ୍ରଜବନ୍ଧୁ ସାହୁ, ସମ୍ପାଦକ ମଣ୍ଡଳୀ ସଭ୍ୟ ତୀର୍ଥବାସୀ ଭୋଇ, ଟୁନା ନାଏକ, ପ୍ରତାପ ପ୍ରଧାନ, ପ୍ରଦୀପ ପ୍ରଧାନ ପ୍ରମୁଖ ବକ୍ତବ୍ୟ ଦେଇ କେନ୍ଦ୍ର ଭାଜପା ସରକାରଙ୍କ ଏପରି ଶ୍ରମିକ ବିରୋଧୀ କାର୍ଯ୍ୟକୁ ତୀବ୍ର ସମାଲୋଚନା କରିବା ସହ ଆନ୍ଦୋଳନ ଗଢ଼ି ତୋଳିବାକୁ ଆହ୍ୱାନ ଦେଇଥିଲେ। ଶ୍ରମ ଆଇନ ସଂଶୋଧନ ଓ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଘରୋଇକରଣ ବନ୍ଦ କରିବା, ଏମ୍‌ସିଏଲ୍, ନାଲ୍‌କୋ ଦୁର୍ଘଟଣାରେ ମୃତ ଶ୍ରମିକଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ, ଅନୁଗୋଳସ୍ଥିତ ଇଏସ୍‌ଆଇ ହସ୍ପିଟାଲକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା, ପାଚିକା-ସହାୟିକା, ଆଶା, ଅଙ୍ଗନୱାଡି କର୍ମୀ, ସହାୟିକା, ଏସ୍‌ଇଏମ୍‌ମାନଙ୍କୁ ଶ୍ରମିକର ମାନ୍ୟତା ଦେଇ ସର୍ବନିମ୍ନ ୨୧ ହଜାର ଟଙ୍କା ଦରମା ପ୍ରଦାନ କରିବା ଆଦି ୯ ଦଫା ସମ୍ବଳିତ ଦାବିପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀଙ୍କୁ ପ୍ରଦାନ କରାଯାଇଥିଲା।

## ସଂକ୍ଷେପରେ

### ହକି ବିଶ୍ୱକପ୍ ଖର୍ଚ୍ଚର ପ୍ରାଥମିକ ହିସାବ
## ୮୨.୫ କୋଟିରୁ ୫୯ କୋଟିର ହିସାବ ଆସିଛି

ଭୁବନେଶ୍ୱର,୧୩।୮ (ବ୍ୟୁରୋ)
ଓଡ଼ିଶାରେ ଗତବର୍ଷ ହୋଇଥିବା ହକି ବିଶ୍ୱକପ୍ ପାଇଁ ରାଜ୍ୟ ସରକାର ୮୨.୫ କୋଟି ଟଙ୍କାର ବ୍ୟୟବରାଦ କରିଥିଲେ। ଏଥିମଧ୍ୟରୁ ୫୯.୫୯ କୋଟି ଟଙ୍କାର ହିସାବ ସାମ୍ନାକୁ ଆସିଛି। ୨୫ କୋଟି ଟଙ୍କା କେବଳ ବିଶ୍ୱକପର ଆୟୋଜକ, ଅନ୍ତର୍ଜାତୀୟ ହକି ପରିଷଦ(ଏଫ୍‌ଆଇଏଚ୍) ଏବଂ ହକି ଇଣ୍ଡିଆକୁ ପ୍ରଦାନ କରାଯାଇଥିଲା। ଗଣମାଧ୍ୟମ ଏବଂ ପ୍ରଚାର ପ୍ରସାର ପାଇଁ ୯.୨୩କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ପ୍ରାଥମିକ ଖର୍ଚ୍ଚ ହିସାବରୁ ଜଣାପଡିଛି, ସମଗ୍ର ବିଶ୍ୱକପ୍‌ର ପରିଚାଳନା ପାଇଁ ୬.୯୪କୋଟି ଟଙ୍କା, କଳିଙ୍ଗ ଷ୍ଟାଡିୟମ ବାବଦରେ ୬.୫୪କୋଟି ଏବଂ ଖେଳାଳି ଓ ସହାୟକମାନଙ୍କ ପରିବହନ ବାବଦରେ ୩.୭୩କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ସେହିପରି ଦେଶ ଏବଂ ଦେଶ ବାହାରେ ହକି ବିଶ୍ୱକପ୍‌ର ପ୍ରଚାର ଲାଗି ୧.୫କୋଟି ଟଙ୍କା ବ୍ୟୟ କରାଯାଇଛି। ଏହି କ୍ରୀଡ଼ା ମହାକୁମ୍ଭ ଚାଲିଥିବା ବେଳେ ଯୋଗଦେଇଥିବା ବିଭିନ୍ନ ଖେଳାଳି ଏବଂ ଅତିଥିମାନଙ୍କ ରହଣି ଓ ଅନ୍ୟାନ୍ୟ ଖର୍ଚ୍ଚ ବାବଦରେ ୧.୧୧ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ସେହିଭଳି ବିଶ୍ୱକପ୍‌ର ପ୍ରକଳ୍ପ ପରିଚାଳନା ବାବଦକୁ ୨.୧୮ କୋଟି ଟଙ୍କା, ୮୮.୯୬ଲକ୍ଷ ଟଙ୍କା ବୈଧାନିକ ଖର୍ଚ୍ଚ ଏବଂ ୨.୫୦କୋଟି ଟଙ୍କା ଅନ୍ୟାନ୍ୟ ବାବଦରେ ଖର୍ଚ୍ଚ ହୋଇଛି। ଏହାସହ ଆହୁରି କେତେ ଖର୍ଚ୍ଚ ହିସାବ କରାଯାଇ ନ ଥିବା ସରକାରୀ ସ୍ତରରୁ ଜଣାପଡିଛି। ଏହି ବିଶ୍ୱକପ୍ ସମୟରେ ଆୟୋଜନ କରାଯାଇଥିବା ଉଦ୍‌ଘାଟନୀ ଉତ୍ସବ ପାଇଁ ହକି ଇଣ୍ଡିଆ ପକ୍ଷରୁ ଖର୍ଚ୍ଚ କରାଯାଇଥିଲା। ଏହି ବିଶ୍ୱକପ୍ ଗତବର୍ଷ ନଭେମ୍ବର ୨୮ରୁ ଆରମ୍ଭ ହୋଇ ଡିସେମ୍ବର ୧୬ ପର୍ଯ୍ୟନ୍ତ ଚାଲିଥିଲା। ରାଜ୍ୟ ସରକାର ବିଧାନସଭା ଅଧିବେଶନରେ ଏ ସମ୍ବନ୍ଧରେ ଉତ୍ତର ରଖି ନ ଥିବା ବେଳେ ଆରଟିଆଇ(ସୂଚନା ଅଧିକାର ଆଇନ) ଦ୍ୱାରା ତଥ୍ୟ ମଗାଗଲେ ମଧ୍ୟ ମିଳୁ ନ ଥିବା ଜଣାପଡିଛି। ଅପରପକ୍ଷରେ ବିରୋଧୀ ଏବଂ ସୂଚନା ଅଧିକାରୀ କର୍ମୀଙ୍କ ପକ୍ଷରୁ ହକି ବିଶ୍ୱକପ୍ ଆୟୋଜନରେ ଆର୍ଥିକ ଅନିୟମିତତା ହୋଇଥିବା ଅଭିଯୋଗ କରାଯାଉଛି।

### କୂଅ ଓ ପୋଖରୀରେ ଭାସୁଛି ୫କେଜିର ପଥର



ନିମାପଡ଼ା,୧୩।୮(ଡି.ଏନ୍.ଏ.)- ନିମାପଡ଼ା ବ୍ଲକ ଅନ୍ତର୍ଗତ ଡମ୍ପାଲୋ ଗ୍ରାମପଞ୍ଚାୟତର ଆଶାପୂରଣ ଗ୍ରାମରେ ଏକ ଆଶ୍ଚର୍ଯ୍ୟଜନିତ ଘଟଣା ଦେଖିବାକୁ ମିଳିଛି। ଗ୍ରାମର ଆରାଧ ଦେବତା ପ୍ରଭୁ ଆଖଣ୍ଡେଳଶ୍ୱର ମହାଦେବଙ୍କ ମନ୍ଦିର ବେଢ଼ାରେ ଥିବା ଏକ କୂଅରେ ପ୍ରାୟ ୫କେଜିର ଓଜନର ଏକ ସିମେଣ୍ଟ ପଥର ଭାସୁଥିବାର ଦେଖାଯାଇଛି। ଏଭଳି ବିରଳ ଦୃଶ୍ୟ ଦେଖିବାକୁ ଆଶାପୂରଣ ଗ୍ରାମକୁ ଲୋକଙ୍କ ଭିଡ ଜମିବାରେ ଲାଗିଛି। ଏହା ଏକ ଅଲୌକିକ ତଥା ପ୍ରଭୁ ଆଖଣ୍ଡେଶ୍ୱର ମହାଦେବଙ୍କ ମହିମାରୁ ଘଟିଥିବା ମନ୍ଦିର ପୂଜକ ସୁରେନ୍ଦ୍ରନାଥ ପଣ୍ଡା, ବିଶ୍ୱଜିତ ପଣ୍ଡା,ଗ୍ରାମର ବିକେଇଚରଣ ସାହୁ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, କ୍ଷେତ୍ରମୋହନ ବେହେରା ପ୍ରମୁଖ କହିଛନ୍ତି। ମନ୍ଦିର ବେଢ଼ା ରାସ୍ତାପାର୍ଶ୍ୱରେ ପଡିଥିବା ଏହି ପଥରଟିକୁ ପ୍ରଥମେ ଗ୍ରାମର କୃଷ୍ଣଚନ୍ଦ୍ର ସେନାପତି ଓ ମନୋରଞ୍ଜନ ସେନାପତି ଆଣି ଗ୍ରାମର ବଡ ପୋଖରୀରେ ପକାଇଦେଇଥିଲେ। ମାତ୍ର ପଥରଟି ପୋଖରୀରେ ବୁଡିବା ବଦଳରେ ଭାସୁଥିବାର ଦେଖି ଉଭୟେ ଚକ୍ଵିତ ହୋଇଯାଇଥିଲେ। ଏ ବିଷୟରେ ସେମାନେ ଗ୍ରାମବାସୀଙ୍କୁ ଜଣାଇବା ପରେ ଗ୍ରାମର ଅଧିକାଂଶ ଲୋକ ଆସି ଦେଖିଥିଲେ। ପରେ ପଥରଟିକୁ ଆଣି ଓଜନ କଲାବେଳେ ୪କିଲୋ ୮୫୦ଗ୍ରାମ ଥିଲା। ଗ୍ରାମବାସୀ ପଥରଟିକୁ ମହାଦେବଙ୍କ ପୀଠରେ ଥିବା କୂଅରେ ପକାଇ ଦେଇଥିଲେ। ହେଲେ କୂଅରେ ଗଭୀର ପାଣିରେ ମଧ୍ୟ ଅନୁରୂପ ଭାବେ ପଥରଟି ଭାସିବାରେ ଲାଗିଥିଲା। ସମସ୍ତେ ଦେଖି ଆଶ୍ଚର୍ଯ୍ୟ ହୋଇଥିବାବେଳେ ଏହା କୌଣସି ଅଦ୍ଭୁତ ପଥର ହୋଇଥାଇପାରେ ବୋଲି କଥାହେଉଥିବାର ଶୁଣିବାକୁ ମିଳୁଛି।

# ତଦନ୍ତରେ ଉତ୍କର୍ଷ ପାଇଁ ପୁରସ୍କୃତ ହେବେ ୨ ଆଇପିଏସ୍ ଅଫିସର

### ସାଧାରଣତନ୍ତ୍ର ଦିବସରେ ପୁରସ୍କୃତ କରିବେ ରାଷ୍ଟ୍ରପତି

ଭୁବନେଶ୍ୱର,୧୩।୮ (ବ୍ୟୁରୋ)

ତଦନ୍ତରେ ଉତ୍କର୍ଷ ପାଇଁ ରାଜ୍ୟରେ କାର୍ଯ୍ୟ କରୁଥିବା ଦୁଇ ଆଇପିଏସ୍ ଅଫିସର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ପୁରସ୍କୃତ ହେବେ। ସେମାନେ ହେଲେ କୋରାପୁଟ ଏସ୍‌ପି କନ୍‌ୱର ବିଶାଲ ସିଂ ଓ କ୍ରାଇମ୍‌ବ୍ରାଞ୍ଚ ଏସ୍‌ପି ମାଡକର ସନ୍ଦୀପ ସମ୍ପତ। ବେଷ୍ଟ ଆୱାର୍ଡ ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଚୟନ କରିଥିବା ଦେଶର ୯୪ଜଣ ଅଫିସରଙ୍କ ମଧ୍ୟରେ ରାଜ୍ୟର ଏହି ଦୁଇ ଅଫିସର ରହିଛନ୍ତି। ଆସନ୍ତା ଜାନୁୟାରୀ ୨୬ ସାଧାରଣତନ୍ତ୍ର ଦିବସ ଅବସରରେ ଦିଲ୍ଲୀରେ ସେମାନଙ୍କୁ ଭାରତର ରାଷ୍ଟ୍ରପତି ପୁରସ୍କାର ସ୍ୱରୂପ ପଦକ ପ୍ରଦାନ କରିବେ ବୋଲି ସୂଚନା ମିଳିଛି।

୨୦୧୩ରେ ଆଇପିଏସ୍ ଅଫିସର ସିଂ ସବ୍‌ଡିଭିଜିନାଲ ଅଧିକାରୀ ଭାବେ କନ୍ଧମାଳ ଜିଲାର ବାଲିଗୁଡାରେ ଥିବାବେଳେ ୩ ନାବାଳିକା ବଳାତ୍କାର ମାମଲାର ତଦନ୍ତଭାର ନେଇଥିଲେ। ଠିକ୍ ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି ତାଙ୍କ ବିରୋଧରେ ଉପଯୁକ୍ତ ପ୍ରମାଣ କୋର୍ଟରେ ଦାଖଲ କରିଥିଲେ। ଫଳରେ ଅଭିଯୁକ୍ତମାନଙ୍କୁ କୋର୍ଟ ଦଣ୍ଡାଦେଶ ଶୁଣାଇଥିଲେ। ସେହିଭଳି କ୍ରାଇମ୍‌ବ୍ରାଞ୍ଚ ଏଡିଜି ସନ୍ତୋଷ ଉପାଧ୍ୟାୟ କହିଛନ୍ତି, ସମ୍ପତ ୨୦୧୫ରେ ମାଲକାନାଗିରି ଜିଲାରେ ସବ୍‌ଡିଭିଜନାଲ ପୋଲିସ ଅଫିସରଭାବେ ଦାୟିତ୍ୱରେ ଥିବାବେଳେ ଏକ ନାବାଳିକା ବଳାତ୍କାର ମାମଲାରେ ସଫଳତାର ସହ ତଦନ୍ତ କରିଥିଲେ। ଅଭିଯୁକ୍ତକୁ ଗିରଫ କରିବା ସହ କୋର୍ଟରେ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ ପ୍ରମାଣ ଦାଖଲ କରିବାରୁ ଠିକ୍ ଦଣ୍ଡାଦେଶ ହୋଇପାରିଥିଲା।

ଏନେଇ ପୋଲିସ ଡିଜି ବି.କେ. ଶର୍ମା କହିଛନ୍ତି, ଏହା ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇବ। ଗତ ଦୁଇ ସପ୍ତାହ ହେବ ତଦନ୍ତ ଅଧିକାରୀମାନେ ତଦନ୍ତ ପ୍ରକ୍ରିୟାରେ ଉନ୍ନତି ଆଣିଛନ୍ତି। ଆଗକୁ ମଧ୍ୟ ତଦନ୍ତ ପ୍ରକ୍ରିୟାରେ ଆହୁରି ସୁଧାର ଆସିବ। ଏହା ଆମ ନ୍ୟାୟିକ ବ୍ୟବସ୍ଥା ପାଇଁ ଭଲ କଥା ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ୨୦୧୮ରୁ ଏହି ପୁରସ୍କାର ପ୍ରଦାନ କରାଯାଉଛି। ତେବେ ଚଳିତବର୍ଷ ଚୟନ ହୋଇଥିବା ପୋଲିସ ଅଫିସରଙ୍କ ମଧ୍ୟରୁ ୧୫ଜଣ ସିବିଆଇରେ କାର୍ଯ୍ୟ କରୁଥିବାବେଳେ ମହାରାଷ୍ଟ୍ର ପୋଲିସର ୧୧ଜଣ, ଉତ୍ତରପ୍ରଦେଶ ପୋଲିସର ୧୦ଜଣ, କେରଳ ପୋଲିସର ୯ଜଣ, ମଧ୍ୟପ୍ରଦେଶ ପୋଲିସର ୮ଜଣ, ଦିଲ୍ଲୀ ପୋଲିସର ୬ଜଣ ରହିଛନ୍ତି। ଏଥିରେ ୧୩ଜଣ ମହିଳା ପୋଲିସ ଅଧିକାରୀ ମଧ୍ୟ ରହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚମ୍ପାଫୁଲ ପରି ଗୋରୀ;**
**ଚମ୍ପାଫୁଲଠାରୁ ବଳି ସୁନ୍ଦରୀ,**
**ଦେଖି ପେଟଯାଏ ପୂରି ।**

ଚମ୍ପାଫୁଲର ରଙ୍ଗ ହଳଦିଆ। ଦେଖିବାକୁ ଅତି ସୁନ୍ଦର। ସାଧାରଣତଃ ସୌନ୍ଦର୍ଯ୍ୟ ପ୍ରତି ସଭିଙ୍କ ମନରେ ଦୁର୍ବଳତା ଭାବ ରହିଥାଏ। ସୁନ୍ଦରତା ଆଡ଼କୁ ସଭିଙ୍କ ମନ ଅଚିରେ ଟାଣି ହୋଇଯାଇଥାଏ। ଗୌରବର୍ଣ୍ଣା ଯୁବତୀକୁ ଦେଖି ଆଖି ଲାଖି ରହିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚାଷ ନାହିଁ ଯା'ର**
**ବାସ ନାହିଁ ତା'ର ।**

ଆଗକାଳରେ ଲୋକେ ଚାଷବାସ କରି ଜୀବିକା ନିର୍ବାହ କରୁଥିଲେ। ଚାଷକରି ଯାହା ଉପାର୍ଜନ ହେଉଥିଲା ସେଥିରେ ପରିବାର ପ୍ରତିପୋଷଣ କରୁଥିଲେ। ଯିଏ ଚାଷ କରୁ ନ ଥିଲା ତା'ପକ୍ଷେ ପରିବାରର ଭରଣପୋଷଣ କରିବା କାଠିକର ପାଠ ହୋଇଯାଉଥିଲା। କୃଷିପ୍ରଧାନ ଦେଶରେ ଚାଷ ହିଁ ଏକମାତ୍ର ଭରସା। ଚାଷ ଜୀବନ ଯାପନର ମୂଳ ମାର୍ଗ ଭାବେ ପରିଗଣିତ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

### ■ ଟିକିରି ଶିକ୍ଷୟିତ୍ରୀ ଇତିଶ୍ରୀ ହତ୍ୟା ମାମଲା
## ହାଇକୋର୍ଟରେ ଅଭିଯୁକ୍ତ ଦଣ୍ଡସେନାଙ୍କ ଜାମିନ ଖାରଜ

କଟକ ଅଫିସ୍, ୧୩।୮:

ବହୁ ଚର୍ଚ୍ଚିତ ଟିକିରି ଶିକ୍ଷୟିତ୍ରୀ ଇତିଶ୍ରୀ ପ୍ରଧାନ ହତ୍ୟା ମାମଲାରେ ନିମ୍ନ ଅଦାଲତରେ ଦୋଷୀ ସାବ୍ୟସ୍ତ ହୋଇ ଆଜୀବନ କାରାଦଣ୍ଡ ଭୋଗୁଥିବା ଅଭିଯୁକ୍ତ ନେତ୍ରାନନ୍ଦ ଦଣ୍ଡସେନାଙ୍କ ଜାମିନ ଆବେଦନକୁ ମଙ୍ଗଳବାର ହାଇକୋର୍ଟ ଖାରଜ କରିଦେଇଛନ୍ତି। ସ୍ୱାସ୍ଥ୍ୟଗତ ସମସ୍ୟା ଦର୍ଶାଇ ପୂର୍ବତନ ଏସ୍‌ଆଇ ତଥା ଅଭିଯୁକ୍ତ ଦଣ୍ଡସେନା ଜାମିନ ପାଇଁ ଆବେଦନ କରିଥିଲେ। ତେବେ ବିଚାରପତି ଜଷ୍ଟିସ୍ ଏସ୍.କେ. ମିଶ୍ର ଏବଂ ବିଚାରପତି ଜଷ୍ଟିସ ଡକ୍ଟର ଏ.କେ. ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଜାମିନ ଆବେଦନକୁ ନାମଞ୍ଜୁର କରିବା ସହ ତାଙ୍କ ସ୍ୱାସ୍ଥ୍ୟଗତ ରିପୋର୍ଟ କୋର୍ଟରେ ଦାଖଲ କରିବା ଲାଗି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାରେ ପୂର୍ବରୁ ଦଣ୍ଡସେନାଙ୍କୁ ନିମ୍ନ ଅଦାଲତ ଦୋଷୀ ସାବ୍ୟସ୍ତ କରିଥିବାବେଳେ ସେ ପୁନଃ ବିଚାର ଲାଗି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

ମାମଲାର ବିବରଣୀରୁ ପ୍ରକାଶ ଯେ, ରାୟଗଡ଼ା ଜିଲା କାଶୀପୁର ବ୍ଲକର ଟିକିରି ବିଦ୍ୟାଳୟରେ ଠିକା ଶିକ୍ଷୟିତ୍ରୀ ଭାବେ ଇତିଶ୍ରୀ କାର୍ଯ୍ୟରତ ଥିଲେ। ୨୦୧୩ ଅକ୍ଟୋବର ୨୭ତାରିଖରେ ତାଙ୍କୁ କିରୋସିନ ଢ଼ାଳି ଜାଳି ଦିଆଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ଟିକିରି ଓ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ମାତ୍ର ତାଙ୍କ ଅବସ୍ଥା ଅତି ସଙ୍କଟାପନ୍ନ ଥିବାରୁ ପରବର୍ତ୍ତୀ ସମୟରେ ବିଶାଖାପାଟଣାକୁ ସ୍ଥାନାନ୍ତରିତ କରାଯାଇଥିଲା। ସେହିବର୍ଷ ନଭେମ୍ବର ୧ତାରିଖରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁ ପୂର୍ବରୁ ସେ ପୂର୍ବତନ ସ୍କୁଲ୍ ଏସ୍‌ଆଇ ଦଣ୍ଡସେନାଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ କରିଥିଲେ। ଏହି ଘଟଣାରେ ରାଜ୍ୟ ସରକାର କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଥିବାବେଳେ ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ଏହି ଆଧାରରେ ସୁପ୍ରିମକୋର୍ଟ ଘଟଣାର ସିବିଆଇ ତଦନ୍ତ ଲାଗି ନିର୍ଦ୍ଦେଶ ଦେଇଥିଲେ। ପରେ ଦଣ୍ଡସେନାଙ୍କୁ ଗିରଫ କରାଯାଇଥିଲା। ରାୟଗଡ଼ା ଜିଲା ଓ ଦୌରା ଜଜ୍ ୨୦୧୬ ଏପ୍ରିଲ ୨୬ରେ ତାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ସେ ଏହି ରାୟକୁ ଚ୍ୟାଲେଞ୍ଜ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# 'ଦି ରଥ'କୁ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

### ୧୩.୫ ଟନ୍ ଇସ୍ପାତରେ ନିର୍ମିତ ସ୍ଥାପତ୍ୟକଳା

ଭୁବନେଶ୍ୱର,୧୩।୮ (ବ୍ୟୁରୋ)-



ବିଜୁ ପଟ୍ଟନାୟକ ପାର୍କରେ ସ୍ଥାପନ କରାଯାଇଥିବା ଇସ୍ପାତ ନିର୍ମିତ ସ୍ଥାପତ୍ୟକଳାକୁ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ଏବଂ ଟାଟା ଷ୍ଟିଲ୍‌ର ମିଳିତ ପ୍ରୟାସରେ ନିର୍ମିତ ଏହି ସ୍ଥାପତ୍ୟକଳା 'ଦି ରଥ'କୁ ମୁଖ୍ୟମନ୍ତ୍ରୀ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ସମର୍ପଣ କରିଛନ୍ତି। ୧୩.୫ ଟନ୍ ଟାଟା ଷ୍ଟ୍ରକ୍‌ଚରାଲ ଷ୍ଟିଲ ହଲୋ ସେକ୍ସନକୁ ବ୍ୟବହାର କରି ନିର୍ମିତ ହୋଇଥିବା ଏହି ସ୍ଥାପତ୍ୟରେ ସୂର୍ଯ୍ୟ ମନ୍ଦିର ଓ ରଥ ଯାତ୍ରାର ଯୁଗଳବନ୍ଦୀ ଚିତ୍ର ପ୍ରତିଫଳିତ ହୋଇଛି। ଏହାସହ ଏଥିରେ ଓଡ଼ିଶାର ଆତ୍ମା ତଥା ଓଡ଼ିଶାର ବିବିଧ କଳା, ସଂସ୍କୃତି ଓ ସମୃଦ୍ଧ ଐତିହ୍ୟକୁ ପ୍ରଦର୍ଶିତ କରାଯାଇଛି। ଭବିଷ୍ୟତର ଧାତୁ 'ଇସ୍ପାତ'କୁ ନେଇ ନିର୍ମିତ ଏବଂ ଅତ୍ୟାଧୁନିକ ଉପକରଣରେ ପ୍ରସ୍ତୁତ 'ଦି ରଥ' ୩ଟି ବିନ୍ଦୁ ଉପରେ ଭୂପୃଷ୍ଠରେ ସର୍ବନିମ୍ନ ପାଦ ରଖି ଠିଆ ହୋଇଛି। ଘୂର୍ଣ୍ଣାୟମାନ ପଲିଗୋନାଲ୍ ଫ୍ରେମ୍‌କୁ ଏକ ୧୨୦ ଡିଗ୍ରି ଟ୍ରାଇ-ଆକ୍ସିସ ଉପରେ ରଖାଯାଇଛି। ଏହା ୮ ଘଣ୍ଟା ସବ୍‌ଡିଭିଜନ, ୨୪ ଘଣ୍ଟିଆ ଚକ୍ର ଏବଂ ସମୟର ପରିକଳ୍ପନାକୁ ଉପସ୍ଥାପିତ କରୁଛି। ଷ୍ଟ୍ରକ୍‌ଚରାଲ ଷ୍ଟିଲର ଜାଲକୁ ନେଇ ଏହାର ଡିଜାଇନ ପ୍ରସ୍ତୁତ କରାଯାଇଥିବାବେଳେ ଏହା ଅବ୍ୟବହୃତ ସାମଗ୍ରୀ ବ୍ୟବହାର କରିବାର ବାର୍ତ୍ତାଦେଉଛି। 'ଦି ରଥ'ର ପାଭିଲିଅନ ଡିଜାଇନକୁ ତିନିଟି ସ୍ତରରେ ଅନୁଭବ କରିହେଉଥିବାବେଳେ ଏହାର ତଳେ ଏକ ଆମ୍ଫିଥିଏଟର ରହିଛି। ଏହାର ସ୍ଥାପତ୍ୟ ଡିଜାଇନ୍ ନୁରୁ କରିମ କରିଥିବାବେଳେ ସାଗର ବିଜ୍‌ନେସ ପ୍ରାଇଭେଟ ଲିମିଟେଡ୍ ଏହି ପ୍ରକଳ୍ପ ନିର୍ମାଣ କରିଛି। ଟାଟା ଗ୍ରୋଥ୍ ସପ୍ ଏହା ଡିଜାଇନ୍ ପ୍ରସ୍ତୁତ କରିଛି।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

HEALTH CARE

AT PURI AT PURI AT PURI
ପୁରାତନ ରୋଗର ସର୍ବୋତ୍ତମ ଆୟୁର୍ବେଦ ଚିକିତ୍ସା
Advise & Treatment by Specialized Ayurvedic Doctors only
ରୁ୍ୟମାଟଏଡ୍ ଆର୍ଥାଇଟିସ୍, ଓଷ୍ଟିଓ ଆର୍ଥାଇଟିସ୍, ପାରାଲିସିସ୍, ସିଆଟିକା, ଅଣ୍ଟାବ୍ୟଥା, ଆଣ୍ଠୁବ୍ୟଥା, ଫ୍ରୋଜନ୍ ସୋଲ୍‌ଡର, ସ୍ପଣ୍ଡିଲୋସିସ୍, ମାଇଗ୍ରେନ୍, ସୋରିଆସିସ୍, ମୁଖ ବ୍ରଣ, ଆଦି ରୋଗର ପରାମର୍ଶ ଓ ଉତ୍ତମ ଚିକିତ୍ସା ଉପଲବ୍ଧ ।
SAMBHAV AYURVED
Bus Stand Outgate, Puri
Phone & Whats App - 7735921512 / 9439349129 ,Timing - 9 am to 8 pm

FINANCE

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍‌ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
25 ବର୍ଷ ଧରି ଆପଣଙ୍କ ସେବାରେ
JEEVANJYOTI FINANCE PVT. LTD.
ମାର୍କଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
2% ସୁଧ, 50% ରିହାତି
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
କାମ ଆମର, ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
8765256101
B-36/7 A-Block Vijay Enclave Burari, New Delhi-74

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
LAXMI NARAYAN FINANCE
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
88102-23468
laxminarayanfinancemp@gmail.com
82871-99144
Pandey bhawan hinoo ranchi

ଇଣ୍ଡସ୍ ଫାଇନାନ୍ସ ଲିଃ
କମ୍ପାନୀ ଋଣ ଉପଲବ୍ଧ କରାଉଛି
ଏଥିରେ ଆପଣଙ୍କୁ ପର୍ସନାଲ ଋଣ, ବ୍ୟବସାୟ ଋଣ, ସାଲାରୀ ସ୍ଲିପ୍ ଋଣ ମାତ୍ର 2% ସୁଧରେ ମିଳିପାରିବ।
ମହିଳାଙ୍କ ପାଇଁ 50% ରିହାତି
9911417764
9911417461
BISWANATHPUR, BALARAMAPUR, BALESWAR, ODISHA - 756024

LOAN ଧମାକା
ଟଙ୍କା ଦରକାର, ଆମକୁ କୁହନ୍ତୁ
ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଦ୍ୱାରା
1 ଲକ୍ଷରୁ 1 କୋଟି ପର୍ଯ୍ୟନ୍ତ
ମାର୍କଶିଟ୍ ପ୍ରପର୍ଟି ଆଧାରକାର୍ଡ ପର୍ସନାଲ ପଶୁପାଳନ ଗୃହ ଋଣ ବ୍ୟବସାୟ ଗ୍ରୁପ ଋଣ
ଏଗ୍ରିକଲ୍‌ଚର ଋଣ
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ଉପଲବ୍ଧ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
ସତ୍ୟମ ଫାଇନାନ୍ସ
72910-60977
72910-46520
H.No-798, Block H, Jaitpur Extn Part-2, Badarpur, South Delhi

Dhanalaxmi Finance
Regd. No.-U6519TNI98PLC00855
ମାର୍କଶିଟ, ପ୍ରପର୍ଟି ପର୍ସନାଲ, ପଶୁପାଳନ, ମାଛଚାଷ, ରାଶନ କାର୍ଡ ଏବଂ ସବୁପ୍ରକାରର ଲୋନ୍ ଘରେ ବସି ପାଆନ୍ତୁ 3 ରୁ 4 ଦିନରେ, 2% ସୁଧ, 40% ଛାଡ଼, ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ଛାଡ଼।
HELPLINE
8859690149

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
7052572586
Add : - 41/14, Sec-1 Pushp Vihar, Delhi

BANA DURGA FINANCE
BANA DURGA FINANCE
ସମସ୍ତ ପ୍ରକାର LOAN ଠିକ୍ ସୁଧରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜନେସ୍, ମାର୍କସିଟ୍, ଗୃହ, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗାଈ LOAN ଆଦି ସମସ୍ତ ପ୍ରକାର LOAN ପାଇପାରିବେ। ସୁଧ-1% ।
Help LINE
7683949359
7381163847
C-47/8, A-Block, Vijay Enclave Burrari, New Delhi-75, Maipada, Chhindeikela, Paikmal, Bargarh-768050

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

ASTROLOGY

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ବିବାହରେ ବାଧା, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, 3 ଘଣ୍ଟାରେ ଘରେ ବସି ସମାଧାନ।
Khamarisahi, Mahipur, Nayagarh
81 26 92 24 05

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠାକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
9910294940


ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ଢେଙ୍କାନାଳ, ବୁଧବାର, ୧୪ ଅଗଷ୍ଟ, ୨୦୧୯


## ଆଜି କ'ଣ କେଉଁଠି

**ବଁଅରପାଳ**

■ନବାନ୍ନ ଭକ୍ଷଣ କାର୍ଯ୍ୟକ୍ରମ
ସ୍ଥାନ- କୁଲାଡ଼ ଅଲେଖ ମନ୍ଦିର
ସମୟ- ସକାଳ ୭ ଟା।

**ଅନୁଗୋଳ**

■ଆଖଡ଼ା ପୂଜା
ସ୍ଥାନ- କୁଇଓ
ସମୟ- ମଧ୍ୟାହ୍ନ ୧୨ଟା।

## ସଂକ୍ଷେପରେ

### ଭୟରେ ସଂରକ୍ଷଣ ଗୃହକୁ ନେଲେନି ମୃତଦେହ

**ଅନୁଗୋଳ ଅଫିସ, ୧୩।୮:** ଅନୁଗୋଳ ପଞ୍ଚମହଲା ଠାରେ ଥିବା ଏକ ବିଦ୍ୟାଳୟରେ ସୁରକ୍ଷା କର୍ମୀ ଭାବେ କାର୍ଯ୍ୟରତ ପ୍ରହଲ୍ଲାଦ ଲେଙ୍କା(୫୫)ଙ୍କ ସୋମବାର ରାତିରେ ମୃତ୍ୟୁ ହୋଇଥିଲା। କିନ୍ତୁ ମୃତ ଶରୀରକୁ ଡାକ୍ତରଖାନା କର୍ତ୍ତୃପକ୍ଷ ଶବ ସଂରକ୍ଷଣ ଗୃହକୁ ନ ନେଇ କାଜୁଆଲଟି ପ୍ରବେଶ ପଥ ସମ୍ମୁଖରେ ରଖିଦେଇଥିବା ଦେଖିବାକୁ ମିଳିଥିଲା। ରବିବାର ଶବ ସଂରକ୍ଷଣ ଗୃହରେ ଥିବା ଏକ ମୃତଦେହରେ କ୍ଷତ ହେବା ଓ ପରେ ଏହାକୁ ନେଇ ଉତ୍ତେଜନା ଦେଖାଦେଇଥିବାରୁ ସେହି ଭୟରେ କର୍ତ୍ତୃପକ୍ଷ ପ୍ରହଲ୍ଲାଦଙ୍କ ମୃତଦେହ ସଂରକ୍ଷଣ ଗୃହକୁ ନେଇ ନ ଥିବା ଚର୍ଚ୍ଚା ହେଉଛି। ମୃତ ପ୍ରହଲ୍ଲାଦଙ୍କ ଘର ଢେଙ୍କାନାଳ ଜିଲା କାମାକ୍ଷାନଗର ସାନଦେଇପୁର ଗ୍ରାମରେ। ପରିବାର ଲୋକ ସକାଳେ ଆସି ମୃତ ଶରୀର ବାରଣ୍ଡାରେ ପଡ଼ିଥିବା ଦେଖିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ଧୋଇଗଲା ରାସ୍ତା, ଯୋଗାଯୋଗ ବିଚ୍ଛିନ୍ନ

ବଇଣ୍ଡା,୧୩।୮(ଡି.ଏନ.ଏ.): ଲଗାଣ ବର୍ଷା ଯୋଗୁ କିଶୋରନଗର ବ୍ଲକ ଆମ୍ବପାଳ ପଞ୍ଚାୟତ ବାଗିରନାଳୀଠାରୁ ଆମ୍ବପାଳ ହାଇସ୍କୁଲକୁ ସଂଯୋଗ କରୁଥିବା ମାଟି ରାସ୍ତା ଧୋଇ ହୋଇଯାଇଛି। ରାସ୍ତାରେ ପଡୁଥିବା ନାଳ ଉପରେ ପୋଲ କିମ୍ବା ହ୍ୟୁମ ପାଇପ୍ ପକାଯାଇ ନ ଥିବା ଯୋଗୁ ନାଳରେ ପାଣି ଆସିବାରୁ ରାସ୍ତା ଧୋଇ ଯାଇଥିବା ଜଣାପଡ଼ିଛି। ଫଳରେ ବାଦିରନାଳୀ-ଆମ୍ବପାଳ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ଉକ୍ତ ରାସ୍ତାଟି ପଞ୍ଚାୟତ ବିଭାଗ ଅଧୀନରେ ଥିବାବେଳେ ୨୦୧୭-୨୦୧୮ରେ କାମ ହୋଇଥିଲା। ହେଲେ ନାଳ ଉପରେ ପୋଲ ନିର୍ମାଣ ହୋଇ ନ ଥିଲା। ତୁରନ୍ତ ଏକ ହ୍ୟୁମ୍ ପାଇପ ପକାଯାଇ ରାସ୍ତା ମରାମତି କରିବା ପାଇଁ ବାଦିରନାଳୀ ଗ୍ରାମବାସୀ ଦାବି କରିଛନ୍ତି।



■୧୧୯ ଅଭିଯୋଗ ଶୁଣିଲେ ଜିଲାପାଳ

# ସମାଧାନ ପାଇଁ ଯତ୍ନବାନ ହେବାକୁ ପରାମର୍ଶ

**ବଇଣ୍ଡା/ଆଠମଲ୍ଲିକ,୧୩।୮ (ଡି.ଏନ.ଏ.)**

ଗ୍ରାମାଞ୍ଚଳରେ ଲୋକଙ୍କ ଅନେକ ସମସ୍ୟା ରହିଛି, ଯାହାର ସମାଧାନ ସହଜରେ ହେଉନାହିଁ। ପ୍ରଶାସନିକ ଅଧିକାରୀମାନେ ଅଧିକ ଯତ୍ନବାନ ହୋଇ ଲୋକଙ୍କ ସମସ୍ୟା ସମାଧାନ କରନ୍ତୁ ବୋଲି ମଙ୍ଗଳବାର ଆଠମଲ୍ଲିକ ବ୍ଲକ ସଭାଗୃହଠାରେ ଅନୁଷ୍ଠିତ ଜନଶୁଣାଣି କାର୍ଯ୍ୟକ୍ରମରେ ଯୋଗଦେଇ ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତି ପରାମର୍ଶ ଦେଇଛନ୍ତି।

ଏହି ଜନଶୁଣାଣି ଶିବିରରେ ମୋଟ୍ ୧୧୯ଟି ଅଭିଯୋଗର ଶୁଣାଣି ହୋଇଥିଲା। ଏଥିରେ ୧୧୦ଟି ବ୍ୟକ୍ତିଗତ ଓ ୯ଟି ସାମୂହିକ ସମସ୍ୟା ଥିଲା। ବିଶେଷକରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କା ଘର, ଭତ୍ତା, ଶିକ୍ଷା, ବିଜୁଳି, ପାନୀୟ ଜଳ ସମସ୍ୟା ସମ୍ପର୍କରେ ଅଭିଯୋଗମାନ ଆସିଥିଲା। ଏହାର ଶୁଣାଣି କରି ଜିଲାପାଳ ତୁରନ୍ତ ସମାଧାନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ଅନୁଗୋଳ ଏସ୍‌ପି ମିତ୍ରଭାନୁ ମହାପାତ୍ର, ଜିଲା ମୁଖ୍ୟଚିକିତ୍ସା ଅଧିକାରୀ ଡା. ପ୍ରତାପ କୁମାର ବେହେରା, ଆଠମଲ୍ଲିକ ଉପଜିଲାପାଳ ଡ. ରଜନୀକାନ୍ତ ବିଶ୍ୱାଳ, ବିଡିଓ ସଞ୍ଜୟ କୁମାର ଆଚାର୍ଯ୍ୟ, ବ୍ଲକ ଅଧ୍ୟକ୍ଷା ମୀନାକ୍ଷୀ ଦଳେଇ, ତହସିଲଦାର ବାସୁଦେବ ମହାପାତ୍ର, ସହକାରୀ ଜିଲାପାଳ ନାରାୟଣ ମହାପାତ୍ର, ଅତିରିକ୍ତ ତହସିଲଦାର ଅଶୋକ କୁମାର ଦେହୁରି, ଅନୁଗୋଳ ସହକାରୀ ଜିଲାପାଳ ଇଶାନି ପଣ୍ଡା, ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା, ଜିଲା ସର୍ବଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ରେଡକ୍ରସ ପକ୍ଷରୁ ଗୁରୁବାରୀ ବଘାରଙ୍କୁ ୫ ହଜାର, ରବୀନ୍ଦ୍ର ବେହେରାଙ୍କୁ ୫ ହଜାର, ମନୁ ହଜାରଙ୍କୁ ୫ ହଜାର, ଲକ୍ଷ୍ମଣ କଅଁରଙ୍କୁ ୫ ହଜାର, ପ୍ରସନ୍ନ ସାହୁଙ୍କୁ ୫ ହଜାର, ଶୁଶିଳା ହାତୀଙ୍କୁ ୫ ହଜାର, ଗୋଲାପୀ ବେହେରାଙ୍କୁ ୩ ହଜାର, ବିଜୁଳି ନାୟକଙ୍କୁ ୩ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଥିଲା। ପରେ ଜିଲାପାଳ ଆଠମଲ୍ଲିକ ବାଳାଶ୍ରମ ପରିଦର୍ଶନରେ ଯାଇ ଅନ୍ତେବାସୀମାନଙ୍କ ବିଭିନ୍ନ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଏହି ସମୟରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀଶଙ୍କର ବେହେରା, ବାଳାଶ୍ରମ ସମ୍ପାଦକ ଉମେଶ ଅଗ୍ରୱାଲା ଉପସ୍ଥିତ ଥିଲେ। ପରେ ଜିଲାପାଳ ଅଏଡା ପଞ୍ଚାୟତରେ ଅନୁଷ୍ଠିତ କୃଷି ସମାଧାନ ଶିବିରରେ ଯୋଗଦେଇ କୃଷକଙ୍କ ବିଭିନ୍ନ ସମସ୍ୟା ବୁଝିବା ସହ କିଭଳି ତାହା ଶୀଘ୍ର ଦୂର କରି ହେବ ସେଥିପ୍ରତି କୃଷି ଅଧିକାରୀମାନେ ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦେଇଥିଲେ।



ଜନଶୁଣାଣିରେ ଉପସ୍ଥିତ ପ୍ରଶାସନିକ ଅଧିକାରୀମାନେ।

## କଲେଜ ପରିସରରେ ମାଓବାଦୀ ପୋଷ୍ଟର

**ସଜନାଗଡ଼, ୧୩।୮(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ମହାବିଦ୍ୟାଳୟ ପରିସରରେ ମଙ୍ଗଳବାର ସିପିଆଇ ମାଓବାଦୀ ଛାତ୍ର ସଂଘ ନାମରେ ଏକ ପୋଷ୍ଟର ଦେଖିବାକୁ ମିଳିଛି। ଏହି ପୋଷ୍ଟର ଦେଖି ଛାତ୍ରୀଛାତ୍ର ଭୟଭୀତ ହୋଇପଡ଼ିଛନ୍ତି।

ମଙ୍ଗଳବାର କଲେଜ ପରିସରରେ ଛାତ୍ରୀଛାତ୍ର ପହଞ୍ଚି କଲେଜ ଦୁଇଟି ସ୍ଥାନରେ ପୋଷ୍ଟର ଲାଗିଥିବା ଦେଖିବାକୁ ପାଇଥିଲେ। ସେଥିରେ ମହାବିଦ୍ୟାଳୟର ନିର୍ବାଚନ ବାତିଲ, ଶିକ୍ଷା ବାତାବରଣ ଫେରାଇ ଆଣିବା, ଶିକ୍ଷକମାନେ ରାଜନୀତି ଛାଡ଼ି ଶିକ୍ଷାଦାନ କରନ୍ତୁ ବୋଲି ଲେଖାହୋଇଛି। ଏଥିରୁ ବିଚ୍ୟୁତି ହେଲେ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବ। ସେଥିପାଇଁ କଲେଜ ଅଧ୍ୟକ୍ଷ, ଅଧ୍ୟାପିକା, ଅଧ୍ୟାପକ ଦାୟୀ ରହିବେ ବୋଲି ପୋଷ୍ଟର ମାଧ୍ୟମରେ ଚେତାବନୀ ଦିଆଯାଇଛି। ନୀଳଗିରି ଆଇଆଇସି ନଳିତା ମୋଦି ଉକ୍ତ ପୋଷ୍ଟରକୁ ଜବତ କରିବା ସହ ତଦନ୍ତ ଜାରି ରଖିଛନ୍ତି। କଲେଜ ଅଧ୍ୟକ୍ଷ ରମାକାନ୍ତ ଶତପଥୀଙ୍କୁ ପଚାରିବାରୁ ସେ କହନ୍ତି, ମୁଁ ଏହି କଲେଜରେ ନୂଆ କରି ଆସିଛି। ମାଓବାଦୀ ପୋଷ୍ଟର ଦେଖି ଆଇଆଇସିଙ୍କୁ ଖବର ଦେଇଥିଲି। ମାଓବାଦୀ ଛାତ୍ର ସଙ୍ଗଠନ ନାଁରେ ସେଭଳି କିଛି ନାହିଁ। ପୋଲିସ ଅନୁସନ୍ଧାନ ଜାରି ରଖିଛି। କଲେଜ ସିସି କ୍ୟାମେରା ଖରାପ ଥିବା ସେ ପ୍ରକାଶ କରିଛନ୍ତି।

# ସାଧାରଣ ଜ୍ଞାନ, ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା



ଅତିଥିଙ୍କ ସହ ଛାତ୍ରୀଛାତ୍ରମାନେ।

**ତାଳଚେର,୧୩।୮(ନି.ପ୍ର.)**

ତାଳଚେର ବ୍ଲକ କଳମଛୁଇଁ ଗ୍ରାମସ୍ଥିତ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମା' ହିଙ୍ଗୁଳା ପାଠାଗାର ପକ୍ଷରୁ ଏକ ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଆମ୍ବପାଳ ନତଡା ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ଏହି ପ୍ରତିଯୋଗିତାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହଳଧର ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦଣ୍ଡଧର ପ୍ରଧାନ, ସମ୍ମାନିତ ଅତିଥି ଭାବେ କଳମଛୁଇଁ ସମିତି ସଭ୍ୟା କୁମୁଦିନୀ ସାହୁ ଓ ପାଠାଗାର ଉପଦେଷ୍ଟା ପ୍ରଭାକର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସାଧାରଣ ଜ୍ଞାନ ଓ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପାଠାଗାର ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଚାରକ ଭାବେ ଶିକ୍ଷକ ନରେଶ ଚନ୍ଦ୍ର ଦାସ, ପଙ୍କଜ ସାହୁ ଓ ପାଠାଗାର ସଭାପତି ହାଡିବନ୍ଧୁ ପ୍ରଧାନ ଦାୟିତ୍ୱ ନିର୍ବାହ କରିଥିଲେ। କୃତିତ୍ୱ ଲାଭ କରିଥିବା ପ୍ରତିଯୋଗୀମାନଙ୍କୁ ମାନପତ୍ର ସହ ପୁସ୍ତକ ପୁରସ୍କାର ଦିଆଯାଇଥିଲା। କୋଷାଧ୍ୟକ୍ଷ ଦୟାନିଧି ସାହୁ, କବିରାଜ ସାହୁ, ପଞ୍ଚାନନ ବେହେରାଙ୍କ ସହ ଶିକ୍ଷକ ଉମେଶ ଚନ୍ଦ୍ର ସାହୁ, ଅଖିଳ କୁମାର ସାହୁ, ପ୍ରଫୁଲ୍ଲ କୁମାର ପାଣି, ବନମାଳୀ ବେହେରା, ସୁଦର୍ଶନ ଦେହୁରୀ, ଟିହିଲୁ ବେହେରା ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ ଉମେଶ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

■ଓ.ପି. ଜିନ୍ଦଲ ଫୁଟବଲ ଟୁର୍ନାମେଣ୍ଟ

# ଡୋନା କ୍ଲବକୁ ହରାଇ ସେମିରେ ସମ୍ବଲପୁର



**ଅନୁଗୋଳ ଅଫିସ, ୧୩।୮**

ଅନୁଗୋଳ ଷ୍ଟାଡିୟମ ଠାରେ ମଙ୍ଗଳବାର ଖେଳାଯାଇଥିବା ଓ.ପି. ଜିନ୍ଦଲ ଫୁଟବଲ ଟୁର୍ନାମେଣ୍ଟର ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚରେ ସମ୍ବଲପୁର ସ୍ପୋର୍ଟ ହଷ୍ଟେଲ ୩-୧ ଗୋଲରେ ଅନୁଗୋଳର ଡୋନା କ୍ଲବକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ସମ୍ବଲପୁର ଦଳ ପକ୍ଷରୁ ପ୍ରଥମାର୍ଦ୍ଧରେ ଭଗବାନ ଚାନ୍ଦ ପ୍ରଥମ ଓ ବିଜୟ ଓରାମ୍ ଦ୍ୱିତୀୟ ଗୋଲ କରିଥିଲେ। ଦ୍ୱିତୀୟାର୍ଦ୍ଧରେ ଅନୁଗୋଳ ଡୋନା କ୍ଲବ ପକ୍ଷରୁ ସୋନୁ ପ୍ରଥମ ଗୋଲ କରି ସ୍ଥିତି ୨-୧କୁ ଆଣିଥିଲେ। ଏହାପରେ ସମ୍ବଲପୁର ଦଳ ପକ୍ଷରୁ ରଘୁ ମାରାଣ୍ଡି ତୃତୀୟ ଗୋଲ କରି ୩-୧ ଗୋଲରେ ଦଳକୁ ବିଜୟୀ କରାଇଥିଲେ। ଅଜୟ କୁମାର କର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବସନ୍ତ କୁମାର ଦାଶ, ଶଲିଲ କୁମାର ବେହେରା, ଦିଲୀପ କୁମାର ରାଉତ, ଭୋଳେଶ୍ୱର ଗର୍ଗ ଓ ମନୋରଞ୍ଜନ ପଟ୍ଟନାୟକ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

## ଜେଟିରେ ପଡ଼ିଛି ବୋଟ୍ କର୍ମଚାରୀଙ୍କ ମୃତଦେହ

**ଚାନ୍ଦବାଲି, ୧୩।୮(ଡି.ଏନ.ଏ.)**

ଭଦ୍ରକ ଜିଲା ଧାମରା ମତ୍ସ୍ୟ ପୋତାଶ୍ରୟ ଜେଟିରେ ଲାଗିଥିବା ଏକ ବୋଟ୍‌ରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକଙ୍କ ଘର ମୟୂରଭଞ୍ଜ ଜିଲା ବଡସାହି ବ୍ଲକ ଅଞ୍ଚଳରେ। ସେ ବୋଟ୍‌ର କର୍ମଚାରୀ। ଏହି ଘଟଣାରେ ସ୍ଥାନୀୟ ମତ୍ସ୍ୟଜୀବୀ ସମ୍ପୃକ୍ତ ବୋର୍ଟ ମାଲିକଙ୍କୁ ଅଟକ ରଖି ପୋଲିସକୁ ଖବର ଦେଇଛନ୍ତି। ଖବର ଲେଖା ହେବା ଯାଏ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବା ଜଣାପଡିଛି। ବାସୁଦେବପୁର ବ୍ଲକର ପତୁଆଁ ଗାଁର ଏହି ବୋଟ୍‌କୁ ନେଇ କେତେକ ମତ୍ସ୍ୟଜୀବୀ ଗଭୀର ସମୁଦ୍ରକୁ ଯାଇଥିଲେ। ସେଠାରେ ଏହି କର୍ମଚାରୀଙ୍କୁ ଝାଡାବାନ୍ତି ହୋଇଥିଲା। ତାଙ୍କୁ ଚିକିତ୍ସା କରିବା ପାଇଁ ସେମାନେ ଗଭୀର ସମୁଦ୍ରରୁ ଫେରିଥିଲେ। ମଙ୍ଗଳବାର ଅପରାହ୍ଣରେ ବୋଟ ମତ୍ସ୍ୟ ପୋତାଶ୍ରୟରେ ଲାଗିବା ପରେ ଅସୁସ୍ଥ କର୍ମଚାରୀଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନା ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

■ନାବାଳିକାଙ୍କୁ ନେଇ ସିଡବ୍ଲ୍ୟୁସି-ପୋଲିସ ବିବାଦ ଘଟଣା

# ଝିଅକୁ ପାଖରେ ରଖିବାକୁ ବାପା ପ୍ରଶାସନର ଦ୍ୱାରସ୍ଥ

**ଅନୁଗୋଳ ଅଫିସ, ୧୩।୮**

ଅନୁଗୋଳ ବସ୍‌ଷ୍ଟାଣ୍ଡ ନିକଟରେ ବଳାତ୍କାରର ଶିକାର ହୋଇଥିବା ନାବାଳିକାଙ୍କୁ ଥଇଥାନ କରିବା ନେଇ ପୋଲିସ ଓ ଜିଲା ଶିଶୁ ମଙ୍ଗଳ ସମିତି ମଧ୍ୟରେ ବିବାଦ ଜଟିଳ ହେବାରେ ଲାଗିଛି। ପୋଲିସ କିଶୋର ନ୍ୟାୟ ଆଇନ ୨୦୧୫ (ଶିଶୁମାନଙ୍କ ଯତ୍ନ ଓ ସୁରକ୍ଷା)କୁ ଉଲ୍ଲଂଘନ କରିଥିବା ଜିଲା ଶିଶୁ ମଙ୍ଗଳ ସମିତି ଅଭିଯୋଗ କରୁଥିବା ବେଳେ ପୋଲିସ ପକ୍ଷରୁ ତାହାକୁ ଖଣ୍ଡନ କରାଯାଇ ଆସୁଛି। ତେବେ ନାବାଳିକା ଏବେ କେଉଁଠି ରହିବେ ସେ ନେଇ ଦ୍ୱନ୍ଦ୍ୱ ଉପୁଜିଥିବା ବେଳେ ମଙ୍ଗଳବାର ନାବାଳିକାଙ୍କ ବାପା ଝିଅକୁ ପାଖରେ ରଖିବା ପାଇଁ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ମଙ୍ଗଳବାର ଜିଲାସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମ ଆଠମଲ୍ଲିକରେ ଥିବାବେଳେ ଜିଲା କାର୍ଯ୍ୟାଳୟ କୋର୍ଟ ରୁମ୍‌ରେ ଅତିରିକ୍ତ ଜିଲାପାଳ ଜନଶୁଣାଣି କରୁଥିଲେ। ଅପରାହ୍ନ ଗୋଟାଏରେ ନାବାଳିକାଙ୍କୁ ତାଙ୍କ ବାପା ଓ ପିଉସୀ ଧରି ଜିଲା କାର୍ଯ୍ୟାଳୟରେ ପହଞ୍ଚି ପ୍ରଶାସନର ଅନୁମତି ଲୋଡ଼ିଥିଲେ। ତେବେ ଜିଲାପାଳ ଆସିଲେ ଆଲୋଚନା କରାଯିବ ବୋଲି ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ ନାବାଳିକାଙ୍କ ପରିବାର ଲୋକଙ୍କୁ କହିବା ସହ ବୁଧବାର ପୂର୍ବାହ୍ନରେ ଜିଲାପାଳଙ୍କ ନିକଟକୁ ଆସିବାକୁ ପରାମର୍ଶ ଦେଇଥିବା ଜଣାପଡ଼ିଛି। ଅପରପକ୍ଷରେ ପୋଲିସ ବିବାଦରୁ ବର୍ତ୍ତିବା ପାଇଁ ନାବାଳିକାଙ୍କ ବାପାଙ୍କୁ ପ୍ରଶାସନ ନିକଟକୁ ପଠାଇଥିବା ଚର୍ଚ୍ଚା ହେଉଛି। କିନ୍ତୁ ଏହାକୁ ଅନୁଗୋଳ ଥାନା ଆଇଆଇସି ରମେଶ ଚନ୍ଦ୍ର ବିଶୋଇ ଖଣ୍ଡନ କରିଛନ୍ତି। ପୋଲିସ ପକ୍ଷରୁ ଏପରି କିଛି କରାଯାଇ ନ ଥିବା ଆଇଆଇସି କହିଛନ୍ତି। ସୂଚନାଯୋଗ୍ୟ ଯେ, ନାବାଳିକା କଟକରୁ ଚିକିତ୍ସିତ ହୋଇ ଆସିବା ପରେ ପୋଲିସ ତାଙ୍କୁ ଜିଲା ଶିଶୁ ସୁରକ୍ଷା ସମିତିରେ ହାଜର କରିଥିଲା। କିନ୍ତୁ ସୁସ୍ଥତା ନେଇ କୌଣସି ରିପୋର୍ଟ ସିଡବ୍ଲ୍ୟୁସିକୁ ପ୍ରଦାନ କରି ନ ଥିଲା। ଫଳରେ ସିଡବ୍ଲ୍ୟୁସି ତୁରନ୍ତ ନାବାଳିକାକୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। କିନ୍ତୁ ସେଠାରେ ନାବାଳିକା ସୁସ୍ଥ ହେବା ପରେ ଅନୁଗୋଳ ପୋଲିସ ତାଙ୍କୁ ସିଡବ୍ଲ୍ୟୁସିକୁ ହସ୍ତାନ୍ତର ନ କରି ତାଙ୍କ ବାପାଙ୍କ ଜିମାରେ ଛାଡ଼ି ଦେଇଥିଲା। ଏହାକୁ ନେଇ ସିଡବ୍ଲ୍ୟୁସି ଓ ପୋଲିସ ମଧ୍ୟରେ ବିବାଦ ଦେଖାଦେଇଥିଲା। ଜିଲା ଶିଶୁ ମଙ୍ଗଳ ସମିତି ପକ୍ଷରୁ ନାବାଳିକା ଓ ତାଙ୍କ ବାପାଙ୍କୁ ଆଣି ସମିତିର କାର୍ଯ୍ୟାଳୟରେ ହାଜିର କରିବାକୁ ଶନିବାର ଚିଠି (ନଂ. ୪୨୬/୧୯) କରାଯାଇଥିଲେ ମଧ୍ୟ ପୋଲିସ ତାହା ପାଳନ କରି ନ ଥିଲା।

## ୩୧୯ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

**ଛେଣ୍ଡିପଦା,୧୩।୮(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ ସଭାଗୃହଠାରେ ମଙ୍ଗଳବାର ଭତ୍ତା ବଣ୍ଟନ ମେଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଜ୍ୟୋତି ରଞ୍ଜନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ମେଳାରେ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ଜିଲା ପରିଷଦ ସଭ୍ୟ ଶ୍ରୀଧର ଗଡନାୟକ, ଭାସ୍କର ଚନ୍ଦ୍ର ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରୋମାଞ୍ଚଳ ଖମାରୀ ପ୍ରମୁଖ ଯୋଗଦେଇ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହିତ ୮ଟି ପଞ୍ଚାୟତର ୩୧୯ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାମାଜିକ ସୁରକ୍ଷା ଅଧିକାରୀ ଚନ୍ଦନ କୁମାର ସାହୁଙ୍କ ସମେତ ବିଭିନ୍ନ ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀମାନେ ଉପସ୍ଥିତ ଥିଲେ।


ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀମାନେ।

# ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ଯାଞ୍ଚ କଲେ ବିଧାୟକ


ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ବିଧାୟକ ଆଲୋଚନା କରୁଛନ୍ତି।

**ବଇଣ୍ଡା,୧୩।୮(ଡି.ଏନ.ଏ.)**

ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ମଙ୍ଗଳବାର କିଶୋରନଗର ବ୍ଲକର ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ବଇଣ୍ଡା ରାମଦେଓ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିଦର୍ଶନରେ ଆସି ବିଧାୟକ ମଧ୍ୟାହ୍ନଭୋଜନ ଯାଞ୍ଚ କରିଥିଲେ। ପରେ ବିଦ୍ୟାଳୟର ସମସ୍ତ କାଗଜପତ୍ର ଓ ଶିକ୍ଷକମାନଙ୍କ ଉପସ୍ଥାନ ଖାତା ତନଖି କରିଥିଲେ। ଏହାପରେ ଛାତ୍ରୀଛାତ୍ରଙ୍କ ପାଠପଢା ସମ୍ପର୍କରେ ପଚାରି ବୁଝିଥିଲେ। ପରିଚାଳନା କମିଟି ବୈଠକ ବସୁ ନ ଥିବା ଯୋଗୁ ବିଧାୟକ ଅସନ୍ତୋଷ ପ୍ରକାଶ କରିଥିଲେ। ସେଠାରୁ ଗାଁ ବଇଣ୍ଡା ପ୍ରାଥମିକ ବିଦ୍ୟାଳୟ ଓ ହାଇସ୍କୁଲ ପରିଦର୍ଶନରେ ଯାଇ ଶିକ୍ଷକମାନଙ୍କ ସହିତ ଆଲୋଚନା କରିଥିଲେ। ଗାଁ ବଇଣ୍ଡା ଗ୍ରାମରେ ଅନୁଷ୍ଠିତ ସଭାରେ ମଧ୍ୟ ବିଧାୟକ ଯୋଗ ଦେଇଥିଲେ। ଏହି ଅବସରରେ ଗ୍ରାମରେ ଲାଗି ରହିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଗ୍ରାମବାସୀ ଏକ ଦାବିପତ୍ର ବିଧାୟକଙ୍କୁ ପ୍ରଦାନ କରିଥିଲେ। ଖୁବଶୀଘ୍ର ଏହାର ସମାଧାନ କରାଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ସେହିପରି କିଶୋରନଗର ବ୍ଲକ ପରିସରରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସମୀକ୍ଷା କରିବା ସହ କିଶୋରନଗର ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଚିକିତ୍ସା ସମ୍ପର୍କରେ ପଚାରି ବୁଝିଥିଲେ। କିଶୋରନଗର ବିଡିଓ ଅମୃତା ପ୍ରିୟମ୍ବଦା, ନୁନୁକାପଶି ସରପଞ୍ଚ ଜଳଧର ସାହୁ, ଗାଁ ବଇଣ୍ଡା ସରପଞ୍ଚ ମାନସ ସାହୁ, ସନ୍ତୋଷ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଶିଶୁ ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା

**ବଇଣ୍ଡା,୧୩।୮(ଡି.ଏନ.ଏ.)**

କିଶୋରନଗର ବ୍ଲକ ବଇଣ୍ଡା ସରସ୍ୱତୀ ଶିଶୁ ମନ୍ଦିରରେ ମଙ୍ଗଳବାର ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଆମ୍ବପାଳ ହାଇସ୍କୁଲର ବିଜ୍ଞାନ ଶିକ୍ଷକ ପ୍ରଦୀପ କୁମାର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୫୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଲୁହାମୁଣ୍ଡା ହାଇସ୍କୁଲର ବିଜ୍ଞାନ ଶିକ୍ଷକ ଅଞ୍ଜନ କୁମାର ପ୍ରଧାନ ବିଚାରକ ଭାବେ ଯୋଗ ଦେଇଥିଲେ। କନ୍ତପଡ଼ା ହାଇସ୍କୁଲର ବିଜ୍ଞାନ ଶିକ୍ଷକ ପ୍ରିୟରଞ୍ଜନ ବିଶ୍ୱାଳ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟତନ ଅତିଥି ଭାବେ ଡ. ବନ୍ଦିତା ପ୍ରଧାନ, ସଙ୍କୁଳ ପ୍ରମୁଖ ନିରଞ୍ଜନ ଦାସ, ବିଦ୍ୟାଳୟ ସଭାପତି ସନାତନ ସାହୁ, ସମ୍ପାଦକ ନିତ୍ୟାନନ୍ଦ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଜୋସ୍ନାମୟୀ ପ୍ରଧାନ ପରିଚାଳନା କରିଥିଲେ। ଗୌରୀ ଶରପଥୀ, ବାପୁଜୀ ଦେହୁରୀ, ବିନିତା ପ୍ରଧାନ, ପ୍ରମୋଦ ସ୍ୱାଇଁ, ମିନାକ୍ଷୀ ପ୍ରଧାନ ସହଯୋଗ କରିଥିଲେ।


ଅତିଥି ଓ ଶିକ୍ଷୟିତ୍ରୀଶିକ୍ଷକଙ୍କ ସହ ଛାତ୍ରୀଛାତ୍ରମାନେ।

ଧରିତ୍ରୀର ଢେଙ୍କାନାଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ-୭୮୯୪୪୬୨୯୧୨, ବଁଅରପାଳ- ୭୮୯୪୪୬୨୯୧୬, ବନ୍ତଳା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

No. 14-LL:-

**IN THE COURT OF THE ASST. REGISTRAR OF CO-OPERATIVE SOCIETIES (TR.)**
**OFFICE OF THE REGISTRAR OF CO-OPERATIVE SOCIETIES,**
**ODISHA ,BHUBANESWAR**
**DISPUTE CASE NO.-495/2018**

IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD.............. ..............PLAINTIFF

-:Versus:-

Hemanta Kumar Pradhan & Others............................ ..............DEFENDANTS

**NOTICE**

No.15250 Dated: 20.07.2019

To

1) Hemanta Kumar Pradhan (Chairman) S/o- Banshidhar Pradhan
Village At- Ekadal Po- Padmavati Pur
Ps- Talcher Sadar, Dist- Angul
At- Qr. No- A/23, Nandira, Po- N S Nagar BPR
Ps- Bikram Pur Dist- Angul – 759148 .....Def. No. 1

2) Pratap Chandra Pradhan ( Mining Sirdar) S/o- Damodar Pradhan
At- Plot No- 327 At- Nandira Po- N S Nagar BPR
Ps- Bikram Pur Dist- Angul – 759148
Village At- Plot No- 3 Andori Khulo
Po- Manikamara Ps- Parjanga Dist – Dhenkanal .....Def. No. 2

Whereas, the Odisha State Co-operative Bank Ltd, (Plaintiff) has preferred the dispute case u/s-68 of O.C.S Act, 1962 for passing an award of **Rs. 35,049/- (Rupees Thirty Five Thousand Forty Nine) only as on 30.11.2017** against you with further interest and cost.

Whereas notice issued to you by R.P. with A.D. returned un-served.

Now therefore, take notice through this publication to appear before the Court as above at 7th/8th Floor, Heads of Department Building, Bhubaneswar- 1 on 24.08.2019 at 11 AM to defend the case failing which the matter shall be decided on merit as per law.

By order of the Court

**Sub - Asst. Registrar**
**Co-operative Societies, (Legal)**

---

**IN THE COURT OF ARCS (HQRS.),**
**OFFICE OF THE RCS,ODISHA ,BHUBANESWAR**
**DISPUTE CASE NO.-219/2018**

IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD.............. ..............PLAINTIFF

-:Versus:-

Debaraj Behera & another............................. ...........DEFENDANTS

**NOTICE**

No.15948 Legal- I(C) Dated: 30.07.2019

To

1) Debaraj Behera S/o- Sahib Behera
**Permanent / Present Address:**
Ramhari Nagar,
Berhampur, Dist- Ganjam (760001) .......Def. No.1

2) Debendra Nath Behera,
S/o- Krishna Chandra Das
**Permanent Address:**
Sastri Nagar, 3rd Line,
Berhampur, Dist- Ganjam (760003) .......Def. No.2

Whereas, the Odisha State Co-operative Bank Ltd, (Plaintiff) has preferred the dispute case u/s-68 of O.C.S Act, 1962 for passing an award of **Rs. 45,519/-(Rupees Forty fiveThousand Five Hundred Nineteen ) only as on 31.05.2018** against you with further interest and cost.

Whereas notice issued to you by R.P. with A.D. returned un-served.

Now therefore, take notice through this publication to appear before the Court as above at 8th Floor, Heads of Department Building, Bhubaneswar- 1 on 30.08.2019 at 11 AM to defend the case failing which the matter shall be decided on merit as per law.

By order of the Court

**S.Mahapatra**
**Sub - Asst. Registrar**
**Co-operative Societies, (Legal)**

---

**IN THE COURT OF ARCS (HQRS.),**
**OFFICE OF THE RCS,ODISHA ,BHUBANESWAR**
**DISPUTE CASE NO.-218/2018**

IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD.............. ..............PLAINTIFF

-:Versus:-

K. Sunita Patra & another............................ ..............DEFENDANTS

**NOTICE**

No.15946 Legal- I(C) Dated: 30.07.2019

To

1) M/s Satyasai Traders, Prop. K. Sunita Patra
W/o- K. Apana Patro, S/o – Late Hanu Pattanaik
**Permanent / Present Address:**
At- Ratha Street, Po- Bijipur,
Berhampur, Dist- Ganjam – 760001 .....Def. No. 1

2) G. Arreya S/o- Late G. Jagamaya
**Permanent Address:**
Bijipur, Bada Street,
Berhampur, Dist- Ganjam – 760001 .....Def. No. 2

Whereas, the Odisha State Co-operative Bank Ltd, (Plaintiff) has preferred the dispute case u/s-68 of O.C.S Act, 1962 for passing an award of **Rs. 41,810/- (Rupees Forty One Thousand Eight Hundred Ten ) only as on 31.05.2018** against you with further interest and cost.

Whereas notice issued to you by R.P. with A.D. returned un-served.

Now therefore, take notice through this publication to appear before the Court as above at 8th Floor, Heads of Department Building, Bhubaneswar- 1 on 30.08.2019 at 11 AM to defend the case failing which the matter shall be decided on merit as per law.

By order of the Court

**S.Mahapatra**
**Sub - Asst. Registrar**
**Co-operative Societies, (Legal)**

---

**IN THE COURT OF ARCS (HQRS.),**
**OFFICE OF THE RCS,ODISHA ,BHUBANESWAR**
**DISPUTE CASE NO.-217/2018**

IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD.............. ..............PLAINTIFF

-:Versus:-

Smt. Kuni Behera & another............................ ..............DEFENDANTS

**NOTICE**

No. 15944 Legal- I(C) Dated: 30.07.2019

To

1) Smt. Kuni Behera W/o- Sujan Behera
**Permanent / Present Address**
Lochapada,Berhampur, Dist- Ganjam (760001) .....Def. No. 1

2) Sujan Behera
**Permanent Address:**
Lochapada,Berhampur, Dist- Ganjam (760001) .....Def. No. 2

Whereas, the Odisha State Co-operative Bank Ltd, (Plaintiff) has preferred the dispute case u/s-68 of O.C.S Act, 1962 for passing an award of **Rs. 47,697/- (Rupees Forty Seven Thousand Six Hundred Ninety Seven) only as on 31.05.2018** against you with further interest and cost.

Whereas notice issued to you by R.P. with A.D. returned un-served.

Now therefore, take notice through this publication to appear before the Court as above at 8th Floor, Heads of Department Building, Bhubaneswar- 1 on 30.08.2019 at 11 AM to defend the case failing which the matter shall be decided on merit as per law.

By order of the Court

**S.Mahapatra**
**Sub - Asst. Registrar**
**Co-operative Societies, (Legal)**

---

**IN THE COURT OF ARCS (HQRS.),**
**OFFICE OF THE RCS,ODISHA ,BHUBANESWAR**
**DISPUTE CASE NO.-216/2018**

IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD.............. ..............PLAINTIFF

-:Versus:-

Smt. G Tulasi & another............................ ..............DEFENDANTS

**NOTICE**

No.15942 Legal- I (C) Dated:30.07.2019

To

1) Smt. G. Tulasi,W/o- G. Raja Rao
**Permanent / Present Address:**
At- Bijipur Bada Street,
Berhampur, Dist- Ganjam (760001) .....Def. No. 1

2) G. Areya, S/o- Late G. Jagamaya
**Permanent / Present Address:**
Bijipur Bada Street, Berhampur, Dist- Ganjam (760001) .....Def. No. 2

Whereas, the Odisha State Co-operative Bank Ltd, (Plaintiff) has preferred the dispute case u/s-68 of O.C.S Act, 1962 for passing an award of **Rs. 40,150/- (Rupees Forty Thousand One Hundred Fifty) only against as on 31.05.2018** you with further interest and cost.

Whereas notice issued to you by R.P. with A.D. returned un-served.

Now therefore, take notice through this publication to appear before the Court as above at 8th Floor, Heads of Department Building, Bhubaneswar- 1 on 30.08.2019 at 11 AM to defend the case failing which the matter shall be decided on merit as per law.

By order of the Court

**S.Mahapatra**
**Sub - Asst. Registrar**
**Co-operative Societies, (Legal)**

---

**IN THE COURT OF ARCS (HQRS.),**
**OFFICE OF THE RCS,ODISHA ,BHUBANESWAR**
**DISPUTE CASE NO.-214/2018**

IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD.............. ..............PLAINTIFF

-:Versus:-

Simhanchalo Das & another............................ ..............DEFENDANTS

**NOTICE**

No. 15940 Legal- I(C) Dated: 30.07.19

To

1) Simhanchalo Das, S/o –Late Somanath Das
**Permanent / Present Address**
At- Narasimha Nagar Street, Old Berhampur
Berhampur, Dist- Ganjam (760009) ........Def. No. 1

2) Sri Ladu Malana, S/o – Late Narsimha Malana
**Permanent Address:**
At- Aynabandha Street, Old Berhampur,
Berhampur, Dsit- Ganjam (760009) ........Def. No. 2

Whereas, the Odisha State Co-operative Bank Ltd, (Plaintiff) has preferred the dispute case u/s-68 of O.C.S Act, 1962 for passing an award of **Rs. 49,064/- (Rupees Forty Nine Thousand Sixty Four) only as on 31.05.2018** against you with further interest and cost.

Whereas notice issued to you by R.P. with A.D. returned un-served.

Now therefore, take notice through this publication to appear before the Court as above at 8th Floor, Heads of Department Building, Bhubaneswar- 1 on 30.08.2019 at 11 AM to defend the case failing which the matter shall be decided on merit as per law.

By order of the Court

**S.Mahapatra**
**Sub - Asst. Registrar**
**Co-operative Societies, (Legal)**

---

**IN THE COURT OF ARCS (HQRS.),**
**OFFICE OF THE RCS,ODISHA ,BHUBANESWAR**
**DISPUTE CASE NO.-209/2018**

IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD.............. ..............PLAINTIFF

-:Versus:-

Saroj Kumar Pattnaik & another........... ..............DEFENDANTS

**NOTICE**

No.15938 Legal- I(C) Dated:03.07.2019

To

1) Saroj Kumar Pattnaik, S/o- Padmolochan Pattnaik
**Permanent / Present Address:**
Mitra Street, Gate Bazar,
Berhampur , Dist- Ganjam(760001)
**Present Address:**
Braja Nagar, Berhampur, Ganjam .....Def. No. 1

2) P. Nagabhusan Rao, S/o- Hanumant Rao
**Permanent Address:**
Hill Patna,Berhampur , Dist- Ganjam(760005) .....Def. No. 2

Whereas, the Odisha State Co-operative Bank Ltd, (Plaintiff) has preferred the dispute case u/s-68 of O.C.S Act, 1962 for passing an award of **Rs. 92,118/- (Rupees Ninety Two Thousand One Hundred Eighteen ) only as on 31.05.2018** against you with further interest and cost.

Whereas notice issued to you by R.P. with A.D. returned un-served.

Now therefore, take notice through this publication to appear before the Court as above at 8th Floor, Heads of Department Building, Bhubaneswar- 1 on 30.08.2019 at 11 AM to defend the case failing which the matter shall be decided on merit as per law.

By order of the Court

**S.Mahapatra**
**Sub - Asst. Registrar**
**Co-operative Societies, (Legal)**

---

**IN THE COURT OF ARCS (HQRS.),**
**OFFICE OF THE RCS,ODISHA ,BHUBANESWAR**
**DISPUTE CASE NO.-208/2018**

IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD.............. ..............PLAINTIFF

-:Versus:-

Rajashree Nayak & another........... ..............DEFENDANTS

**NOTICE**

No.15936 Legal- I(C) Dated:03.07.2019

To

1) Rajashree Nayak, W/o- Trinath Nayak
**Permanent / Present Address:**
Hatibandha Street, 2nd Line,
Berhampur , Dist- Ganjam(760001) .....Def. No. 1

2) Trinath Nayak, S/o – Kasinath Nayak
**Permanent Address:**
Hatibandha Street, 2nd Line,
Berhampur , Dist- Ganjam(760001) .....Def. No. 2

Whereas, the Odisha State Co-operative Bank Ltd, (Plaintiff) has preferred the dispute case u/s-68 of O.C.S Act, 1962 for passing an award of **Rs. 97,103/- (Rupees Ninety Seven Thousand One Hundred Three ) only as on 31.05.2018** against you with further interest and cost.

Whereas notice issued to you by R.P. with A.D. returned un-served.

Now therefore, take notice through this publication to appear before the Court as above at 8th Floor, Heads of Department Building, Bhubaneswar- 1 on 30.08.2019 at 11 AM to defend the case failing which the matter shall be decided on merit as per law.

By order of the Court

**S.Mahapatra**
**Sub - Asst. Registrar**
**Co-operative Societies, (Legal)**

---

**IN THE COURT OF ARCS (HQRS.),**
**OFFICE OF THE RCS,ODISHA ,BHUBANESWAR**
**DISPUTE CASE NO.-207/2018**

IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD.............. ..............PLAINTIFF

-:Versus:-

Sashi Kant Mishra & another............................ ..............DEFENDANT

**NOTICE**

No.15934 Legal- I(C) Dated:30.07.2019

To

1) Sashi Kant Mishra
S/o- Late Balakrushna Mishra
**Permanent/ Present Address:**
C/o- A. H. Wheelar & Co. Pvt. Ltd. Railway Book Stall,
Berhampur, Dist- Ganjam (760005) .....Def. No. 1

2) S. Raban Reddy
**Permanent Address:**
Qr.No.- B8/ C/4, Railway Colony
Berhampur, Dist- Ganjam (760005) .....Def. No.2

Whereas, the Odisha State Co-operative Bank Ltd, (Plaintiff) has preferred the dispute case u/s-68 of O.C.S Act, 1962 for passing an award of **Rs. 58,797/- (Rupees Fifty Eight Thousand Seven Hundred Ninety Seven) only as on 31.05.2018** against you with further interest and cost.

Whereas notice issued to you by R.P. with A.D. returned un-served.

Now therefore, take notice through this publication to appear before the Court as above at 8th Floor, Heads of Department Building, Bhubaneswar- 1 on 30.08.2019 at 11 AM to defend the case failing which the matter shall be decided on merit as per law.

By order of the Court

**S.Mahapatra**
**Sub - Asst. Registrar**
**Co-operative Societies, (Legal)**

---

**IN THE COURT OF ARCS (HQRS.),**
**OFFICE OF THE RCS,ODISHA ,BHUBANESWAR**
**DISPUTE CASE NO.-206/2018**

IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD.............. ..............PLAINTIFF

-:Versus:-

M. Nageswar Rao & another ..............DEFENDANTS

**NOTICE**

No.15932 Legal- I(C) Dated: 30.07.2019

To

1) M.Nageswar Rao, S/o- M. Iswar Rao
**Permanent/ Present Address:**
Goleela Street,Po- Berhampur, Dist – Ganjam (760002) .....Def. No. 1

2) Manas Kumar Sabat, S/o – Late Banamali Sabat
**Permanent Address:**
Vill – Ramapalli, Po- Chandipadar
Via- Bhatakumarada, Ganjam .....Def. No. 2

WHEREAS, the Odisha State Co-operative Bank Ltd, (Plaintiff) has preferred the dispute case u/s-68 of O.C.S Act, 1962 for passing an award of **Rs. 82,086/- (Rupees Eighty Two Thousand Eighty Six) only as on 31.05.2018** against you with further interest and cost.

Whereas notice issued to you by R.P. with A.D. returned un-served.

Now therefore, take notice through this publication to appear before the Court as above at 8th Floor, Heads of Department Building, Bhubaneswar- 1 on 30.08.2019 at 11 AM to defend the case failing which the matter shall be decided on merit as per law.

By order of the Court

**S.Mahapatra**
**Sub - Asst. Registrar**
**Co-operative Societies, (Legal)**

---

**IN THE COURT OF ARCS (HQRS.),**
**OFFICE OF THE RCS,ODISHA ,BHUBANESWAR**
**DISPUTE CASE NO.-205/2018**

IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD.............. ..............PLAINTIFF

-:Versus:-

Simhadri Chitti Babu & another........... ..............DEFENDANTS

**NOTICE**

No.15930 Legal- I(C) Dated:30.07.2019

To

1) Simhadri Chitti Babu, S/o- Late S. Satya Rao
**Permanent / Present Address**
LIG- 14, Stage -2, Housing Board, Po- Prem Nagar
Berhampur , Dist- Ganjam(760002) .....Def. No. 1

2) S. Krishna Rao, S/o- Late S. Raja Rao
**Permanent Address:**
Bijipur Gola Street,
Berhampur , Dist- Ganjam(760001) .....Def. No. 2

Whereas, the Odisha State Co-operative Bank Ltd, (Plaintiff) has preferred the dispute case u/s-68 of O.C.S Act, 1962 for passing an award of **Rs. 28,799/- (Rupees Twenty Eight Thousand Seven Hundred Ninety Nine )only as on 31.05.2018** against you with further interest and cost.

Whereas notice issued to you by R.P. with A.D. returned un-served.

Now therefore, take notice through this publication to appear before the Court as above at 8th Floor, Heads of Department Building, Bhubaneswar- 1 on 30.08.2019 at 11 AM to defend the case failing which the matter shall be decided on merit as per law.

By order of the Court

**S.Mahapatra**
**Sub - Asst. Registrar**
**Co-operative Societies, (Legal)**

---

**IN THE COURT OF ARCS (HQRS.),**
**OFFICE OF THE RCS,ODISHA ,BHUBANESWAR**
**DISPUTE CASE NO.203/2018**

IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD.............. ..............PLAINTIFF

-:Versus:-

M. Kali Prasad & another........... ..............DEFENDANTS

**NOTICE**

No.15928 Legal- I(B) Dated: 30.07.2019

To

1) M.Kali Prasad, S/o- M.V. Ratnam
**Permanent / Present Address:**
Bijipur, Berhampur, Dist- Ganjam (760005) .....Def. No. 1

2) M. Durga Prasad, S/o- M.V. Ratnam
**Permanent Address:**
Bijipur, Berhampur, Dist- Ganjam (760005) .....Def. No. 2

Whereas, the Odisha State Co-operative Bank Ltd, (Plaintiff) has preferred the dispute case u/s-68 of O.C.S Act, 1962 for passing an award of **Rs. 75, 798/- (Rupees Seventy Five Thousand Seven Hundred Ninety Eight )only as on 31.05.2018** against you with further interest and cost.

Whereas notice issued to you by R.P. with A.D. returned un-served.

Now therefore, take notice through this publication to appear before the Court as above at 8th Floor, Heads of Department Building, Bhubaneswar- 1 on 30.08.2019 at 11 AM to defend the case failing which the matter shall be decided on merit as per law.

By order of the Court

**S.Mahapatra**
**Sub - Asst. Registrar**
**Co-operative Societies, (Legal)**

---

**IN THE COURT OF ARCS (HQRS.),**
**OFFICE OF THE RCS,ODISHA ,BHUBANESWAR**
**DISPUTE CASE NO.202/2018**

IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD.............. ..............PLAINTIFF

-:Versus:-

Dibya Lochan Padhy & another......... ..............DEFENDANTS

**NOTICE**

No.15926 Legal- I(C) Dated:30.07.2019

To

1) Dibya Lochan Padhy, S/o- Uma Charan Padhy
**Permanent / Present Address**
Gajapati Nagar,Berhampur , Dist- Ganjam .....Def. No. 1

2) Susanta Kumar Samal, S/o- Natabar Samal
**Permanent Address:**
Sastri Nagar, 2nd Line,
Berhampur , Dist- Ganjam .....Def. No. 2

Whereas, the Odisha State Co-operative Bank Ltd, (Plaintiff) has preferred the dispute case u/s-68 of O.C.S Act, 1962 for passing an award of **Rs. 77,676/- (Rupees Seventy Seven Thousand Six Hundred Seventy Six )only as on 31.05.2018** against you with further interest and cost.

Whereas notice issued to you by R.P. with A.D. returned un-served.

Now therefore, take notice through this publication to appear before the Court as above at 8th Floor, Heads of Department Building, Bhubaneswar- 1 on 30.08.2019 at 11 AM to defend the case failing which the matter shall be decided on merit as per law.

By order of the Court

**S.Mahapatra**
**Sub - Asst. Registrar**
**Co-operative Societies, (Legal)**

---

**IN THE COURT OF ARCS (HQRS.),**
**OFFICE OF THE RCS,ODISHA ,BHUBANESWAR**
**DISPUTE CASE NO.201/2018**

IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD.............. ..............PLAINTIFF

-:Versus:-

G. Netta & another........... ..............DEFENDANTS

**NOTICE**

No.15924 Legal- I(C) Dated:30.07.2019

To

1) G.Netta, D/o – M. Laxman Murty
**Permanent / Present Address**
At- 2nd Canal Street, Gandhi Nagar
Berhampur , Dist- Ganjam(760001) .....Def. No. 1

2) K. Parsuram Reddy, S/o- Late Tarinaya Reddy
**Permanent Address:**
At- Municipality Colony, Lanjipalli
Berhampur , Dist- Ganjam(760008) .....Def. No. 2

Whereas, the Odisha State Co-operative Bank Ltd, (Plaintiff) has preferred the dispute case u/s-68 of O.C.S Act, 1962 for passing an award of **Rs. 22,516/- (Rupees Twenty Two Thousand Five Hundred Sixteen) only as on 31.05.2018** against you with further interest and cost.

Whereas notice issued to you by R.P. with A.D. returned un-served.

Now therefore, take notice through this publication to appear before the Court as above at 8th Floor, Heads of Department Building, Bhubaneswar- 1 on 30.08.2019 at 11 AM to defend the case failing which the matter shall be decided on merit as per law.

By order of the Court

**S.Mahapatra**
**Sub - Asst. Registrar**
**Co-operative Societies, (Legal)**

---

**IN THE COURT OF ARCS (HQRS.),**
**OFFICE OF THE RCS,ODISHA ,BHUBANESWAR**
**DISPUTE CASE NO.200/2018**

IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD.............. ..............PLAINTIFF

-:Versus:-

Sappa Arakhit & another........... ..............DEFENDANTS

**NOTICE**

No.15922 Legal- I(C) Dated: 30.07.2019

To

1) Sappa Arakhit, S/o- Sappa Balaji
**Permanent / Present Address**
Neelakantha Nagar, 2nd Line, Gosaninuagaon
Berhampur , Dist- Ganjam(760001) .....Def. No. 1

2) Gopal Chandra Sahoo
**Permanent Address:**
Bijipur Bada Street,
Berhampur , Dist- Ganjam(760005) .....Def. No. 2

Whereas, the Odisha State Co-operative Bank Ltd, (Plaintiff) has preferred the dispute case u/s-68 of O.C.S Act, 1962 for passing an award of **Rs. 61,736/- (Rupees Sixty One Thousand Seven Hundred Thirty Six )only as on 31.05.2018** against you with further interest and cost.

Whereas notice issued to you by R.P. with A.D. returned un-served.

Now therefore, take notice through this publication to appear before the Court as above at 8th Floor, Heads of Department Building, Bhubaneswar- 1 on 30.08.2019 at 11 AM to defend the case failing which the matter shall be decided on merit as per law.

By order of the Court

**S.Mahapatra**
**Sub - Asst. Registrar**
**Co-operative Societies, (Legal)**

---

**IN THE COURT OF ARCS (HQRS.),**
**OFFICE OF THE RCS,ODISHA ,BHUBANESWAR**
**DISPUTE CASE NO.199/2018**

IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD.............. ..............PLAINTIFF

-:Versus:-

Sri Abhimanyu Sahu & another........... ..............DEFENDANTS

**NOTICE**

No.15915 Legal- I(C) Dated:30.07.2019

To

1) Sri Abhimanyu Sahu, S/o- Maguni Charan Sahu
**Permanent / Present Address**
C/o- Bijay Nanda, Pratap Nagar, 2nd Line
Gate Bazar, Berhampur , Dist- Ganjam(760001) .....Def. No. 1

2) Kalandi Charan Behera, S/o - Fakir Charan Behera
**Permanent Address:**
Paika Sahi, Po- Gopalpur, Dist – Cuttack (753011)
**Present Address:**
Aska Road,Berhampur , Dist- Ganjam (760001) .....Def. No. 2

Whereas, the Odisha State Co-operative Bank Ltd, (Plaintiff) has preferred the dispute case u/s-68 of O.C.S Act, 1962 for passing an award of **Rs. 67,687/- (Rupees Sixty Seven Thousand Six Hundred Eighty Seven )only as on 31.05.2018** against you with further interest and cost.

Whereas notice issued to you by R.P. with A.D. returned un-served.

Now therefore, take notice through this publication to appear before the Court as above at 8th Floor, Heads of Department Building, Bhubaneswar- 1 on 30.08.2019 at 11 AM to defend the case failing which the matter shall be decided on merit as per law.

By order of the Court

**S.Mahapatra**
**Sub - Asst. Registrar**
**Co-operative Societies, (Legal)**

---

**IN THE COURT OF THE DEPUTY DIRECTOR (STATISTICS)**
**OFFICE OF THE RCS,ODISHA ,BHUBANESWAR**
**DISPUTE CASE NO.92/2018**

IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD.............. ..............PLAINTIFF

-:Versus:-

Ranjulata Pradhan & Others........... ..............DEFENDANTS

**NOTICE**

No.15473 Legal- I(C) Dated:23.07.2019

To

1) Ranjulata Pradhan, W/o- Late Basudev Behera At- Chakapada
PO/PS – Banki, Dist- Cuttack -754008

2) Prasanta Kumar Bhoi, Permanent resident of At – Balikantha Benupur,
Po- Benupur ,Balianta, Dist - Khordha

3) Asst. General Manager- cum-Drawing and Disbursing Officer,
Central Electricity Supply of Utility of Odisha,
Bhubaneswar City Distribution Division No. 1,
At- Unit -8, Power House , Bhubaneswar – 751012,Dist - Khorda

Whereas, the Odisha State Co-operative Bank Ltd, (Plaintiff) has preferred the dispute case u/s-68 of O.C.S Act, 1962 for passing an award of **Rs. 1,54,860/- (Rupees One Lakh Fifty Four Thousand Eight Hundred Sixty )only as on 30.09.2017** against you with further interest and cost.

Whereas notice issued to you by R.P. with A.D. returned un-served.

Now therefore, take notice through this publication to appear before the Court as above at 8th Floor, Heads of Department Building, Bhubaneswar- 1 on 31.08.2019 at 11 AM to defend the case failing which the matter shall be decided on merit as per law.

By order of the Court

**S.Mahapatra**
**Sub - Asst. Registrar**
**Co-operative Societies, (Legal)**

---

**IN THE COURT OF THE DEPUTY DIRECTOR (STATISTICS)**
**OFFICE OF THE RCS,ODISHA ,BHUBANESWAR**
**DISPUTE CASE NO.91/2018**

IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD.............. ..............PLAINTIFF

-:Versus:-

Pravas Kumar Samal & another......... ..............DEFENDANTS

**NOTICE**

No.15471 Legal- I(C) Dated:23.07.2019

To

1) Pravas Kumar Samal, S/o- Madhab Kumar Samal
Plot No- EA -20, Badagada Brit Colony, P.O- Badagada
Bhubaneswar – 751018, Dist –Khordha .....Def. No. 1

2) Krushna Chandra Pati, S/o- Late Raghunath Pati,
Plot No- EA -20, Badagada Brit Colony, P.O- Badagada
Bhubaneswar – 751018, Dist –Khordha .....Def. No. 2

Whereas, the Odisha State Co-operative Bank Ltd, (Plaintiff) has preferred the dispute case u/s-68 of O.C.S Act, 1962 for passing an award of **Rs. 54,206/- (Rupees Fifty Four Thousand Two Hundred Six )only as on 31.10.2017** against you with further interest and cost.

Whereas notice issued to you by R.P. with A.D. returned un-served.

Now therefore, take notice through this publication to appear before the Court as above at 8th Floor, Heads of Department Building, Bhubaneswar- 1 on 31.08.2019 at 11 AM to defend the case failing which the matter shall be decided on merit as per law.

By order of the Court

**S.Mahapatra**
**Sub - Asst. Registrar**
**Co-operative Societies, (Legal)**

---

**IN THE COURT OF THE DEPUTY DIRECTOR (STATISTICS)**
**OFFICE OF THE RCS,ODISHA ,BHUBANESWAR**
**DISPUTE CASE NO.90/2018**

IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD.............. ..............PLAINTIFF

-:Versus:-

Seshapriya Panda & another........... ..............DEFENDANTS

**NOTICE**

No.15469 Legal- I(C) Dated:23.07.2019

To

1) Seshapriya Panda, S/o- Surendranath Panda,
At- Po- Palpatana, Via- Alba, Dist- Kendrapara- 754217
At Present – Plot No- SCR -60 , Kharaval Nagar- Unit – 3,
Bhubaneswar – 751001, Dist- Khordha .....Def. No. 1

2) Ashok Kumar Moharana, S/o- Akshaya Moharana,
Plot No- 132/ 1810, Nuasahi, Rasulgarh,
Bhubnaeswar – 751010, Dist- Khordha .....Def. No. 2

Whereas, the Odisha State Co-operative Bank Ltd, (Plaintiff) has preferred the dispute case u/s-68 of O.C.S Act, 1962 for passing an award of **Rs. 44,618/- (Rupees Forty Four Thousand Six Hundred Eighteen )only as on 31.10.2017** against you with further interest and cost.

Whereas notice issued to you by R.P. with A.D. returned un-served.

Now therefore, take notice through this publication to appear before the Court as above at 8th Floor, Heads of Department Building, Bhubaneswar- 1 on 31.08.2019 at 11 AM to defend the case failing which the matter shall be decided on merit as per law.

By order of the Court

**S.Mahapatra**
**Sub - Asst. Registrar**
**Co-operative Societies, (Legal)**

---

**IN THE COURT OF THE DEPUTY DIRECTOR (STATISTICS)**
**OFFICE OF THE RCS,ODISHA ,BHUBANESWAR**
**DISPUTE CASE NO.81/2018**

IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD.............. ..............PLAINTIFF

-:Versus:-

Sri Darasingha Pattnaik & another........... ..............DEFENDANTS

**NOTICE**

No.15467 Legal- I(C) Dated:23.07.2019

To

1) Sri Darasingha Pattnaik,S/o- Late Shikhar Chandra Pattnaik,
At- Plot No. – LC. 140/23, Phase –II, Sailashree Vihar,
Bhubaneswar, Dist- Khorda

Permanent resident of At/Po – Badakharida
Via- P.S.- Purusottampur, Dist- Ganjam

2) Sri Tabiag Parichha, S/o- Bemarada Parichha,
House No. FR – 26/12, Chandrasekharpur housing Board Colony,
Bhubaneswar – 751016 ,Dist- Khordha

Whereas, the Odisha State Co-operative Bank Ltd, (Plaintiff) has preferred the dispute case u/s-68 of O.C.S Act, 1962 for passing an award of **Rs. 51,915/- (Rupees Fifty One Thousand Nine Hundred Fifteen )only as on 31.11.2017** against you with further interest and cost.

Whereas notice issued to you by R.P. with A.D. returned un-served.

Now therefore, take notice through this publication to appear before the Court as above at 8th Floor, Heads of Department Building, Bhubaneswar- 1 on 31.08.2019 at 11 AM to defend the case failing which the matter shall be decided on merit as per law.

By order of the Court

**S.Mahapatra**
**Sub - Asst. Registrar**
**Co-operative Societies, (Legal)**

ପରବର୍ତ୍ତୀ ପୃଷ୍ଠା ଦେଖନ୍ତୁ...

## ସଂକ୍ଷେପରେ

### ଶ୍ରୀଧର ସାହୁ ଥିଲେ ଦକ୍ଷ ସଙ୍ଗଠକ

**ଢେଙ୍କାନାଳ ଅଫିସ, ୧୩।୮:** ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ନଗରପାଳ ଶ୍ରୀଧର ସାହୁଙ୍କ ବିୟୋଗରେ ସ୍ଥାନୀୟ ଷ୍ଟେଶନ ବଜାରସ୍ଥିତ ପୁରୁଷୋତ୍ତମ ମଣ୍ଡପରେ ସୋମବାର ସର୍ବସାଧାରଣ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ନିଖିଳ ଉତ୍କଳ ତୈଳିକ ବୈଶ୍ୟ ସମାଜ ସଭାପତି ତଥା ଚିଲିକାର ପୂର୍ବତନ ବିଧାୟକ ରଘୁନାଥ ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ବିଧାୟକ ସୁଧୀର କୁମାର ସାମଲ, ପୂର୍ବତନ ରାଜ୍ୟ ସଭା ସଦସ୍ୟ ରୁଦ୍ରନାରାୟଣ ପାଣି, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭଜମନ ବେହେରା, ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର, ମହେଶ୍ୱର ନାୟକ ପ୍ରମୁଖ ଯୋଗଦେଇ ଦିବଂଗତ ଆତ୍ମାର ସ୍ମୃତିଚାରଣ କରିଥିଲେ। ଶ୍ରୀଧର ଥିଲେ ଜନ ଆଦୃତ ନେତା। ସହରର ବହୁ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନର ସେ ପୃଷ୍ଠପୋଷକ ଥିଲେ। ଜଣେ ଦକ୍ଷ ସଙ୍ଗଠନ ହିସାବରେ ସେ ଅଞ୍ଚଳବାସୀଙ୍କ ମଧ୍ୟରେ ସ୍ୱତନ୍ତ୍ର ଛାପ ଛାଡ଼ିଛନ୍ତି ବୋଲି ଶ୍ରଦ୍ଧାଞ୍ଜଳି ସଭାରେ ମତପ୍ରକାଶ ପାଇଥିଲା। ନିଖିଳ ଉତ୍କଳ ତୈଳିକ ବୈଶ୍ୟ ସମାଜର ସାଧାରଣ ସମ୍ପାଦକ ଗୁରୁକିଙ୍କର ଜେଠୀ, କାର୍ଯ୍ୟକାରୀ ସଭାପତି ବିପ୍ରବର ସାହୁ, ଜିଲା କଂଗ୍ରେସ ସଭାପତି ସୁରେଶ କୁମାର ପାଣିଗ୍ରାହୀ, ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ପାତ୍ର, ଚାମ୍ବର ଅଫ୍ କମର୍ସ ସଭାପତି ଶରତ ଚନ୍ଦ୍ର ପାଢ଼ୀ, ଜିଲା ସାମ୍ବାଦିକ ସଂଘ ସଭାପତି ପ୍ରସନ୍ନ କୁମାର ପଟ୍ଟନାୟକ, ଶିକ୍ଷାବିତ୍ ପ୍ରଦ୍ୟୁମ୍ନ ରଥ, ଜିଲା ଓକିଲ ସଂଘ ସଭାପତି ସଞ୍ଜୟ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ରହି ଭାବବିହ୍ୱଳ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

### ଟ୍ରେନ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

**ଭଦ୍ରକ ଅଫିସ, ୧୩।୮:** ଚରମ୍ପା ତାରିଣୀ ଲେବଲ କ୍ରସିଂ ପାର ହେଉଥିବା ସମୟରେ ମଙ୍ଗଳବାର ମଧ୍ୟାହ୍ନରେ ଟ୍ରେନ ଧକ୍କାରେ ଅର୍ଣ୍ଣପାଳ ଭଟ୍ଟପୁର ଗ୍ରାମର ଅର୍ଜୁନ ବେହେରା(୮୪)ଙ୍କ ମୃତ୍ୟୁ ଘଟିଛି। ଅର୍ଜୁନ ବରାଳପୋଖରୀସ୍ଥିତ ଝିଅ ଘରକୁ ଯାଉଥିବା ସମୟରେ ଏହିଭଳି ଦୁର୍ଘଟଣା ଘଟିଥିବା ଜଣାପଡିଛି। ଚରମ୍ପା ଲେବଲକ୍ରସିଂ ନିକଟରେ ଗେଟ୍ ପଡିଥିବା ସମୟରେ ଗେଟ୍ ପାର୍ଶ୍ୱ ରାସ୍ତା ଦେଇ ସେ ଅତିକ୍ରମ କରିବାକୁ ଚେଷ୍ଟା କରିଥିଲେ। ଫଳରେ ତାଙ୍କୁ ରାଜଧାନୀ ଏକ୍ସପ୍ରେସ ଧକ୍କା ଦେଇଥିଲା। ବୟସାଧିକ୍ୟ କାରଣରୁ ତାଙ୍କ ଶ୍ରବଣ ଶକ୍ତି କମିଯାଇଛି। ତେଣୁ ସେ ଟ୍ରେନ ଆସିବା ଶବ୍ଦ ଶୁଣି ପାଣି ନ ଥିଲେ। ତେଣୁ ଟ୍ରେନ୍ ତାଙ୍କୁ ଧକ୍କା ଦେଇଥିଲା ବୋଲି ରେଲୱେ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ମୃତଦେହକୁ ବ୍ୟବଚ୍ଛେଦ ଲାଗି ଜିଲା ଚିକିତ୍ସାଳୟକୁ ପଠାଯାଇଛି।

### କଲେଜ ଛାତ୍ରଙ୍କ ଅସ୍ୱାଭାବିକ ମୃତ୍ୟୁ

**ଭଣ୍ଡାରିପୋଖରୀ, ୧୩।୮(ଡି.ଏନ୍.ଏ.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ମାଳଦା ଗ୍ରାମର ଜଣେ କଲେଜ ଛାତ୍ରଙ୍କ ଅସ୍ୱାଭାବିକ ପରିସ୍ଥିତିରେ ମୃତ୍ୟୁ ଘଟିଛି। ସେ ହେଲେ ସନ୍ତୋଷ ବେହେରା(୨୦)। ସୋମବାର ଥିଲା ତାଙ୍କ ଜନ୍ମଦିନ। ସାଙ୍ଗମାନଙ୍କ ସହ ଜନ୍ମଦିନରେ ଖୁସି ମନାଇ ରାତିରେ ଖାଇ ସାରି ସେ ଘରେ ଶୋଇଥିଲେ। ରାତି ପ୍ରାୟ ୩ଟା ସମୟରେ ସେ ଚିତ୍କାର କରିବାକୁ ପରିବାର ଲୋକେ ତାଙ୍କୁ ଯାଜପୁର ଜିଲା ଚିକିତ୍ସାଳୟକୁ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ମଙ୍ଗଳବାର ମଧ୍ୟାହ୍ନରେ ଗ୍ରାମରେ ପହଞ୍ଚିଥିଲା। ସନ୍ତୋଷ ଯୁକ୍ତ ୩ ଦ୍ୱିତୀୟ ବର୍ଷର ଛାତ୍ର ଥିଲେ। ଏହି ଘଟଣା ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ତେବେ କେଉଁ କାରଣରୁ ସନ୍ତୋଷଙ୍କ ମୃତ୍ୟୁ ହେଲା ତାହା ବ୍ୟବଚ୍ଛେଦ ରିପୋର୍ଟରୁ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

### ସାପ କାମୁଡାରେ ଜଣେ ଗୁରୁତର

**ଆରଡି, ୧୩।୮(ଡି.ଏନ୍.ଏ.):** ଭଦ୍ରକ ଜିଲା ଧୂଷୁରୀ ଥାନା ଅନ୍ତର୍ଗତ ସୁନ୍ଦରପୁର ଗାଁର ସୁରେନ୍ଦ୍ର ଦାସ(୫୨)ଙ୍କ ମଙ୍ଗଳବାର ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ସେ ବିଲରେ ଗୋରୁ ଚରାଉଥିବା ବେଳେ ତାଙ୍କୁ ଏକ ତମ୍ପ ସାପ କାମୁଡି ଦେଇଥିଲା। ପରିବାର ଲୋକେ ତାଙ୍କୁ ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇ ଥିଲେ। ଅବସ୍ଥା ଗୁରୁତର ଥିବାରୁ ପରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ କହିଛନ୍ତି।

■ଅନ୍‌ଲାଇନ୍ ଶପିଂ ସଂସ୍ଥା ଗାଡ଼ିରୁ ପାର୍ସଲ ଲୁଟ୍ ଘଟଣା

# ପୋଲିସ ଜାଲରେ ଲୁଟେରା ଗ୍ୟାଙ୍ଗ୍



ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ଦେଉଛନ୍ତି।

■ମୋବାଇଲ ଟ୍ରାକିଂରୁ ଧରାପଡ଼ିଲେ
■ଲାପ୍‌ଟପ, ବାଇକ୍, ଗ୍ରାଇଣ୍ଡର ଜବତ
■୩ ଅଭିଯୁକ୍ତ ଗିରଫ, ଜଣେ ଫେରାର

**କାମାକ୍ଷାନଗର, ୧୩।୮(ଡି.ଏନ୍.ଏ.)**

ଅନ୍‌ଲାଇନ ଶପିଂ ସଂସ୍ଥାର ପାର୍ସଲ ଭ୍ୟାନ୍‌ରୁ ସାମଗ୍ରୀ ଲୁଟ୍ ମାମଲାରେ ସମ୍ପୃକ୍ତ ଲୁଟେରା ଗ୍ୟାଙ୍ଗ୍‌ର ୩ ସଦସ୍ୟଙ୍କୁ ମୋବାଇଲ ଟ୍ରାକିଂ କରି କାବୁ କରିଛି କାମାକ୍ଷାନଗର ପୋଲିସ। ସେମାନେ ହେଲେ କଙ୍ଗେଇଲୋ ଗ୍ରାମର ବିକାଶ ମଲ୍ଲିକ (୨୦), ଜଗନ୍ନାଥପୁର ଗ୍ରାମର ମଳୟ ମଲ୍ଲିକ (୨୮) ଏବଂ ଭୁବନ ଥାନା ଗୋବିନ୍ଦପୁର ଗ୍ରାମର ହେମନ୍ତ ସେଠୀ ଓରଫ୍ ଲିପୁ (୨୦)। ସେମାନଙ୍କ ନିକଟରୁ ୯ ଲାପ୍‌ଟପ, ୩ ପ୍ରିଣ୍ଟର, ୩ ଗ୍ରାଇଣ୍ଡର, ଗୋଟିଏ ପ୍ରେସରକୁକର ଏବଂ ୩ ବାଇକ୍ ଜବତ କରାଯାଇଛି। ଗୋଟିଏ ଲାପ୍‌ଟପ, ପ୍ରିଣ୍ଟର, ଗ୍ରାଇଣ୍ଡର ଏବଂ ୧୧ଟି ପ୍ରେସରକୁକର ସହ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ଅଛନ୍ତି। ମଙ୍ଗଳବାର ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଡକାୟତ ଗ୍ୟାଙ୍ଗର କାରନାମା ସମ୍ପର୍କରେ ସବିଶେଷ ସୂଚନା ଦେଇଛନ୍ତି ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକ।

ପୋଲିସ ସୂଚନା ଅନୁଯାୟୀ, ୨୦୧୯ ମେ ୨୯ ବିଳମ୍ବିତ ରାତିରେ ଅନ୍‌ଲାଇନ୍ ଶପିଂ ସଂସ୍ଥା 'କ୍ରାନ୍ତିଧାରା ଏକ୍ସପ୍ରେସ କାର୍ଗୋ ସର୍ଭିସ'ର ଏକ ପାର୍ସଲ ଭ୍ୟାନ (ଓଡି ୦୨ ଏଇୟୁ ୨୯୯୫) ଭୁବନେଶ୍ୱରରୁ ରାଉରକେଲା ଅଭିମୁଖେ ଯାଉଥିଲା। କାମାକ୍ଷାନଗର ଥାନା ମହୁଲପାଳ ନିକଟ ଜଙ୍ଗଲିଆ ରାସ୍ତାରେ ୪ଜଣ ଅଭିଯୁକ୍ତ ଗାଡ଼ି ଅଟକାଇଥିଲେ। ଡ୍ରାଇଭର ତଥା ଆଠମଲ୍ଲିକ ଥାନା ଅଇଡ଼ା ଗ୍ରାମର ରାଜେନ୍ଦ୍ର ନାୟକଙ୍କୁ ଭୟଭୀତ କରାଇବା ସହ ଗାଡ଼ିରେ ଥିବା ୬୭ ପାର୍ସଲ ମଧ୍ୟରୁ ୩୦ଟି ନେଇଯାଇଥିଲେ। ଏହାପରେ ଡ୍ରାଇଭରଙ୍କୁ ବାଇସିଙ୍ଗା ଗାଁ ନିକଟ ଯାତ୍ରା ପଡ଼ିଆ ନିକଟରେ ଛାଡ଼ି ଫେରାର ହୋଇଯାଇଥିଲେ। ଏ ନେଇ ରାଜେନ୍ଦ୍ରଙ୍କ ଅଭିଯୋଗକୁ ଭିତ୍ତିକରି ନଂ.୧୦୭/୧୯, ଦଫା ୩୯୪ରେ ମାମଲା ରୁଜୁ କରାଯାଇଥିଲା। ଡ୍ରାଇଭରଙ୍କଠାରୁ ନେଇଯାଇଥିବା ମୋବାଇଲକୁ ଟ୍ରାକିଂ କରି ଅଭିଯୁକ୍ତଙ୍କ ନିକଟରେ ପହଞ୍ଚିଥିଲା ପୋଲିସ। ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ମଳୟ ଏବଂ ହେମନ୍ତ ପେସାଦାର ଅଭିଯୁକ୍ତ। ମଳୟଙ୍କ ନାମରେ ତୁମୁସିଙ୍ଗା ଥାନାରେ ନଂ. ୪୩/୧୯ ଏବଂ ହେମନ୍ତଙ୍କ ନାମରେ ଭୁବନ ଥାନାରେ ନଂ. ୧୦୫/୧୯ରେ ମାମଲା ରହିଥିବା ଏସ୍‌ଡିପିଓ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଥାନାଧିକାରୀ ନିରଞ୍ଜନ ସେଠୀ, ତଦନ୍ତକାରୀ ଅଧିକାରୀ ସୁରେଶ ଚନ୍ଦ୍ର ବେହେରାଙ୍କ ସମେତ ଥାନା କର୍ମଚାରୀମାନେ ଉପସ୍ଥିତ ଥିଲେ।

■ଅପମିଶ୍ରଣ ବେଳେ ଚଢ଼ାଉ

# ୩୦ ଟନ୍ କ୍ରୋମାଇଟ ଜବତ, ୨ ଅଟକ



କ୍ରୋମାଇଟ ଅପମିଶ୍ରଣ କରାଯାଉଥିବା ସ୍ଥାନ।

**ଭୁବନ, ୧୩।୮(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ଭୁବନ ଥାନା ମୃଦଙ୍ଗା ହାଟଛକରେ କ୍ରୋମାଇଟ ଅପମିଶ୍ରଣ ବେଳେ ମଙ୍ଗଳବାର ସନ୍ଧ୍ୟାରେ ପୋଲିସ ଚଢ଼ାଉ କରି ୨ଜଣଙ୍କୁ ଅଟକ ରଖିଛି। ଘଟଣାସ୍ଥଳରୁ ୨ଟି ଟ୍ରକ୍ ସହ ୩୦ ଟନ୍ କ୍ରୋମାଇଟ୍ ଜବତ କରାଯାଇଛି।

ପୋଲିସ ସୂଚନା ଅନୁଯାୟୀ, ଯାଜପୁର ଜିଲା ସୁକିନ୍ଦା କାଳିଆପାଣି ମାଇନ୍ସରୁ ୪ଟି ଟ୍ରକ କ୍ରୋମାଇଟ ଭୁବନ ଅଞ୍ଚଳକୁ ଚାଲାଣ ହେଉଥିଲା। କାଳିଆପାଣି ମାଇନ୍ସ କର୍ମଚାରୀ ଏଥିରେ ସନ୍ଦେହ କରି ଗାଡ଼ିଗୁଡ଼ିକର ପିଛା କରିଥିଲେ। ହେଲେ ଟ୍ରକ୍‌ଗୁଡ଼ିକର କୌଣସି ସୁରାକ୍ ମିଳି ନ ଥିଲା। ଏ ନେଇ ସେମାନେ ଭୁବନ ପୋଲିସକୁ ସୂଚନା ଦେଇଥିଲେ। ଥାନାଧିକାରୀ ନିର୍ମଳା ଗୋଚ୍ଛାୟତ ସଦଳବଳ ଗାଡ଼ିଗୁଡ଼ିକର ପିଛା କରିଥିଲେ। ମୃଦଙ୍ଗା ହାଟ ଛକରେ ୩ଟି ଟ୍ରକ୍ କ୍ରୋମାଇଟ ଅନ୍‌ଲୋଡ୍ କରି ସେଥିରେ ମାଟି ମିଶ୍ରଣ କରି ପୁଣି ଲୋଡ୍ କରୁଥିଲେ। ଚଢ଼ାଉ ସମ୍ପର୍କରେ ସୂଚନା ପାଇ ସେଥିରୁ ଗୋଟିଏ ଟ୍ରକ୍ ଫେରାର ହୋଇଯାଇଥିଲା। ଅନ୍ୟ ଦୁଇଟି ଗାଡ଼ି (ନଂ. ଓଆର୍ ୦୯ ଏଫ୍ ୯୨୬୭) ଏବଂ (ନଂ. ଓଆର୍ ୦୯ଡି ୦୯୯୫)କୁ ଜବତ କରିବା ସହ ବେଣ୍ଟଶାଳିଆ ଗ୍ରାମର ବିଜୟ ମଳିକ (୫୦), ଦୁର୍ଯ୍ୟୋଧନ ମଳିକ (୬୪)ଙ୍କୁ ପୋଲିସ ପଚରାଉଚୁରା କରୁଛି।

ଏ ନେଇ ପୋଲିସ କାଳିଆପାଣି ମାଇନ୍ସ କର୍ତ୍ତୃପକ୍ଷଙ୍କୁ ଜଣାଇବା ପରେ ଅଧିକାରୀମାନେ ପହଞ୍ଚି କ୍ରୋମାଇଟ ନିଜ ଜିମା ନେଇଛନ୍ତି। ଏ ନେଇ କାଳିଆପାଣି ଥାନାରେ ଅଭିଯୋଗ କରିବାକୁ ମାଇନ୍ସ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଥିବା ଥାନାଧିକାରୀ ସୂଚନା ଦେଇଛନ୍ତି।

# ମାଛଚାଷ ପ୍ରଶିକ୍ଷଣ ଶିବିର



କାର୍ଯ୍ୟକ୍ରମରେ ଉପସ୍ଥିତ ଶିବିରାର୍ଥୀମାନେ।

**ଢେଙ୍କାନାଳ ଅଫିସ, ୧୩।୮**

ଢେଙ୍କାନାଳ ଜିଲା ମତ୍ସ୍ୟ ବିଭାଗ କାର୍ଯ୍ୟାଳୟରେ ମଙ୍ଗଳବାର ବୈଜ୍ଞାନିକ ପ୍ରଣାଳୀରେ ମାଛଚାଷ ସମ୍ପର୍କିତ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଁଦିଆ ଏବଂ ଓଡ଼ାପଡ଼ା ବ୍ଲକ ଅଞ୍ଚଳରେ କାର୍ଯ୍ୟରତ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ, ପ୍ରାଣୀମିତ୍ର ଯୋଗଦେଇଥିଲେ।

ଜିଲା ମତ୍ସ୍ୟ ବିଭାଗ, ମିଶନ ଶକ୍ତି ଏବଂ ୱାର୍ଲ୍ଡ ଫିସର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ମତ୍ସ୍ୟ ଅଧିକାରୀ ଦୀପ୍ତି କୁମାର ମହାପାତ୍ର, ଜିଲା ମିଶନ ଶକ୍ତି ପ୍ରକଳ୍ପ ସଂଯୋଜିକା ମୋନାଲିସା ଭଞ୍ଜ, ୱାର୍ଲ୍ଡ ଫିସର ଆଞ୍ଚଳିକ ପରିଚାଳିକା ରେଶମା ନାୟକ ପ୍ରମୁଖ ଉପସ୍ଥିତ ରହି ଶିବିରକୁ ଉଦ୍‌ଘାଟନ କରିଥିଲେ। ମାଛଚାଷ ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀକୁ ବିଭିନ୍ନ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି। ସେମାନେ ଚାହିଁଲେ ପଞ୍ଚାୟତ ପୋଖରୀକୁ ଏକର ପିଛା ବାର୍ଷିକ ୨ହଜାର ଟଙ୍କା ମୂଲ୍ୟରେ ଦୀର୍ଘମିଆଦୀ ସୂତ୍ରରେ ଲିଜ୍ ନେଇପାରିବେ। ଏଥିସହ ବିନା ସୁଧରେ ୩ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ସୁବିଧା ମଧ୍ୟ ରହିଛି। ମାଛ ଚାଷ ଏକ ଲାଭଜନକ ବ୍ୟବସାୟ। ଏଥିରେ ଆଧୁନିକ ପ୍ରଣାଳୀ ଉପଯୋଗ କଲେ ପ୍ରଚୁର ଲାଭ ମିଳିଥାଏ। ଏହାଦ୍ୱାରା ପରିବାରର ଆର୍ଥିକସ୍ଥିତ ମଜଭୁତ୍ ହେବ ବୋଲି ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ ମହୁରାଳି ଚାଷ, ଏହାର ପରିଚାଳନା ସମ୍ପର୍କରେ ତାଲିମ ଦିଆଯାଇଥିଲା। ଏଥିସହ ମାଛଚାଷ ନିମନ୍ତେ ବିଭିନ୍ନ ସରଞ୍ଜାମ ପ୍ରଦାନ କରାଯାଇଥିଲା।

ସହକାରୀ ମତ୍ସ୍ୟ ଅଧିକାରୀ ସ୍ୱପ୍ନାଲିପା ସାହୁ ବୈଜ୍ଞାନିକ ପଦ୍ଧତିରେ ପଞ୍ଚାୟତ ପୋଖରୀରେ ମାଛଚାଷ ସମ୍ପର୍କିତ ବିବରଣୀ ପ୍ରଦାନ କରିଥିଲେ। ବରିଷ୍ଠ ମତ୍ସ୍ୟ ବୈଷୟିକ ସହାୟକ ଶେଷଦେବ ପ୍ରଧାନ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# ବାହୁଡ଼ିଲା ନରହନ୍ତା ଦନ୍ତା

**ପରଜଙ୍ଗ, ୧୩।୮(ଡି.ଏନ୍.ଏ.)**

ଢେଙ୍କାନାଳ ବନଖଣ୍ଡ ମହାବିରୋଡ ରେଞ୍ଜ ଡିହଡୋଳ ଫରେଷ୍ଟ ସେକ୍ସନରେ କିଛିଦିନ ବ୍ୟବଧାନରେ ପୁଣିଥରେ ନିଜର ଉପସ୍ଥିତି ଜାହିର କରିଛି ନରହନ୍ତା ଦନ୍ତା। ଦାନ୍ତ କଟାଯିବା ସତ୍ତ୍ୱେ ଏହାର ହିଂସ୍ର ଆଚରଣରେ କୌଣସି ପରିବର୍ତ୍ତନ ହେଉନାହିଁ। ଜନବସତିରେ ପଶି ଘରଦ୍ୱାର ଭାଙ୍ଗି ପକାଉଛି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଭୟ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ଏ ନେଇ କ୍ଷତିଗ୍ରସ୍ତମାନେ ମଙ୍ଗଳବାର ଜନଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ଏହାର ପ୍ରତିକାର ଦାବି କରିଛନ୍ତି।

■ଡିହଡୋଳ ଫରେଷ୍ଟ ସେକ୍ସନରେ ଆତଙ୍କ
■ଭୟଭୀତ ଅଞ୍ଚଳବାସୀ ପ୍ରଶାସନର ଦ୍ୱାରସ୍ଥ
■ଦାନ୍ତ କଟାଯିବା ସତ୍ତ୍ୱେ କମୁନି ହିଂସ୍ର ଆଚରଣ



ହାତୀ ଉପଦ୍ରବରେ ଭାଙ୍ଗିଯାଇଥିବା ଘର।





ଡିହଡୋଳ ଫରେଷ୍ଟ ସେକ୍ସନରେ ୧୭ରୁ ଊର୍ଦ୍ଧ୍ୱ ହାତୀ ବିଭିନ୍ନ ପଲରେ ବିଭକ୍ତ ହୋଇ ଫସଲ ନଷ୍ଟ କରି ଚାଲିଛନ୍ତି। ସବୁଠାରୁ ବେଶି ଉତ୍ପାତ କରୁଛି ନରହନ୍ତା ଦନ୍ତା। କିଛିଦିନ ତଳେ ଉକ୍ତ ଦନ୍ତାର ହିଂସ୍ର ଆଚରଣରେ ଅତିଷ୍ଠ ହୋଇ ବନ ବିଭାଗ ଦାନ୍ତ କାଟିଥିଲା। ଏହା ଫଳରେ ଉପଦ୍ରବ କିଛିଟା କମିବ ବୋଲି ଆଶା କରାଯାଉଥିଲା। ହେଲେ ଏହା ଭୁଲ୍ ପ୍ରମାଣିତ ହୋଇଛି। ସୋମବାର ବିଳମ୍ବିତ ରାତିରେ ଦନ୍ତା ହାତୀ ଲୋଧଣି, ପାଟରପଦା, ନୂଆଁରୋଡ ଗ୍ରାମରେ ବ୍ୟାପକ କ୍ଷୟକ୍ଷତି ଘଟାଇଛି। ଏଥିରେ ଲୋଧଣି ଗ୍ରାମର ବିକ୍ରମ ବିଶ୍ୱାଳ, ବାସନ୍ତୀ ବିଶ୍ୱାଳ, ଛଞ୍ଚା ସାହୁ, ନୂଆଁରୋଡ ଗ୍ରାମର ଚିନା ନାୟକ, ରଞ୍ଜୁ ନାୟକ, ଭାରତୀ ନାୟକ, ପାଟରପଦା ଗ୍ରାମର କାର୍ତ୍ତିକ ନାୟକ, କ୍ଷେତ୍ରବାସୀ ନାୟକ, ରମେଶ ନାୟକ, ଡାକ୍ତର ନାୟକ, ଦୁଷ୍ମନ୍ତ ନାୟକ, ଅନାମ ବିଶ୍ୱାଳଙ୍କ ଘର ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି। ହାତୀ କେବଳ ଘର ଭାଙ୍ଗୁନାହିଁ, ଘରେ ଥିବା ରନ୍ଧାଖାଦ୍ୟ, ଶସ୍ୟ ଖାଇଯାଉଛି। ହାତୀ ଭୟରେ ଲୋକମାନେ ସନ୍ଧ୍ୟା ହେଲେ ପଦାକୁ ବାହାରୁନାହାନ୍ତି। ବନ ବିଭାଗ କର୍ମଚାରୀଙ୍କ ସମସ୍ତ ଉଦ୍ୟମ ସତ୍ତ୍ୱେ ହାତୀ ପଲ ଅଞ୍ଚଳ ଛାଡ଼ି ଯିବାର ନାଁ ଧରୁନାହାନ୍ତି। ଏହାକୁ ନେଇ ଚାଷୀ ପରିବାର ମୁଣ୍ଡରେ ଚଡ଼କ ପଡ଼ିଛି।

ଏ ନେଇ ରେଞ୍ଜର ହରମୋହନ ନାୟକ କୁହନ୍ତି, ହାତୀ ଉପଦ୍ରୁତ ଗ୍ରାମରେ କ୍ଷୟକ୍ଷତି ଆକଳନ କରାଯାଉଛି। ଖୁବ୍‌ଶୀଘ୍ର କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବ। ହେଲେ ହାତୀ ଦ୍ୱାରା ଫସଲ ନଷ୍ଟ ଏବଂ ଘର ଭଙ୍ଗା ସହାୟତା ଠିକ୍ ଭାବେ ମିଳୁ ନ ଥିବା ସମ୍ପୃକ୍ତ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ସେମାନେ ଜିଲାପାଳଙ୍କ ଫେରାଦ ହୋଇଛନ୍ତି। ତୁରନ୍ତ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଦେବାକୁ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ରେଞ୍ଜରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଫଟୋରେ ଖବର



ପରଜଙ୍ଗ ବ୍ଲକ ଡିହଡୋଳ ଫରେଷ୍ଟ ସେକ୍ସନର ବନ କର୍ମଚାରୀ ମଙ୍ଗଳବାର ହାତୀ ଘଉଡ଼ାଇବାକୁ ବୋଲେରୋରେ ଯାଇଥିବାବେଳେ ପାଟରପଦା ଜଙ୍ଗଲରେ ଗାଡ଼ିଟି କାଦୁଅରେ ଫସିଯାଇଥିଲା। କାଦୁଅରୁ ଗାଡ଼ି ବାହାର କରିବାକୁ ଯାଇ କର୍ମଚାରୀ ନାକେଦମ ହୋଇଥିଲେ। ଶେଷରେ ଏକ ଟ୍ରାକ୍ଟର ସହାୟତାରେ ଗାଡ଼ିକୁ ବାହାର କରାଯାଇଥିଲା। (ଫଟୋ–ନିଗମାନନ୍ଦ)



ଢେଙ୍କାନାଳ ସଦର ବ୍ଲକ ନରଣପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସର ଏବଂ ମୁଖ୍ୟରାସ୍ତା ପାର୍ଶ୍ୱରେ 'ସୋସିଆଲ କଲଚର ଗ୍ରୁପ' ପକ୍ଷରୁ ଚାରାରୋପଣ କରାଯାଇଛି। ଏଥିରେ ସ୍କୁଲର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ଘରେ ପଶିଲା ବର୍ଷା ପାଣି



**ଛେଣ୍ଡିପଦା,୧୩।୮(ଡି.ଏନ.ଏ.):** ଛେଣ୍ଡିପଦା ବ୍ଲକ ବାଗେଡ଼ିଆ ଅଞ୍ଚଳରେ ମଙ୍ଗଳବାର ପ୍ରବଳ ବର୍ଷା ଯୋଗୁ ବିଲମାଳ ପାଣି ନିଷ୍କାସିତ ହୋଇ ନ ପାରି ବାଗେଡିଆ ମାଉସୀ ମା' ସାହି ଏବଂ ଖଳାମାଳ ସାହିରେ ପଶିଯାଇଛି। ମହାଦେବ ସାହୁ, ଗଣେଶ୍ୱର ସାହୁ, ମହେଶ୍ୱର ସାହୁ, ପ୍ରସନ୍ନ ସାହୁ, କଇରା ସାହୁଙ୍କ ଘର ଅଗଣାରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହିଛି। ଏଥିଯୋଗୁ ସମ୍ପୃକ୍ତ ୫ ପରିବାରର ସଦସ୍ୟ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କ୍ଷତିଗ୍ରସ୍ତ ପରିବାର ଭୋକ ଉପାସରେ ଥିବାରୁ ବ୍ଲକ ପ୍ରଶାସନ ତଥା ରାଜସ୍ୱ ବିଭାଗ ପକ୍ଷରୁ ତୁରନ୍ତ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି।

### ବନ୍ଧୁକ ଦେଖାଇ ଲୁଟ୍

**ବଅଁରପାଳ,୧୩।୮(ଡି.ଏନ.ଏ.):** ବଅଁରପାଳ ଥାନା ବଉଳିଗଡ଼ ନିକଟରେ ମଙ୍ଗଳବାର ୨ ବ୍ୟବସାୟୀଙ୍କଠାରୁ ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ୭୦ ହଜାର ଟଙ୍କା ଲୁଟି ନେଇଥିବା ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡ଼ିଛି। ତଳମୂଳ ଅଞ୍ଚଳର ୨ ଜଣ ବ୍ୟବସାୟୀ ଘରକୁ ଫେରୁଥିବାବେଳେ ୨ ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ସେମାନଙ୍କୁ ଅଟକାଇବା ସହ ବନ୍ଧୁକ ଓ ଭୁଜାଲି ଦେଖାଇ ଟଙ୍କା ଲୁଟି ନେଇଥିଲେ। ଏ ନେଇ ଥାନାରେ ଅଭିଯୋଗ ହୋଇ ନ ଥିବା ପୋଲିସ କହିଛି।

### ବିଦ୍ୟୁତ୍ ସଂସ୍ପର୍ଶରେ ଜୀବନ ଗଲା

**ରାଇରଙ୍ଗପୁର,୧୩।୮(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ତିରିଂ ଥାନା ଅନ୍ତର୍ଗତ ଭାଲିଆଡିହି ଗ୍ରାମରେ ସୋମବାର ରାତିରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଭାଗରାୟ ମୁର୍ମୁ। ରାତିରେ ତାଙ୍କ ଘରର ଲୁହା କବାଟରେ ବିଦ୍ୟୁତ୍ ଚାର୍ଜ ହୋଇଯାଇଥିବା ବେଳେ ଏହା ସଂସ୍ପର୍ଶରେ ଆସି ସେ ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ସ୍ଥାନୀୟ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ରାଇରଙ୍ଗପୁର ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଥିନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୮/୧୯) ରୁଜୁ ହୋଇଛି।

# ୧୭୫ ଅଭିଯୋଗ ପଞ୍ଜୀକୃତ

**ପରଜଙ୍ଗ, ୧୩।୮(ଡି.ଏନ୍.ଏ.)**

ପରଜଙ୍ଗ ବ୍ଲକ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ପରିସରରେ ମଙ୍ଗଳବାର ଜିଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଲଗାଣ ବର୍ଷାସତ୍ତ୍ୱେ ବିଭିନ୍ନ ସମସ୍ୟା ନେଇ ଅଭିଯୋଗକାରୀମାନେ ଶିବିରକୁ ଆସିଥିଲେ। ମୋଟ ୧୭୫ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରେ ଭତ୍ତା, ଜମିବାଡ଼ି ସମସ୍ୟା, ଚିକିତ୍ସା ସହାୟତା, ହାତୀ ଦ୍ୱାରା ନଷ୍ଟ ହୋଇଥିବା ଫସଲ କ୍ଷତିପୂରଣ, ରାଶନ କାର୍ଡ, ଆବାସ ଯୋଜନାରେ ବାସଗୃହ ମଞ୍ଜୁର, ରାସ୍ତାଘାଟ ସମସ୍ୟା, ହାତୀ ଉପଦ୍ରବର ସମାଧାନ, କଳାକାର ଭତ୍ତା ଆଦି ରହିଥିଲା। ଅଭିଯୋଗଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ ତୁରନ୍ତ ସମାଧାନ କରିବାକୁ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଶିବିରରେ ଏସ୍‌ପି ଅନୁପମା ଜେମ୍ସ, ଉପ ଜିଲାପାଳ ଇଂ. ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ବ୍ଲକ ଅଧ୍ୟକ୍ଷ ଅକ୍ଷୟ ବେହେରା, ଜିଲା ଜରୁରିକାଳୀନ ଅଧିକାରୀ ଶଶାଙ୍କ ଶେଖର ମିଶ୍ର, ସିଡିଏମ୍‌ଓ ନିରଞ୍ଜନ ମିଶ୍ର, ଆର୍‌ଡବ୍ଲ୍ୟୁଏସ୍‌ଏସ୍ ନିର୍ବାହୀ ଯନ୍ତ୍ରୀ ବିଜୟାନନ୍ଦ ସାହୁ, ସମାଜ ମଙ୍ଗଳ ଅଧିକାରୀ ମାନସ ରଞ୍ଜନ ମିଶ୍ର, ଡିଇଓ ସୁଧାନନ୍ଦ ପରିଡ଼ା, ସହକାରୀ ଯୋଗାଣ ଅଧିକାରୀ ସଞ୍ଜୟ ସାହୁ, ବିଇଓ ହରିହର ଦେହୁରୀ, ବିଡିଓ ବସନ୍ତ କୁମାର ମଲ୍ଲିକ, ତହସିଲଦାର ଜୟନ୍ତ କୁମାର ଜୟସିଂ, ଏବିଡିଓ ଅଶୋକ ମିଶ୍ର, ଥାନାଧିକାରୀ ଆନନ୍ଦ ଡୁଙ୍ଗ୍‌ଡୁଙ୍ଗ୍ ସମେତ ବହୁ ପଦାଧିକାରୀ ଉପସ୍ଥିତ ଥିଲେ।



### ବର୍ଷାଙ୍କ ମୁହଁରେ ଫୁଟିଲା ହସ

ଜନଶୁଣାଣି ଶିବିରକୁ ବୁହା ହୋଇ ଆସିଥିଲେ ରେଣ୍ଟାପାଟ ପଞ୍ଚାୟତ ପାଣିଭଣ୍ଡାର ଗ୍ରାମର ଧନଞ୍ଜୟ ବେହେରାଙ୍କ ଦିବ୍ୟାଙ୍ଗ ଝିଅ ବର୍ଷା। ଝିଅବାପାଙ୍କ ମନରେ ଭର୍ତ୍ତି ହୋଇରହିଥିଲା ପ୍ରଶାସନ ବିରୋଧରେ ଅଗଣିତ କ୍ଷୋଭ ଆଉ ଅଭିଯୋଗ। ସପ୍ତମ ଶ୍ରେଣୀରେ ପାଠ ପଢୁଥିବା ବର୍ଷାଙ୍କ ଭାଗ୍ୟରେ ଜୁଟି ନ ଥିଲା ଭତ୍ତା କି ସ୍କୁଲକୁ ଯିବା ଆସିବାକୁ ଟ୍ରାଇ ସାଇକେଲ ଖଣ୍ଡିଏ। ଦୁହେଁ ଜିଲାପାଳଙ୍କ ଆଗରେ ବଖାଣିଥିଲେ ପ୍ରଶାସନିକ ଅବ୍ୟବସ୍ଥା ଆଉ ସେମାନେ ଅଙ୍ଗେ ନିଭେଇଥିବା ଦୁଃଖ। ଏହାକୁ ହୃଦୟଙ୍ଗମ କରିଥିଲେ ଜିଲାପାଳ। ତୁରନ୍ତ ଭତ୍ତା, ସାଇକେଲ ଦେବାକୁ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରସନ୍ନ କୁମାର ମଲ୍ଲିକଙ୍କୁ ନିର୍ଦ୍ଦେଶ ଦେଇଥିଲେ ଜିଲାପାଳ। ସମ୍ପୂର୍ଣ୍ଣ ଦିବ୍ୟାଙ୍ଗ ହୋଇଥିବାରୁ ଏଣିକି ବର୍ଷାଙ୍କୁ ମାସିକ ୭ ଶହ ଟଙ୍କା ଭତ୍ତା ମିଳିବ। ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଇଥିବା ସାଇକେଲରେ ସେ ଏଣିକି ସୁରୁଖୁରୁରେ ସ୍କୁଲକୁ ଯିବାଆସିବା କରିପାରିବେ। ପ୍ରଶାସନ ସଦୟ ହୋଇଥିବାରୁ ଉଦାସ ମନରେ ଶିବିରକୁ ଆସିଥିବା ବାପା ଝିଅ ଫେରିବା ବେଳେ ବେଶ୍ ଖୁସି ଜଣାପଡୁଥିଲେ।

## ପରିଣତ ବୟସରେ ଉଦାହରଣ 'ରସ'

# ନିଷ୍ଠା କରିଛି ସ୍ୱାବଲମ୍ବୀ



**ବୟସ ଗଡ଼ିଗଲେ ମାଡ଼ିବସେ ଅସହାୟତା। ପରିବାର ଲୋକଙ୍କ ହାତଟେକାକୁ ଅନାଇ ରହିଥାନ୍ତି ଅନେକେ। ଖାଲି ଏତିକି ନୁହେଁ, ବରିଷ୍ଠ ନାଗରିକ ପାରିବାରିକ ହିଂସାର ଶିକାର ହେବା ଆଜିକାର ସମୟରେ ସାଧାରଣ କଥା। ହେଲେ ନିଷ୍ଠା ଏବଂ ସ୍ୱାଭିମାନକୁ ପୁଞ୍ଜିକରି ଜଣେ ବୃଦ୍ଧା ସ୍ୱାବଲମ୍ବୀ ହେବା କମ୍ ବଡ଼ କଥା ନୁହେଁ, ଯାହା ଦେଖିବାକୁ ମିଳିଛି ୮୦ ବର୍ଷୀୟା ରସ ନାଏକଙ୍କ କ୍ଷେତ୍ରରେ...**

**ଢେଙ୍କାନାଳ ଅଫିସ, ୧୩।୮**

ରସ ନାଏକଙ୍କ ଘର ଢେଙ୍କାନାଳ ସଦର ବ୍ଲକ ମଙ୍ଗଳପୁର ଗ୍ରାମରେ। ସ୍ୱାମୀ ଫଗୁ ନାଏକ, ଦୁଇ ପୁଅ, ଝିଅଙ୍କୁ ନେଇ ତାଙ୍କ ସଂସାର। ପିଲାମାନେ ବିବାହ କରି ନିଜ ନିଜ ପରିବାର ସହ ବ୍ୟସ୍ତ। ୮୫ ବର୍ଷୀୟ ଫଗୁ ଆଉ କାମଧନ୍ଦା କରିପାରୁନାହାନ୍ତି। ରସଙ୍କର ବି ନଇଁଆସିଲାଣି ଅଣ୍ଟା। ତଥାପି ଖରା, ବର୍ଷା, ଶୀତକୁ ଖାତିର ନ କରି ସେ ଦୀର୍ଘ ୧୫ବର୍ଷ ହେଲା ପରିବା ବ୍ୟବସାୟ କରି ଆସୁଛନ୍ତି। ରଥଗଡ଼ାସ୍ଥିତ ବୟନିକା ସମ୍ମୁଖ ଫୁଟ୍‌ପାଥ୍‌ରେ ସେ ଖୋଲିଛନ୍ତି ନିଜର ଅସ୍ଥାୟୀ ଦୋକାନ। କାଙ୍କଡ଼, ଲେମ୍ବୁ, ଲଙ୍କା, ସଜନା ଛୁଇଁ, ଆମ୍ବୁଲ, ପଣସ ମଂଜି ସହିତ ଯେତେ ଋତୁକାଳୀନ ଜିନିଷ ସବୁ ତାଙ୍କ ପାଖରେ ସହଜରେ ମିଳେ। ସ୍ଥାନୀୟ ହାଟ, ବ୍ୟବସାୟୀଙ୍କଠାରୁ ସେ ଏସବୁ ଜିନିଷ ସଂଗ୍ରହ କରିଥାନ୍ତି। ରୋଜଗାର ଟଙ୍କାରୁ ନିଜ ପରିବାର ଚଳାଇବା ସହ କିଛି ନାତିନାତୁଣୀଙ୍କ ପଢ଼ାଖର୍ଚ୍ଚ ପାଇଁ ଦେଇଥାନ୍ତି।

ସକାଳୁ କାମଧାମ ସାରି ୭ଟାରେ ଜିନିଷପତ୍ର ଧରି ବସ୍‌ରେ ରସଙ୍କୁ ଢେଙ୍କାନାଳ ରଥଗଡ଼ାରେ ପହଞ୍ଚିବାକୁ ପଡ଼େ। ଅପରାହ୍ନ ୪ଟା ସୁଦ୍ଧା ବିକ୍ରିବଟା ସାରି ସେ ଘରକୁ ଫେରିଥାନ୍ତି। ବୃତ୍ତିଗତ ଜୀବନ ସମ୍ପର୍କରେ ରସ କୁହନ୍ତି, 'ଘରେ ବସି କଣ କରିବି। ମୋତେ ବସିବାକୁ ଭଲ ଲାଗେନି। କାହା ପାଖରେ ହାତ ପତେଇବା ଅପେକ୍ଷା ନିଜେ ରୋଜଗାର କରିବା ଭଲ। ସରକାରଙ୍କ ପକ୍ଷରୁ ଭତ୍ତା ମିଳୁଛି। ହାତଗୋଡ଼ ଚାଲୁଥିବା ଯାଏ ବେପାର କରୁଥିବି। ହାତଗୋଡ଼ ଅଚଳ ହୋଇଗଲେ ତେଣିକି ଠାକୁରଙ୍କ ଇଚ୍ଛା ବୋଲି ସେ ହସହସ ମୁହଁରେ କୁହନ୍ତି।

ଶାସନ ଅଞ୍ଚଳର ବୁଦ୍ଧିଜୀବୀ ଶଶିମୌଳି ରଥ କୁହନ୍ତି, ରସ ଜଣେ ଭଲ ମଣିଷ। ତାଙ୍କରି ବ୍ୟବହାର ଭଲ। ସେ ଭଲ ଜିନିଷ ରଖନ୍ତି। ଠିକ୍ ମୂଲ୍ୟ ନିଅନ୍ତି। ପରିଣତ ବୟସରେ ତାଙ୍କର ଏପରି ପରିଶ୍ରମ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି। ଖୁସିଭରା ମନରେ ସେ ଜୀବନ ପଥରେ ଆଗେଇ ଚାଲିଛନ୍ତି। ତାଙ୍କଠାରୁ ସମସ୍ତଙ୍କୁ ଅନେକ କିଛି ଶିଖିବାର ଅଛି।

**ପ୍ରଳୟ ଦାସ, ଢେଙ୍କାନାଳ**

# ଆମ୍ବୁଲାନ୍ସ ଅଚଳ: ରୋଗୀ ହୀନସ୍ତା

**ଢେଙ୍କାନାଳ ଅଫିସ, ୧୩।୮**

ଅଧାରାସ୍ତାରେ ଅଚଳ ହୋଇପଡ଼ିଲା ଆମ୍ବୁଲାନ୍ସ। ଫଳରେ ଯନ୍ତ୍ରଣାରେ ଛଟପଟ ହୋଇଥିଲେ ପକ୍ଷାଘାତ ରୋଗୀ। ଏପରି ଏକ ଘଟଣା ଦେଖିବାକୁ ମିଳିଛି ଢେଙ୍କାନାଳ ସଦରରେ।

କାମାକ୍ଷାନଗର ବ୍ଲକ ବାଉଁଶପାଳ ଗ୍ରାମର ସୂର୍ଯ୍ୟକାନ୍ତି ଷେଣ୍ଠ (୬୦) ସୋମବାର ପକ୍ଷାଘାତରେ ଆକ୍ରାନ୍ତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଅବସ୍ଥା ଜଟିଳ ଥିବାରୁ



ତାଙ୍କୁ କଟକ ସ୍ଥାନାନ୍ତର କରିବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ମଙ୍ଗଳବାର ଅପରାହ୍ନ ସାଢ଼େ ୨ଟାରେ ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ କଟକ ନିଆଯାଉଥିଲା। ହେଲେ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ନିକଟରେ ଆମ୍ବୁଲାନ୍ସ ଇଞ୍ଜିନରୁ ହଠାତ୍ ଧୂଆଁ ବାହାରିଥିଲା। ଫଳରେ ଡ୍ରାଇଭର ବାଧ୍ୟ ହୋଇ ଗାଡ଼ି ଅଟକାଇଥିଲେ। ଏହି ସମୟ ମଧ୍ୟରେ ସୂର୍ଯ୍ୟକାନ୍ତିଙ୍କ ଅବସ୍ଥା ଗୁରୁତର ହୋଇପଡ଼ିଥିଲା। ସୂଚନା ପାଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଉ ଏକ ଆମ୍ବୁଲାନ୍ସ ଆସି ରୋଗୀଙ୍କୁ କଟକ ନେଇଥିଲା।

## ଲଗାଣ ବର୍ଷାରେ ବୁଡ଼ିଲା ଶଙ୍କରାଇ ପୋଲ

**ବାଙ୍ଗିରିପୋଷି,୧୩।୮(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଅଞ୍ଚଳରେ ପ୍ରବଳ ବର୍ଷା ଯୋଗୁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଲଗାଣ ବର୍ଷା ଯୋଗୁ ବୁଢାବଳଙ୍ଗ ନଦୀ ଫୁଲିବାରେ ଲାଗିଛି। ବନ୍ୟା ଆଶଙ୍କାରେ ନଦୀକୂଳରେ ଅବସ୍ଥିତ ଜାମଦାପାଳ, କଣ୍ଟାପାଳ, କାଳିଆମି ପ୍ରଭୃତି ଗ୍ରାମବାସୀ ଆତଙ୍କିତ ହୋଇ ପଡିଛନ୍ତି। ବାଙ୍ଗିରିପୋଷି ବ୍ଲକ ଶିମିଳିପାଳ ପାହାଡ଼ର ପାଦ ଦେଶରେ ଅବସ୍ଥିତ ଥିବାରୁ ପାହାଡରୁ ପାଣି ଆସି ନଦୀ ସମେତ ଛୋଟବଡ ଝରଣା ଓ ନାଳ ଉଚ୍ଛୁଳିବାରେ ଲାଗିଛି। ଶ୍ୟାମସୁନ୍ଦରପୁର ପଞ୍ଚାୟତର ଚାଉଳଘୋରୀ ଏବଂ ନାଫ୍ରି ପଞ୍ଚାୟତର ନାଫ୍ରି ଗ୍ରାମ ମଧ୍ୟରେ ଶଙ୍କରାଇ ନାଳ ଉପରେ ଥିବା ଏକ ପୋଲ ବନ୍ୟାଜଳରେ ବୁଡି ଯାଇଛି। ଏଥିନେଇ ସେଠାରେ ଗମନାଗମନ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି।

## ଚା ପିଉଥିବା ବେଳେ ବୃଦ୍ଧ ମୃତ

**ଅନୁଗୋଳ ଅଫିସ, ୧୩।୮**

ସ୍ଥାନୀୟ ସୌଭାଗ୍ୟନଗର ଅଞ୍ଚଳର ନୃସିଂହ ସାମଲ(୭୦)ଙ୍କ ମଙ୍ଗଳବାର ମୃତ୍ୟୁ ହୋଇଛି। ସେ ଚା ପିଉଥିବାବେଳେ ହଠାତ୍ ପଡ଼ିଯାଇଥିଲେ। ପରିବାର ଲୋକେ ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

# ଗଣମାଧ୍ୟମ ପରାମର୍ଶ ଲୋଡ଼ିଲେ ଏମ୍‌ପି

**ତାଳଚେର,୧୩।୮(ନି.ପ୍ର.)**

ତାଳଚେରର ବିଭିନ୍ନ ସମସ୍ୟାର ନିରାକରଣ ଦିଗରେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଗଣମାଧ୍ୟମ ପ୍ରତିନିଧିମାନଙ୍କ ପରାମର୍ଶ ଲୋଡ଼ିଛନ୍ତି। ମଙ୍ଗଳବାର ତାଳଚେରକୁ ବିଭିନ୍ନ କାର୍ଯ୍ୟକ୍ରମରେ ଆସିଥିବା ଏମ୍‌ପି ସାହୁ ସ୍ଥାନୀୟ ପ୍ରେସ୍ କ୍ଲବକୁ ଆସି ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଭେଟି ମତବିନିମୟ କରିଥିଲେ। ଏହି ଅବସରରେ ଏମ୍‌ପି ସାହୁ ଲୋକ ସଭାରେ ତାଳଚେରର ସାମୂହିକ ବିକାଶ ପାଇଁ ବିଭିନ୍ନ ପ୍ରସଙ୍ଗ ଉପସ୍ଥାପନ କରିଥିବା ବେଳେ ଖବରଦାତାଙ୍କ ସୁରକ୍ଷା ପାଇଁ ଚଳାଇଥିବା ଉଦ୍ୟମକୁ ତାଳଚେର ସାମ୍ବାଦିକ ସଂଘ ପକ୍ଷରୁ ପ୍ରଶଂସା କରାଯାଇଥିଲା। ସେହିପରି ତାଳଚେରରେ ଥିବା ବିଭିନ୍ନ ସମସ୍ୟା ଉପରେ କିପରି ଅଧିକ ଧ୍ୟାନ ଦିଆଯିବ ସେଥିପାଇଁ ଗଣମାଧ୍ୟମ ପ୍ରତିନିଧିମାନେ ଲିଖିତ ଭାବେ ଜଣାଇବାକୁ ନିବେଦନ କରିଥିଲେ। ଏଥିରେ ପ୍ରେସ୍ କ୍ଲବ ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ଡ. ରଶ୍ମିରଞ୍ଜନ ମିଶ୍ର, ଉପସଭାପତି ଦେବୀ ମିଶ୍ରଙ୍କ ସମେତ ବହୁ ଗଣମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲେ।



ଏମ୍‌ପି ମହେଶ ସାହୁ ଖବରଦାତାଙ୍କ ସହ ଆଲୋଚନା କରୁଛନ୍ତି।

# ୧୦୮ ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ



ଅତିଥିମାନେ ପିଲାମାନଙ୍କୁ ପୋଷାକ ପ୍ରଦାନ କରୁଛନ୍ତି।

**କଣିହାଁ, ୧୩।୮(ଡି.ଏନ.ଏ.)**

କଣିହାଁ ବ୍ଲକ ବାଲିପଶି ପଞ୍ଚାୟତ ଲୋଧାଝରି ସରକାରୀ ଉପ୍ରା ବିଦ୍ୟାଳୟରେ ମଙ୍ଗଳବାର ପୋଷାକ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ପର୍ଶୁରାମ ପ୍ରଧାନ ଏହାକୁ ପରିଚାଳନା କରିଥିଲେ। ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ତ୍ରିପୁରାରୀ ପ୍ରଧାନ, ସିଆର୍‌ସିସି ପ୍ରବୋଧ ଶତପଥୀ, ଶିକ୍ଷାବିତ୍ ବିକ୍ରମ କୁମାର ପ୍ରଧାନ ଯୋଗଦେଇ ପ୍ରତ୍ୟେକ ଛାତ୍ରୀଛାତ୍ର ଶୃଙ୍ଖଳିତ ଭାବେ ଜ୍ଞାନ ଆହରଣ କରି ଲକ୍ଷ୍ୟ ପଥରେ ପହଞ୍ଚିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ତରଫରୁ ସ୍କୁଲର ୧୦୮ ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ କରାଯାଇଥିଲା।

ସେହିପରି ରେଙ୍ଗାଳି ଥାନା ବଜ୍ରକୋଟ ଗ୍ରାମ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ପୋଷାକ ଓ ଜୋତା ବିତରଣ କରାଯାଇଛି। ମୁଖ୍ୟଅତିଥି ଭାବେ ପାଲଲହଡ଼ା ବିଧାୟକ ମୁକେଶ ପାଳ, ସମ୍ମାନିତ ଅତିଥି ଭାବେ ବ୍ଲକ ବିଜେଡି ସଭାପତି କୈଳାସ ସାହୁ, ସମ୍ପାଦକ ହିମାଚଳ ପଣ୍ଡା, ଏବିଇଓ ମଙ୍ଗୁଳାଚରଣ ବିଶ୍ୱାଳ ପ୍ରମୁଖ ଯୋଗଦେଇ ୩୫୫ ଜଣ ଛାତ୍ରୀଛାତ୍ରଙ୍କୁ ଡ୍ରେସ ଓ ଜୋତା ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷକ ଲଳିତ ଧୀର, ପରିଚାଳନା କମିଟି ସଭାପତି ପ୍ରମୋଦ ସାହୁ ଏଥିରେ ସହଯୋଗ କରିଥିଲେ।

## ପକ୍କା ଘର କାର୍ଯ୍ୟାଦେଶ ବଣ୍ଟନ

**କଣିହାଁ, ୧୩।୮(ଡି.ଏନ.ଏ.)**

ଅନୁଗୋଳ ଜିଲା କଣିହାଁ ବ୍ଲକ ପ୍ରଶାସନ ତରଫରୁ ମଙ୍ଗଳବାର ପବିତ୍ରମୋହନ ସଭାଗୃହରେ ପକ୍କା ଘର କାର୍ଯ୍ୟାଦେଶ ଓ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ପାଲଲହଡ଼ା ବିଧାୟକ ମୁକେଶ ପାଳ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ନମିତା ସାହୁ, ଉପାଧ୍ୟକ୍ଷ ତ୍ରିପୁରାରୀ ପ୍ରଧାନ ଯୋଗ ଦେଇଥିଲେ। ବିଡିଓ ରମେଶ କୁମାର ଜେନା ଅଧ୍ୟକ୍ଷତା କରିଥିଲେ। ସରକାରୀ ଯୋଜନାକୁ ଠିକ୍ ଭାବେ କାର୍ଯ୍ୟକାରୀ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ ପାଲଲହଡ଼ା ନିର୍ବାଚନମଣ୍ଡଳୀ ଅଧୀନ କଣିହାଁ ବ୍ଲକର ୧୯ ପଞ୍ଚାୟତର ୩୦୦ ହିତାଧିକାରୀଙ୍କୁ ପକ୍କାଘର ନିର୍ମାଣ ପାଇଁ କାର୍ଯ୍ୟାଦେଶ ଏବଂ ମଧୁବାବୁ ପେନ୍‌ସନ୍ ଯୋଜନାରେ ଭତ୍ତା ବଣ୍ଟନ କରାଯାଇଥିଲା। ଏବିଡିଓ ବିଜୟ କୁମାର ମେହେର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିସହ ନିର୍ମାଣ ଶ୍ରମିକ ପକ୍କାଘର ଯୋଜନାରେ ୨୩୧ ହିତାଧିକାରୀ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୬୯ ଜଣଙ୍କୁ ଗୃହନିର୍ମାଣ ପାଇଁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ବହୁ ବିଜେଡି କର୍ମୀ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

# ତୃଣମୂଳସ୍ତରରୁ ସଙ୍ଗଠନକୁ ମଜଭୁତ କର



ବୈଠକରେ ମଞ୍ଚାସୀନ ବିଧାୟକ ଓ ଅନ୍ୟମାନେ।

**ବଇଣ୍ଡା,୧୩।୮(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ଆମ୍ଭଶରମୁଣ୍ଡା ପଞ୍ଚାୟତ ସଭାଗୃହଠାରେ ପଞ୍ଚାୟତସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ବିଜେଡି ସଭାପତି ଦିଲୀପ କୁମାର ସାହୁଙ୍କ ସଭାପତିତ୍ୱରେ ଏହି ବୈଠକରେ ବିଧାୟକ ରମେଶ ଚନ୍ଦ୍ର ସାଏ ମୁଖ୍ୟଅତିଥି ଭାବେ ଯୋଗଦେଇ ପଞ୍ଚାୟତର ରାସ୍ତା, ସ୍ୱାସ୍ଥ୍ୟ, ପାନୀୟ ଜଳ ଆଦି ସମସ୍ୟା କିଭଳି ଶୀଘ୍ର ସମାଧନ କରାଯାଇ ପାରିବ ସେ ନେଇ ସମୀକ୍ଷା କରିଥିଲେ। ସେହିପରି ସମସ୍ତେ ଏକଜୁଟ୍ ହୋଇ ତୃଣମୂଳସ୍ତରରୁ ସଙ୍ଗଠନକୁ ମଜଭୁତ କରିବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ବିଜେଡି ସଭାପତି ଓ ଆମ୍ଭଶରମୁଣ୍ଡା ସରପଞ୍ଚ ମହେଶ୍ୱର ଦେହୁରି, ସମିତି ସଭ୍ୟ ଶଶାଙ୍କ ଶେଖର ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷକ ବୃନ୍ଦାବନ ସାହୁ, ବିଜେଡି ନେତା ତାପସ କୁମାର ପ୍ରଧାନ, ଭଜମନ ନାୟକ, ବୀରବର ପ୍ରଧାନ, ସୁଶାନ୍ତ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

# ପଶ୍ଚିମ ଓଡ଼ିଶାରେ ଜଳ ତାଣ୍ଡବ




ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଦୁମ୍‌ଦୁମି ଗାଁ ରାସ୍ତାରେ ବର୍ଷା ପାଣି।


ବଲାଙ୍ଗୀର ସହର ଗୁରୁଡ଼ିପଡ଼ାରେ ଲଗାଣ ବର୍ଷାରେ ଭାଙ୍ଗିପଡ଼ିଥିବା ଏକ ଘର।


ଖପ୍ରାଖୋଲ-ଲାଠୋର ରାସ୍ତାର ଗୁର୍ଜିଭଟା ଡାଇଭରସନ୍ ରାସ୍ତା ଧୋଇଯାଇଛି।



ବଲାଙ୍ଗୀର ସହର ଟିକ୍ରାପଡ଼ାରେ ଜଳଘେରରେ ଥିବା ଜଣେ ମହିଳାଙ୍କୁ ବାହାରକୁ ନିଆଯାଉଛି।


କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ପୁଟିଗାଁ ଅରାଡ଼ି ରାସ୍ତା ବର୍ଷାରେ ଧୋଇଯାଇଛି।


ବଲାଙ୍ଗୀର ଜିଲା ତୁଷୁରା ଅଞ୍ଚଳର ଏକ ରାସ୍ତାରେ ବର୍ଷାପାଣି ପ୍ରବାହିତ ହେଉଛି।


ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଡଙ୍ଗା ଯୋଗେ ସୁବର୍ଣ୍ଣପୁର ଜିଲା ତରଭାର ଏକ ଜଳବନ୍ଦୀ ଥିବା ଗ୍ରାମକୁ ଯାଉଛନ୍ତି।

### ସ୍ୱାଧୀନତା ଦିବସ ସୁରକ୍ଷା ପାଇଁ ଡିଜିପିଙ୍କ ସମୀକ୍ଷା

## ମାଓବାଦୀ ଇଲାକାରେ ସୁରକ୍ଷା କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ

- ଭିଡିଓ କନ୍‌ଫରେନ୍ସିଂରେ ସମସ୍ତ ଏସ୍‌ପିଙ୍କ ସହ ଆଲୋଚନା କଲେ
- ଏସ୍‌ଓପି ପାଳନ ପାଇଁ ନିର୍ଦ୍ଦେଶ
- ପରେଡ ସ୍ଥାନ ବୁଲିଲେ ଡିଜିପି ଓ ସିପି

**ଭୁବନେଶ୍ୱର, ୧୩।୮ (ବ୍ୟୁରୋ)** ୭୩ତମ ସ୍ୱାଧୀନତା ଦିବସ ପାଳନ ପାଇଁ ଓଡ଼ିଶା ପ୍ରସ୍ତୁତ ହେଉଥିବାବେଳେ ପୋଲିସକୁ ଘାରିଛି ସୁରକ୍ଷା ଚିନ୍ତା। ବିଶେଷକରି ଆତଙ୍କବାଦୀ ଆକ୍ରମଣ ଆଶଙ୍କା ଥିବା ନେଇ ଗୋଇନ୍ଦା ରିପୋର୍ଟ ମିଳିଛି। ସେହିଭଳି ରାଜ୍ୟରେ ମାଓବାଦୀମାନେ ମଧ୍ୟ ସକ୍ରିୟ ରହିଛନ୍ତି। ସ୍ୱାଧୀନତା ଦିବସକୁ ବର୍ଜନ କରିବା ସହ ଏହାକୁ କଳାଦିବସ ଭାବେ ପାଳନ କରିବାକୁ ଆହ୍ୱାନ ଦେଇଛନ୍ତି। ପରିସ୍ଥିତିର ମୁକାବିଲା କରିବା ସହ ସ୍ୱାଧୀନତା ଦିବସକୁ ଶୃଙ୍ଖଳିତ ଭାବେ ପାଳନ କରିବା ଲାଗି ମଙ୍ଗଳବାର ପୋଲିସ ଡିଜି ବି.କେ. ଶର୍ମା ମଙ୍ଗଳବାର କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟାଳୟରେ ସ୍ଥିତିର ସମୀକ୍ଷା କରିଛନ୍ତି। ରେଞ୍ଜ୍ ଆଇଜି, ଡିଆଇଜି, ଡିସିପିଙ୍କ ସମେତ ସବୁ ଜିଲାର ଏସ୍‌ପିଙ୍କ ସହ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଆଲୋଚନା କରିଛନ୍ତି। ବିଶେଷକରି ମାଓବାଦୀ ଅଧ୍ୟୁଷିତ ଅଞ୍ଚଳରେ ସୁରକ୍ଷାକୁ କଡ଼ାକଡ଼ି କରିବାକୁ ଡିଜିପି ଶର୍ମା ନିର୍ଦ୍ଦେଶ ଦେଇଛନ୍ତି। ପରେଡ ସ୍ଥଳରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ କୁହାଯାଇଛି। ମାଓବାଦୀ ଅଞ୍ଚଳରେ କୋମ୍ବିଂ ଅପରେଶନ ଓ ପାଟ୍ରୋଲିଂକୁ ଜୋର୍‌ଦାର କରିବାସହ ଗୋଇନ୍ଦା ସୂଚନା ଆଧାରରେ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ଡିଜିପି ଶର୍ମା ନିର୍ଦ୍ଦେଶ ଦେଇଛନ୍ତି।

ଅନ୍ୟପକ୍ଷରେ ରାଜଧାନୀରେ ଗାନ୍ଧୀମାର୍ଗରେ ହେଉଥିବା ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ଚଳିତବର୍ଷ ପ୍ରଥମଥର ୟୁନିଟ୍-୩ ପ୍ରଦର୍ଶନୀ ପଡିଆରେ ଅନୁଷ୍ଠିତ ହେବ। ପରେଡ ବଦଳରେ କେବଳ ରାଷ୍ଟ୍ରୀୟ ସାଲ୍ୟୁଟ୍ ଦିଆଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଠାରେ ଜାତୀୟ ପତାକା ଉତ୍ତୋଳନ କରିବେ। ସେହିପରି ଜିଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହରେ ମନ୍ତ୍ରୀମାନେ ମୁଖ୍ୟ ଅତିଥିଭାବେ ଯୋଗଦେଇ ପତାକା ଉତ୍ତୋଳନ କରିବାର କାର୍ଯ୍ୟକ୍ରମ ରହିଛି। ତେଣୁ ଏସବୁ ସ୍ଥାନରେ ସୁରକ୍ଷାକୁ ନେଇ ମଧ୍ୟ ବିଶଦ ଆଲୋଚନା ହୋଇଥିଲା। ଏ ସମ୍ପର୍କରେ ସୂଚନା ଦେଇ ଡିଜିପି ଶର୍ମା କହିଛନ୍ତି, ସ୍ୱାଧୀନତା ଦିବସ ସମାରୋହରେ ଅଂଶ ଗ୍ରହଣ କରୁଥିବା ଅତିଥିଙ୍କ ସୁରକ୍ଷା ପୋଲିସର ପ୍ରାଥମିକତା ରହିବ। ଏଥିପାଇଁ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର(ଏସ୍‌ଓପି)କୁ କଡାକଡି ପାଳନ କରିବାକୁ ଏସ୍‌ପିମାନଙ୍କୁ କୁହାଯାଇଛି। ଏହାଛଡ଼ା ସମାରୋହ ଆୟୋଜନ ହେଉଥିବା ସ୍ଥାନ, ଅଂଶ ଗ୍ରହଣ କରୁଥିବା ଦଳ, ନିମନ୍ତ୍ରିତ ଅତିଥି, ଛାତ୍ରୀଛାତ୍ର ଓ ଆୟୋଜକଙ୍କ ସୁରକ୍ଷାକୁ ମଧ୍ୟ ପୋଲିସ ଗୁରୁତର ସହ ଗ୍ରହଣ କରିବ। ରାଜ୍ୟସ୍ତରୀୟ ସମାରୋହ ପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଆଯିବ। ରାଜ୍ୟ ଗୋଇନ୍ଦା ବିଭାଗ ସହ ସମନ୍ୱୟ ରକ୍ଷା କରି ସୁରକ୍ଷା କାର୍ଯ୍ୟ ପରିଚାଳନା କରିବାକୁ ପୋଲିସ କମିଶନରଙ୍କୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ ପାଇଁ ଡିଜିପି ଶର୍ମା ଓ ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି ପ୍ରଦର୍ଶନୀ ପଡ଼ିଆ ପରିଦର୍ଶନ କରିଥିଲେ। ମଙ୍ଗଳବାର ସେଠାରେ ପୋଲିସ ପକ୍ଷରୁ ଅଭ୍ୟାସ ହୋଇଥିଲା।

## 'ମିଶନ ମଙ୍ଗଳ'ରେ ନିଥ୍ୟା ମେନନଙ୍କ ଡେବ୍ୟୁ



**ମୁମ୍ବାଇ:** ଦକ୍ଷିଣ ଭାରତୀୟ ଅଭିନେତ୍ରୀ ନିଥ୍ୟା ମେନନ୍ 'ମିଶନ ମଙ୍ଗଳ'ରେ ଅଭିନୟ କରି ବେଶ୍ ଖୁସି ଅନୁଭବ କରିଛନ୍ତି। ଏହି ଫିଲ୍ମରେ ଡେବ୍ୟୁ କରି ସେ ବଲିଉଡ ଅଭିନେତ୍ରୀର ମାନ୍ୟତା ପାଇଛନ୍ତି। ଏଥିରେ ମୁଖ୍ୟ ଚରିତ୍ରରେ ଅକ୍ଷୟ କୁମାର, ବିଦ୍ୟା ବାଲାନ, ସୋନାକ୍ଷୀ ସିହ୍ନା, ତାପସୀ ପନ୍ନୁ ଏବଂ କୀର୍ତ୍ତି କୁଲ୍ହାରି ଅଭିନୟ କରିଛନ୍ତି। ଜଗନ୍ ଶକ୍ତିଙ୍କ ନିର୍ଦ୍ଦେଶିତ 'ମିଶନ୍ ମଙ୍ଗଲ' ଚଳିତ ସପ୍ତାହ ଶେଷଭାଗରେ ରିଲିଜ ହେବାକୁ ଯାଉଛି। ନିଥ୍ୟା ଜଣେ ସାମ୍ବାଦିକ ହେବାକୁ ଚାହିଁଥିଲେ ହେଁ ପରବର୍ତ୍ତୀ ପରିସ୍ଥିତିରେ ସିନେମା ଦୁନିଆରେ ପାଦ ଦେଇଥିଲେ। ତେବେ ଏଥିପାଇଁ ନିଜ ମାତାପିତାଙ୍କୁ ପ୍ରବର୍ତ୍ତାଇବା ଲାଗି ସେ ଖୁବ୍ କଷ୍ଟସ୍ୱୀକାର କରିଥିବା କହିଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ନିଥ୍ୟା କହିଛନ୍ତି, ଫିଲ୍ମର ସଫଳତା ଉପରେ ଗୁରୁତ୍ୱ ଦେଲେ ଜଣେ ଭଲ ଅଭିନୟ କରିପାରିବ। କିନ୍ତୁ କାହାଣୀର ଚରିତ୍ର ଅପେକ୍ଷା ଜଣେ କଳାକାର ନିଜକୁ ବଡ଼ ମନେକଲେ ଫିଲ୍ମ ମାମୁଲି ହୋଇଯିବ। ଏଥିପାଇଁ ଫିଲ୍ମର ଚରିତ୍ର ଓ କଳାକାର ମଧ୍ୟରେ ଭାରସାମ୍ୟ ରହିବ ନାହିଁ। ତେଣୁ ଜଣେ କଳାକାର କାହାଣୀକୁ ଆଧାର କରି ଚରିତ୍ର ଉପଯୋଗୀ ଅଭିନୟ କରିବା ଆବଶ୍ୟକ ବୋଲି ନିଥ୍ୟା ପ୍ରକାଶ କରିଛନ୍ତି।


ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

URGENTLY NEEDED
Experienced Sales Managers & Executives for TMT Sales(Trade) of a leading Brand in Odisha. Also want Warehouse Manager, Assistants.
Interviews on 16th & 17th August at Trident, Bhubaneswar (11 am to 3 pm).
Interested candidates please call
9836539995/9831251211
for appointment.
Mail: pamela@shriramozone.com.
CTC no bar.

REQUIRED
1. Branch Manager - 4 Nos.
2. Sales Manager - 12 Nos.
3. Activity Manager - 4 Nos.
Experience in Realestate Sector / Fresher can apply.
Satyabhama Realcon Pvt. Ltd.
Mob. No. 8917492419, 9090950009

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs., ମାସିକ ଦରମା upto Rs.25,000/-.
Contact Immediately
Mob: 8763257042

WANTED
ଧରିତ୍ରୀ DHARITRI Oriya daily
is looking for
DIGITAL MARKETING EXECUTIVES
- Master's Degree having 3-6 years + experience in Digital Marketing.
- Responsibilities will include studying digital market trends and maximising monetizing potential of digital platforms and providing innovative solutions for brand campaigns.
BRAND SOLUTIONS EXECUTIVES
- MBA Degree having 3-5 years + experience in Marketing & Brand Solutions.
- Responsibilities will include digital & print marketing, innovative brand solutions, monitoring market trends & integrating brand solutions for maximizing revenue.
Apply immediately to :
recruitment@dharitri.com
recruitment.dharitri52@gmail.com
Attractive salary commensurate with experience

ଫିଲ୍ଡ୍ ଜବ୍ ପାଇଁ ସୁଯୋଗ
Bandhan Bank
ବନ୍ଧନ ବ୍ୟାଙ୍କ ଆଜି ସମଗ୍ର ଭାରତରେ ପ୍ରସାରିତ ହୋଇଅଛି। ବର୍ତ୍ତମାନ ବନ୍ଧନ ବ୍ୟାଙ୍କର 3,014 ଡୋର୍ ଷ୍ଟେପ୍ ସର୍ଭିସ ସେଣ୍ଟର ଏବଂ 1000 ବ୍ୟାଙ୍କିଙ୍ଗ୍ ବ୍ରାଂଚରେ 32,774 ଦୃଢ଼ ପ୍ରତିଜ୍ଞ କର୍ମଚାରୀ କାର୍ଯ୍ୟରତ ଅଛନ୍ତି। ବନ୍ଧନ ବ୍ୟାଙ୍କ ଅତି ଦ୍ରୁତ ବେଗରେ ଉନ୍ନତି କରିଚାଲିଛି ଏବଂ ଏହି ବିସ୍ତାରଣ ସମୟରେ ଆମକୁ ଉତ୍ସାହିତ ବ୍ୟକ୍ତିମାନଙ୍କ ଆବଶ୍ୟକତା ରହିଛି, ଯେଉଁମାନେ ପ୍ରାଥମିକ ସ୍ତରରେ ନିଷ୍ଠାର ସହ କାମ କରିପାରିବେ।
ଯୋଗ୍ୟତା – ଏହି ଅବସର ସେହି ଯୁବକ ଓ ଯୁବତୀମାନଙ୍କ ପାଇଁ ଯେଉଁମାନଙ୍କ ବୟସ 21 ରୁ 32 ବର୍ଷ ମଧ୍ୟରେ ରହିବ, ଯେଉଁମାନେ +2 (ଯୁକ୍ତ ଦୁଇ) ଏବଂ ତାହାଠାରୁ ଅଧିକ ଯୋଗ୍ୟତା ରକ୍ଷା କରିଛନ୍ତି ଏବଂ ଯେଉଁମାନେ ବାଇକ୍ ଏବଂ ସ୍କୁଟି ଚଲେଇବା ଜାଣିଛନ୍ତି।
ସୁଯୋଗ ଏବଂ ଲାଭ – କର୍ମଚାରୀମାନଙ୍କୁ ସ୍ଥାୟୀ ବେତନ, ପିଏଫ୍, ମେଡିକାଲ କ୍ଲେମ୍, ବୀମା, ଗ୍ରାଚ୍ୟୁଟି ଏବଂ ସମ୍ମାନନୀୟ ସଂଗଠନରେ ଦୃଢ଼ ସଂକଳ୍ପ ଉପରେ ପରଫରମାନ୍ସ ବୋନସ୍ ଦିଆଯିବ।
ଆବେଦନ ପାଇଁ ସୂଚନା – ସମସ୍ତ ଇଚ୍ଛୁକ ବ୍ୟକ୍ତି ନିଜର ବାୟୋଡାଟା (ଫୋନ୍ ନମ୍ବର), 2ଟି ପାସ୍‌ପୋର୍ଟ ସାଇଜ୍ ଫଟୋ, ଆଧାର କାର୍ଡ (ଅନିର୍ବାଯ୍ୟ) ପାନ୍ କାର୍ଡ, ଭୋଟର କାର୍ଡ ଏବଂ ଶିକ୍ଷଣୀୟ ଯୋଗ୍ୟତାର ପ୍ରମାଣପତ୍ରର ଫଟୋକପି ଜମା ଦେବେ।
ବାୟୋଡାଟା ଜମା ଦେବା ଜାଗା – ସମସ୍ତ ଇଚ୍ଛୁକ ବ୍ୟକ୍ତି ନିଜର ବାୟୋଡାଟା ବନ୍ଧନ୍ ବ୍ୟାଙ୍କର ସବୁଠାରୁ ନିକଟତମ ଡୋରଷ୍ଟେପ୍ ସର୍ଭିସ୍ ସେଣ୍ଟର (ଡି.ଏସ୍.ସି.) ରେ ଅଥବା ନିମ୍ନଲିଖିତ ଠିକଣାରେ ଜମାଦେବେ।
ବନ୍ଧନ୍ ବ୍ୟାଙ୍କ ଲିମିଟେଡ୍, ଝାରସୁଗୁଡ଼ା, (ଡି.ଏସ୍.ସି), ବଡ଼େଇମୁଣ୍ଡା ବ୍ଲକ,ସେଲ୍ସ ଟ୍ୟାକ୍ସ ଅଫିସ୍ ପାର୍ଶ୍ୱବର୍ତ୍ତୀ ରାସ୍ତା ଝାରସୁଗୁଡ଼ା ଟାଉନ୍, ପିନ୍ - 768202, ଫୋନ୍ - 7064418015
ବନ୍ଧନ୍ ବ୍ୟାଙ୍କ ଲିମିଟେଡ୍, ଭଦ୍ରକ, (ଡି.ଏସ୍.ସି), ଚରମ୍ପା ପୋଷ୍ଟ ଅଫିସ୍ ସାମ୍ନା ଚରମ୍ପା, ଭଦ୍ରକ, ପିନ୍ - 756101, ଫୋନ୍ - 8114385001
ବନ୍ଧନ୍ ବ୍ୟାଙ୍କ ଲିମିଟେଡ୍, ଭୁବନେଶ୍ୱର, (ଡି.ଏସ୍.ସି), ମାରୁତି ନଗର, ବିଜୟ ବିହାର ଲେନ୍-୨, ହନୁମାନ ମନ୍ଦିର ନିକଟ, ପିନ୍ - 751002, ଫୋନ୍ - 6295240965
Data as on June 30, 2019

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27,000/-.
(Full Time / Part Time)
Contact: 9938676412

ଆବଶ୍ୟକ
ବିଭିନ୍ନ ଚଳଚ୍ଚିତ୍ରରେ ବିଭିନ୍ନ ଭୂମିକାରେ ଅଭିନୟ କରିବା ପାଇଁ ଅଭିନେତା, ଅଭିନେତ୍ରୀ ଆବଶ୍ୟକ।
ଯୋଗାଯୋଗ: 7991067010

URGENTLY REQUIRED
An ACCOUNTANT (Male) for Sai Krupa Logistic (C&F of SHREE CEMENT), BBSR.
Candidate must have 3+ years' experience in Tally & GST.
Contact: 9348948134, 9040096740

Contact : 9938414918
Bhubaneswar ଅଫିସ୍ ପାଇଁ 10th/ above candidates (M/F) ଆବଶ୍ୟକ। ବୟସ: (18-35) yrs. ରହିବା ସୁବିଧା ଅଛି। Monthly Salary upto Rs. 24,000/-.

REQUIRED
A Reputed ISO 22000:2005 Certified C&F Organisation Conduct a Recruitment Programme for the following posts:
1. Godown incharge having knowledge in Computer and Stock Handling
2. Godown Supervisor Specialised in Stock Management.
3. Drivers and Helpers having experience in all types of transporting vehicles.
VENUE :- Date - 17.08.19, INFO VALLEY Road, Near Jatni Gate, Janla, Bhubaneswar.
Contact : 9337593376, 6370356604

REFCEM® Situation Vacant
Since 1983...
RRPL, Bhubaneswar invites application for the following posts;


| Post | Qualification | Experience |
|---|---|---|
| 1. Plant Supervisor & Security Guard | +2 & above | Min 5 yrs. |
| 2. Welder, Fitter & Electrician | ITI / Diploma | Min 5 yrs. |
| 3. Driver & Cook | HSC & above | Min 5 yrs. |


Salary is based on industry and experience.
Mail your CV / Contact on :
rrpl2019@rediffmail.com
Contact : 7381095402 & 7381095422

SIVANANDA CENTENARY BOYS' HIGH SCHOOL
Chidananda Vihar, Khandagiri, Bhubaneswar
(Senior Secondary Wing)
WALK-IN-INTERVIEW
This School imparts value based education with emphasis on excellence in studies in a modern Gurukul environment. Male candidates willing to lead a spiritual life as enunciated by our ancient seers, should attend the interview with an application containing bio-data and teaching experience on 25.08.2019 at 09.00 a.m. at the school premises for the following posts.
Trained Post Graduate teachers in English, Mathematics, Physics, Chemistry, Biology, Economics, Hindi, Commerce, History, Geography, Political Science, Odia & Sanskrit.
Swami Sivachidananda
Secretary
For more details, visit
www.sivanandacbhschool.com

ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବ୍ୟାଙ୍କିଙ୍ଗ୍ ପର୍ସୋନେଲ୍ ସିଲେକ୍ସନ୍
IBPS
ଅଧିକୃତ ୱେବ୍‌ସାଇଟ୍: www.ibps.in
ପ୍ରଶ୍ନ/ଅଭିଯୋଗ ପାଇଁ ଦୟାକରି http://cgrs.ibps.in/ରେ ଲଗ୍ ଇନ୍ କରନ୍ତୁ
ଅଂଶଗ୍ରହଣକାରୀ ସଙ୍ଗଠନଗୁଡ଼ିକରେ ପ୍ରୋବେସନାରୀ ଅଫିସର/ମ୍ୟାନେଜମେଣ୍ଟ ଟ୍ରେନିଙ୍କ ନିଯୁକ୍ତି ନିମନ୍ତେ ସାଧାରଣ ନିଯୁକ୍ତି ପ୍ରକ୍ରିୟା (୨୦୨୦-୨୧ର ଖାଲିସ୍ଥାନ ପାଇଁ ସିଆରପି ପିଓ/ଏମ୍‌ଟି-IX)
ଅଂଶଗ୍ରହଣକାରୀ ସଙ୍ଗଠନଗୁଡ଼ିକରେ ପ୍ରୋବେସନାରୀ ଅଫିସର / ମ୍ୟାନେଜମେଣ୍ଟ ଟ୍ରେନି ପଦବୀଗୁଡ଼ିକ ନିମନ୍ତେ କର୍ମଚାରୀ ଚୟନ ଲାଗି ପରବର୍ତ୍ତୀ ସାଧାରଣ ନିଯୁକ୍ତି ପ୍ରକ୍ରିୟା ପାଇଁ ଅନ୍‌ଲାଇନ୍ ପରୀକ୍ଷା (ପ୍ରିଲିମିନାରୀ ଓ ମେନ୍) ଅକ୍ଟୋବର/ନଭେମ୍ବର ୨୦୧୯ରେ ଅନୁଷ୍ଠିତ ହେବାର ସମ୍ଭାବନା ରହିଛି ।
କାର୍ଯ୍ୟକ୍ରମର ସମ୍ଭାବ୍ୟ ସମୟସୂଚୀ ନିମ୍ନ ଅନୁଯାୟୀ ହେବ:


| କାର୍ଯ୍ୟକ୍ରମ | ସମ୍ଭାବ୍ୟ ତାରିଖ |
|---|---|
| ଅନ୍-ଲାଇନ୍ ପଞ୍ଜୀକରଣ ପ୍ରାର୍ଥୀଙ୍କ ଦ୍ୱାରା ଦରଖାସ୍ତ ସମ୍ପାଦନ/ସଂଶୋଧନ ସମେତ | ତା୦୭।୦୮।୨୦୧୯ରିଖରୁ ତା୨୮।୦୮।୨୦୧୯ରିଖ |
| ଦରଖାସ୍ତ ଦେୟ/ଇଣ୍ଟିମେଶନ୍ ଦେୟ ପୈଠ (ଅନ୍‌ଲାଇନ୍) | ତା୦୭।୦୮।୨୦୧୯ରିଖରୁ ତା୨୮।୦୮।୨୦୧୯ରିଖ |
| ପ୍ରାକ୍-ପରୀକ୍ଷା ତାଲିମ ଲାଗି କଲ୍ ଲେଟର୍ ଡାଉନ୍‌ଲୋଡ୍ | ସେପ୍ଟେମ୍ବର, ୨୦୧୯ |
| ପ୍ରାକ୍-ପରୀକ୍ଷା ତାଲିମ ସଞ୍ଚାଳନ | ତା୨୩।୦୯।୨୦୧୯ରିଖରୁ ତା୨୮।୦୯।୨୦୧୯ରିଖ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରୀ ନିମନ୍ତେ କଲ୍ ଲେଟର୍ ଡାଉନ୍‌ଲୋଡ୍ | ଅକ୍ଟୋବର, ୨୦୧୯ |
| **ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରୀ** | ତା୧୨।୧୦।୨୦୧୯ରିଖ, ତା୧୩।୧୦।୨୦୧୯ରିଖ, ତା୧୯।୧୦।୨୦୧୯ରିଖ ଏବଂ ତା୨୦।୧୦।୨୦୧୯ରିଖ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରୀର ପରୀକ୍ଷାଫଳ | ଅକ୍ଟୋବର/ନଭେମ୍ବର, ୨୦୧୯ |
| ଅନ୍‌ଲାଇନ୍ ପରୀକ୍ଷା – ମେନ୍ ନିମନ୍ତେ କଲ୍ ଲେଟର୍ ଡାଉନ୍‌ଲୋଡ୍ | ନଭେମ୍ବର, ୨୦୧୯ |
| **ଅନ୍‌ଲାଇନ୍ ପରୀକ୍ଷା – ମେନ୍** | **ତା୩୦।୧୧।୨୦୧୯ରିଖ** |
| ପରୀକ୍ଷାଫଳ ଘୋଷଣା – ମେନ୍ | ଡିସେମ୍ବର, ୨୦୧୯ |
| ସାକ୍ଷାତ୍‌କାର ପାଇଁ କଲ୍ ଲେଟର୍ ଡାଉନ୍‌ଲୋଡ୍ | ଜାନୁୟାରୀ, ୨୦୨୦ |
| ସାକ୍ଷାତ୍‌କାର ସଞ୍ଚାଳନ | ଜାନୁୟାରୀ/ଫେବୃୟାରୀ, ୨୦୨୦ |
| ପରୀକ୍ଷାମୂଳକ ଆବଣ୍ଟନ | ଏପ୍ରିଲ, ୨୦୨୦ |


ବିବରଣୀ ତଥା ଅପ୍‌ଡେଟ୍ ପାଇଁ ନିୟମିତ ଭାବେ ପ୍ରାଧିକୃତ ଆଇବିପିଏସ୍ ୱେବ୍‌ସାଇଟ୍ www.ibps.in ଦେଖିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବା ପୂର୍ବରୁ ସବିଶେଷ ଅଧିସୂଚନା ପଢ଼ିବା ତଥା ସେଥିରେ ପ୍ରଦତ୍ତ ନିର୍ଦ୍ଦେଶାବଳୀର ଅନୁପାଳନ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ମୁମ୍ବାଇ
ତାରିଖ: ୦୨।୦୮।୨୦୧୯
ନିର୍ଦ୍ଦେଶକ
(ଆଇବିପିଏସ୍)

ନୋଟିସ୍
ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

See Career Appointment on every Wednesday & Saturday

## ସଂକ୍ଷେପରେ

### ଅନୁପସ୍ଥିତ କର୍ମଚାରୀଙ୍କୁ ଜବାବ୍ ତଲବ

ଭୁବନେଶ୍ୱର,୧୩।୮ (ବ୍ୟୁରୋ): କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ଅରୁଣ କୁମାର ସାହୁ ମଙ୍ଗଳବାର ଅଚାନକ କୃଷି ବିଭାଗର ବିଭିନ୍ନ କାର୍ଯ୍ୟାଳୟ ଗସ୍ତ କରିଛନ୍ତି । ପୂର୍ବାହ୍ନରେ ବରମୁଣ୍ଡାସ୍ଥିତ ଉପନିର୍ଦ୍ଦେଶକ, ପ୍ଲାଣ୍ଟ ପ୍ରୋଟେକସନ୍ କାର୍ଯ୍ୟାଳୟ, ରାଜ୍ୟ ବାୟୋଫର୍ଟିଲାଇଜର ଟେଷ୍ଟିଂ ଲାବରେଟୋରୀ, ଓଡ଼ିଶା ରାଜ୍ୟ ସିଡ୍‌ସ ଓ ଅର୍ଗାନିକ ପ୍ରଡକ୍ଟ ସାର୍ଟିଫିକେଶନ୍ ଏଜେନ୍ସି ଓ କ୍ଷେତ୍ର ବିଜ୍ଞାନୀ, କ୍ଷୁଦ୍ର ଜଳସେଚନ ଓ ଜଳ ବିନିଯୋଗ ତାଲିମ ପ୍ରତିଷ୍ଠାନରେ ପହଞ୍ଚିଥିଲେ । ମନ୍ତ୍ରୀ ସାହୁ କର୍ମଚାରୀମାନଙ୍କୁ କାର୍ଯ୍ୟକ୍ଷେତ୍ରରେ ସମୟାନୁବର୍ତ୍ତିତା ଓ ପାରଦର୍ଶିତା ପ୍ରଦର୍ଶନ ପାଇଁ ପରାମର୍ଶ ଦେଇଛନ୍ତି। ପରିଦର୍ଶନ ସମୟରେ ବିଭିନ୍ନ କାର୍ଯ୍ୟକ୍ରମର ରୂପାୟନ ଓ କାର୍ଯ୍ୟକାରିତା ଉପରେ ପଚାରି ବୁଝିବା ସହିତ ବିଳମ୍ବରେ ଆସିଥିବା କର୍ମଚାରୀମାନଙ୍କୁ ତାଗିଦ୍ କରିଛନ୍ତି । ଏଥିସହିତ ଅନୁପସ୍ଥିତ ଥିବା କର୍ମଚାରୀଙ୍କୁ କୈଫିୟତ୍ ତଲବ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

### ଆଠଗଡ଼ରେ ବାୟୋମେଟ୍ରିକ୍ ପଦ୍ଧତି ପ୍ରଚଳନରେ ଶତ ପ୍ରତିଶତ ସଫଳତା

ଭୁବନେଶ୍ୱର,୧୩।୮ (ବ୍ୟୁରୋ): ଆଠଗଡ଼ ଏନ୍‌ଏସି ଖାଦ୍ୟ ସୁରକ୍ଷା ଯୋଜନାରେ ବାୟୋମେଟ୍ରିକ ପଦ୍ଧତି ପ୍ରଚଳନରେ ଶତ ପ୍ରତିଶତ ସଫଳତା ହାସଲ କରିଛି । ଖାଦ୍ୟ ସୁରକ୍ଷା ଯୋଜନାରେ ରାଶନ୍ କାର୍ଡ ମାଧମରେ ହିତାଧିକାରୀଙ୍କୁ ଖାଦ୍ୟଶସ୍ୟ ଯୋଗାଇ ଦିଆଯାଉଥିବାବେଳେ ଏଥିରେ ସ୍ୱଚ୍ଛତା ଆଣିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବାୟୋମେଟ୍ରିକ୍ ପଦ୍ଧତିର ପ୍ରଚଳନ କରାଯାଇଛି । ଏହି କ୍ରମରେ ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦରେ ବାୟୋମେଟ୍ରିକ୍ ପଦ୍ଧତିର ପ୍ରଚଳନ ଯୋଗୁ ଶତପ୍ରତିଶତ ହିତାଧିକାରୀ ଚିହ୍ନଟ ସହ ଠିକ୍ ଲୋକଙ୍କୁ ଖାଦ୍ୟଶସ୍ୟ ଯୋଗାଇବାରେ ସଫଳତା ହାସଲ କରାଯାଇପାରିଛି। ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦରେ ଏହି ପଦ୍ଧତିର ବ୍ୟବହାର କରାଯିବା ଦ୍ୱାରା ଠିକ୍ ଲୋକଙ୍କୁ ଚିହ୍ନଟ କରାଯିବା, ବଣ୍ଟନରେ ନିୟମିତତା ଓ ପାରଦର୍ଶିତା ସହ ଖାଦ୍ୟ ସୁରକ୍ଷା ଯୋଜନାରେ ସ୍ୱଚ୍ଛତା ଅବଲମ୍ବନ କରାଯାଇ ପାରିଛି ବୋଲି ସମବାୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ସେସୁ ସିଇଓ ଭାବେ ଦାୟିତ୍ୱ ନେଲେ ବୋଥ୍ରା



ଭୁବନେଶ୍ୱର,୧୩।୮ (ବ୍ୟୁରୋ): ଆଇପିଏସ୍ ଅଫିସର ଅରୁଣ ବୋଥ୍ରା ସେସୁର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ)ଭାବେ ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ନିକଟରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଶାସନିକ ସ୍ତରରେ ଅଦଳବଦଳ କରାଯାଇଥିଲା। ଏହି ସମୟରେ ଆଇଏଏସ୍ ଅଫିସର ମହମ୍ମଦ ସିଦ୍ଦିକ୍ ଆଲାମଙ୍କ ସ୍ଥାନରେ ବୋଥ୍ରାଙ୍କୁ ନୂଆ ନିଯୁକ୍ତି ମିଳିଥିଲା। ସେସୁ ମୁଖ୍ୟାଳୟରେ ଯୋଗଦେବା ସହ ବୋଥ୍ରା ଏକ ସମୀକ୍ଷା ବୈଠକରେ ଅଧକ୍ଷତା କରିଥିଲେ। ବିଭିନ୍ନ ସୂତ୍ରରୁ ରାଜ୍ୟରେ ବିଜୁଳି ଉତ୍ପାଦନ ହେଉଥିଲେ ମଧ ନିରବଚ୍ଛିନ୍ନ ବିଦ୍ୟୁତ୍ ସମ୍ଭବ ହେଉନାହିଁ। ଗାଁ ଗହଳି କଥା ବାଦ୍ ଦିଆଯାଉ, ରାଜଧାନୀରେ ଅଘୋଷିତ ବିଦ୍ୟୁତ୍ କାଟ୍ ଦେଖିବାକୁ ମିଳୁଛି। ତେଣୁ ଦାୟିତ୍ୱ ନେବା ପରେ ଆଇପିଏସ୍ ଅଫିସର ବୋଥ୍ରା କେତେ ସୁଧାର ଆଣୁଛନ୍ତି, ତାହା ଉପରେ ସମସ୍ତଙ୍କ ନଜର ରହିଛି।

# ପଶ୍ଚିମ ଓଡ଼ିଶାରେ ବନ୍ୟା: ଏସ୍‌ଆରସି, ମୁଖ୍ୟ ଶାସନ ସଚିବଙ୍କୁ ଭେଟିଲା ଭାଜପା ଟିମ୍



ଭାଜପା ପ୍ରତିନିଧି ଦଳ ଏସ୍‌ଆର୍‌ସି ବିଷ୍ଣୁପଦ ସେଠୀଙ୍କୁ ସାକ୍ଷାତ କରୁଛନ୍ତି।

**ଭୁବନେଶ୍ୱର,୧୩।୮ (ବ୍ୟୁରୋ)**

ପଶ୍ଚିମ ଓଡ଼ିଶାର ବଲାଙ୍ଗୀର, ସୁବର୍ଣ୍ଣପୁର, କଳାହାଣ୍ଡି, କନ୍ଧମାଳ, ବରଗଡ ଆଦି ଜିଲାରେ ଗତ ୩ ଦିନରେ ପ୍ରବଳ ବର୍ଷା ହୋଇଛି। ଏବେ ସେହି ଅଞ୍ଚଳଗୁଡ଼ିକରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତିର ମୁକାବିଲା କରିବାସହ ପ୍ରଭାବିତ ଲୋକଙ୍କୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନକୁ ଆଣିବା ଏବଂ କ୍ଷତିଗ୍ରସ୍ତ ଲୋକଙ୍କ ପାଖରେ ରିଲିଫ ପହଞ୍ଚାଇବା ନେଇ ବଲାଙ୍ଗୀର ଏମ୍‌ପି ସଙ୍ଗୀତା ସିଂହଦେଓଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମଙ୍ଗଳବାର ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆର୍‌ସି) ବିଷ୍ଣୁପଦ ସେଠୀଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି । ସଙ୍ଗୀତା କହିଛନ୍ତି ଯେ, ଏବେ ସୃଷ୍ଟି ହୋଇଥିବା ବନ୍ୟାରେ ପାଖାପାଖି ୫୦ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହେବାର ଆଶଙ୍କା ରହିଛି । ପ୍ରବଳ ବର୍ଷା ଯୋଗୁ ହରିଶଙ୍କରଠାରେ ମାଟି ଅତଡା ଧସି ଯିବା ଯୋଗୁ ବ୍ୟାପକ କ୍ଷତି ହୋଇଛି । ଅନେକ ଲୋକ ଏବେ ମଧ ପାଣି ଘେରରେ ଅଛନ୍ତି। ସେମାନଙ୍କୁ ତୁରନ୍ତ ଉଦ୍ଧାର କରିବାର ଆବଶ୍ୟକତା ଅଛି । ପ୍ରଭାବିତ ଜିଲାଗୁଡ଼ିକୁ ଉଦ୍ଧାର ବୋଟ ଦେବାର ତୁରନ୍ତ ଆବଶ୍ୟକତା ରହିଛି। ସେହିପରି ପ୍ରଭାବିତ ଲୋକମାନଙ୍କୁ ରିଲିଫ ଖାଦ୍ୟ ପହଞ୍ଚାଇବାର ଆବଶ୍ୟକତା ରହିଛି । ସେହିପରି ବନ୍ୟା ପରବର୍ତ୍ତୀ ସମୟରେ ସୃଷ୍ଟି ହେଉଥିବା ସ୍ୱାସ୍ଥ୍ୟ ସମସ୍ୟାକୁ ମୁକାବିଲା କରିବା ପାଇଁ ତୁରନ୍ତ ଚିକିତ୍ସା ଟିମ୍ ଯିବାର ଆବଶ୍ୟକତା ଅଛି । ଏସଡିଆର୍‌ଏଫ୍ ଟିମ୍ ପଠାଇ ରିଲିଫ କାର୍ଯ୍ୟ ତ୍ୱରାନ୍ୱିତ କରାଯାଉ । ଏ ସମ୍ପର୍କରେ ସ୍ୱତନ୍ତ୍ର ରିଲିଫ କମିଶନ ତୁରନ୍ତ ପଦକ୍ଷେପ ନିଅନ୍ତୁ। ସେହିପରି ଏହି ପ୍ରତିନିଧି ଦଳ ସଚିବାଳୟ ଯାଇ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବା ସହ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି । ଏହି ପ୍ରତିନିଧି ଦଳରେ ବରିଷ୍ଠ ନେତା ମନମୋହନ ସାମଲ ଓ କନକ ବର୍ଦ୍ଧନ ସିଂହଦେଓ, ଉପସଭାପତି ସମୀର ମହାନ୍ତି, ସାଧାରଣ ସମ୍ପାଦକ ଭୃଗୁବକ୍ସି ପାତ୍ର ପ୍ରମୁଖ ଥିଲେ ।

## ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୨କୋଟି ଟଙ୍କା ସହାୟତା

**ଭୁବନେଶ୍ୱର,୧୩।୮ (ବ୍ୟୁରୋ)**

ବାତ୍ୟା ଫନୀ ଦୁର୍ଗତଙ୍କ ସହାୟତା ଓ ପୁନରୁଦ୍ଧାର ପାଇଁ ମଙ୍ଗଳବାର ଦୁଇଟି ସଂସ୍ଥା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଅର୍ଥ ପ୍ରଦାନ କରିଛନ୍ତି। ଡିଏଭି କଲେଜ ମ୍ୟାନେଜିଂ କମିଟି, ନୂଆଦିଲ୍ଲୀ ପକ୍ଷରୁ ୨ କୋଟି ଟଙ୍କା ପ୍ରଦାନ କରାଯାଇଛି। କମିଟି ପକ୍ଷରୁ ଏହାର ଅଧ୍ୟକ୍ଷ ପୁନମ୍ ସୁରୀ ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଏହି ଚେକ୍ ପ୍ରଦାନ କରିଛନ୍ତି। ସେହିପରି ଗ୍ରୀନ୍ ଲାମ ଇଣ୍ଡଷ୍ଟ୍ରିଜ ଲିମିଟେଡ ଏବଂ ଏହାର କର୍ମଚାରୀଙ୍କ ପକ୍ଷରୁ ୧୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ସମୁଦାୟ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୨କୋଟି ୧୦ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଏଭଳି ସହାୟତା କରିଥିବା ସଂସ୍ଥାକୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଅର୍ପଣ କରିଛନ୍ତି।

## ମାନବାଧିକାର କୋର୍ଟ ପ୍ରତିଷ୍ଠା ପ୍ରସଙ୍ଗ

# ଜରିମାନା ଦେବେ ଓଡ଼ିଶା ସମେତ ୭ ରାଜ୍ୟ

**ନୂଆଦିଲ୍ଲୀ, ୧୩।୮ (ପି.ଟି.)**

ସୁପ୍ରିମକୋର୍ଟ ପକ୍ଷରୁ ମଙ୍ଗଳବାର ଓଡ଼ିଶା ସମେତ ୭ ରାଜ୍ୟକୁ ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଛି। ୨୦୧୮ ଜାନୁୟାରୀ ୪ରେ ସର୍ବୋଚ୍ଚ ଅଦାଲତ ମାନବାଧିକାର କୋର୍ଟ ପ୍ରତିଷ୍ଠା ଲାଗି ନିର୍ଦ୍ଦେଶନାମା ଜାରି କରିଥିଲେ ହେଁ ଏହି ରାଜ୍ୟଗୁଡ଼ିକ କୌଣସି ପ୍ରତିକ୍ରିୟା ପ୍ରକାଶ କରି ନ ଥିଲେ କି ଶୁଣାଣି ବେଳେ କୌଣସି ଓକିଲ ଉପସ୍ଥିତ ନ ଥିଲେ। ଜଷ୍ଟିସ୍ ଦୀପକ ଗୁପ୍ତା ଓ ଜଷ୍ଟିସ୍ ବି. ଆର. ଗଭାଇଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ୭ଟି ରାଜ୍ୟକୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ରାଜସ୍ଥାନ ଓ ଉତ୍ତରାଖଣ୍ଡ ଲାଗି ୧ ଲକ୍ଷ ଟଙ୍କାର ଜରିମାନା ଲଗାଯାଇଥିବାବେଳେ ତେଲେଙ୍ଗାନା, ଉତ୍ତରପ୍ରଦେଶ, ଓଡ଼ିଶା, ମେଘାଳୟ ଓ ମିଜୋରାମ ଲାଗି ୫୦ ହଜାର ଟଙ୍କା ଲେଖାଏ ଜରିମାନା ଲଗାଯାଇଛି। ଆଗାମୀ ୪ ସପ୍ତାହ ମଧ୍ୟରେ ଏହି ୭ ରାଜ୍ୟ ସେମାନଙ୍କ ପ୍ରତିକ୍ରିୟା ଜଣାଇବା ଲାଗି ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶଥାଉ କି, ପ୍ରତ୍ୟେକ ରାଜ୍ୟରେ ମାନବାଧିକାର କୋର୍ଟ ପ୍ରତିଷ୍ଠା ସହ ସ୍ୱତନ୍ତ୍ର ସରକାରୀ ଓକିଲ ନିଯୁକ୍ତି କରିବା ସମ୍ପର୍କରେ ସେମାନଙ୍କ ମତାମତ ଜଣାଇବା ଲାଗି ସର୍ବୋଚ୍ଚ ଅଦାଳତ ନିର୍ଦ୍ଦେଶ ଦେଇଥିଲେ।


**ODISHA STATE CO-OPERATIVE HANDICRAFTS CORPORATION LTD.**
Utkalika
Jayadev Vatika Square, Khandagiri, Bhubaneswar-30, Ph. : 0674-2975390

**Expression of Interest**

Sealed applications/offers are invited for engagement of Consigners for Consignment (Spl.) business in different Utkalika branches of Angul, Kolkata & Cuttack for different Crafts / products during the financial year **2019-20 & 2020-21 (up to 31st March 2021)**. The details of the EOI document, format for the applicants, undertaking form along with the details of branches name with Craft / Product & annual base sale target, terms & conditions can be obtained from the website www.utkalikaodisha.in. Interested Industrial Co-operative Society / Co-operative Society / Self Help Group / MSME unit / Individual artisans and weavers of Odisha may apply in the prescribed format along with requisite fee **Rs.1,000/- (Rupees One Thousand) only in shape of DD in favour of OSCHC Ltd., BBSR** by **20th August 2019 up to 5 P.M.** at the Head Office of the Corporation. Any application/offer received beyond the scheduled date & time shall not be entertained. The authority reserves the right to either accept or reject any or all applications/offers without assigning any reason thereof.

Sd/-
Managing Director



**OTPC**
**ODISHA THERMAL POWER CORPORATION LTD.**
3RD FLOOR, SETU BHAWAN, OBCC BUILDING, NAYAPALLY, BBSR-751012
Telefax-0674-2390732, Website- otpcl.com, Email-otpcbbsr@gmail.com CIN:U40102OR2007SGC009145

**CORRIGENDUM to e-TENDER NOTICE NO.237/OTPC Dt.25.06.2019**

The last date and time for submission of online bids will be **29.08.2019 (17.00 Hrs)** instead of **14.08.2019 (17.00 Hrs).** For other details please visit OTPC's official website **www.otpcl.com** and **www.tenderwizard.com/OTPC.**

Sd/-
Chief Executive Officer



**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KEONJHAR**
**(ZILLA SWASTHYA SAMITI, KEONJHAR)**
**Advt. Lt.No.3941** **Date : 13.08.2019**

No.216-E **OBJECTIONS INVITED**

With reference to this office Advt. letter no.2872 dt. 17.06.2019 which was published in odia daily newspaper i.e. **"The Samaj" & "Dharitri"** on dt. 19.06.2019, the detail list of candidates applied for the post of Social Worker, Optometrist & Dental Technician for DEIC under NHM, Keonjhar is available in the District NIC website i.e. www.kendujhar.nic.in in Recruitment Page. Candidates are requested to verify the database of their candidature relating to the database only and requested to submit objections relating to the database if any for the above post and the objection must be reached in the office of CDM & PHO-cum-DMD, Keonjhar-758001 by dtd.22.08.2019 till 5.00 P.M. The objections shall be sent through Speed post/ Regd. Post only in a closed envelope (superscribing top of the envelope "Objection for the post of.............. under NHM, Keonjhar."). No fresh documents will be entertained. No further objections shall be entertained after the due date.

**Sd./- Chief District Medical & Public Health Officer, Keonjhar**
10033/11/0013/1920



See Career Appointment on every Wednesday & Saturday



**COLLECTORATE, SUNDARGARH**
**(ST & SC Dev. Section)**
**No.: 2764/SSD** **Dated: 09.08.19**

**TENDER CALL NOTICE**

Sealed tenders are invited from Registered/Reputed Firms/ Suppliers having TIN Number, PAN Card, Income Tax Clearance, GST Certificate & one year Audit report to quote the rate of supply the Mattresses to the boarder students of under ST & SC Develolment Department. The tender papers along with EMD should reach in the address of the District Welfare Office, Sundargarh on or before 20.08.2019 at 05.00 P.M. through Regd. Post/Speed Post only. The details information can be downloaded from district website i.e. **www.sundargarh.nic.in**.

By Order of the Collector, Sundargarh
**Sd./- District Welfare Officer, Sundargarh**



**KASTURBA GANDHI BALIKA VIDYALAYA**
**SORADA BLOCK, GOUDAGOTHA**
**LT No.23/19** **TENDER CALL NOTICE** **Date: 10.08.19**

Sealed tenders are invited from the registered / reputed firms and manufacturer for supply of items like Grocery, Dress materials & Bedding items, Cosmetic & Toilet items, Office & Student Stationaries, Slipper & Sports shoe to the Kasturba Gandhi Balika Vidyalaya, Goudagotha, Block- Sorada, Dist.-Ganjam for the year 2019-20. Interested parties / firms can purchase the tender forms from Office of the KGBV, Goudagotha w.e.f. in all working day from 10:00 A.M. to 4:00 P.M. on payment of 500/- (five hunderd) only non-refundable in cash or Bank Draft payable at State Bank of India, Branch Sorada, Ganjam District. The tenders completed in all respect alongwith requisite documents and Earnest Money (Refundable) in shape of Bank Draft in favour of the Head Master / Mistress and SMC Chairperson, KGBV, Goudagotha payable at State Bank of India, Branch Sorada, **IFSC CODE - SBIN0001337.** The tender forms alongwith other particulars the list of the items and details instruction can also be downloaded from the District website www.ganjam.nic.in. Tender form should be submitted through Speed / Registered Post alongwith Bank Draft of Rs.500/- towards cost of tender document (Non-refundable) if downloaded from the website. Tenders submitted without EMD will be summarily rejected. Last date of receipt of tender form is up to 4.00 P.M. of dated 28.08.19. The KGBV level Purchase Committee meeting will be held on 29.08.19 at 12.00 P.M. in this KGBV for opening of the tender. The KGBV Purchase Committee reserves the right to accept or reject the tender in whole or in part without assigning any reason thereof.

**Sd./- Headmistress, KGBV, Goudagotha**



**GOVERNMENT OF ODISHA**
**OFFICE OF THE ENGINEER-IN-CHIEF, PUBLIC HEALTH ODISHA, BHUBANESWAR**
**NATIONAL COMPETITIVE BIDDING THROUGH e-PROCUREMENT**
**No.116-C:-** **INVITATION FOR REQUEST FOR PROPOSAL (RFP) Dt. 05.08.2019**

| S.N. | Name of the Water Supply Project | Bid ID No. | Bid Security (in Rs.) | Cost of RFP Document (in Rs.) | Assignment Period |
|---|---|---|---|---|---|
| 1. | Request for Proposal (RFP) for Third Party Consultancy Services for Construction Quantity Survey (CQS) & Certification of Bills of Supply, Installation & Testing of House Service Connection to the Consumers in 114 ULBs (Urban Local Bodies) in the State of Odisha. | EICPH-02/2019-20 | 2,21,000.00 | 10,000.00 | 06 (Six Months) |

The complete RFP document can be viewed/ downloaded from e-procurement portal of the State Government **https://tendersodisha.gov.in** from **17.08.2019 (12.00 hrs. IST) to 16.09.2019 (17.00 hrs. IST).** RFP must be submitted online. RFP through any other mode shall not be entertained.
**Name & Address of the Officer Inviting RFP:**
**Engineer-in-Chief, PH, Heads of Department Building, 1st Floor, Unit-V, Bhubaneswar, Odisha-751001, Phone # +91-674-2393909, email: eicphodisha@gmail.com**
Interested bidders may download the Request for Proposal Documents (the **"RFP"** document) from the above website to see further details for participation in the online bidding.
**All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.**
**13068/11/0002/1920** **Sd./- ENGINEER-IN-CHIEF, PH**



**ପୌରପରିଷଦ କାର୍ଯ୍ୟାଳୟ, ସୁନ୍ଦରଗଡ଼**

ସଂଖ୍ୟା.୪୧୨୫ ତା: ୧୩।୦୮।୧୯

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚାଇ ଦିଆଯାଉଛି କି ସୁନ୍ଦରଗଡ଼ ପୌରପରିଷଦ ଅଧୀନରେ ଥିବା ନିମ୍ନଲିଖିତ ସଇରାତଗୁଡିକ ୨୦୧୯-୨୦ ବର୍ଷ ପାଇଁ ଜଉମୁଦ ନିଲାମ ଡାକ ଦ୍ୱାରା ଆବଣ୍ଟନ କରାଯିବ। ଆଗ୍ରହୀ ବ୍ୟକ୍ତି/ଅନୁଷ୍ଠାନ ନିର୍ଦ୍ଧାରିତ ତାରିଖ ଓ ସମୟରେ ଉପସ୍ଥିତ ରହି ଜଉମୁଦ ନିଲାମ ଟେଣ୍ଡରରେ ଅଂଶଗ୍ରହଣ କରିପାରିବେ।
ବିଭିନ୍ନ ସଇରାତଗୁଡିକର ନିର୍ଦ୍ଧାରିତ ମୂଲ୍ୟ ଓ ଅମାନତ ଟଙ୍କାର ବିବରଣୀ ତଥା ନିଲାମର ସର୍ତ୍ତାବଳୀ ନିମ୍ନମତେ ଦିଆଗଲା।

| କ୍ରମିକ ନଂ. | ସଇରାତର ନାମ | ନିର୍ଦ୍ଧାରିତ ମୂଲ୍ୟ | ଅମାନତ ରାଶି |
|---|---|---|---|
| ୧ | ଡେଲି ମାର୍କେଟ (ଆର୍.ଏମ୍.ସି. ଏରିଆ ବ୍ୟତୀତ) | ଟ.୯୯୯୦୦୦.୦୦ | ଟ.୯୯୯୦୦.୦୦ |
| ୨ | ରିଜେଣ୍ଟ ମାର୍କେଟ | ଟ.୧୫୪୦୦.୦୦ | ଟ.୧୫୪୦.୦୦ |
| ୩ | ରଙ୍ଗାଡ଼ିପା ମାର୍କେଟ | ଟ.୧୨୫୦୦୦.୦୦ | ଟ.୧୨୫୦୦.୦୦ |
| ୪ | ଟ୍ୟାକ୍ସି ଷ୍ଟାଣ୍ଡ (ପୁରୁଣା ପ୍ରାଇଭେଟ ବସ୍ ଷ୍ଟାଣ୍ଡ) | ଟ.୧୦୧୧୯୬.୦୦ | ଟ.୧୦୨୦୦.୦୦ |
| ୫ | ଟ୍ୟାକ୍ସି ଷ୍ଟାଣ୍ଡ (ମ୍ୟୁନିସିପାଲିଟି ଅଫିସ୍ ପାଖ ଓ ପ୍ରାଇଭେଟ ବସ୍ ଷ୍ଟାଣ୍ଡ) | ଟ.୫୫୦୦୦.୦୦ | ଟ.୫୫୦୦.୦୦ |
| ୬ | ମାଲ ବୁହା ଟେମ୍ପୋ ଷ୍ଟାଣ୍ଡ (ବି.ଏସ୍. ହାଇସ୍କୁଲ ପାଖ ଓ ଧର୍ମଶଳା ସ୍କୁଲ ପାଖ) | ଟ.୨୨୦୦୦.୦୦ | ଟ.୨୨୦୦.୦୦ |
| ୭ | ସିଙ୍ଗଡ଼ା ବନ୍ଧ ଓ ବ୍ରାହ୍ମଣୀ ବନ୍ଧ (କଟା - ୧) | ଟ.୩୦୦୦୦.୦୦ | ଟ.୩୦୦୦.୦୦ |
| ୮ | ବ୍ରାହ୍ମଣୀ ବନ୍ଧ | ଟ.୨୫୬୮୩.୦୦ | ଟ.୨୬୦୦.୦୦ |
| ୯ | ଡେଙ୍ଗିଭାଡ଼ି ବନ୍ଧ | ଟ.୫୨୧୯.୦୦ | ଟ.୫୫୦.୦୦ |
| ୧୦ | ଗାଡ଼ି/ସାଇକେଲ ରଖିବା ସ୍ଥାନ (ମ୍ୟୁନିସିପାଲିଟି ଅଫିସ୍‌ରୁ ଶଙ୍କରା) | ଟ.୫୫୦୦.୦୦ | ଟ.୫୫୦.୦୦ |
| ୧୧ | ଗାଡ଼ି/ସାଇକେଲ ରଖିବା ସ୍ଥାନ (CDMO ଅଫିସ୍ ଛକରୁ ବିଜୟା ଟକୀଜ୍ ଅଭିମୁଖେ) | ଟ.୫୫୦୦.୦୦ | ଟ.୫୫୦.୦୦ |
| ୧୨ | ଗାଡ଼ି/ସାଇକେଲ ରଖିବା ସ୍ଥାନ (ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଡି.ଆର୍.ଡ଼ି.ଏ. ଛକ ଅଭିମୁଖେ) | ଟ.୫୫୦୦.୦୦ | ଟ.୫୫୦.୦୦ |
| ୧୩ | ଗାଡ଼ି/ସାଇକେଲ ରଖିବା ସ୍ଥାନ (ଡି.ଆର୍.ଡ଼ି.ଏ. ଛକରୁ ପାଲ ହୋଟେଲ ଓ ପଞ୍ଚମୁଖୀ ହନୁମାନ ମନ୍ଦିର ଅଭିମୁଖେ) | ଟ.୫୫୦୦.୦୦ | ଟ.୫୫୦.୦୦ |
| ୧୪ | ଗାଡ଼ି/ସାଇକେଲ ରଖିବା ସ୍ଥାନ (ଡି.ଏଫ୍.ଓ. ଅଫିସ୍‌ରୁ ପାଲ୍ ହୋଟେଲ ଅଭିମୁଖେ) | ଟ.୫୫୦୦.୦୦ | ଟ.୫୫୦.୦୦ |

**ସର୍ତ୍ତାବଳୀ:**
୧. ପୂର୍ବ ବର୍ଷର ସଇରାତର ବକେୟା ଦେୟ ଥିବା ବ୍ୟକ୍ତି/ଅନୁଷ୍ଠାନ ଉକ୍ତ ନିଲାମରେ ଭାଗ ନେଇପାରିବେ ନାହିଁ।
୨. ନିଲାମରେ ଭାଗ ନେବାକୁ ଇଚ୍ଛୁକ ବ୍ୟକ୍ତି/ଅନୁଷ୍ଠାନ ନିର୍ଦ୍ଧାରିତ ତାରିଖ, ସ୍ଥାନ, ସମୟରେ ଉପସ୍ଥିତ ରହି ନିର୍ଦ୍ଧାରିତ ଟ.୫୦୦ଙ୍କା ମୂଲ୍ୟର ଆବେଦନ ଫର୍ମ ପୂରଣ କରି ସମ୍ପୃକ୍ତ ସଇରାତ ନିଲାମ ଡାକରେ ଅଂଶ ଗ୍ରହଣ କରିପାରିବେ। ନିଲାମ ଡାକ, ଦଖଲକାରୀ ନିର୍ଦ୍ଧାରିତ ସଇରାତର ଅମାନତ ରାଶି ପୌରପାଳିକା ପାଣ୍ଠିରେ ଜମା କରି ରସିଦ୍‌କୁ ଆବେଦନ ଫର୍ମ ସହିତ ସଂଲଗ୍ନ କରିବେ। ତତ୍ ସଙ୍ଗେ ସଙ୍ଗେ ବ୍ୟକ୍ତି ବିଶେଷଙ୍କର ନିଜ ଘରର ହୋଲଡିଙ୍ଗ ଟିକସ୍ (୨୦୧୮-୧୯) ସୁଦ୍ଧା ପଇଠ ହୋଇଥିବ, ଆଧାରର ନକଲକୁ ଆବେଦନ ଫର୍ମ ସହିତ୍ ସଂଲଗ୍ନ କରିବେ ଅନ୍ୟଥା ନିଲାମ ଡାକରେ ଅଂଶ ଗ୍ରହଣ କରିପାରିବେ ନାହିଁ ଏବଂ ତାଙ୍କ ଡାକ ମୂଲ୍ୟକୁ ଅସିଦ୍ଧ ଘୋଷଣା କରାଯିବ।
୩. ଆବେଦନକାରୀ ସୁନ୍ଦରଗଡ଼ ପୌରାଞ୍ଚଳରେ ବସବାସ କରୁଥିବା ଜରୁରୀ।
୪. ଯାହାଙ୍କ ସପକ୍ଷରେ ସର୍ବୋଚ୍ଚ ଡାକ ନିଲାମ ସିଦ୍ଧ ହେବ, ସେ ଉକ୍ତ ନିଲାମ ପୂର୍ଣ୍ଣ ରାଶି ଏକକାଳୀନ ଦାଖଲ କରିବେ। ନଚେତ୍ ତାଙ୍କର ଅମାନତ ରାଶି ଟଙ୍କା ବାଜ୍ୟାପ୍ତି କରାଯାଇ ପରବର୍ତ୍ତୀ ସର୍ବୋଚ୍ଚ ନିଲାମ ଦର ଦାଖଲକାରୀ ବ୍ୟକ୍ତିଙ୍କୁ ସଇରାତ ଆବଣ୍ଟନ କରାଯିବ। ନଚେତ୍ ଉକ୍ତ ସଇରାତ ପୁନର୍ବାର ନିଲାମ ଡକା ଯିବ।
୫. ନିଲାମ ସଂକ୍ରାନ୍ତୀୟ ତଥ୍ୟ ପୌରପାଳିକା କାର୍ଯ୍ୟାଳୟରେ ନିମ୍ନ କାର୍ଯ୍ୟସୂଚୀ ଅନୁଯାୟୀ ସରକାରୀ ଦିବସମାନଙ୍କରେ ମିଳିପାରିବ।
କ) ତା୧୩।୦୮।୨୦୧୯ରିଖରୁ ତା୧୯।୦୮।୨୦୧୯ରିଖ (ଦିବା ୧୨.୦୦ ଘଟିକା ପର୍ଯ୍ୟନ୍ତ) ଟେଣ୍ଡର ପେପର ବିକ୍ରୟ କରାଯିବ।
ଖ) ତା୧୯।୦୮।୨୦୧୯ରିଖ (ଅପରାହ୍ନ ୦୨.୦୦ ଘଟିକା ପର୍ଯ୍ୟନ୍ତ ) ଟେଣ୍ଡର ଗ୍ରହଣ କରାଯିବ (ବାକ୍ସ ଦ୍ୱାରା)।
ଗ) ତା୧୯।୦୮।୨୦୧୯ରିଖ ଅପରାହ୍ନ ୦୪.୦୦ଘଟିକା ପର୍ଯ୍ୟନ୍ତ ଟେଣ୍ଡର ଖୋଲାଯିବ।
୬. ନିମ୍ନ ସ୍ୱାକ୍ଷରକାରୀ ଯେ କୌଣସି ଟେଣ୍ଡର ଓ ଆବଣ୍ଟନ ବାବଦରେ ଚୂଡାନ୍ତ ନିଷ୍ପତ୍ତି ଗ୍ରହଣ କରିପାରିବେ।

**ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ, ସୁନ୍ଦରଗଡ଼ ପୌରପରିଷଦ**



**ଓଡ଼ିଶା ଉଠାଜଳସେଚନ ନିଗମ କାର୍ଯ୍ୟାଳୟ**
(ଓଡ଼ିଶା ସରକାରଙ୍କ ଏକ ସଂସ୍ଥା)
ଏନ-୧୭/୨, ନୂଆପଲ୍ଲୀ, ଭୁବନେଶ୍ୱର CAD-288
Website: www.odishalift.co.in

**ଅଗଭୀର ନଳକୂପ ସେଚ କାର୍ଯ୍ୟକ୍ରମ: ୨୦୧୯-୨୦**

ଓଡ଼ିଶା ସରକାରଙ୍କ ଜଳସମ୍ପଦ ବିଭାଗ, ଉଠାଜଳସେଚନ ନିଗମ ଜରିଆରେ ଜଳନିଧି-୨ ଯୋଜନା ମାଧ୍ୟମରେ ରାଜ୍ୟର ୧୩ ଗୋଟି ଜିଲ୍ଲା **(ରାୟଗଡା, ଗଞ୍ଜାମ, ଗଜପତି, ଖୋର୍ଦ୍ଧା, ନୟାଗଡ, କଟକ, ଜଗତସିଂହପୁର, କେନ୍ଦ୍ରାପଡା, ଯାଜପୁର, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ ଓ କେଉଁଝର)** ମାନଙ୍କରେ ଅଗଭୀର ନଳକୂପ ସେଚ ପ୍ରକଳ୍ପ (Cluster-Shallow Tube Well Project) କାର୍ଯ୍ୟକାରୀ କରାଯାଉଅଛି । Cluster-Shallow Tube Well ପ୍ରକଳ୍ପ ନିମନ୍ତେ ଅନ୍ୟୁନ ୫ ଜଣ ହିତାଧିକାରୀ ଗୋଟିଏ cluster ମଧ୍ୟରେ ରହିବା ଆବଶ୍ୟକ ଅଟେ । ପ୍ରସ୍ତାବିତ ପ୍ରକଳ୍ପର ଆୟକଟ୍ ଭିତରେ ଜଣେ ଆବେଦନକାରୀଙ୍କର ଅନ୍ୟୁନ ୦.୫ ଏକର ଜମି ଥିବା ବିଧେୟ । ୨ଟି ପ୍ରସ୍ତାବିତ ନଳକୂପ ମଧ୍ୟରେ ଅନ୍ୟୁନ ୨୦୦ ମିଟର ଦୂରତା ଥିବା ଆବଶ୍ୟକ । ଏହି ପରିପ୍ରେକ୍ଷିରେ ୨୦୧୯-୨୦ ବର୍ଷ ପାଇଁ ରାଜ୍ୟର ନିମ୍ନ ଲିଖିତ ଜିଲ୍ଲାମାନଙ୍କର ନିର୍ଦ୍ଦିଷ୍ଟ ବ୍ଲକରେ ଏହି କାର୍ଯ୍ୟକ୍ରମ ପାଇଁ ଆବେଦନ ପତ୍ର onlineରେ ଆହ୍ୱାନ କରାଯାଉଛି । ଇଚ୍ଛୁକ ଚାଷୀ ଭାଇମାନେ ଉପରୋକ୍ତ ଯୋଜନାରେ ସାମିଲ୍ ହେବାପାଇଁ ଉଠାଜଳସେଚନ ନିଗମର **website: www.odishalift.co.in ରେ ନିର୍ଦ୍ଧାରିତ ଦରଖାସ୍ତ ଫର୍ମ ତା.୩୧.୧୦.୨୦୧୯ରିଖ ମଧ୍ୟରେ online ରେ ପୂରଣ କରିବେ ।** ଏହି ଦରଖାସ୍ତ ନିକଟସ୍ଥ ଜନସେବା କେନ୍ଦ୍ରରେ ମଧ ଆବେଦନ ହୋଇପାରିବ । ଦରଖାସ୍ତ ପଞ୍ଜୀକରଣ ହେଲାପରେ ସେମାନଙ୍କର ହିତାଧିକାରୀ ଅଂଶଧନ (Beneficiary share) ବାବଦକୁ ଏକକାଳୀନ **ଟ.୨୦,୦୦୦/-ଙ୍କା (ଟ.୧୦,୦୦୦/-ଙ୍କା ବି.ପି.ଏଲ ତାଲିକାଭୁକ୍ତ SC/ST ଚାଷୀଙ୍କପାଇଁ ଉଦ୍ଦିଷ୍ଟ )** ନିଜ ଜିଲ୍ଲାରେ ଅବସ୍ଥିତ **Union Bank of India ର ନିର୍ଦ୍ଧାରିତ ଶାଖା କାର୍ଯ୍ୟାଳୟରେ ତା. ୩୧.୧୦.୨୦୧୯ରିଖ ପର୍ଯ୍ୟନ୍ତ ପଇଠ କରିପାରିବେ ।** ଏହି ଯୋଜନାରେ ପର୍ଯ୍ୟାପ୍ତ ରିହାତି ବ୍ୟବସ୍ଥାଥିବାରୁ ଚାଷୀମାନେ ଏହାର ସୁଯୋଗ ନେବାକୁ ଆହ୍ବାନ କରାଯାଉଅଛି ।
ସମୁଦ୍ର ଉପକୂଳ ନିକଟସ୍ଥ ଲୁଣାଜଳ ଉପଲବ୍ଧ ଅଞ୍ଚଳରେ ଏ ପ୍ରକଳ୍ପ କାର୍ଯ୍ୟକାରୀ ହୋଇପାରିବ ନାହିଁ ।

| କ୍ରମିକ ସଂଖ୍ୟା | ଜିଲ୍ଲାର ନାମ | କାର୍ଯ୍ୟକାରୀ ହେବା ବ୍ଲକର ନାମ |
|---|---|---|
| ୧ | ବାଲେଶ୍ୱର | ସମସ୍ତ ବ୍ଲକ୍ |
| ୨ | କଟକ | ନିଆଳି , କଣ୍ଟାପଡା, କଟକସଦର , ସାଲେପୁର , ନିଶ୍ଚିନ୍ତକୋଇଲି ,ବାରଙ୍ଗ ଓ ମାହାଙ୍ଗା |
| ୩ | ଗଜପତି | କାଶୀନଗର, ଗୋସାଣି ଓ ଗୁମ୍ମା |
| ୪ | ଜଗତସିଂହପୁର | ଜଗତସିଂହପୁର, ବିରିଡି , ରଘୁନାଥପୁର, ବାଲିକୁଦା, ନାଉଗାଁ ଓ ତିର୍ତ୍ତୋଲ |
| ୫ | ଯାଜପୁର | କୋରେଇ, ଦାନଗଦି, ଧର୍ମଶାଳା, ଯାଜପୁର, ବରି, ବଡଚଣା, ରସୁଲପୁର ଓ ବିଞ୍ଝାରପୁର |
| ୬ | କେଉଁଝର | ଆନନ୍ଦପୁର, ହାଟଡ଼ିହି ଓ ଘଷିପୁରା। |
| ୭ | ଖୋର୍ଦ୍ଧା | ବାଲିଅନ୍ତା ଓ ବାଲିପାଟଣା |
| ୮ | ମୟୂରଭଞ୍ଜ | ବଡସାହି, ବାରିପଦା , ବେତନଟୀ , ଗୋପବନ୍ଧୁନଗର , ଖୁଣ୍ଟା, ମୋରଡା, ରାସଗୋବିନ୍ଦପୁର, ସାରସକଣା ,ଶୁଳିଆପଦା, ଉଦଳା, ଶାମାଖୁଣ୍ଟା ଓ କୁଳିଅଣା। |
| ୯ | ନୟାଗଡ଼ | ଖଣ୍ଡପଡା, ଓଡଗାଁ, ନୟାଗଡ ଓ ନୂଆଗାଁ |
| ୧୦ | ରାୟଗଡ଼ | ଗୁଣୁପୁର, ରାମନାଗୁଡା, ରାୟଗଡା, ଗୁଡାରି, ପଦ୍ମପୁର, କୋଲନରା ଓ କେ.ସିଂପୁର |
| ୧୧ | କେନ୍ଦ୍ରାପଡା | ଡେରାବିଶି ଓ ଗରଦପୁର |
| ୧୨ | ଗଞ୍ଜାମ | ସମସ୍ତ ବ୍ଲକ୍ |
| ୧୩ | ଭଦ୍ରକ | ଭଦ୍ରକ, ବନ୍ତ, ବାସୁଦେବପୁର, ଭଣ୍ଡାରିପୋଖରୀ, ତିହିଡି ଓ ଧାମନଗର |

ଏ ସମ୍ପର୍କିତ ଅନ୍ୟାନ୍ୟ ତଥ୍ୟ ଓ ନିୟମାବଳୀ ବିଷୟରେ ନିକଟସ୍ଥ ଉଠାଜଳସେଚନ ବିଭାଗ କାର୍ଯ୍ୟାଳୟରେ ଯୋଗାଯୋଗ କରିବାକୁ ଚାଷୀ ଭାଇମାନଙ୍କୁ ଅନୁରୋଧ କରାଯାଉଅଛି ।

**32135/11/0003/1920** ପରିଚାଳନା ନିର୍ଦ୍ଦେଶକ

## କପା ଚାଷ



କୋଡ଼ାଖୁସା କରି ହୁଡ଼ା ଟେକି ଦିଅନ୍ତୁ । ଫସଲ ୯୦ ଦିନ ପରେ କିମ୍ବା ୩ ଫୁଟ ଉଚ୍ଚ ହୋଇଥିଲେ ଅଗ ଛିଣ୍ଡାଇ ଦିଅନ୍ତୁ ।
– ଗଛ ୪୫ ଦିନର ହୋଇଯାଇଥିଲେ ସାଢ଼େ ଚାରି ଲିଟର ପାଣିରେ ୧ ମି.ଲି. ହିସାବରେ ପ୍ଲାନୋଫିକ୍ସ ସିଞ୍ଚନ କରନ୍ତୁ । ୧୫ ଦିନ ପରେ ପୁନର୍ବାର ପ୍ରତି ୪.୫ ଲିଟର ପାଣିରେ ୧ ମି.ଲି. ପ୍ଲାନୋଫିକ୍ସ ମିଶାଇ ସ୍ପ୍ରେ କରନ୍ତୁ ।
–ପତ୍ରଡିଆଁ ପୋକ ଅର୍ଭକ ଦେଖାଗଲେ ପ୍ରତି ଲିଟର ପାଣିରେ ୨ ମି.ଲି. ଡାଇମେଥୋଏଟ୍ କିମ୍ବା ୩ ଲିଟର ପାଣିରେ ୧ ମି.ଲି. ଇମିଡ଼ାକ୍ଲୋପ୍ରିଡ୍ କିମ୍ବା ୧ ଗ୍ରାମ୍ ଥାୟୋମେଥାକ୍ଜାମ୍ ମିଶାଇ ଶୁଖିଲା ପାଗ ଦେଖି ସିଞ୍ଚନ କରନ୍ତୁ ।

## ମାଛଚାଷ ସମ୍ପର୍କରେ...

ବର୍ଷାଦିନେ ପ୍ରାୟ ସବୁ ପୋଖରୀରେ ଯାଆଁଳ ଛଡ଼ାଯାଏ । ଜାତିଆ ମାଛ ଯାଆଁଳ ଉପଯୁକ୍ତ ସ୍ଥାନ ବା ଅନୁଷ୍ଠାନରୁ କିଣି ପୋଖରୀରେ ଛାଡ଼ନ୍ତୁ । ଯାଆଁଳ ଛାଡ଼ିବା ପରଠାରୁ ପୋଖରୀରେ ମାସିକ ହେକ୍ଟର ପିଛା ୨୫ କି.ଗ୍ରା. ଚୂନ ପାଣିରେ ଗୋଳାଇ ଥଣ୍ଡାକରି ପକାନ୍ତୁ । ଏହାଦ୍ୱାରା ପାଣିର ଗୁଣ ବଜାୟ ରହିବ । ଅତ୍ୟଧିକ ବର୍ଷା ଯୋଗୁ ପୋଖରୀର ପାଣି ଗୋଳିଆ ହେଲେ ଚୂନ ପକାଇବା ଦ୍ୱାରା ପାଣି ପରିଷ୍କାର ହୋଇଯାଏ । ଖାଦ୍ୟ ପାଇଁ ହେକ୍ଟର ପ୍ରତି ଦୈନିକ ୧ କି.ଗ୍ରା. ୭୫୦ ଗ୍ରାମ୍ କାଣ୍ଡିଆ କୁଣ୍ଡା ଓ ୧.୭୫୦ ଗ୍ରାମ୍ ଚିନାବାଦାମ ପିଡ଼ିଆର ମିଶ୍ରଣ ପୋଖରୀରେ ପକାନ୍ତୁ ।

*ଯାଆଁଳ ଛାଡ଼ିବାର ପରିମାଣ ଓ ଅନୁପାତ :* ସଘନ ମାଛ ପାଇଁ ଏକ ହେକ୍ଟର ବିଶିଷ୍ଟ ପୋଖରୀରେ ପ୍ରାୟ ୧୦,୦୦୦ ଗୋଟି ମିଶ୍ରିତ ଯାଆଁଳ (୨୧–୪୦ ମି.ମି.) କିମ୍ବା ୫୦୦୦ ଗୋଟି ମିଶ୍ରିତ ବଡ଼ ଯାଆଁଳ (୪୧–୬୦ ମି.ମି.) ଚଳିତ ମାସ ଆରମ୍ଭରୁ ଛାଡିଲେ ଭଲ । କେବଳ ତିନୋଟି ପ୍ରଜାତିର ମାଛ ଚାଷ କରିବାକୁ ଚାହୁଁଥିଲେ ଭାକୁର ୩୦ ଭାଗ, ରୋହି ୪୦ ଭାଗ ଏବଂ ମିରିକାଳି ୩୦ ଭାଗ ହିସାବରେ ହେକ୍ଟର ପିଛା ୩୦୦୦ଟି ଭାକୁର, ୪୦୦୦ଟି ରୋହି ଏବଂ ୩୦୦୦ଟି ମିରିକାଳି (୨୧ ରୁ ୪୦ ମି.ମି.) ଛାଡ଼ିବାକୁ ହେବ । ଚାରୋଟି ପ୍ରଜାତିର ମାଛ ଚାଷ ଲାଗି ଭାକୁର ୩୦ ଭାଗ, ରୋହି ୪୦ ଭାଗ, ମିରିକାଳି ୨୦ ଭାଗ ଏବଂ ବିଲାତି ରୋହି ୧୦ ଭାଗ ହିସାବରେ ହେକ୍ଟର ପିଛା ଭାକୁର ୩୦୦୦ଟି, ରୋହି ୪୦୦୦ଟି, ମିରିକାଳି ୨୦୦୦ଟି ଏବଂ ବିଲାତି ରୋହି ୧୦୦୦ଟି (୨୧–୪୦ ମି.ମି.) ଛାଡ଼ିବାକୁ ହେବ । ଛଅ ପ୍ରକାରର ମାଛ ଚାଷ ପାଇଁ ସାଧାରଣତଃ ଭାକୁର ୪୦%, ରୋହି ୩୦%, ମିରିକାଳି ୨୦%, ସିଲ୍ଭର କାର୍ପ ୧୦%, ଗ୍ରାସ୍‌କାର୍ପ ୧୦% ଓ ବିଲାତି ରୋହି ୧୦% ହିସାବରେ ଯାଆଁଳ ଛାଡ଼ିବାକୁ ହୋଇଥାଏ ।



# ଗହ୍ମାପର୍ବ ଓ ଗୋ-ପୂଜନ



ଡା. ବୀର କିଶୋର ପରିଡ଼ା

ଆମ ରାଜ୍ୟ ତଥା ଦେଶରେ ପାଳନ ହେଉଥିବା ବିଭିନ୍ନ ପର୍ବପର୍ବାଣି ମଧ୍ୟରେ ଗହ୍ମାପର୍ବ ଏକ ମହାନ୍ ପବିତ୍ର କୃଷିଭିତ୍ତିକ ପର୍ବ । ଶ୍ରାବଣ ମାସର ଶୁକ୍ଲପକ୍ଷ ପୂର୍ଣ୍ଣିମା ତିଥିରେ ଏହି ପର୍ବ ପାଳିତ ହୋଇଥାଏ । ଗହ୍ମାର ଅର୍ଥ ଗୋମାତା ଏବଂ ଗୋମାତାଙ୍କୁ ଏହି ଦିନ ପୂଜା କରାଯାଉଥିବାରୁ ଏହା ଗହ୍ମାପୂର୍ଣ୍ଣିମା ବୋଲି କୁହାଯାଏ । ଗହ୍ମାର ଅନ୍ୟ ଅର୍ଥ ହେଲା – ଗଭୀରମୁହାଁ ଲଙ୍ଗଳ ଯାହାକୁ ବଳଭଦ୍ର କୃଷିର ଉନ୍ନତି ପାଇଁ ବ୍ୟବହାର କରିଥିଲେ । ତେଣୁ କୃଷିର ଆଦ୍ୟ ଦେବତା ହେଉଛନ୍ତି ବଳରାମ । ଶ୍ରାବଣ ପୂର୍ଣ୍ଣିମା ଦିନ ଶ୍ରୀକୃଷ୍ଣଙ୍କ ଅଗ୍ରଜ ବଳଭଦ୍ରଙ୍କ ଜନ୍ମତିଥିକୁ କୃଷକର ପର୍ବ ଭାବେ ପାଳନ କରାଯାଏ । ଏହି ପୂର୍ଣ୍ଣିମାକୁ ଶ୍ରାବଣୀ ବା ସୌଭାଗ୍ୟ ପୂର୍ଣ୍ଣିମା ମଧ୍ୟ କୁହାଯାଏ । ଧରିତ୍ରୀ ଶସ୍ୟ ଶ୍ୟାମଳାରେ ଭରପୂର ହେବା ସହିତ ମାନବ ସମାଜ ବ୍ୟକ୍ତିଗତ ସ୍ତରରେ ଧନ, ଜନ, ଗୋପ, ଲକ୍ଷ୍ମୀ ଅର୍ଜନ କରିବାରେ ସୌଭାଗ୍ୟଲାଭ କରିଥାନ୍ତି ।

ଆନନ୍ଦ ଉଲ୍ଲାସରେ ଗହ୍ମାପର୍ବ ବା ଗହ୍ମାପୂନେଇଁ ସର୍ବତ୍ର ପାଳିତ ହୋଇଥାଏ । କୃଷକ ପରିବାର ପାଇଁ ଏହା ଏକ ମହାନ କୃଷିଭିତ୍ତିକ ପର୍ବ । ଏହି ପବିତ୍ର ଦିନ ଗୋମାତା ବିଶେଷକରି ବଳଦଙ୍କୁ ରଙ୍ଗିନ ବେଶରେ ସୁସଜ୍ଜିତ କରାଯାଇ 'ଗୋ–ଲକ୍ଷ୍ମୀ' ଭାବେ ପୂଜା କରାଯିବାର ବିଧି ରହିଆସିଛି । ସକଳ କୃଷିକାର୍ଯ୍ୟ ସମାପ୍ତ ପରେ ଏହିଦିନଠାରୁ ଗୋମାତା ତଥା ବଳଦଙ୍କୁ ବିଶ୍ରାମ ଦିଆଯାଇଥାଏ ।

ଗହ୍ମା ପୂର୍ଣ୍ଣିମାରେ ମଧ୍ୟ ଗୋ–ପୂର୍ଣ୍ଣିମା, ବଳଦ ପୂଜା ବା ବଳଦେବଙ୍କ ଜୟନ୍ତୀ ଭାବେ ପାଳନ କରାଯାଇଥାଏ । ଏହି ପର୍ବ ଅଗଷ୍ଟ ମାସରେ ପଡୁଥିବା ଶ୍ରାବଣ ପୂର୍ଣ୍ଣିମା ଦିନ ଗ୍ରାମାଞ୍ଚଳରେ ଧୁମ୍‌ଧାମ୍‌ରେ ପାଳନ କରାଯାଏ । ହିନ୍ଦୁ ପରମ୍ପରା ଅନୁସାରେ ମାନବ ଜାତିର ହିତରେ ସଦାସର୍ବଦା ଉପକାରରେ ଆସୁଥିବା ଉଭୟ ପ୍ରାଣୀ ଓ ଉଦ୍ଭିଦ ଜଗତକୁ ପୂଜା କରାଯାଏ । ଗୋମାତା ହେଉଛି ଆମର ମା' । ତେଣୁ ଗହ୍ମାପୂର୍ଣ୍ଣିମା କୃଷକ ଓ କୃଷି ବିଶେଷଜ୍ଞଙ୍କ ଏକ ସ୍ୱତନ୍ତ୍ର ଉତ୍ସବ ଭାବେ ଗୋମାତାଙ୍କୁ ପୂଜା କରାଯାଏ ।

କୃଷକଙ୍କର ପର୍ବ – ଆମ ଭାରତ ଭଳି ଦେଶରେ କୃଷକମାନଙ୍କ ମେରୁଦଣ୍ଡ ସଦୃଶ ହେଉଛି ବଳଦ । ବଳଦ କୃଷକ ପରିବାରର ସକଳ କୃଷିକାର୍ଯ୍ୟରେ ସାହାଯ୍ୟ କରୁଥିବାରୁ ବଳଦକୁ ଅତି ସମ୍ମାନର ସହିତ ପୂଜା କରାଯାଏ । ଗୋମାତା ବା ବଳଦ ସହିତ କୃଷିର ସ୍ରଷ୍ଟା ବଳଦେବଙ୍କୁ ପୂଜା କରିବାର ବିଧି ରହିଆସିଛି । ଏହି କାରଣରୁ ଏହି ପର୍ବର ଅନ୍ୟନାମ ବଳଦେବ ପୂଜା ବା ବଳଦେବ ଜୟନ୍ତୀ ।

ଏହି ପବିତ୍ରଦିନ ଗୁହାଳ ପରିଷ୍କାର ପରିଚ୍ଛନ୍ନ କରାଯିବା ସହିତ ଲିପାପୋଛା କରାଯାଏ । କୃଷକ ଗୁହାଳ କାନ୍ଥରେ ବଳଦ, ଲଙ୍ଗଳ, ମହି, କୋଡ଼ି, କୋଦାଳ, ବଳଦଗାଡ଼ି (ଶଗଡ଼) ଓ ଅନ୍ୟାନ୍ୟ କୃଷି ଯନ୍ତ୍ରପାତି ଆଦିର ଚିତ୍ର ଆଦି ଆଙ୍କିଥାନ୍ତି । କୃଷକମାନେ ସକାଳୁ ବଳଦକୁ ଗାଧୋଇ ଦେଇ ଫୁଲ, ଚନ୍ଦନ, ସିନ୍ଦୂର, ଅବିର ଆଦି ଲଗାଇ ସୁସଜ୍ଜିତ କରିଥାନ୍ତି । ଗୋରୁଙ୍କ ଶିଙ୍ଗରେ ତେଲ ମରାଯାଏ । ଏଥିସହିତ ବଳଦଙ୍କୁ ରାଖୀ ପିନ୍ଧା ଯାଇଥାଏ । ଗୃହକର୍ତ୍ତା ଗୁହାଳରେ ଗୋ–ପୂଜନ କରିଥାନ୍ତି, ଯେଉଁଥିରେ ବ୍ରାହ୍ମଣଙ୍କର ଆବଶ୍ୟକତା ନ ଥାଏ । ଘରେ ଘରେ ପିଠାପଣା, ଖିରି ଖେଚୁଡ଼ି ହୋଇଥାଏ । ଗୋମାତା ତଥା ବଳଦଙ୍କୁ ସୁମିଷ୍ଟ ବ୍ୟଞ୍ଜନ ଯଥା – ପିଠାପଣା, ଏଣ୍ଡୁରିପିଠା, ଘାସ ଆଦି ଖୁଆଇ ପ୍ରଭୁଙ୍କୁ ସୁମରଣା କରିଥାନ୍ତି ।

ଶ୍ରୀମନ୍ଦିରରେ ଗହ୍ମାପର୍ବ ପାଳନର ପରମ୍ପରା ରହିଆସିଛି । ମହାପ୍ରଭୁ ବଳଭଦ୍ରଙ୍କ ଜନ୍ମୋତ୍ସବ ଓ ରାଖୀ ଲାଗି ଅନୁଷ୍ଠିତ ହୁଏ । ତୁଳସୀ କ୍ଷେତ୍ର କେନ୍ଦ୍ରାପଡ଼ାର ଶ୍ରୀବଳଦେବଜୀଉଙ୍କ ମନ୍ଦିରରେ ଶ୍ରାବଣ ମାସର ପୂର୍ଣ୍ଣିମା ଦିନ ପ୍ରଭୁ ଶ୍ରୀବଳଭଦ୍ରଦେବଙ୍କ ଜନ୍ମୋତ୍ସବ ଅନୁଷ୍ଠିତ ହୋଇଆସୁଛି ।

ଜନସଂଖ୍ୟା ବୃଦ୍ଧି ଓ ପ୍ରାଣୀଜ ପୁଷ୍ଟିକର ଖାଦ୍ୟର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଗୋସମ୍ପଦର ସୁରକ୍ଷା ସହିତ ଉତ୍ପାଦନ ଓ ଉତ୍ପାଦିକତା ଶକ୍ତିର ଅଭିବୃଦ୍ଧି ନିମନ୍ତେ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି । ରାଜ୍ୟର ଅପହଞ୍ଚ ଅଞ୍ଚଳରେ ପ୍ରାଣୀଙ୍କୁ ସ୍ୱାସ୍ଥ୍ୟସେବା ଉପଲବ୍ଧି ପାଇଁ ଭ୍ରାମ୍ୟମାଣ ପ୍ରାଣୀଚିକିତ୍ସା ସେବା ୩୧୪ଟି ବ୍ଲକରେ କାର୍ଯ୍ୟକ୍ଷମ ହୋଇଅଛି । ବର୍ତ୍ତମାନ ଆମ ରାଜ୍ୟରେ ବିଭିନ୍ନ ସଂକ୍ରାମକ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଗୋମହିଷାଦିଙ୍କ ସୁରକ୍ଷା ନିମନ୍ତେ ଆରମ୍ଭ କରାଯାଇଛି । ତନ୍ମଧ୍ୟରେ ଫାଟୁଆ ରୋଗ, ଆନ୍ଥ୍ରାକ୍ସ, ବ୍ରୁସେଲୋସିସ୍ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଆଦି ପ୍ରଧାନ । ଚଳିତବର୍ଷ କେନ୍ଦ୍ର ସରକାର ଉଭୟ କୃଷି ଓ ପ୍ରାଣୀ ସଂପଦର ବିକାଶକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ କୃଷିଠାରୁ ପ୍ରାଣୀପାଳନ ବିଭାଗ ଅଲଗା କରି କୃଷକମାନଙ୍କ ଉନ୍ନତି ପାଇଁ ଏକ ସ୍ୱତନ୍ତ୍ର ବ୍ୟବସ୍ଥା କରିଛନ୍ତି । ଏଥିସହିତ ଆମ ରାଜ୍ୟ ତଥା ଦେଶରେ ଗୋ–ମହିଷାଦିଙ୍କ ଫାଟୁଆରୋଗ ଓ ଛେଳି ମେଣ୍ଢାଙ୍କ ପିପିଆର ରୋଗ ନିୟନ୍ତ୍ରଣ ପାଇଁ କେନ୍ଦ୍ର କ୍ୟାବିନେଟ୍‌ରେ ଉକ୍ତ ରୋଗ ବିରୋଧରେ ଟିକାକରଣ ନିମନ୍ତେ ବ୍ୟବହାରିକ ମୂଲ୍ୟ ସମ୍ପୂର୍ଣ୍ଣ ଛାଡ଼ ଲାଗି ନିଷ୍ପତ୍ତି ନେଇଛନ୍ତି । ସେହିଭଳି ଜାତୀୟ ପ୍ରାଣୀଧନ ମିଶନ ଅଧୀନରେ ପ୍ରାଣୀଧନ ବୀମା ଯୋଜନାରେ ଗାଈ, ମଇଁଷି ଓ ବଳଦ ଆଦି ପ୍ରାଣୀଙ୍କୁ ବୀମାକରଣ କରାଯାଉଛି ଏବଂ ବିପଦଆପଦ ସମୟରେ ଏମାନଙ୍କର ଆକସ୍ମିକ ମୃତ୍ୟୁ ଘଟିଲେ, ସେ ବାବଦରେ କ୍ଷତିପୂରଣ ଗୋ–ପାଳକମାନଙ୍କୁ ପ୍ରଦାନ କରାଯାଉଛି । ଆମ ରାଜ୍ୟରେ ଗୋ–ମହିଷାଦି ସଂରକ୍ଷଣ ଓ ବିକାଶ ନିମନ୍ତେ ରାଜ୍ୟ ଗୋମହିଷାଦି ନୀତି –୨୦୧୫ ପ୍ରଣୟନ କରାଯାଇଛି ।

ଗୋସମ୍ପଦର ସବୁଜ ଘାସ ବା ଖାଦ୍ୟର ଚାହିଦା ମେଣ୍ଟାଇବା ପାଇଁ ଅତିରିକ୍ତ ତୃଣ ଉନ୍ନୟନ ଯୋଜନାରେ ବ୍ୟାପକ ସବୁଦିନିଆ ଘାସ ଚାଷ ସହିତ ଋତୁକାଳୀନ ଘାସଚାଷ ନିମନ୍ତେ ଘାସମୂଳ, କାଣ୍ଡ, ଘାସ ମଞ୍ଜି ଆଦି ଚାଷୀ ତଥା ଗୋପାଳକମାନଙ୍କୁ ଯୋଗାଇ ଦିଆଯାଇଛି । ସେହିଭଳି ପ୍ରତିବର୍ଷ ଖରିଫ ଓ ରବି ମିନିକିଟ୍ କାର୍ଯ୍ୟକ୍ରମ ମାଧ୍ୟମରେ ଘାସ ମଞ୍ଜି ବିହନ ଯୋଗାଇ ଦିଆଯାଉଛି । ଆମ ରାଜ୍ୟର କେବିକେ ଉପାନ୍ତ ଜିଲାଗୁଡ଼ିକରେ ବାଏଫ୍ ମାଧ୍ୟମରେ ଗୋ–ବିକାଶ କେନ୍ଦ୍ର ସ୍ଥାପନ କରାଯାଇ କୃତ୍ରିମ ପ୍ରଜନନ କାର୍ଯ୍ୟକ୍ରମକୁ ବ୍ୟାପକ କରାଯିବା ସହିତ ଛେଳି ବିକାଶ ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି । ୨୦୧୮–୧୯ ବର୍ଷଠାରୁ ଆମ ରାଜ୍ୟରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଆରମ୍ଭ ହୋଇଛି । ଏହି ଯୋଜନା ଆପିକଲ ସହାୟତାରେ କାର୍ଯ୍ୟକାରୀ କରାଯାଉଛି । ରାଜ୍ୟରେ ବ୍ୟାପକ କୃଷିଭିତ୍ତିକ ଉଦ୍ୟୋଗ ସ୍ଥାପନ ନିମନ୍ତେ ଉପଲବ୍ଧ ରିହାତି ପ୍ରଦାନ ପାଇଁ ଏକ ସରଳ, ସ୍ୱଚ୍ଛ, ସମୟାନୁମୋଦିତ ତଥା ସମ୍ପୂର୍ଣ୍ଣ ଅନଲାଇନ୍ ପ୍ରକ୍ରିୟା ବ୍ୟବସ୍ଥା କରାଯାଇଛି । ଏହି ନୂତନ ଯୋଜନାରେ ରାଜ୍ୟ ସରକାର ସାଧାରଣ ବର୍ଗର ପୁରୁଷ ଉଦ୍ୟୋଗୀମାନଙ୍କ ନିମନ୍ତେ ଜମି ମୂଲ୍ୟକୁ ଛାଡ଼ି ସ୍ଥାୟୀ ପୁଞ୍ଜିର ୪୦ ପ୍ରତିଶତ ଏବଂ ଅନୁସୂଚିତ ଜାତି/ଜନଜାତି/ମହିଳା ତଥା କୃଷି ଓ ଆନୁଷଙ୍ଗିକ ବିଷୟରେ ସ୍ନାତକମାନଙ୍କ ପାଇଁ ୫୦ ପ୍ରତିଶତ ବା ସର୍ବାଧିକ ୫୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସବ୍‌ସିଡି ବା ରିହାତି ବ୍ୟବସ୍ଥା କରିଛନ୍ତି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଛୋଟ ଛୋଟ ଉଦ୍ୟୋଗ ପ୍ରତିଷ୍ଠା ଉପରେ ବିଶେଷ ଧ୍ୟାନ ଦିଆଯାଇଛି । ଏହି ସ୍ଥାୟୀ ପୁଞ୍ଜି ନିବେଶ ରିହାତିଯୋଗ୍ୟ କୃଷି ଉଦ୍ୟୋଗ ତାଲିକାରେ କୃଷି ଓ ଆନୁଷଙ୍ଗିକ କୃଷି ଯଥା – ପ୍ରାଣୀପାଳନ, ମତ୍ସ୍ୟଚାଷ ଓ ଉଦ୍ୟାନକୃଷି ଉପରେ ୬୨ଟି କୃଷି ଉଦ୍ୟୋଗ ପ୍ରକଳ୍ପ ଅନ୍ତର୍ଭୁକ୍ତ କରାଯାଇଛି ।





ଏହି ପବିତ୍ର ଗହ୍ମାପୂର୍ଣ୍ଣିମା ଉତ୍ସବ ପାଳନ ଅବସରରେ ଆମ ରାଜ୍ୟର ସମସ୍ତ କୃଷକ ତଥା ଗୋପାଳକ ଭଉଣୀ ଭାଇମାନଙ୍କୁ ଆନ୍ତରିକ ଶୁଭେଚ୍ଛା ସହ ସୁଖ ସମୃଦ୍ଧି କାମନା କରୁଛି ।

*–ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ (ରୋଗ ନିୟନ୍ତ୍ରଣ), କଳାହାଣ୍ଡି, ମୋ : ୯୪୩୭୬୦୭୩୧୨*

## ସଫଳ ସୂର୍ଯ୍ୟମୁଖୀ ଚାଷ



(ଦ୍ୱିତୀୟ ଭାଗ)

ଜଳସେଚିତ ଫସଲରେ ସୂର୍ଯ୍ୟମୁଖୀର ଉନ୍ନତ କିସମ ସକାଶେ ଏକର ପ୍ରତି ୨୪:୨୪:୧୬ ଏନ୍:ପି:କେ: ଦରକାର ହୁଏ । ଏହି୨୪:୨୪:୧୬ କି.ଗ୍ରା. ପୋଷକ ପାଇବାକୁ ହେଲେ ଡି.ଏ.ପି. ୫୨ କି.ଗ୍ରା. + ୟୁରିଆ ୩୨ କି.ଗ୍ରା. + ପଟାସ୍ ସାର ୨୭ କି.ଗ୍ରା. ଦିଆଯାଏ ।

ସଙ୍କର ସୂର୍ଯ୍ୟମୁଖୀ ଚାଷ ପାଇଁ ଏକର ପ୍ରତି ୩୨:୩୬:୨୪ କି.ଗ୍ରା. ଏନ୍:ପି:କେ: ପ୍ରୟୋଗ କରିବା ଦରକାର । ଏହି ୩୨:୩୬:୨୪ କି.ଗ୍ରା. ପାଇବା ନିମନ୍ତେ ଡି.ଏ.ପି. ୭୮ କି.ଗ୍ରା. + ୟୁରିଆ ୩୯ କି.ଗ୍ରା. + ପଟାସ ସାର ୪୦ କି.ଗ୍ରା. ପ୍ରୟୋଗ କରାଯାଏ ।

ଏଥିସହ ମାଗ୍ନେସିୟମ୍, ସଲ୍‌ଫେଟ୍ ଓ ଟାଙ୍ଗଣାର ସିଞ୍ଚନ କରାଗଲେ ଦାନା ହୃଷ୍ଟପୁଷ୍ଟ ହେବା ସହିତ ଅଧିକ ଅମଳ ମିଳିଥାଏ । ଏକର ପ୍ରତି ୮–୧୦ କି.ଗ୍ରା. ଗନ୍ଧକ ଓ ୮୦୦ ଗ୍ରାମ୍ ବୋରନ୍ ଅଣୁସାର ପ୍ରୟୋଗ କଲେ ଭଲ । ଏହି ଫସଲରେ ଭଲ ଦାନା ଧରିବା ପାଇଁ ଅଧିକ ଫସ୍‌ଫରସ୍ ପ୍ରୟୋଗ କରିବା ଦରକାର । ବିହନ ବୁଣିବା ସମୟରେ ସମୁଦାୟ ଫସ୍‌ଫରସ୍, ପଟାସ୍ ଓ ଅଧା ପରିମାଣର ଯବକ୍ଷାରଜାନ ସାରକୁ ଧାଡ଼ିରେ ବୁଣି ମାଟିରେ ମିଶାଇ ତା'ପରେ ବିହନ ବୁଣାଯାଏ । ବାକି ଯବକ୍ଷାରଜାନରୁ ଅଧାକରି ଫସଲର ୩ୟ ସପ୍ତାହ ଏବଂ ୬ଷ୍ଠ ସପ୍ତାହ ବେଳେ ଦେବାକୁ ହୁଏ ।

**ରୋଗପୋକ ପରିଚାଳନା:** ଏହା ମରୁଡ଼ି ସହନଶୀଳ । ରବିଋତୁ ଓ ଖରାଦିନେ ଚାଷ କରାଯାଉଥିବା ସୂର୍ଯ୍ୟମୁଖୀ ପାଇଁ ଜଳସେଚନ ନିହାତି ଦରକାର । ଉପଯୁକ୍ତ ଜଳସେଚନ କରାଗଲେ ଭଲ ଅମଳ ଆସିଥାଏ । ମଟାଳ ମାଟିରେ ପ୍ରତି ୨ ସପ୍ତାହ ଅନ୍ତରରେ ୩–୪ ଥର ଓ ବାଲିଆ ମାଟିରେ ସପ୍ତାହ ଅନ୍ତରରେ ୬–୭ ଥର ପାଣି ମଡ଼ାଇବାକୁ ହୁଏ । ଜଳସେଚନର ସଙ୍କଟ କାଳ ହେଲା– ଗଜାହେବା, କଢ଼ି ଅବସ୍ଥା (ଗଛ ଉଠିବାର ୩୦ରୁ ୪୦ ଦିନ ମଧ୍ୟରେ), ଫୁଲ ଫୁଟିବା ଅବସ୍ଥା (ଗଛ ଉଠିବାର ୪୫ରୁ ୬୫ ଦିନ ମଧ୍ୟରେ) ଓ ଦାନା ପୂରଣ ଅବସ୍ଥା (ଗଛ ଉଠିବାର ୫୫ରୁ ୯୦ ଦିନ ମଧ୍ୟରେ) । ୭–୮ ସପ୍ତାହ ବେଳକୁ ଫୁଲ ଫୁଟି ଥାଏ ।

ବିହନ ବୁଣିବାର ୨ ସପ୍ତାହ ବେଳକୁ ଥରେ ଓ ୪ ସପ୍ତାହ ବେଳକୁ ଆଉଥରେ କୋଡ଼ାଖୁସା କରି ଗଛମୂଳକୁ ମାଟି ଟେକି ଦେବା ଆବଶ୍ୟକ । ମଞ୍ଜି ବୁଣିବାର ଦେଢ଼ମାସ ପର୍ଯ୍ୟନ୍ତ ଜମିରୁ ଘାସଲତା ଦମନ କରାଯାଇପାରେ । ଏକର ପ୍ରତି ତୃଣନାଶକ ବୁଣିବାର ୩ ଦିନ ମଧ୍ୟରେ ପେଣ୍ଡିମେଥାଲିନ ୩୦% ଇ.ସି.ର ୯୦୦ ମି.ଲି. କିମ୍ବା ବୁଣିବାର ୧୫ ଦିନ ବେଳକୁ କୁଇଜାଲୋଫପ୍ ଇଥାଇଲି ୫% ଇ.ସି. ୪୦୦ ମି.ଲି. ଜମି ଓଦା ଥିବା ସମୟରେ ୨୦୦ ଲିଟର ପାଣିରେ ମିଶାଇ ଦ୍ରବଣକୁ ସିଞ୍ଚନ କରାଯାଏ ।

ମିଶ୍ରିତ ଫସଲ ରୂପେ ସୂର୍ଯ୍ୟମୁଖୀ+ ହରଡ଼/ଚିନାବାଦାମ / ମୁଗ/ବିରି ଚାଷ କରାଯାଏ ।

ସଙ୍କର ଜାତୀୟ କିସମଗୁଡ଼ିକ ସ୍ୱପରାଗସଙ୍ଗୀ । ତେଣୁ ସେଥିରେ ପରାଗସଙ୍ଗମ ହେବାରେ ଅସୁବିଧା ନାହିଁ । ତଥାପି ଫୁଲ ଫୁଟିବାର ୬ରୁ ୮ ଦିନ ପର୍ଯ୍ୟନ୍ତ ମସୃଣ କପଡ଼ା ହାତରେ ଧରି ସୂର୍ଯ୍ୟମୁଖୀ ଫୁଲ ଉପରେ ଚଳାଇଲେ ଭଲ ପରାଗସଙ୍ଗମ ହୋଇ ଅମଳ ବଢ଼େ । କ୍ଷେତ ପାଖରେ ମହୁମାଛି ବାକ୍ସ ରଖାଯାଏ । ଚାଷ ସମୟରେ ମହୁମାଛି ପାଳନ ବିଶେଷ ଉପକାରୀ । ଏକର ପ୍ରତି ୨ଟି ମହୁବସା ରଖାଗଲେ ପରାଗସଙ୍ଗମ ସହଜରେ ହୋଇଥାଏ ଏବଂ ଦାନା ଗଠନ ସହ ଅମଳ ଆଶାନୁରୂପ ମିଳିଥାଏ । ଏଥିରୁ ମହୁ ମିଳିବା ସହିତ ମହୁମାଛି ପରାଗ ସଙ୍ଗମରେ ସାହାଯ୍ୟ କରନ୍ତି । ଗବେଷଣା ଓ ଚାଷରୁ ଜଣାଯାଇଛି ଯେ ଏତଦ୍ୱାରା ମଞ୍ଜି ଅମଳ ୩୩% ଓ ତୈଳାଂଶ ୩% ବଢ଼ିଥାଏ । ସକାଳ ସମୟରେ କୌଣସି କୀଟନାଶକ ଫସଲରେ ପ୍ରୟୋଗ କରାଯାଏ ନାହିଁ । ସମନ୍ୱିତ ରୋଗପୋକ ପରିଚାଳନା ବ୍ୟବସ୍ଥା ଗହଣ କରିବା ଜରୁରୀ ।

ଚାଷ ପ୍ରଣାଳୀ ଭାବେ (୧) ଖରାଟିଆ ଗଭୀର ଚାଷ ; (୨) ସୂର୍ଯ୍ୟମୁଖୀ ଫସଲର ଚାରିପାଖରେ ମକା, ବାଜରା, ଜୋଆର ଆଦି ଫସଲ ଚାଷ ; (୩) ଜମିରେ ଥିବା ଗଞ୍ଜେଇ ଘାସକୁ ସଫା କରିବା ; (୪) ଏକର ପ୍ରତି ୩–୪ଟି ଫେରୋମୋନ୍ ଯନ୍ତା ବସାଇବା ଏବଂ (୫) ପକ୍ଷୀମାନଙ୍କର ଚଳାଚଳ କମ୍ କରିବା ପାଇଁ ପ୍ରତିଫଳନ ଫିତା ଲଗାଯିବା ଆବଶ୍ୟକ ।

–ସୂର୍ଯ୍ୟମୁଖୀ ଫସଲରେ ପ୍ରାୟତଃ ଉଇ, କର୍ତ୍ତକ କୀଟ, ଜଉ, ବିହାରୀ ସମ୍ବାଳୁଆ, ଧଳାମାଛି, ସେମିଲୁପର୍ ପତ୍ରଉକୁଣା, ଜଉପୋକ, ସବୁଜ ଘୋଡ଼ା ପୋକ, ଧୂଆଁପତ୍ର ଗୋଟି ପୋକ, କାଣ୍ଡବିନ୍ଧା, କଢ଼ି/ଫୁଲବିନ୍ଧା ପୋକ, ଧୂଆଁପତ୍ର ଗୋଟିପୋକ, ମଞ୍ଜିକଣା ପୋକ, ଦୁଧିଆ ଘାସ ବଗ୍ ଇତ୍ୟାଦି ଦେଖାଯାଏ ।

–ଜୈବିକ ପ୍ରଣାଳୀରେ ଧୂଆଁପତ୍ର ଗୋଟିପୋକ ଲାଗି ଏକର ପ୍ରତି ୧୦୦ ଏଲଇର ଏସଏଲଏନପିଭି ଓ ଫୁଲବିନ୍ଧା ପୋକ ନିରାକରଣ ପାଇଁ ୧୦୦ ଏଲଇର ଏଚଏନପିଭି ପ୍ରୟୋଗ, ବିଭିନ୍ନ ପୋକର ଲାର୍ଭା ନିୟନ୍ତ୍ରଣ ନିୟନ୍ତ୍ରଣ ଲାଗି ଏକର ପ୍ରତି ୮୦୦ ଗ୍ରାମ ବିଟି ପ୍ରୟୋଗ ଓ ଶୋଷକ ପୋକ ନିରାକରଣ ସକାଶେ ୫ ଶତାଂଶ ନିମ୍ବ ମଞ୍ଜି ଉର୍ଦ୍ଧୃତାଂଶ ପ୍ରୟୋଗ କରାଯାଏ ।

–ସ୍ଥଳ ବିଶେଷରେ ରାସାନାୟକି ଉପାୟରେ ବିହାରୀ ସମ୍ବାଳୁଆ, ଉଇ, ସେମିଲୁପର୍, ଧୂଆଁପତ୍ର ଗୋଟିପୋକ, କର୍ତ୍ତକ କୀଟ, ଦୁଧିଆ ଘାସ ବଗ୍ ନିୟନ୍ତ୍ରଣ ପାଇଁ କୁଇନାଲ୍‌ଫସ୍ ବା ପ୍ରୋଫେନ୍‌ଫସ୍ ୫୦% ଇସିର ୨୦ ମିଲି/କ୍ଲୋରୋପାଇରିଫସ୍ ୨୦% ଇସିର ୪୦ମିଲି ; ପତ୍ରଡିଆଁ/ସବୁଜ ଘୋଡ଼ା ପୋକ, ପତ୍ରଉକୁଣା/ଫୁଲବିନ୍ଧା ପୋକ ନିୟନ୍ତ୍ରଣ ସକାଶେ ଫ୍ଲୁବେଣ୍ଡିଆମାଇଡ ୩୯.୩୫% ଏସ୍‌ସି ୨.୫ମି.ଲି ୧୦ଲିଟର ପ୍ରତି ପ୍ରୟୋଗ କରି ପୋକ ନିୟନ୍ତ୍ରଣ କରାଯାଏ ।

**ଅମଳ:** ଫୁଲ ପାଖୁଡ଼ା ପାଖୁଡ଼ା ମଳିନ ପଡ଼ି ଝଡ଼ିଗଲେ, ତଳ ପତ୍ର ଶୁଖି ଝଡ଼ି ଆସିଲେ ଓ ଫୁଲର ପଛ ପଟ ହାଲୁକା ହଳଦିଆ ପଡ଼ିଆସିଲେ ଫୁଲଗୁଡ଼ିକୁ କାଟି ଅମଳ କରାଯାଏ । ସେ ସମୟରେ ମଞ୍ଜିରେ ୨୦% ଆର୍ଦ୍ରତା ଥାଏ । ୩–୪ଦିନ ଖରାରେ ଶୁଖାଇ ମଞ୍ଜି ବାହାର କରାଯାଏ । ୮–୧୦ ଶତାଂଶ ଜଳୀୟ ଅଂଶ ଥିବା ଅବସ୍ଥାରେ ଭଲଭାବେ ପରିଷ୍କାର କରି ମଞ୍ଜିକୁ ସାଇତି ରଖାଯାଏ । ଅଣଜଳସେଚିତ ଫସଲରୁ ଏକର ପ୍ରତି ୪–୫ କୁଇଣ୍ଟାଲ ମଞ୍ଜି ଓ ଜଳସେଚିତ ତଥା ସଙ୍କର ଫସଲରୁ ୭–୧୨ କୁଇଣ୍ଟାଲ ଯାଏ ମଞ୍ଜି ଅମଳ ମିଳିଥାଏ ।

– ପରେଶ କୁମାର ପଣ୍ଡା
ସହକାରୀ କୃଷି ଅଧିକାରୀ, ଭୁବନେଶ୍ୱର,
ମୋ: ୭୨୦୫୦୯୬୦୮୦

## ବନ୍ୟା ସମୟରେ ....

ଏବେ ରାଜ୍ୟର କେତେକ ସ୍ଥାନରେ ବନ୍ୟା ଦେଖାଦେଇଛି । ପୁଣି ଲଘୁଚାପ ଜନିତ ବର୍ଷାଯୋଗୁ ଆହୁରି ଅଧିକାଂଶ ସ୍ଥାନରେ ବନ୍ୟା ହେବାର ଆଶଙ୍କା ସୃଷ୍ଟି ହୋଇଛି । ତେବେ ଏହି ସମୟରେ ପ୍ରାଣୀଙ୍କ ଯତ୍ନ କିପରି ନେବେ ସେ ସମ୍ପର୍କରେ କେତୋଟି ଜାଣିବା କଥା...

–ବନ୍ୟା ଘେରରେ ଥିବା ପ୍ରାଣୀଙ୍କୁ ତୁରନ୍ତ ସ୍ଥାନାନ୍ତରିତ କରନ୍ତୁ । ଗୋରୁଙ୍କୁ ବାହାରକୁ ନ ଛାଡି ଗୁହାଳରେ ବାନ୍ଧି ରଖନ୍ତୁ । ଗୁହାଳରୁ ପାଣି ସଫା କରି ବିଶୋଧକ ଦ୍ରବ୍ୟ ଯଥା ବ୍ଲିଚିଂ ପାଉଡର, ଚୂନ ପାଉଡର, ଫିନାଇଲ୍, ପଟାସିୟମ୍ ପରମାଙ୍ଗାନେଟ୍ ଲବଣ ଆଦିରେ ଭଲ ଭାବେ ଧୋଇ ଦିଅନ୍ତୁ । ଧୋଇ ସାରିବା ପରେ ଯଦି ଚଟାଣ ଓଦା ଥାଏ, ତେବେ ପାଉଁଶ, ବାଲି, କରତଗୁଣ୍ଡ ପକାନ୍ତୁ । ବର୍ଷାରେ ଗୋରୁଙ୍କୁ ଓଦା କରାନ୍ତୁ ନାହିଁ । ବର୍ଷାପାଣି ଛିଟାରୁ ପ୍ରାଣୀଙ୍କୁ ଦୂରେଇ ରଖିବା ପାଇଁ ଗୁହାଳ ଘରଟିରେ ଖାଲି ଥିବା ଜାଗାଗୁଡିକୁ ଶୁଖିଲା ଅଖା ବା ମୋଟା ପଲିଥିନ୍ ଘୋଡାଇ ରଖନ୍ତୁ । ପାଣି ଜମି ରହିଥିବାରୁ ମଶା, ମାଛି, ଡାଆଁଶ ତଥା ଅଣୁଜୀବଙ୍କ ବଂଶବୃଦ୍ଧି ଘଟିଥାଏ । ଏହି ଅଣୁଜୀବ ଯଥା ଜୀବାଣୁ, ଭୁତାଣୁ, କବକ ଓ ଅନ୍ୟାନ୍ୟ ପରଜୀବୀମାନେ ଗୋ ସମ୍ପଦରେ ରୋଗର କାରକ ଓ ବାହକ ହିସାବରେ କାମ କରିଥାନ୍ତି । ତେଣୁ ପାଣି ଜମି ରହିଥିବା ସ୍ଥାନରେ ବିଶୋଧକ ଦ୍ରବ୍ୟ ପକାଇବା ସହ ଜମି ରହିଥିବା ପାଣିକୁ ନିଷ୍କାସନ କରନ୍ତୁ । ବନ୍ୟା ସମୟରେ ମୁଖ୍ୟତଃ ପିଇବା ପାଣି ଓ ଖାଦ୍ୟର ସୁପରିଚାଳନା କରିବା ଜରୁରୀ । କାରଣ ଏହି ଦୁଇଟି ମାଧ୍ୟମରେ ରୋଗ ବ୍ୟାପିବାର ଅଧିକ ଆଶଙ୍କା ଥାଏ । ପାଣି ପିଇବାକୁ ଦେବା ପୂର୍ବରୁ ଉଭୟ ପାଣି ଓ ପାଣି ପାତ୍ରକୁ ବିଶୋଧିତ କରନ୍ତୁ । ପାଣିର ବିଶୋଧିକରଣ ପାଇଁ ବିଭିନ୍ନ ରାସାୟନିକ ପଦାର୍ଥ ଯଥା ବ୍ଲିଚିଂ ପାଉଡର, ଚୂନ ପାଉଡର,କ୍ଲୋରିନ୍ ବଟିକା, ଫିଟିକିରି ପାଉଡର ବ୍ୟବହାର କରନ୍ତୁ । ସାଧାରଣତଃ ବନ୍ୟା ପୂର୍ବରୁ ରଖିଥିବା ଶୁଖିଲା ଖାଦ୍ୟ, ଘାସ, ନଡା, ପରିବା ଚୋପା ଆଦି ବନ୍ୟା ସମୟରେ ଖାଇବାକୁ ଦିଆଯାଇଥିଲେ ବର୍ଷା ପାଣି ଯୋଗୁ ସାଇତି ରଖିଥିବା ଖାଦ୍ୟପଦାର୍ଥରେ ଫିମ୍ପି ଲାଗି ଯାଇଥିଲେ ତାହା ଖାଇବାକୁ ଦିଅନ୍ତୁ ନାହିଁ । ଏହା ଖାଇବା ଫଳରେ ତରଳ ଝାଡା ହୋଇଯାଏ । ଘାସକୁ କାଟି ଛୋଟ ଛୋଟ କରି କାଟି ଖାଇବାକୁ ଦିଅନ୍ତୁ । ଓଦା ବା ଫିମ୍ପି ହୋଇଯାଇଥିବା ବାସି ବା ରନ୍ଧା ଖାଦ୍ୟ ଖାଇବାକୁ ଦିଅନ୍ତୁ ନାହିଁ । ବନ୍ୟା ସମୟରେ ପ୍ରାଣୀଙ୍କର ରୋଗ ପ୍ରତିରୋଧକ ଶକ୍ତି କମି ଯିବା ଫଳରେ ବିଭିନ୍ନ ରୋଗ ଯଥା ସାହାଣା, ବଜବଜିଆ, ଅଢେଇ ଦିନିଆ ଜ୍ୱର, ଫାଟୁଆ, ଗୋମଡକ, ଥନହରା, କାଶ, ଗଳାଫୁଲା ଆଦି ଦେଖାଯାଇଥାଏ । ଏହାର ନିୟନ୍ତ୍ରଣ ପାଇଁ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ଅନୁଯାୟୀ ବ୍ୟବସ୍ଥା କରନ୍ତୁ ।







“ ଜଙ୍ଗଲୀ ଗେମ୍ସ ଶୁଭାରମ୍ଭ ହେବାର ୭ ବର୍ଷ ପରେ ଚଳିତବର୍ଷ ୧୦୦ ପ୍ରତିଶତ ବାର୍ଷିକ ଅଭିବୃଦ୍ଧି ହାସଲ କରିଛି। ୨୦୨୦ ମାର୍ଚ୍ଚ ସୁଦ୍ଧା କମ୍ପାନୀର ଗ୍ରାହକ ସଂଖ୍ୟା ୫୦ ମିଲିୟନରେ ପହଞ୍ଚିଯିବ ବୋଲି ଆଶା।

– ଅଙ୍କୁଶ ଗିରା, ଜଙ୍ଗଲୀ ଗେମ୍ସ ପ୍ରତିଷ୍ଠାତା ସିଇଓ



“ ଇନ୍‌ଫୋ ଏଜ୍‌ର ପ୍ରଥମ ତ୍ରୈମାସିକ ଫଳାଫଳ ଆଶାଜନକ ବୃଦ୍ଧି ପାଇଛି। କମ୍ପାନୀ ନିକଟରେ ରହିଥିବା ବଳକା ନଗଦକୁ ଏହା ପ୍ରଯୁକ୍ତି ଆଧୁନିକୀକରଣରେ ବିନିଯୋଗ କରିବ।

– ଚିନ୍ତନ ଥକ୍କର, ଇନ୍‌ଫୋ ଏଜ୍ ସିଏଫଓ

## ସଂକ୍ଷେପରେ

### ୬ ମାସ ପରେ ମୁଦ୍ରାସ୍ଫୀତି ସାମାନ୍ୟ ହ୍ରାସ

**ନୂଆଦିଲ୍ଲୀ,୧୩-୮:** ଜୁଲାଇରେ କଞ୍ଜ୍ୟୁମର ପ୍ରାଇସ୍ ଇଣ୍ଡେକ୍ସ(ସିପିଆଇ) ଅର୍ଥାତ୍ ଖୁଚୁରା ମୁଦ୍ରାସ୍ଫୀତି ଗତ ୬ ମାସ ପରେ ସାମାନ୍ୟ ହ୍ରାସ ପାଇଛି। ମଙ୍ଗଳବାର ପ୍ରକାଶିତ ତଥ୍ୟ ଅନୁଯାୟୀ ଜୁଲାଇରେ ଖୁଚୁରା ମୁଦ୍ରାସ୍ଫୀତି ୩.୧୫%କୁ କମିଛି, ଯାହା କି ଜୁନ୍‌ରେ ୩.୧୮ ପ୍ରତିଶତ ରହିଥିଲା। ସେଣ୍ଟ୍ରାଲ ଷ୍ଟାଟିଷ୍ଟିକ୍ସ ଅଫିସ୍(ସିଏସ୍‌ଓ) ପକ୍ଷରୁ ଜାରି ତଥ୍ୟ ଅନୁଯାୟୀ, ଖାଦ୍ୟ ସାମଗ୍ରୀର ମୂଲ୍ୟବୃଦ୍ଧି ସତ୍ତ୍ୱେ ମୁଦ୍ରାସ୍ଫୀତି ହ୍ରାସ ପାଇଛି। ଗତବର୍ଷ ଜୁଲାଇରେ ମୁଦ୍ରାସ୍ଫୀତି ୪.୧୭% ରହିଥିଲା। କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟର ତଥ୍ୟ ଅନୁଯାୟୀ, ଖାଦ୍ୟପଦାର୍ଥ ମୁଦ୍ରାସ୍ଫୀତି ହାର ଜୁଲାଇରେ ୨.୩୬ ପ୍ରତିଶତ ରହିଛି, ଯାହା କି ଜୁନ୍‌ରେ ୨.୨୫% ରହିଥିଲା। ଉଲ୍ଲେଖ କରାଯାଇପାରେ ଯେ, ଭାରତୀୟ ରିଜର୍ଭ ବ୍ୟାଙ୍କ ଚଳିତ ଆର୍ଥିକ ବର୍ଷ ୨୦୧୯-୨୦ ଲାଗି ମୁଦ୍ରାସ୍ଫୀତି ହାର ୪% ରହିବ ବୋଲି ଅନୁମାନ କରିଛି। ସୂଚନାଥାଉ କି, ଗତ ୬ ମାସ ଧରି ମୁଦ୍ରାସ୍ଫୀତି କ୍ରମାଗତ ବଢ଼ି ଚାଲିଥିଲା।

### ଦିନକରେ ରୁପା ବଢ଼ିଲା ୨୦୦୦ ଟଙ୍କା



**ନୂଆଦିଲ୍ଲୀ,୧୩-୮:** ସୁନା ପରେ ଏବେ ରୁପା ମଧ ଏହାର ପୁରୁଣା ରେକର୍ଡ ଭାଙ୍ଗିଛି। ସ୍ଥାନୀୟ ସର୍ରାଫା ବଜାରରେ ମଙ୍ଗଳବାର ରୁପା ମୂଲ୍ୟ ୨୦୦୦ ଟଙ୍କା ବୃଦ୍ଧି ପାଇଛି। ଫଳରେ ରୁପା ମୂଲ୍ୟ ପ୍ରତି କେଜି ୪୫ ହଜାର ଟଙ୍କାର ସର୍ବୋଚ୍ଚ ସ୍ତର ଛୁଇଁଛି। ତେବେ ମଙ୍ଗଳବାର ସୁନା ମୂଲ୍ୟ ୧୦୦ ଟଙ୍କା ହ୍ରାସ ପାଇ ୩୮,୩୭୦ ଟଙ୍କା ପ୍ରତି ୧୦ ଗ୍ରାମ ରହିଛି। ନିଖିଳ ଭାରତ ସର୍ରାଫା ସଂଘ ଅନୁସାରେ ଔଦ୍ୟୋଗିକ ସଂସ୍ଥାଗୁଡ଼ିକ ଏବଂ ମୁଦ୍ରା ନିର୍ମାତାଙ୍କ ପକ୍ଷରୁ ଅଧିକ କିଣାକିଣି କରାଯିବା ଏବଂ ବିଶ୍ୱ ବଜାରରେ ଦରବୃଦ୍ଧି ଯୋଗୁ ଦେଶରେ ରୁପା ଦର ବଢ଼ିଛି। ବିଶ୍ୱ ସ୍ତରରେ ନ୍ୟୁୟର୍କରେ ସୁନା ମୂଲ୍ୟ ୧୫୨୦.୩୭ ଡଲାର ପ୍ରତି ଆଉନ୍ସ ଏବଂ ରୁପା ମୂଲ୍ୟ ୧୭.୩୨ ଡଲାର ପ୍ରତି ଆଉନ୍ସ ରହିଛି।

### ତିଆରି ହେଲା ୧୮୦କିମି/ଘଣ୍ଟା ସ୍ପିଡ୍‌ର ରେଳ ଇଞ୍ଜିନ

**ନୂଆଦିଲ୍ଲୀ,୧୩-୮:** ଭାରତୀୟ ରେଲୱେ ହାଇସ୍ପିଡ ଟ୍ରେନ ଇଞ୍ଜିନ ନିର୍ମାଣ କ୍ଷେତ୍ରରେ ବହୁ ଉନ୍ନତି କରିଛି। ପଶ୍ଚିମବଙ୍ଗର ଚିତ୍ତରଞ୍ଜନ ଲୋକୋମୋଟିଭ ୱାର୍କ୍ସରେ ଏକ ହାଇସ୍ପିଡ ଇଞ୍ଜିନ ନିର୍ମାଣ କରାଯାଇଛି ଯାହା ଘଣ୍ଟା ପ୍ରତି ୧୮୦କିମି ବେଗରେ ଗତକରିପାରିବ। ରେଳମନ୍ତ୍ରୀ ପୀୟୂଷ ଗୋୟଲ ଏସମ୍ପର୍କରେ ଏକ ଟୁଇଟ୍ କରିବା ସହ ଏକ ଭିଡିଓ ଜାରି କରିଛନ୍ତି। ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମ ଅଧୀନରେ ଏହି ହାଇସ୍ପିଡ ରେଲ ଇଞ୍ଜିନ ବିକଶିତ କରାଯାଇଛି ବୋଲି ସେ ଟୁଇଟ୍‌ରେ ଦର୍ଶାଇଛନ୍ତି। ସୂଚନାଥାଉ କି, ବର୍ତ୍ତମାନ ବନ୍ଦେ ଭାରତ ଏକ୍ସପ୍ରେସ୍ ଏକ ସେମି ହାଇସ୍ପିଡ ଟ୍ରେନ ଯାହାର ଗତି ଘଣ୍ଟା ପ୍ରତି ୧୮୦କିମି ରହିଛି। ଏହି ଟ୍ରେନକୁ ଚେନ୍ନାଇର ଇଣ୍ଟିଗ୍ରାଲ ଫ୍ୟାକ୍ଟ୍ରିରେ ନିର୍ମାଣ କରାଯାଇଛି। ଦେଶରେ ନିର୍ମିତ ଏହା ପ୍ରଥମ ଟ୍ରେନ ଯାହାର ଇଞ୍ଜିନ ଅଲଗା ହୁଏ ନାହିଁ।

### ସିଏସ୍‌ଆର୍‌କୁ ଅନୁପାଳନ ଅବମାନନା ପରିଧିକୁ ଆଣିବା ଲାଗି ସୁପାରିସ



**ନୂଆଦିଲ୍ଲୀ,୧୩-୮:** ସରକାରଙ୍କ ଦ୍ୱାରା ଗଠିତ ଉଚ୍ଚସ୍ତରୀୟ କମିଟି ମଙ୍ଗଳବାର କମ୍ପାନୀ ଆଇନ ଅଧୀନରେ ସିଏସ୍‌ଆରରେ ହେଉଥିବା ଖର୍ଚ୍ଚ ଉପରେ ଟିକସଛାଡ଼ କରିବା ସହ ଏହାର ଅନୁପାଳନରେ ହେଉଥିବା ଅବମାନନାକୁ ଦେୱାନୀ ଅପରାଧ ଭାବେ ମନେକରିବାକୁ ସୁପାରିସ୍ କରିଛି। କମ୍ପାନୀ ଆଇନ, ୨୦୧୩ ଅନୁଯାୟୀ କମ୍ପାନୀଙ୍କୁ ଗତ ୩ ବର୍ଷର ହାରାହାରି ଲାଭର ୨ % କର୍ପୋରେଟ ସୋସିଆଲ ରେସପନ୍‌ସିବିଲିଟି (ସିଏସ୍‌ଆର୍) ବାବଦରେ ଗୋଟିଏ ନିଶ୍ଚିତ ବର୍ଷରେ ଖର୍ଚ୍ଚ କରିବାକୁ ପଡିଥାଏ। କର୍ପୋରେଟ ବ୍ୟାପାର ସଚିବ ଇଞ୍ଜେଟି ଶ୍ରୀନିବାସଙ୍କ ଅଧକ୍ଷତାରେ ଗଠିତ କମିଟି କହିଛି ଯେ, ସିଏସ୍‌ଆର୍ ବ୍ୟୟକୁ କର୍ପୋରେଟ ଯୋଜନା ଲାଗି ହେଉଥିବା ଖର୍ଚ୍ଚର ସାଧନ ଭାବେ ମନେ କରାଯିବା ଅନୁଚିତ। ଏହି କମିଟି ମଙ୍ଗଳବାର ତାଙ୍କର ରିପୋର୍ଟକୁ ଅର୍ଥ ଏବଂ କର୍ପୋରେଟ ବ୍ୟାପାର ମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କୁ ପ୍ରଦାନ କରିଛନ୍ତି।

# ଗରିବ ରାଜ୍ୟ ଜିଏସ୍‌ଟି ଆଦାୟରେ ଆଗୁଆ

**ନୂଆଦିଲ୍ଲୀ,୧୩-୮**

**ଓଡ଼ିଶାର ଟିକସ ସଂଗ୍ରହ ୨୦.୮%**

- ମୋଟ ଜିଏସ୍‌ଟି ଆଦାୟ ୯% ବଢ଼ିଛି
- ଦିଲ୍ଲୀ,ପଶ୍ଚିମବଙ୍ଗ ପଛୁଆ
- ୧୪%ରୁ କମ୍ ଜିଏସ୍‌ଟି ଆଦାୟ ହେଲେ କେନ୍ଦ୍ର ଦେବ କ୍ଷତିପୂରଣ




ଚଳିତ ଆର୍ଥିକ ବର୍ଷ ୨୦୧୯-୨୦ର ପ୍ରଥମ ୪ ମାସରେ ସାମଗ୍ରୀ ଏବଂ ସେବା ଟିକସ(ଜିଏସ୍‌ଟି) ସଂଗ୍ରହ କ୍ଷେତ୍ରରେ ଓଡ଼ିଶା, ବିହାର, ୟୁପି ଓ ମଧ୍ୟପ୍ରଦେଶ ଭଳି ଖାଉଟି ତଥା ଗରିବ ରାଜ୍ୟ ମହାରାଷ୍ଟ୍ର, ଗୁଜରାଟ, କର୍ଣ୍ଣାଟକ ଏବଂ ତାମିଲନାଡୁ ଭଳି ଔଦ୍ୟୋଗିକ ଦୃଷ୍ଟିରୁ ବିକଶିତ ରାଜ୍ୟଙ୍କ ତୁଳନାରେ ଆଗୁଆ ରହିଛନ୍ତି। ଏହି ସମୟରେ ଦେଶର ମୋଟ ଜିଏସ୍‌ଟି ସଂଗ୍ରହ ୯ ପ୍ରତିଶତ ବୃଦ୍ଧି ପାଇ ୩.୫୬ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଯାଇଛି। ଏହି କ୍ଷେତ୍ରରେ ଦିଲ୍ଲୀ ଏବଂ ପଶ୍ଚିମବଙ୍ଗ ସବୁଠାରୁ ପଛରେ ପଡିଯାଇଛନ୍ତି। ତେବେ ଉତ୍ତର-ପୂର୍ବ ରାଜ୍ୟ ସବୁଠୁ ଭଲ ପ୍ରଦର୍ଶନ କରିଛନ୍ତି।

ପ୍ରାପ୍ତ ତଥ୍ୟରୁ ଜଣାପଡିଛି ଯେ, ଚଳିତବର୍ଷ ଏପ୍ରିଲରୁ ଜୁଲାଇ ମଧ୍ୟରେ ଦିଲ୍ଲୀର ଜିଏସ୍‌ଟି ସଂଗ୍ରହ ୨% ହ୍ରାସ ପାଇ ୧୨,୭୦୦ କୋଟି ଟଙ୍କା ହୋଇଛି, ଯାହା କି, ପୂର୍ବବର୍ଷ ୧୩ ହଜାର କୋଟି ଟଙ୍କା ଥିଲା। ଉଲ୍ଲେଖ କରାଯାଇପାରେ ଯେ, ବିହାର, ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଉତ୍ତରପ୍ରଦେଶକୁ ଏକଦା 'ବିମାରୁ' ରାଜ୍ୟ କୁହାଯାଉଥିଲା। ଅର୍ଥାତ୍ ଏହି ରାଜ୍ୟଗୁଡ଼ିକୁ ରୋଗଗ୍ରସ୍ତ ବା ଗରିବ ରାଜ୍ୟ ଭାବେ ପ୍ରତିପାଦନ କରାଯାଉଛି। ତେବେ ସେମାନଙ୍କ ଜନସଂଖ୍ୟା ଅଧିକ ହୋଇଥିବାରୁ ସାମଗ୍ରୀ ଓ ସେବାର ଉପଭୋଗ ମଧ୍ୟ ଅଧିକ ହୋଇଥାଏ। ଓଡ଼ିଶାର ଜିଏସ୍‌ଟି ସଂଗ୍ରହ ସର୍ବାଧିକ ୨୦.୮% ବୃଦ୍ଧି ପାଇଛି। ଏହାପରେ ଉତ୍ତରାଖଣ୍ଡର ଜିଏସ୍‌ଟି ଆଦାୟ ହାର ୧୯.୯ ପ୍ରତିଶତ, ବିହାରର ୧୭.୮ ପ୍ରତିଶତ, ମଧ୍ୟପ୍ରଦେଶର ୧୪.୬ ପ୍ରତିଶତ, ଆସାମର ୧୪.୧ ପ୍ରତିଶତ ଏବଂ ଉତ୍ତରପ୍ରଦେଶର ୧୨ ପ୍ରତିଶତ ଜିଏସ୍‌ଟି ଆଦାୟ ହୋଇଛି। ମିଡିଆକୁ ପ୍ରାପ୍ତ ସୂଚନାନୁଯାୟୀ, ଗରିବ ରାଜ୍ୟ ଭିତରେ କେବଳ ପଶ୍ଚିମବଙ୍ଗ ଚଳିତ ଆର୍ଥିକ ବର୍ଷର ଏପ୍ରିଲରୁ ଜୁଲାଇ ମଧ୍ୟରେ ଜିଏସ୍‌ଟି ଆଦାୟ ପ୍ରଦର୍ଶନ ଭଲ ହୋଇନାହିଁ। ରାଜ୍ୟ ମାତ୍ର ୬.୪% ହାରରେ ଜିଏସଟି ଆଦାୟ କରିପାରିଛି। ତେବେ ଜିଏସଟି ସଂଗ୍ରହ କ୍ଷେତ୍ରରେ ଉତ୍ତର-ପୂର୍ବ ରାଜ୍ୟ ନାଗାଲାଣ୍ଡ ସର୍ବାଧିକ ୩୯ ପ୍ରତିଶତ, ଅରୁଣାଚଳ ପ୍ରଦେଶ ୩୫ ପ୍ରତିଶତ, ସିକିମ ୩୨ ପ୍ରତିଶତ ବୃଦ୍ଧି ପାଇଛି। ତେବେ ପରିସଂଖ୍ୟାନ ଦୃଷ୍ଟିରୁ ଦେଖିଲେ ସେମାନଙ୍କ ମୋଟ ଜିଏସଟି ସଂଗ୍ରହ ୧୦୦ କୋଟି ଟଙ୍କା ମଧ୍ୟରେ ସୀମିତ ରହିଛି। ବିଶେଷଜ୍ଞଙ୍କ କହିବାନୁଯାୟୀ, ଉପଭୋଗ କରୁଥିବା ରାଜ୍ୟରେ ଜିଏସ୍‌ଟି ସଂଗ୍ରହ ବଢ଼ିବ ବୋଲି ପୂର୍ବରୁ ଅନୁମାନ କରାଯାଉଥିଲା। କାରଣ ଉତ୍ପାଦକ ରାଜ୍ୟରେ ସାମଗ୍ରୀ ବ୍ୟବହାର ବୃଦ୍ଧି ପାଇବ ନାହିଁ ଏବଂ ମୂଲ୍ୟ ଅନ୍ୟ ରାଜ୍ୟ ତୁଳନାରେ କମ୍ ରହିବ। ତେବେ ଔଦ୍ୟୋଗିକ ସମ୍ପନ୍ନ ରାଜ୍ୟଗୁଡ଼ିକର ଜିଏସ୍‌ଟି ଆଦାୟ କମିବା ଅର୍ଥ କେନ୍ଦ୍ର ସରକାର ସେମାନଙ୍କୁ ଅଧିକ କ୍ଷତିପୂରଣ ଦେବାକୁ ହେବ। ଏହା ହିଁ ସରକାରଙ୍କ ମୁଣ୍ଡବ୍ୟଥାର କାରଣ ହେବ। କାରଣ କ୍ଷତିପୂରଣ ବ୍ୟବସ୍ଥା ଅନୁଯାୟୀ ଜିଏସ୍‌ଟି ଆଦାୟ ବୃଦ୍ଧି ବାର୍ଷିକ ୧୪%ରୁ କମ୍ ହେଉଥିଲେ କେନ୍ଦ୍ର ସରକାର ରାଜ୍ୟ ସରକାରଗୁଡ଼ିକୁ କ୍ଷତିପୂରଣ ଦେବେ। ଏହି ବ୍ୟବସ୍ଥାରେ ଏବେ ଓଡ଼ିଶା ସମେତ କେତେକ ଗରିବ ରାଜ୍ୟ ଓ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକ ଆଉ କ୍ଷତିପୂରଣ ପାଇବାକୁ ହକ୍‌ଦାର ହେବେ ନାହିଁ। ଜଣେ ଅଧିକାରୀ କହିଛନ୍ତି ଯେ, ଆଇଜିଏସ୍‌ଟି ବାଣ୍ଟିବା ସମୟ ଆସିଥିବା ବେଳେ କେନ୍ଦ୍ର ସରକାରଙ୍କୁ କ୍ଷତିପୂରଣ ବାବଦରେ ଅଧିକ ବ୍ୟୟ କରିବାକୁ ପଡିବ। ନିଶ୍ଚିତ ହୋଇଯାଇଛି। ତେବେ ଗରିବ ରାଜ୍ୟଗୁଡ଼ିକ ଏହାଦ୍ୱାରା ଅଧିକ ଉପକୃତ ହେଉଛନ୍ତି ବୋଲି ସେ କହିଛନ୍ତି।

# ୧୭ରୁ ରେନୋ ଟ୍ରାଇବର ବୁକିଂ




**ନୂଆଦିଲ୍ଲୀ, ୧୩-୮**

ପ୍ରମୁଖ ଅଟୋ ନିର୍ମାତା ରେନୋ ପକ୍ଷରୁ ଏହାର ନୂଆ ମଡେଲ ଟ୍ରାଇବର ଲାଗି ବୁକିଂ ତାରିଖ ଘୋଷଣା କରାଯାଇଛି। ଚଳିତ ମାସ ୧୭ରୁ ଗ୍ରାହକ ଏହି ଯାନଟିକୁ ବୁକିଂ କରିପାରିବେ। କମ୍ପାନୀର ଏହି ବ୍ରାଣ୍ଡକୁ ଅଗଷ୍ଟ ୨୮ରେ ଶୁଭାରମ୍ଭ କରାଯିବ। ରେନୋ ଟ୍ରାଇବରର ୱେବସାଇଟ କିମ୍ବା ଅଧିକୃତ ଡିଲରଶିପଗୁଡିକରେ ୧୧ ହଜାର ଟଙ୍କା ପ୍ରଦାନ କରି ଗ୍ରାହକ ଏହାର ବୁକିଂ କରିପାରିବେ। ୩୫୦ରୁ ଅଧିକ ଡିଲରଶିପକୁ ଏହି ମଡେଲ ପଠାଯିବାର ବ୍ୟବସ୍ଥା କରାଯାଇଛି। ଏଥିରେ ଆଧୁନିକ ,ସ୍ପେଶିୟସ, କମ୍ପାକ୍ଟ, ଅଲ୍ଟ୍ରା ମଡ୍ୟୁଲାର ଏବଂ ଉନ୍ନତ ଇନ୍ଧନ ଦକ୍ଷତା ଗ୍ରାହକ ଲାଭ କରିପାରିବେ। ମଡେଲଟିରେ ଆକର୍ଷଣୀୟ ଇଣ୍ଟେରିୟର ଏବଂ ଆଧୁନିକ ତଥା ପ୍ରାକ୍ଟିକାଲ ବୈଶିଷ୍ଟ୍ୟ ରହିଛି। ଭାରତୀୟ ଗ୍ରାହକଙ୍କ ଆବଶ୍ୟକତାକୁ ଏଥିରେ ଗୁରୁତ୍ୱ ଦିଆଯାଇଛି। ମଡେଲଟିରେ ଗ୍ରାହକ ଉନ୍ନତ ସିଟ କନଫିଗରେଶନ, ଇଣ୍ଡଷ୍ଟ୍ରିଫାଷ୍ଟ ଇଜିଫିକ୍ସ ବୈଶିଷ୍ଟ୍ୟ ପାଇ ପାରିବେ। ଏହାବାଦ ଇଭୋଲ୍ୟୁଶନ କନେକଟେଡ ମଲ୍‌ଟିମିଡିଆ ସିଷ୍ଟମ ଏଥିରେ ରହିଛି। ଏଥିରେ ୧.୦ ଲିଟରର ପେଟ୍ରୋଲ ଇଞ୍ଜିନ ରହିଛି। ଏହାର ବୁକିଂ ଆରମ୍ଭ ଘୋଷଣା କରି ଅଧିକ ଗ୍ରାହକଙ୍କୁ ରେନୋ ଇଣ୍ଡିଆ ପରିବାରକୁ ସ୍ୱାଗତ କରୁଛୁ ବୋଲି ରେନୋର କଣ୍ଟ୍ରି ସିଇଓ ତଥା ଏମ୍‌ଡି ଭେଙ୍କଟରାମ ମାମିଲାପାଲେ କହିଛନ୍ତି।

# ବ୍ୟାଙ୍କ ଅଫ୍ ବରୋଦାର ନୂଆ ଶାଖା



**ଭୁବନେଶ୍ୱର, ୧୩-୮**

ବ୍ୟାଙ୍କ ଅଫ୍ ବରୋଦା ଭୁବନେଶ୍ୱର କ୍ଷେତ୍ର ପକ୍ଷରୁ ୧୧୯ ତମ ଶାଖା ସ୍ଥାନୀୟ ଭୁବନେଶ୍ୱରଠାରେ ଖୋଲିଛି। ବ୍ୟାଙ୍କର ପାଟଣା ଅଞ୍ଚଳର ମହାପ୍ରବନ୍ଧକ ତଥା ଆଞ୍ଚଳିକ ମୁଖ୍ୟ ନିତ୍ୟାନନ୍ଦ ବେହେରା, ଭୁବନେଶ୍ୱର କ୍ଷେତ୍ର ଉପମହାପ୍ରବନ୍ଧକ ସୋମନାଥ ନନ୍ଦ, ଡିଆର୍‌ଏମ୍-୧ ଭାରତ ଭୂଷଣ, ଡିଆର୍‌ଏମ୍-୨ ହରିଶ ସିହ୍ନା, ଭିଏସ୍‌ଏସ୍ ନଗର ଶାଖା ପ୍ରବନ୍ଧକ ବିଜୟ କୁମାର ଷେଣ୍ଡ ଉପସ୍ଥିତ ରହି ଏହାର ଉଦ୍‌ଘାଟନ କରିଥିଲେ। ଏହା ସ୍ଥାନୀୟ ଅଞ୍ଚଳବାସୀଙ୍କ ବ୍ୟାଙ୍କିଙ୍ଗ ଚାହିଦାକୁ ପୂରଣ କରିବାରେ ସକ୍ଷମ ହେବ ବୋଲି ଆଞ୍ଚଳିକ ମୁଖ୍ୟ ବେହେରା କହିଛନ୍ତି। ବ୍ୟାଙ୍କ ପକ୍ଷରୁ ସୁଲଭ ସୁଧହାରରେ ଯାନ ଏବଂ ବାସଗୃହ ଋଣ ପ୍ରଦାନ କରାଯାଉଛି। ଏହାବାଦ ବିନା ପ୍ରୋସେସିଂ ଫି'ରେ ଗ୍ରାହକ ବାସଗୃହ ଋଣ ଲାଭ କରିପାରିବେ। ଏହାବାଦ ଡିଜିଟାଲ ଏବଂ ମୋବାଇଲ ବ୍ୟାଙ୍କିଙ୍ଗର ଗୁରୁତ୍ୱ ଉପରେ ବେହେରା ଗୁରୁତ୍ୱାରୋପ କରିଛନ୍ତି।

# କିଆ ସେଲ୍‌ଟସ୍‌ର ଉତ୍ପାଦନ ଆରମ୍ଭ

**ହାଇଦ୍ରାବାଦ,୧୩-୮**

କିଆ ମୋଟର୍ସ ଇଣ୍ଡିଆ ପକ୍ଷରୁ ଏହାର ନୂଆ ମଡେଲ ସେଲ୍‌ଟସର ଉତ୍ପାଦନ ଆନ୍ଧ୍ରପ୍ରଦେଶର ଅନନ୍ତପୁରଠାରେ ଆରମ୍ଭ ହୋଇଛି। ଘରୋଇ ବଜାରରେ ସବୁ ଋତୁ ଏବଂ ବିଭିନ୍ନ ପ୍ରକାରର ରାସ୍ତାରେ ପ୍ରାୟ ୨୦ ଲକ୍ଷ କିମିରୁ ଉର୍ଦ୍ଧ୍ୱ ଏହି ଯାନକୁ କମ୍ପାନୀ ପରିକ୍ଷଣ କରିଥିବା କହିଛି। ଏହା ପରେ ଯାନଟିର ବହୁଳ ଭାବେ ଉତ୍ପାଦନ ଲାଗି କମ୍ପାନୀ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଭାରତରେ ସେଲ୍‌ଟସ୍‌ର ଉତ୍ପାଦନ କିଆ ଇଣ୍ଡିଆ ପରିବାର ପାଇଁ ଏକ ସ୍ମରଣୀୟ ମୁହୂର୍ତ୍ତ ବୋଲି ଏମ୍‌ଡି ତଥା ସିଇଓ କୁକହୁନ ସିମ୍ କହିଛନ୍ତି। ଆନ୍ଧ୍ର ପ୍ରଦେଶ ସରକାରଙ୍କ ସହଯୋଗ ଦ୍ୱାରା ଏହି ସଫଳତା ପାଇବାକୁ କିଆ ସକ୍ଷମ ହୋଇଥିବାରୁ କୃତଜ୍ଞତା ଜ୍ଞାପନ କରୁଛି ବୋଲି ସିମ୍ କହିଛନ୍ତି। ଅଗଷ୍ଟ ୨୨ରେ ଏହି ମଡେଲ ଲଞ୍ଚ ହେବାର କାର୍ଯ୍ୟକ୍ରମ ରହିଛି। କମ୍ପାନୀ ଆନ୍ଧ୍ର ପ୍ରଦେଶର ଅନନ୍ତପୁରଠାରେ ୫୩୬ ଏକର ପରିମିତ ସ୍ଥାନରେ ଏକ ମାନୁଫାକଚରିଂ ୟୁନିଟ ସ୍ଥାପନା କରିଛି। ଏହାର ବାର୍ଷିକ ଯାନ ଉତ୍ପାଦନ କ୍ଷମତା ୩ ଲକ୍ଷ ୟୁନିଟ ରହିଛି। ଏଠାରେ ଇଲେକଟ୍ରିକ ଏବଂ ହାଇବ୍ରିଡ ଯାନ ନିର୍ମାଣ କରାଯିବାର ଯୋଜନା ରହିଛି। ସେଲ୍‌ଟସ୍ ବିଏସ୍-୬ ଅନୁପାଳନ ଇଞ୍ଜିନ ସହ ବଜାରକୁ ଆସିବ। ୧.୫ ପେଟ୍ରୋଲ, ୧.୫ ଡିଜେଲ ଏବଂ ୧.୪ ଟର୍ବୋ ପେଟ୍ରୋଲ ଇଞ୍ଜିନ ବିକଳ୍ପ ସହ ଏହା ଉପଲବ୍ଧ ହେବ। ମିଡ୍ ଏସ୍‌ୟୁଭି ସେଗମେଣ୍ଟରେ ୩ ଭାରିଆଣ୍ଟରେ ଏହା ଆସୁଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି।

### ଜୁଲାଇରେ ଗାଡ଼ି ବିକ୍ରି ୧୯ବର୍ଷର ସର୍ବନିମ୍ନ ସ୍ତରରେ



**ନୂଆଦିଲ୍ଲୀ,୧୩-୮**

ଅଟୋ ସେକ୍ଟରରେ ମାନ୍ଦାବସ୍ଥା ମାତ ବଢ଼ିଚାଲିଛି। ଏହା କେବେ ରୋକିବ କେହି କହିପାରୁନାହାନ୍ତି। ଏହାରି ଭିତରେ ଜୁଲାଇରେ ଗାଡ଼ି ବିକ୍ରି ୧୯ ବର୍ଷର ସର୍ବନିମ୍ନ ସ୍ତର ୧୮.୭୧ ପ୍ରତିଶତକୁ ହ୍ରାସ ପାଇଛି। ଫଳରେ ଗତ ୩ ମାସ ମଧ୍ୟରେ ୧୫ ହଜାର କର୍ମଚାରୀ ନିଯୁକ୍ତି ହରାଇଛନ୍ତି ବୋଲି ଅଟୋ ନିର୍ମାତା ସଂଘ ସିଆମ୍ ପକ୍ଷରୁ ମଙ୍ଗଳବାର କୁହାଯାଇଛି। ସଂଘ ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁଯାୟୀ, ପାସେଞ୍ଜର ଓ ଦୁଇଚକିଆ ଗାଡ଼ି ସମେତ ସମସ୍ତ ବର୍ଗରେ ଜୁଲାଇରେ ୧୮,୨୫,୧୪୮ ଗାଡ଼ି ବିକ୍ରି ହୋଇଛି। ପୂର୍ବବର୍ଷ ଜୁଲାଇରେ ୨୨,୪୫,୨୨୩ ୟୁନିଟ ଗାଡ଼ି ବିକ୍ରି ହୋଇଥିଲା। ୨୦୦୦ ଡିସେମ୍ବରରେ ଶେଷ ଥର ପାଇଁ ଦେଶର ଅଟୋ ସେକ୍ଟରରେ ମାନ୍ଦାବସ୍ଥାର ପ୍ରଭାବ ପଡିଥିଲା ଏବଂ ସେତେବେଳେ ବିକ୍ରି ସର୍ବାଧିକ ୨୧.୮୧ ପ୍ରତିଶତ ହ୍ରାସ ପାଇଥିଲା। ସେହିପରି ଘରୋଇ ପାସେଞ୍ଜର ଗାଡ଼ି ବିକ୍ରି ୧୯ ବର୍ଷର ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ଜୁଲାଇରେ ପାସେଞ୍ଜର ଗାଡ଼ି ବିକ୍ରି ୩୦.୯୮ ପ୍ରତିଶତ ହ୍ରାସ ପାଇ ୨,୦୦,୭୯୦ ୟୁନିଟ ହୋଇଛି, ଯାହା କି ପୂର୍ବବର୍ଷ ୨,୯୦,୯୩୧ ଥିଲା।

# ଟାଇଟାନ ଫେଷ୍ଟିଭ୍ ସେଲ୍

**ନୂଆଦିଲ୍ଲୀ,୧୩-୮**

ଦେଶର ପ୍ରମୁଖ ଘଣ୍ଟା ରିଟେଲର ଟାଇଟାନ କମ୍ପାନୀ ଲିମିଟେଡ ପକ୍ଷରୁ ଫେଷ୍ଟିଭ ସେଲ୍ ସମ୍ପର୍କରେ ଘୋଷଣା କରାଯାଇଛି। ଏହା ଚଳିତ ମାସ ୮ରୁ ୨୨ ଯାଏ ଚାଲିବ। ରକ୍ଷାବନ୍ଧନ ଏବଂ ଇଦ୍ ଉପଲକ୍ଷେ ୱାର୍ଲ୍ଡ ଅଫ୍ ଟାଇଟାନ ଷ୍ଟୋରରୁ ଗ୍ରାହକ ଫ୍ଲାଟ ୩୦% ରିହାତି ଲାଭ କରିପାରିବେ। ସ୍ୱତନ୍ତ୍ର ରେଞ୍ଜର ଘଣ୍ଟା, ସ୍କିନ ଫ୍ରାଗ୍ରାନ୍ସେସ ରେଞ୍ଜ୍ ଏବଂ ଆସେସୋରିଜ୍ ଉପରେ ଗ୍ରାହକ ଏହି ସମୟରେ ଆକର୍ଷଣୀୟ ରିହାତି ପାଇପାରିବେ। ଷ୍ଟୋରରେ ପୁରୁଷ, ମହିଳା, ଶିଶୁ ଏବଂ ଯୁବ ବର୍ଗଙ୍କୁ ସୁହାଇଲା ଭଳି ପ୍ରଡକ୍ଟ ସମ୍ଭାର ସାମିଲ ରହିଛି। ଆଧୁନିକା ମହିଳାଙ୍କ ପାଇଁ ଟାଇଟାନ ରାଗା, ଷ୍ଟାଇଲ ଆପଣାଉଥିବା ବର୍ଗଙ୍କ ପାଇଁ ପର୍ପଲ, ପ୍ରଫେଶନାଲଙ୍କ ପାଇଁ ଏଜ୍, ଲୁପ ଏବଂ ଅଟୋମେଟିକ ଭଳି ବିଭିନ୍ନ କଲେକ୍ସନ ଗ୍ରାହକ ଷ୍ଟୋରରେ ଲାଭ କରିପାରିବେ ବୋଲି କମ୍ପାନୀ ସୂଚନା ଦେଇଛି।

# ସିଣ୍ଡିକେଟ ବ୍ୟାଙ୍କର ଏମ୍‌ସିଏଲ୍‌ଆର୍ ହ୍ରାସ

**ଭୁବନେଶ୍ୱର, ୧୩-୮**

ସିଣ୍ଡିକେଟ ବ୍ୟାଙ୍କ ପକ୍ଷରୁ ମାର୍ଜିନାଲ କଷ୍ଟ ବେସ୍‌ଡ ଲେଣ୍ଡିଂ ରେଟ୍ (ଏମ୍‌ସିଏଲ୍‌ଆର୍) ହାର ୨୫ ବେସିସ ପଏଣ୍ଟ ହ୍ରାସ ନିଷ୍ପତ୍ତି ନିଆଯାଇଛି। ସେହିଭଳି ବ୍ୟାଙ୍କ ରେପୋ ଲିଙ୍କ୍‌ଡ ଡିପୋଜିଟ ରେଟ୍ (ଆର୍‌ଏଲଡିଆର୍) ଏବଂ ରେପୋ ଲିଙ୍କ୍‌ଡ ଲେଡିଂ ରେଟ୍ (ଆର୍‌ଏଲ୍‌ଏଲ୍‌ଆର୍) ଏହାର ବିଭିନ୍ନ ଉତ୍ପାଦ ଉପରେ ଲାଗୁ କରିବାକୁ ନିଷ୍ପତ୍ତି ନେଇଛି। ବର୍ତ୍ତମାନ ବ୍ୟାଙ୍କର ଗୃହ, ଗାଡି, କଞ୍ଜ୍ୟୁମର ଋଣ ଆର୍‌ଏଲ୍‌ଏଲ୍‌ଆର ଅନୁସାରେ ପ୍ରଦାନ କରାଯାଉଛି। ବ୍ୟାଙ୍କର ଗୃହ ଋଣ ରେପୋ ୮.୩୦%ରୁ ଆରମ୍ଭ ହେବ। ୨୫ ଲକ୍ଷରୁ ଅଧିକ ସେଭିଂ ବ୍ୟାଙ୍କ ଜମା ଆର୍‌ଏଲଡିଆର୍ ଉପରେ ସ୍ଥିର କରାଯିବ। ରିଟେଲ ଏମ୍‌ଏସ୍‌ଏମ୍‌ଇ କର୍ପୋରେଟ ଋଣ ପ୍ରଦାନକୁ ତ୍ୱରାନ୍ୱିତ କରିବା ଲାଗି ପଦକ୍ଷେପ ନିଆଯାଇଛି। ଋଣ ପ୍ରୋସେସିଂର ସ୍ଥିତି ସମ୍ପର୍କରେ ଗ୍ରାହକ ସହଜରେ ଜାଣିପାରିବେ ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

# ହ୍ୟୁଣ୍ଡାଇର ନୂଆ ଗ୍ରାଣ୍ଡ ଆଇ୧୦ ନିଓସ

**ନୂଆଦିଲ୍ଲୀ,୧୩-୮**

ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ ପକ୍ଷରୁ ନୂଆ ଗ୍ରାଣ୍ଡ ଆଇ୧୦ ନିଓସ ବଜାରକୁ ଆସିଛି। ଏଥିରେ ଷ୍ଟାଇଲିସ ଲୁକ, ଡିଜାଇନ ଆଇଟେକ ବୈଶିଷ୍ଟ୍ୟକୁ ସାମିଲ କରାଯାଇଛି। ଯୁବବର୍ଗଙ୍କୁ ଧ୍ୟାନରେ ରଖି ମଡେଲଟି ପ୍ରସ୍ତୁତ କରାଯାଇଛି। ଏହା ଭାରତୀୟ ଗ୍ରାହକଙ୍କ ଦ୍ୱାରା ଆଦୃତ ହେବା ନେଇ ଆଶାବାଦୀ ରହିଥିବା କମ୍ପାନୀର ଏମ୍‌ଡି ତଥା ସିଇଓ ଏସ୍.ଏସ୍. କିମ୍ କହିଛନ୍ତି। ସେ କହିଛନ୍ତି ଗତ, ୨୧ ବର୍ଷ ଧରି ନୂଆ ଉତ୍ପାଦ ଯୋଗାଣ ଦିଗରେ ଧ୍ୟାନ କେନ୍ଦ୍ରିତ କରିଛୁ। ସମ୍ପ୍ରତି ପରିବର୍ତ୍ତିତ ଧାରାରେ ପ୍ରଡକ୍ଟ ଶୃଙ୍ଖଳାରେ ମଧ ପରିବର୍ତ୍ତନ କରାଯାଉଛି। ତୃତୀୟ ପୀଢିର ନୂଆ ମଡେଲ ଯାନଟି ସହର ତଥା ଗ୍ରାମାଞ୍ଚଳ ଗ୍ରାହକଙ୍କ ଦ୍ୱାରା ବେଶ ପସନ୍ଦଯୋଗ୍ୟ ହେବ ବୋଲି ସେ କହିଛନ୍ତି।

# ୧୦ ବର୍ଷରେ ରିଲାଏନ୍ସର ସର୍ବାଧିକ ବୃଦ୍ଧି

**ମୁମ୍ବାଇ,୧୩-୮**

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡଆସନ୍ତା ୧୮ ମାସ ମଧ୍ୟରେ ଋଣମୁକ୍ତ ହୋଇଯିବ ବୋଲି ଏହାର ଅଧକ୍ଷ ମୁକେଶ ଅମ୍ବାନୀ ସୋମବାର କମ୍ପାନୀର ୪୨ ତମ ବାର୍ଷିକ ସାଧାରଣ ବୈଠକରେ ଘୋଷଣା କରିଥିଲେ। ମଙ୍ଗଳବାର ଷ୍ଟକ୍ ମାର୍କେଟରେ ଏହାର ପ୍ରଭାବ ଦେଖିବାକୁ ମିଳିଥିଲା। କମ୍ପାନୀର ଶେୟାର ମୂଲ୍ୟ ୯.୭୨% ବୃଦ୍ଧି ପାଇଥିଲା, ଯାହା କି, ୨୦୦୯ ଜାନୁୟାରୀ ୧୪ ପରେ ଗୋଟିଏ ଦିନରେ ସର୍ବାଧିକ ବୃଦ୍ଧି ଦେଖିବାକୁ ମିଳିଥିଲା। ମଙ୍ଗଳବାର ଆର୍‌ଆଇଏଲ୍ ଶେୟାର ମୂଲ୍ୟ ୧୨୭୫.୩୦ ଟଙ୍କାରେ ବନ୍ଦ ହୋଇଛି। ଏହି କାରଣରୁ ରିଲାଏନ୍ସ ପୁନର୍ବାର ଦେଶର ସର୍ବବୃହତ କମ୍ପାନୀ ହେବାର ନିକଟବର୍ତ୍ତୀ ହୋଇଛି। ବର୍ତ୍ତମାନ ଶୀର୍ଷରେ ଥିବା ଟିସିଏସ୍‌ଠାରୁ ଏହା ପ୍ରାୟ ୧ ବିଲିୟନ ଡଲାର ପଛରେ ରହିଛି।

### ରିଲାଏନ୍ସର ରେକର୍ଡ ବୃଦ୍ଧି ସତ୍ତ୍ୱେ ବଜାର ପ୍ରଭାବିତ

# ୬୨୪ ପଏଣ୍ଟ ଖସିଲା ସେନ୍‌ସେକ୍ସ

**ମୁମ୍ବାଇ,୧୩-୮**



ଦେଶର ଅର୍ଥନୀତିକୁ ଗତିଶୀଳ କରିବା ଲାଗି କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ୟାକେଜ ଘୋଷଣାରେ ବିଳମ୍ବ ତଥା ବିଶ୍ୱ ବଜାରରେ ଦେଖାଦେଇଥିବା ଅସ୍ଥିରତା କାରଣରୁ ମଙ୍ଗଳବାର ଭାରତୀୟ ଷ୍ଟକ୍ ବଜାର ପ୍ରଭାବିତ ହୋଇଥିଲା। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ସେନ୍‌ସେକ୍ସ ୬୨୪ ପଏଣ୍ଟ ହ୍ରାସ ପାଇଥିବା ବେଳେ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ନିଫ୍ଟି ପ୍ରଥମଥର ୧୧ ହଜାର ପଏଣ୍ଟ ତଳକୁ ଖସିଆସିଛି। ଫଳରେ ନିବେଶକ ଗୋଟିଏ ଦିନରେ ୨.୨୧ ଲକ୍ଷ କୋଟି ଟଙ୍କ ହରାଇଛନ୍ତି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ(ଆର୍‌ଆଇଏଲ୍) ଅଧକ୍ଷ ମୁକେଶ ଅମ୍ବାନୀ କମ୍ପାନୀର ବାର୍ଷିକ ଏଜିଏମ୍‌ରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଘୋଷଣା କରିବା ଯୋଗୁ ମଙ୍ଗଳବାର ଏହାର ଶେୟାର ରେକର୍ଡ ସ୍ତରରେ ବୃଦ୍ଧି ପାଇଥିଲେ ସୁଦ୍ଧା ସେନ୍‌ସେକ୍ସ ବୃଦ୍ଧିରେ ଏହା ସହାୟକ ହୋଇପାରି ନ ଥିଲା। ମଙ୍ଗଳବାର ସେନ୍‌ସେକ୍ସ ୬୨୩.୭୫ ପଏଣ୍ଟ ହ୍ରାସ ପାଇ ୩୬,୯୫୮.୧୬ରେ ଏବଂ ନିଫ୍ଟି ୧୮୩.୮୦ ପଏଣ୍ଟ କମି ୧୦,୯୨୫.୮୫ରେ ବନ୍ଦ ହୋଇଛି। ବିଶେଷଜ୍ଞଙ୍କ କହିବାନୁଯାୟୀ, ଦେଶର ଅର୍ଥନୀତିକୁ ଆଗେଇ ନେବା ଲାଗି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ସୁଦ୍ଧା ଅଦ୍ୟାବଧି ସେଦିଗରେ କୌଣସି ପଦକ୍ଷେପ ଘୋଷଣା ନ ହେବା ନିବେଶକଙ୍କୁ ନିରାଶ କରିଛି। ସେହିପରି ଅତି ଧନୀ ଏବଂ ଫରେନ୍ ପୋର୍ଟଫୋଲିଓ ଇନ୍‌ଭେଷ୍ଟର(ଏଫ୍‌ପିଆଇ)ଙ୍କ ଉପରୁ ସରଚାର୍ଜ ପ୍ରତ୍ୟାହାର ନେଇ ଅର୍ଥମନ୍ତ୍ରୀ ଚୁପ୍ ରହିବା ମଧ ନିବେଶକଙ୍କୁ ହତୋତ୍ସାହିତ କରିଛି। ଅନ୍ୟପକ୍ଷରେ ଆର୍ଜେଣ୍ଟିନା ମୁଦ୍ରା 'ପେସୋ' ମୂଲ୍ୟ ହ୍ରାସ ତୀବ୍ର ହେବା ମଧ ଏସିଆର ମୁଦ୍ରା ବଜାରକୁ ବିଚଳିତ କରିଛି। ଏହାର ପ୍ରଭାବ ସମସ୍ତ ଏସୀୟ ରାଷ୍ଟ୍ରର ଷ୍ଟକ୍ ଏକ୍ସଚେଞ୍ଜରେ ମଙ୍ଗଳବାର ଦେଖିବାକୁ ମିଳିଛି। ଆର୍ଜେଣ୍ଟିନା ନିର୍ବାଚନରେ ଜନତା ବିରୋଧୀ ଦଳକୁ ଭାରି ବହୁମତରେ ଭୋଟ ଦେଇ ଜିତାଇବା ପରେ ଦେଶର ମୁଦ୍ରା ପେସୋ ରାତାରାତି ୩୦ ପ୍ରତିଶତ ହ୍ରାସ ପାଇଥିଲା। ସେହିପରି ଚାଇନା ନିଜର ମୁଦ୍ରା ୟୁଆନ ଉଚିତ ସ୍ତରରେ ରହିଥିବା କହିବା ସତ୍ତ୍ୱେ ବଜାର ଏହାକୁ ସକାରାତ୍ମକ ଭାବେ ଗ୍ରହଣ କରିପାରି ନ ଥିଲା। ଅପରପକ୍ଷରେ ଦେଶର ମାନୁଫାକ୍ଚରିଂ ସେକ୍ଟର ଉତ୍ପାଦନ ଜୁନ୍‌ରେ ୪ ମାସରେ ସର୍ବନିମ୍ନ ସ୍ତର ୨ ପ୍ରତିଶତରେ ପହଞ୍ଚିବା ଷ୍ଟକ୍ ବଜାର ପାଇଁ ନକାରାତ୍ମକ ହୋଇଛି।

" ନ୍ୟୁକ୍ୟାସଲ ମାଲିକ ମାଇକ୍ ଆଶଲେ ପ୍ରତିଶ୍ରୁତି ପୂରଣ ନ କରିବାରୁ ମୁଁ ଏହି ପ୍ରିମିୟର ଲିଗ୍ କ୍ଲବ ଛାଡ଼ି ଚାଇନିଜ୍ ସୁପର ଲିଗ୍ ଟିମ୍ ଡାଲିୟାନ ୟିଫାଙ୍ଗ୍‌ରେ ଯୋଗଦେଲି ।

–ରାଫାଲ ବେନିଟେଜ୍, ସ୍ପାନିଶ ପ୍ରଫେଶନାଲ ଫୁଟ୍‌ବଲ ମ୍ୟାନେଜର



" ସିନ୍‌ସିନାଟି ମାଷ୍ଟର୍ସ ଟେନିସ୍ ପ୍ରତିଯୋଗିତାର ପ୍ରଥମ ରାଉଣ୍ଡରେ ପରାଜିତ ହୋଇଥିଲେ ମଧ୍ୟ ମୁଁ ସିଙ୍ଗଲ୍ସକୁ ପ୍ରତ୍ୟାବର୍ତ୍ତନ କରିପାରିଛି ବୋଲି ମନେକରୁଛି ।

–ଆଣ୍ଡି ମୁରେ, ବ୍ରିଟିଶ ଟେନିସ୍ ଖେଳାଳି



## ସଂକ୍ଷେପରେ

### ୨୦୨୮ ଅଲିମ୍ପିକ୍ସରେ ସ୍ଥାନ ପାଇପାରେ କ୍ରିକେଟ

**ଲଣ୍ଡନ,୧୩।୮:** ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ୨୦୨୮ ଲସ୍ ଏଞ୍ଜେଲ୍‌ସ ଅଲିମ୍ପିକ୍ସରେ ସାମିଲ ହେବା ନେଇ ବେଶ୍ ଆଶାବାଦୀ ଅଛି। ଏହା ମାରିଲେବୋନ କ୍ରିକେଟ କ୍ଲବର ବିଶ୍ୱ କ୍ରିକେଟ କମିଟି (ଏମ୍‌ସିସି) ଅଧ୍ୟକ୍ଷ ମାଇକ ଗଟିଂ ସ୍ପଷ୍ଟ କରିଛନ୍ତି। ଅଲିମ୍ପିକ୍ ଭଳି ବିଶ୍ୱସ୍ତରୀୟ ପ୍ଲାଟଫର୍ମରେ ସାମିଲ ହେବା ବଡ଼ ସଫଳତା। ଏ ସମ୍ପର୍କରେ ଆଇସିସି କାର୍ଯ୍ୟକାରୀ ମୁଖ୍ୟ ମନୁ ସାହନେଙ୍କ ସହ ଆଲୋଚନା ଚାଲିଛି। ଏହା ଅନ୍ତର୍ଜାତୀୟ କ୍ରିକେଟ ପାଇଁ ଏକ ବଡ଼ ବୋନସ ହେବ ବୋଲି ଗଟିଂ କହିଛନ୍ତି। ଥରେ ଅଲିମ୍ପିକ୍ସରେ ସ୍ଥାନ ପାଇଲା ପରେ ଦୁଇ ସପ୍ତାହରେ ଟୁର୍ନାମେଣ୍ଟ ଶେଷ କରିବା କଷ୍ଟକର ନୁହେଁ ବୋଲି ସେ କହିଛନ୍ତି।

### ଇସ୍‌ଲାମାବାଦ୍ ସୁରକ୍ଷାରେ ସନ୍ତୁଷ୍ଟ ଆଇଟିଏଫ୍

**ମୁମ୍ବାଇ,୧୩।୮:** ଆସନ୍ତା ମାସରେ ଇସ୍‌ଲାମାବାଦ୍‌ଠାରେ ଭାରତ ଓ ପାକିସ୍ତାନ ମଧ୍ୟରେ ଦୁଇଦିନିଆ ଡେଭିସ କପ୍ ମୁକାବିଲା ଖେଳାଯିବ। ଏହି ମ୍ୟାଚ୍ ଲାଗି ପାକିସ୍ତାନ ପକ୍ଷରୁ କରାଯାଇଥିବା ସୁରକ୍ଷା ବ୍ୟବସ୍ଥାରେ ଅନ୍ତର୍ଜାତୀୟ ଟେନିସ ଫେଡେରେଶନ (ଆଇଟିଏଫ୍) ସନ୍ତୁଷ୍ଟ ପ୍ରକାଶ କରିଛି। ଉଲ୍ଲେଖଥାଉ କି, ଗତ ସୋମବାର ଜମ୍ମୁ-କଶ୍ମୀରରୁ ୩୭୦ ଧାରା ଉଚ୍ଛେଦ ପରେ ଦୁଇ ପଡ଼ୋଶୀ ଦେଶ ମଧ୍ୟରେ ତିକ୍ତତା ବୃଦ୍ଧି ପାଇବା ସହ ଯୁଦ୍ଧ ଆଶଙ୍କା ରହିଛି। ପାକିସ୍ତାନ ଭାରତୀୟ ଆମ୍ବାସାଡରଙ୍କୁ ଦେଶରୁ ଫେରାଇ ଦେଇଛି। ଏଥିଯୋଗୁ ସର୍ବଭାରତୀୟ ଟେନିସ ଆସୋସିଏଶନ (ଏଆଇଟିଏ) ପକ୍ଷରୁ ଆଇଟିଏଫ୍‌କୁ ଭେନ୍ୟୁ ପରିବର୍ତ୍ତନ କରିବା ଲାଗି ଅନୁରୋଧ କରାଯାଇଥିଲେ। ହେଲେ ଆଇଟିଏଫ୍ ସୁରକ୍ଷା ବ୍ୟବସ୍ଥାରେ ସନ୍ତୁଷ୍ଟ ହେବା ପରେ ଭାରତୀୟ ଦଳ ପାକିସ୍ତାନ ଗସ୍ତ କରିବା ସ୍ପଷ୍ଟ ହୋଇଛି। ଆମେ ଆୟୋଜକ ଦଳ ସହିତ କାର୍ଯ୍ୟ କରୁଛୁ। ସ୍ୱାଧୀନ ଅଭିଜ୍ଞ ସୁରକ୍ଷା ପରାମର୍ଶଦାତା ରହିଛନ୍ତି। ସେମାନେ ପରିସ୍ଥିତି ଉପରେ କଡ଼ା ନଜର ରଖିବେ ବୋଲି ଆଇଟିଏଫ୍ ପକ୍ଷରୁ କୁହାଯାଇଛି।

### ଅଜିତ୍-ବିଜୟ୍ ଯୋଡ଼ିଙ୍କୁ ବିଶ୍ୱ ଟାଇଟଲ

**ଚେନ୍ନାଇ, ୧୩।୮ (ପି.ଟି.):** ପୋଲାଣ୍ଡର କଟୋୱାଇସ୍‌ଠାରେ ଅନୁଷ୍ଠିତ ୟୋନେକ୍ସ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ସିନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ଅଜିତ୍ ହରିଦାସ ଏବଂ ବିଜୟ୍ ଲାନ୍ସି ଭାରତୀୟ ଯୋଡ଼ି ୪୦ ପ୍ଲସ ପୁରୁଷ ଡବଲ୍ସ ଟାଇଟଲ ହାସଲ କରିଛନ୍ତି। ଫାଇନାଲରେ ଅଜିତ ଓ ବିଜୟ ଡେନମାର୍କର ଇସବେନ କେମ୍ପଗାର୍ଡ ଏବଂ ମୋର୍ଟେନ ରାସମୁସେନଙ୍କୁ ୧୯-୨୧, ୨୧-୧୭, ୨୧-୧୯ରେ ହରାଇ ଦେଇଛନ୍ତି।

# ସିରିଜ୍ ବିଜୟ ଲକ୍ଷ୍ୟରେ ଭାରତ

**ପୋର୍ଟ ଅଫ୍ ସ୍ପେନ୍, ୧୩।୮(ପି.ଟି.)**

ଭାରତ ଓ ଘରୋଇ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ବୁଧବାର ତୃତୀୟ ତଥା ଅନ୍ତିମ ଦିନିକିଆ ଖେଳାଯିବ। ସ୍ଥାନୀୟ କୁଇନ୍ସ ପାର୍କ ଓଭାଲ ଗ୍ରାଉଣ୍ଡରେ ଆୟୋଜନ ହେବାକୁ ଥିବା ଏହି ମ୍ୟାଚ୍ ସିରିଜ୍ ନିର୍ଣ୍ଣାୟକ ସାବ୍ୟସ୍ତ ହେବ। ପ୍ରଥମ ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହୋଇଥିଲା। ତେବେ ଦ୍ୱିତୀୟ ଦିନିକିଆରେ ଭାରତ ଡକ୍‌ୱର୍ଥ/ଲୁଇସ୍ ନିୟମରେ ବିଜୟୀ ହୋଇ ୧–୦ରେ ଅଗ୍ରଣୀ ହାସଲ କରିଥିଲା। ଫଳରେ ଏହି ମ୍ୟାଚ୍ ଜିତି ଭାରତ ୨–୦ ବ୍ୟବଧାନରେ ସିରିଜ ହାତେଇବା ଲକ୍ଷ୍ୟରେ ରହିଛି। ଇଞ୍ଜୁରି କାରଣରୁ ବିଶ୍ୱକପ୍‌ରୁ ବାଦ୍ ପଡିଥିବା ଅଭିଜ୍ଞ ଓପନର ଶିଖର ଧାୱନ ଟି୨୦ ଓ ଦିନିକିଆ ସିରିଜରେ ପ୍ରତ୍ୟାବର୍ତ୍ତନ କରିଥିଲେ ମଧ୍ୟ ସାଂଘାତିକ ଭାବେ ବିଫଳ ହୋଇଛନ୍ତି। ଗତ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଟି୨୦ ମ୍ୟାଚ୍‌ରେ ଧାୱନ ଯଥାକ୍ରମେ ୧,୨୩ ଓ ୩ ରନ ସଂଗ୍ରହ କରିଥିଲେ। ସେହିପରି ଦ୍ୱିତୀୟ ଦିନିକିଆରେ ସେ ମାତ୍ର ୨ ରନ ସଂଗ୍ରହ କରିଥିଲେ। ଫଳରେ ଏହି ମ୍ୟାଚ୍‌ରେ ବଡ଼ ସ୍କୋର ହାସଲ କରିବାର ଚାପ ତାଙ୍କ ଉପରେ ରହିଛି। ଶେଲଡ୍ରନ କଟ୍ରେଲଙ୍କ ଇନ୍ କମିଙ୍ଗ୍ ବଲକୁ ଖେଳିବାରେ ସେ ସମସ୍ୟାରେ ପଡି ଦୁଇଥର ଆଉଟ୍ ହୋଇଛନ୍ତି। ଧାୱନ ଟେଷ୍ଟ ଦଳରେ ସ୍ଥାନ ପାଇ ନ ଥିବାରୁ ଏହି ମ୍ୟାଚ୍‌ରେ ବଡ଼ ସ୍କୋର ହାସଲ କରି ୱେଷ୍ଟଇଣ୍ଡିଜ୍ ଗସ୍ତ ଶେଷ କରିବା ଲକ୍ଷ୍ୟରେ ରହିଛନ୍ତି।

ଭାରତୀୟ ବ୍ୟାଟିଂ କ୍ରମର ୪ ନମ୍ବର ସ୍ଥାନ ଏପର୍ଯ୍ୟନ୍ତ ଅପୂରଣୀୟ ଥିବା ମନେହେଉଛି। ତେବେ ଦୁଇ ଯୁବ ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ଓ ଶ୍ରେୟାସ ଆୟରଙ୍କ ମଧ୍ୟରେ ଏହି ସ୍ଥାନ ପାଇଁ ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ ହୋଇଛି। ଦ୍ୱିତୀୟ ଦିନିକିଆରେ ଚମତ୍କାର ବ୍ୟାଟିଂ କରି ପନ୍ତଙ୍କ ଉପରେ ଚାପ ପ୍ରୟୋଗ କରିବାରେ ସଫଳ ହୋଇଛନ୍ତି। ଏହି ସ୍ଥାନରେ ବ୍ୟାଟିଂ କରିବାକୁ ପନ୍ତ ଅଧିନାୟକ କୋହଲିଙ୍କ ସମର୍ଥନ ହାସଲ କରିଛନ୍ତି। ତେବେ ଗତ ମ୍ୟାଚ୍‌ରେ ଆୟର ୬୮ ବଲରୁ ୭୧ ରନ କରିଛନ୍ତି। ଅନ୍ୟପଟେ ପନ୍ତ ଏହି ସ୍ଥାନରେ ବାରମ୍ବାର ବିଫଳ ହୋଇଛନ୍ତି। ପନ୍ତଙ୍କ ଆକ୍ରମଣାତ୍ମକ ସ୍ୱଭାବ ଟିମ୍ ମ୍ୟାନେଜମେଣ୍ଟ ପାଇଁ ଚିନ୍ତା ସୃଷ୍ଟି କରିଛି। ଏକାଧିକ ଥର ପନ୍ତ ଖରାପ୍ ଶଟ୍ ଖେଳି ଉଇକେଟ ଫୋପାଡିଛନ୍ତି। ତେଣୁ ୪ ନମ୍ବର ସ୍ଥାନରେ ବ୍ୟାଟିଂ କରିବାକୁ ଆୟର ଏବେ ନିଜକୁ ପ୍ରସ୍ତୁତ କରିଛନ୍ତି ଓ ଟିମ୍ ମ୍ୟାନେଜମେଣ୍ଟ ଏ ନେଇ ଗୁରୁତର ସହ ଚିନ୍ତା କରିବାର ଅବକାଶ ସୃଷ୍ଟି ହୋଇଛି। ୪ ନଂ ସ୍ଥାନରେ ଆୟର ବ୍ୟାଟିଂ କରିବା ଉଚିତ ଓ ପନ୍ତଙ୍କୁ ୫ ନମ୍ବର ସ୍ଥାନରେ ସୁଯୋଗ ଦିଆଯିବା ଉଚିତ ବୋଲି କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ସୁନୀଲ ଗାଭାସ୍କର କହିଛନ୍ତି। ଏହି ସ୍ଥାନରେ ବ୍ୟାଟିଂ କଲେ ପନ୍ତ ଆକ୍ରମଣାତ୍ମକ ପ୍ରଦର୍ଶନ କରିବାର ସୁଯୋଗ ହାସଲ କରିବେ। ଦ୍ୱିତୀୟ ଦିନିକିଆରେ ୧୨୦ ବଲରୁ ୧୨୫ ରନର ଦାୟିତ୍ୱପୂର୍ଣ୍ଣ ଶତକୀୟ ପାଳି ଖେଳିଥିବା ଅଧିନାୟକ କୋହଲି ତାଙ୍କର ଏହି ଫର୍ମକୁ ବଜାୟ ରଖିବେ ବୋଲି ଆଶା କରାଯାଉଛି। ତାରକା ଓପନର ରୋହିତ ଶର୍ମା ଓ ଧାୱନ ଅଳ୍ପ ରନକରି ଶସ୍ତାରେ ଆଉଟ ହେବାପରେ କୋହଲି ଓ ଆୟର ସ୍ଥିତି ସମ୍ଭାଳିବା ସହ ଭାରତକୁ ସମ୍ମାନଜନକ ସ୍କୋର ପ୍ରଦାନ କରିଥିଲେ। ଅଭିଜ୍ଞ ଦ୍ରୁତ ବୋଲର ଭୁବନେଶ୍ୱର କୁମାର ଦମ୍‌ଦାର ପ୍ରଦର୍ଶନ କରିଥିଲେ। ସେ ୮ ଓଭର ବୋଲିଂ କରି ୩୧ ରନ ବ୍ୟୟ କରିବା ସହ ୪ ଉଇକେଟ ଅକ୍ତିଆର କରି ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେହିପରି ମହମ୍ମଦ ସାମି ଓ କୁଲଦୀପ ଯାଦବ ୨ ଉଇକେଟ ହାସଲ କରିଥିଲେ। ତେବେ ସାମିଙ୍କ ବିଶ୍ରାମ ଦେଇ କୋହଲି ଯୁବ ଦ୍ରୁତ ବୋଲର ନବଦୀପ ସଇନିଙ୍କୁ ଖେଳାଇବା ସମ୍ଭାବନା ରହିଛି।

ଅପରପକ୍ଷରେ ୱେଷ୍ଟଇଣ୍ଡିଜ ଏହି ମ୍ୟାଚ୍ ଜିତି ସିରିଜ ଡ୍ର ରଖିବାକୁ ପ୍ରୟାସ କରିବ। ଘରୋଇ ଦଳକୁ ବ୍ୟାଟିଂରେ ସୁଧାର ଆଣିବା ଜରୁରୀ ହୋଇ ପଡିଛି। ସାଇ ହୋପ, ଶିମରନ ହେଟମେୟର ଓ ନିକୋଲାସ ପୁରନଙ୍କ ଭଳି ପ୍ରତିଭାସମ୍ପନ୍ନ ବ୍ୟାଟ୍ସମ୍ୟାନ ଦାୟିତ୍ୱର ସହ ବ୍ୟାଟିଂ କରିବା ଆବଶ୍ୟକ। ଏହି ମ୍ୟାଚ୍‌ରେ ଦୁଇ ଦଳ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ମୁହାଁମୁହିଁ ହେବେ। ଆଣ୍ଟିଗୁଆର ନର୍ଥ ସାଉଣ୍ଡରେ ଆସନ୍ତା ୨୨ତାରିଖରୁ ପ୍ରଥମ ଟେଷ୍ଟ ଆରମ୍ଭ ହେବା କାର୍ଯ୍ୟକ୍ରମ ରହିଛି।



କିରନ ପୋଲାର୍ଡଙ୍କ ସହ ବୋଟିଂର ମଜା ନେଉଛନ୍ତି ଭାରତୀୟ ଖେଳାଳି।

### ବୋଟିଂର ମଜା ନେଲେ ଖେଳାଳି

ୱେଷ୍ଟଇଣ୍ଡିଜ ଦଳର ଅନ୍ୟତମ ବିସ୍ଫୋରକ ବ୍ୟାଟ୍ସମ୍ୟାନ କିରନ ପୋଲାର୍ଡ ଭାରତୀୟ କ୍ରିକେଟର ଶିଖର ଧାୱନ, ନବଦୀପ ସଇନି, ଶ୍ରେୟାସ ଆୟାର, ଖଲିଲ ଅହମ୍ମଦ, ଋଦ୍ଧିମାନ ଶାହ ଓ ମୟଙ୍କ ଅଗ୍ରୱାଲଙ୍କ ସହ ପୋର୍ଟ ଅଫ୍ ସ୍ପେନଠାରେ ସମୟ ବିତାଇଛନ୍ତି। ଭାରତୀୟ ଦଳ ୩ ମ୍ୟାଚ୍ ବିଶିଷ୍ଟ ସିରିଜରେ ୧–୦ ବ୍ୟବଧାନରେ ଆଗୁଆ ଅଛି। ବୁଧବାର ଖେଳାଯିବାକୁ ଥିବା ଅନ୍ତିମ ମ୍ୟାଚ୍ ପୂର୍ବରୁ ଟିମ୍ ଇଣ୍ଡିଆର ସଦସ୍ୟମାନେ ଦ୍ୱୀପର ବିଭିନ୍ନ ସ୍ଥାନ ଭ୍ରମଣ କରିବା ସହ ମଜା ଉଠାଇଛନ୍ତି। ଭାରତୀୟ ଖେଳାଳିଙ୍କ ଭଲ ବନ୍ଧୁ ଥିବା ପୋଲାର୍ଡ ଧାୱନ, ଆୟାର ଏବଂ ଅନ୍ୟମାନଙ୍କ ସହ ବୋଟ୍ ମଜା ନେଇଥିଲେ। ଓପନିଂ ବ୍ୟାଟ୍ସମ୍ୟାନ କିଛି ଭିଡିଓ ଓ ଫଟୋ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। ଭାରତୀୟ ପେସର ଖଲିଲ ଅହମ୍ମଦ ଇଦ୍ ପାଳନ କରୁଥିବା ମଧ୍ୟ ଦେଖିବାକୁ ମିଳିଛି।

### ଆଜି ଅନ୍ତିମ ଦିନିକିଆ

- **ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା, ଶିଖର ଧାୱନ, ଲୋକେଶ ରାହୁଲ, ଶ୍ରେୟାସ ଆୟର, ମନୀଷ ପାଣ୍ଡେ, ରିଷଭ ପନ୍ତ, ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ, ଯୁଜବେନ୍ଦ୍ର ଚହଲ, କେଦାର ଯାଦବ, ମହମ୍ମଦ ସାମି, ଭୁବନେଶ୍ୱର କୁମାର, ଖଲିଲ ଅହମ୍ମଦ ଓ ନବଦୀବ ସଇନି
- **ୱେଷ୍ଟଇଣ୍ଡିଜ ଦଳ:** ଜାସନ ହୋଲ୍ଡର (ଅଧିନାୟକ), କ୍ରିସ୍ ଗେଲ୍, ଜନ କ୍ୟାମ୍ପବେଲ, ଏଭିନ ଲୁଇସ୍, ସାଇ ହୋପ୍, ଶିମରନ ହେଟମେୟର, ନିକୋଲାସ ପୁରନ, ରୋଷ୍ଟନ ଚେଜ୍, ଫାବଆନ ଆଲେନ, କାର୍ଲୋସ ବ୍ରାଥୱେଟ୍, କିମୋ ପଲ, ଶେଲଡନ କଟ୍ରେଲ, ଓଶେନ ଥୋମାସ ଓ କେମର ରୋଚ୍

**ସ୍ଥାନ: ପୋର୍ଟ ଅଫ୍ ସ୍ପେନ୍, ତ୍ରିନିଦାଦ୍**
**ସମୟ: ସନ୍ଧ୍ୟା ୭ଟା**
**ପ୍ରସାରଣ: ସୋନୀ ନେଟୱର୍କ**

### ବଦଳିବ ନାହିଁ ନ୍ୟୁଟ୍ରାଲ ଅମ୍ପାୟର ନିୟମ

**ଲଣ୍ଡନ,୧୩।୮(ପି.ଟି.):** କ୍ରିକେଟରେ ନିୟମ ପ୍ରସ୍ତୁତକାରୀ ଏମ୍‌ସିସି (ମାରିଲେବୋନ କ୍ରିକେଟ କ୍ଲବ) ଟେଷ୍ଟ ମ୍ୟାଚ୍‌ରେ ନ୍ୟୁଟ୍ରାଲ ଅମ୍ପାୟର ନିୟମକୁ ସମର୍ଥନ କରିଛି। ଆଶେସ ସିରିଜ୍‌ର ପ୍ରଥମ ଟେଷ୍ଟରେ ଦୁଇ ନ୍ୟୁଟ୍ରାଲ ଅମ୍ପାୟର ଅତ୍ୟଧିକ ଭୁଲ ନିଷ୍ପତ୍ତି ନେଇଥିଲେ। ୱେଷ୍ଟଇଣ୍ଡିଜ ଅମ୍ପାୟର ଜୁଏଲ ୱିଲସନ ଓ ପାକିସ୍ତାନର ଅଲିମ ଦାର୍‌ଙ୍କ ୧୦ ନିଷ୍ପତ୍ତି ଡିଆରଏସ୍ ଦ୍ୱାରା ଉଭୟ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ଦଳ ବଦାଇଥିଲା। ଫିଲ୍ଡ ଅମ୍ପାୟର ଆହୁରି ୫ଟି ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ନେଇଥିଲେ, ଯାହାକୁ ରିଭ୍ୟୁ କରାଯାଇ ନ ଥିଲା। ଏହାପରେ ଅଷ୍ଟ୍ରେଲିଆ ଦଳର ସହାୟକ କୋଚ ତଥା ଏମ୍‌ସିସି ସଦସ୍ୟ ରିକି ପଣ୍ଟିଂ ନ୍ୟୁଟ୍ରାଲ ଅମ୍ପାୟରଙ୍କ ନିୟମରେ ପରିବର୍ତ୍ତନ କରିବା ଲାଗି ସୁପାରିସ କରିଥିଲେ। ଗତ ମ୍ୟାଚ୍ ଯୋଗୁ ନ୍ୟୁଟ୍ରାଲ ଅମ୍ପାୟରଙ୍କ ନିୟମ ଦୃଷ୍ଟିରେ ରହିଛି। ଟେଷ୍ଟ ମ୍ୟାଚ୍‌ରେ ଘରୋଇ ଅମ୍ପାୟରଙ୍କୁ ନିଯୁକ୍ତ କରିବାକୁ ପଣ୍ଟିଂ ସୁପାରିସ କରିଥିଲେ। ଏହାକୁ ଆଇସିସି କ୍ରିକେଟ କମିଟିରେ ମଧ୍ୟ ଆଲୋଚନା କରାଯାଇଥିଲା। କିନ୍ତୁ ଏପର୍ଯ୍ୟନ୍ତ ନ୍ୟୁଟ୍ରାଲ ଅମ୍ପାୟର ନିୟମ ଦ୍ୱାରା ଭଲ ସଫଳତା ମିଳିଥିବା ଏମ୍‌ସିସି କ୍ରିକେଟ ମୁଖ୍ୟ ଜନ ଷ୍ଟିଫେନଶନ କହିଛନ୍ତି। ବର୍ତ୍ତମାନ ଅମ୍ପାୟରଙ୍କ ଏଲାଇଟ ପ୍ୟାନେଲରେ ସ୍ଥାନ ପାଇଥିବା ୧୨ ମଧ୍ୟରୁ ୭ ଜଣ ଇଂଲଣ୍ଡ କିମ୍ବା ଅଷ୍ଟ୍ରେଲିଆର ରହିଛନ୍ତି। ଅମ୍ପାୟରିଂ ସ୍ତରରେ ଉନ୍ନତି ଆଣିବାର ଆବଶ୍ୟକତା ଅଛି। ଲର୍ଡ୍ସଠାରେ ଅନୁଷ୍ଠିତ ଦୁଇ ଦିନିଆ ଏମ୍‌ସିସି ବୈଠକରେ ଏମ୍‌ସିସି ଅଧ୍ୟକ୍ଷ ମାଇକ ଗଟିଂ, ଷ୍ଟିଫେନ୍‌ସନଙ୍କ ସହ କମିଟି ସଦସ୍ୟ ଶେନ ୱର୍ନ ଓ କୁମାର ସଙ୍ଗକାରା ଯୋଗଦେଇଥିଲେ। ଆଇସିସି ଏଲାଇଟ୍ ପ୍ୟାନେଲରେ ଅମ୍ପାୟରଙ୍କ ସଂଖ୍ୟା ବୃଦ୍ଧି କରାଯିବା ନେଇ ନିଷ୍ପତ୍ତି ନିଆଯାଇଛି। ଉଲ୍ଲେଖଥାଉ କି, ଦିନିକିଆ ଓ ଟି୨୦ କ୍ରିକେଟରେ ଜଣେ ଘରୋଇ ଦଳର ଅମ୍ପାୟରଙ୍କୁ ପରିଚାଳନା ଦାୟିତ୍ୱରେ ରଖାଯାଏ।

## ସଂକ୍ଷିପ୍ତ ତାଲିକାରେ ରବି ଶାସ୍ତ୍ରୀ

**ନୂଆଦିଲ୍ଲୀ, ୧୩।୮ (ପି.ଟି.):** ହାଇପ୍ରୋଫାଇଲ ଭାରତୀୟ କ୍ରିକେଟ ଦଳର ମୁଖ୍ୟ କୋଚ୍ ପଦବୀ ପାଇଁ ପ୍ରାର୍ଥୀ ତାଲିକାକୁ ସୋମବାର ସଂକ୍ଷିପ୍ତ କରାଯାଇଛି। ଏଥିରେ ବର୍ତ୍ତମାନ ୬ଜଣ ସ୍ଥାନ ପାଇଛନ୍ତି। ତନ୍ମଧ୍ୟରେ ବର୍ତ୍ତମାନର କୋଚ୍ ରବି ଶାସ୍ତ୍ରୀ ଅଛନ୍ତି। ଅନ୍ୟମାନେ ହେଲେ ପୂର୍ବତନ ନ୍ୟୁଜିଲାଣ୍ଡ କୋଚ୍ ମାଇକ୍ ହେସନ, ପୂର୍ବତନ ଅଷ୍ଟ୍ରେଲିଆ ଅଲରାଉଣ୍ଡର ତଥା ଶ୍ରୀଲଙ୍କା କୋଚ୍ ଟମ୍ ମୁଡି, ପୂର୍ବତନ ୱେଷ୍ଟଇଣ୍ଡିଜ ଅଲରାଉଣ୍ଡର ତଥା ଆଫଗାନିସ୍ତାନ କୋଚ୍ ଫିଲ୍ ସିମନ୍ସ, ପୂର୍ବତନ ଟିମ୍ ଇଣ୍ଡିଆ ମ୍ୟାନେଜର ଲାଲଚାନ୍ଦ ରାଜପୁତ, ଭାରତର ପୂର୍ବତନ ଫିଲ୍ଡିଂ କୋଚ୍ ରବିନ ସିଂ। ସେମାନେ ନିଜର ଦକ୍ଷତା ସମ୍ପର୍କରେ କିମ୍ବଦନ୍ତୀ କପିଳ ଦେବଙ୍କ ଅଧ୍ୟକ୍ଷତାରେ ନବ ଗଠିତ କ୍ରିକେଟ ଉପଦେଷ୍ଟା କମିଟି (ସିଏସି) ନିକଟରେ ସେମାନଙ୍କର ଉପସ୍ଥାପନା କରିବେ। ସିଏସି କୋଚ୍ ନିଯୁକ୍ତି ସମ୍ପର୍କରେ ଚଳିତ ସପ୍ତାହ ଶେଷ କିମ୍ବା ଆସନ୍ତା ସପ୍ତାହ ପ୍ରାରମ୍ଭରେ ଚୂଡ଼ାନ୍ତ ନିଷ୍ପତ୍ତି ନେବ। ସିଏସିର ଅନ୍ୟ ଦୁଇ ଜଣ ସଦସ୍ୟ ହେଲେ ଅଂଶୁମାନ ଗାଏକ୍ୱାଡ ଏବଂ ପୂର୍ବତନ ମହିଳା ଟିମ୍ ଅଧିନାୟିକା ଶାନ୍ତା ରଙ୍ଗାସ୍ୱାମୀ। ସୂଚନାଯୋଗ୍ୟ, ଗତ ଆଇସିସି ବିଶ୍ୱକପ୍‌ରେ ଭାରତୀୟ ଦଳର ସେମିଫାଇନାଲରୁ ବିଦାୟ ନେଇଥିବାରୁ ସମାଲୋଚନା ସତ୍ତ୍ୱେ ଶାସ୍ତ୍ରୀଙ୍କ ସପକ୍ଷରେ ମତ ଦେଇଛନ୍ତି ଭାରତୀୟ ଅଧିନାୟକ ବିରାଟ କୋହଲି।



## ଆର୍ଜେଣ୍ଟିନା ଡିଫେଣ୍ଡର ବ୍ରାଉନ୍‌ଙ୍କ ପରଲୋକ

**ବୁଏନ୍ସ ଏରିଜ୍, ୧୩।୮ (ଏଏଫପି)**

ଆର୍ଜେଣ୍ଟିନାର ୧୯୮୬ ଫୁଟ୍‌ବଲ ବିଶ୍ୱକପ୍ ବିଜୟୀ ଡିଫେଣ୍ଡର ଜୋସ୍ ଲୁଇସ୍ ବ୍ରାଉନ୍‌ଙ୍କର ପରଲୋକ ଘଟିଛି। ତାଙ୍କୁ ୬୨ ବର୍ଷ ହୋଇଥିଲା। ସେ ଅଲ୍‌ଜିମର୍ସ ରୋଗରେ ପୀଡ଼ିତ ଥିଲେ ବୋଲି ତାଙ୍କ କ୍ଲବ ଏଷ୍ଟୁଡିଏଣ୍ଟ୍ସ ଡି' ଲା ପ୍ଲାଟା ପକ୍ଷରୁ ସୂଚନା ଦିଆଯାଇଛି। ବ୍ରାଉନ୍ ତାଙ୍କ ବନ୍ଧୁମାନଙ୍କ ନିକଟରେ 'ଟାଟା' ନାମରେ ପରିଚିତ ଥିଲେ। ସେ ଆର୍ଜେଣ୍ଟିନା ତରଫରୁ ୩୬ଟି ମ୍ୟାଚ ଖେଳିଛନ୍ତି। ୧୯୮୬ରେ ପଶ୍ଚିମ ଜର୍ମାନୀ ବିପକ୍ଷ ବିଶ୍ୱକପ୍ ଫାଇନାଲରେ ଆର୍ଜେଣ୍ଟିନାର ୩–୨ ବିଜୟରେ ସେ ଦଳ ପକ୍ଷରୁ ପ୍ରଥମ ଗୋଲ ସ୍କୋର କରିଥିଲେ। ଜୋସ୍ ଲୁଇସ୍ ବ୍ରାଉନ୍‌ଙ୍କ ବିନା ଆମେ ୧୯୮୬ ବିଶ୍ୱକପ୍ ଜିତିପାରି ନ ଥାନ୍ତୁ ବୋଲି ଆର୍ଜେଣ୍ଟିନା କିମ୍ବଦନ୍ତୀ ଡିଏଗୋ ମାରାଡୋନା ଇନ୍‌ଷ୍ଟାଗ୍ରାମ୍‌ରେ ପ୍ରକାଶ କରିଛନ୍ତି। ଜଣେ ଖେଳାଳି ଭାବେ ତାଙ୍କ କ୍ୟାରିୟର ଶେଷ ହେବାପରେ ସେ କୋଚ୍ ଭାବେ କାର୍ଯ୍ୟ କରିଛନ୍ତି। ସର୍ଗିଓ ବଟିଷ୍ଟାଙ୍କ ସହିତ ସେ ଦେଶର ୨୩ ବର୍ଷରୁ କମ୍ ଫୁଟ୍‌ବଲ ଦଳର କୋଚ୍ ଭାବେ କାର୍ଯ୍ୟ କରିଛନ୍ତି। ଏହି ଦଳ ୨୦୦୮ ଅଲିମ୍ପିକ୍ସ ଫୁଟ୍‌ବଲ ଟାଇଟଲ ଜିତିଥିଲା।



## କ୍ରିକେଟରେ ନୂଆ ସ୍ମାର୍ଟ ବଲ୍

**ୱେଲିଂଟନ, ୧୩।୮**

ଆଧୁନିକ କ୍ରିକେଟ୍‌ରେ ଟେକ୍ନୋଲୋଜି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିସାରିଛି। ଏବେ କ୍ରିକେଟ୍ ଖେଳରେ ଆଉ ଏକ ନୂଆ ଟେକ୍ନୋଲୋଜିର ପ୍ରୟୋଗ ଦେଖିବାକୁ ମିଳିବ। ଏଥର ବଲ୍ ଉପରେ ଏହାର ପ୍ରୟୋଗ କରାଯିବାକୁ ଯାଉଛି। ଆଗାମୀ ଦିନରେ ବଲ୍‌ରେ ମାଇକ୍ରୋଚିପ୍ ବ୍ୟବହାର କରିବାକୁ ଯୋଜନା ଚାଲିଛି, ଯାହାକୁ 'ସ୍ମାର୍ଟ ବଲ୍'ର ଆଖ୍ୟା ଦିଆଯାଇଛି। ଅଷ୍ଟ୍ରେଲିଆରେ ଚଳିତ ସମରରେ ଖେଳାଯିବାକୁ ଥିବା ବିଗ୍ ବାସ୍ ଲିଗ୍ (ବିବିଏଲ୍)ରେ ଏହି ବଲ୍‌ର ବ୍ୟବହାର ହେବାର ମଧ୍ୟ ସମ୍ଭାବନା ରହିଛି ବୋଲି ଖବର ପ୍ରକାଶ ପାଇଛି। ନ୍ୟୁଜିଲାଣ୍ଡର ଏକ ଗଣମାଧ୍ୟମର ଖବର ମୁତାବକ ଅଷ୍ଟ୍ରେଲୀୟ ବଲ୍ ପ୍ରସ୍ତୁତକାରୀ କମ୍ପାନୀ 'କୋକାବୁରା' ଟେଷ୍ଟ କ୍ରିକେଟ୍‌ରେ ମଧ୍ୟ ଏହି ବଲ୍ ବ୍ୟବହାର କରିବାକୁ ଆଗ୍ରହ ପ୍ରକାଶ କରିଥିବା ଜଣାପଡ଼ିଛି। ଏହି ବଲ୍‌ର ପରୀକ୍ଷଣ ଏବେ ଅନ୍ତିମ ଚରଣରେ ରହିଛି।

ସ୍ମାର୍ଟ ବଲ୍‌ରେ ଗତିର ତୀବ୍ରତା ମାପିବାର କ୍ଷମତା ରହିଛି। ଉଦାହରଣ ସ୍ୱରୂପ ବୋଲରର ହାତରୁ ବଲ୍ ରିଲିଜ ହେଲାପରେ ବଲ୍‌ର ତୀବ୍ରତା କେତେ ରହିଛି ଏବଂ ବାଉନ୍ସ ପୂର୍ବରୁ ଓ ବାଉନ୍ସ ପରେ ଏହା ମଧ୍ୟ ଜଣାପଡ଼ିବ। ନର୍ମାଲ ର୍‌ୟାଡର୍‌ଠାରୁ ଏହି ସ୍ମାର୍ଟ ବଲ୍‌ର ଗତି ଆକଳନ ଆହୁରି ସଠିକ୍ ରହିବ। ସ୍ପିନରଙ୍କ କ୍ଷେତ୍ରରେ ଏହା ମଧ୍ୟ ସମାନ କାମ କରିବ। ଏହି ସ୍ମାର୍ଟ ବଲ୍ ଅମ୍ପାୟରଙ୍କ ସମେତ ଡିସିସନ ରିଭ୍ୟୁ ସିଷ୍ଟମ (ଡିଆର୍‌ଏସ୍) ନିଷ୍ପତ୍ତି ଗ୍ରହଣ କରିବାରେ ମଧ୍ୟ ସହାୟତା କରିବ। ବ୍ୟାଟ୍ ସହ ବଲ୍‌ର ସଂଯୋଗ ହୋଇଛି କି ନାହିଁ ଏବଂ କ୍ଲୋଜ କ୍ୟାଚ୍‌ବେଳେ ବଲ୍ ଭୂମିରେ ବାଜିଚି କି ନାହିଁ ତାହା ମଧ୍ୟ ସ୍ପଷ୍ଟ ଭାବେ ଜଣାପଡ଼ିବ।




# ଦ୍ୱିତୀୟ ଆଶେସ ଟେଷ୍ଟ ଆଜିଠାରୁ

**ଲଣ୍ଡନ,୧୩।୮(ଏଏଫପି)**

ବିଶ୍ୱ କ୍ରିକେଟର ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ହାଇପ୍ରୋଫାଇଲ ଆଶେସ ସିରିଜ ଦ୍ୱିତୀୟ ଟେଷ୍ଟରେ ବୁଧବାରଠାରୁ ପରସ୍ପରକୁ ଭେଟିବେ। ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଏହି ମ୍ୟାଚ୍ ଖେଳାଯିବ। କିଛିଦିନ ତଳେ ଦିନିକିଆ ବିଶ୍ୱକପ୍ ଟାଇଟଲ ହାସଲ କରିଥିବା ଇଂଲଣ୍ଡ କିନ୍ତୁ ଏଜ୍‌ବାଷ୍ଟନରେ ଖେଳାଯାଇଥିବା ସିରିଜର ପ୍ରଥମ ଟେଷ୍ଟରେ ୨୫୧ ରନର ବୃହତ୍ ବ୍ୟବଧାନରେ ପରାସ୍ତ ହୋଇଥିଲା ଓ ୫ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ୧–୦ରେ ପଛରେ ପଡିଥିଲା। ଫଳରେ ଦ୍ୱିତୀୟ ମ୍ୟାଚ୍ ଜିତି ଘରୋଇ ଇଂଲଣ୍ଡ ସିରିଜ୍‌କୁ ୧–୧ ସମାନସ୍ତରକୁ ଆଣିବାକୁ ପ୍ରୟାସ କରିବ। ଗତ ଆଶେସରେ ଅଷ୍ଟ୍ରେଲିଆ ବାଜି ମାରିଥିଲେ ମଧ୍ୟ ଇଂଲଣ୍ଡ ମାଟିରେ ଗତ ୧୮ ବର୍ଷ ହେବ ସିରିଜ ବିଜୟ ହାସଲ କରିବାରେ ବିଫଳ ହୋଇଛି। ଏଥର କିନ୍ତୁ ଅଷ୍ଟ୍ରେଲିଆ ଆଶେସ୍ ଜିତି ଇତିହାସ ସୃଷ୍ଟି କରିବା ଲକ୍ଷ୍ୟରେ ରହିଛି।

ପ୍ରଥମ ମ୍ୟାଚ୍‌ର ପରାଜୟ ପରେ ଇଂଲଣ୍ଡ ବୋଲିଂ ବିଭାଗରେ ସୁଧାର ଆଣିବା ଲକ୍ଷ୍ୟରେ ରହିଛି। ଅଭିଜ୍ଞ ଷ୍ଟିଭ୍ ସ୍ମିଥ୍ ଦମ୍‌ଦାର ପ୍ରଦର୍ଶନ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ପ୍ରଥମ ଇନିଂସରେ ୧୪୪ ଓ ଦ୍ୱିତୀୟ ଇନିଂସରେ ୧୪୨ ରନର ଶତକୀୟ ପାଳି ଖେଳି ସ୍ମିଥ୍ ଇଂଲଣ୍ଡ ବୋଲରଙ୍କୁ ନିରାଶ କରିଥିଲେ। ବଲ୍ ଟ୍ୟାମ୍ପରିଂ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଗୋଟିଏ ବାସନ୍ଦ ହେବାପରେ ସ୍ମିଥ୍ ଟେଷ୍ଟକୁ ପ୍ରତ୍ୟାବର୍ତ୍ତନ କରି ନିଜର ଦକ୍ଷତା ପ୍ରତିପାଦନ କରିଛନ୍ତି। ତେଣୁ ସ୍ମିଥ୍‌ଙ୍କୁ ଶୀଘ୍ର ଆଉଟ୍ କରିବା ପାଇଁ ଇଂଲଣ୍ଡ ଯୁବ ଦ୍ରୁତ ବୋଲର ଜୋଫ୍ରା ଆର୍ଚରଙ୍କୁ ଦଳକୁ ଆଣି ରଣନୀତି ପ୍ରସ୍ତୁତ କରିବା ଆଶା କରାଯାଉଛି।

ପ୍ରଥମ ମ୍ୟାଚ୍ ହାରିବା ପରେ ଇଂଲଣ୍ଡ ମାତ୍ର ୨ଥର ଆଶେସ୍ ଜିତିଛି। ୧୯୮୧ରେ ଅଲରାଉଣ୍ଡର ଇଆନ ବୋଥାମ ଦମ୍‌ଦାର ପ୍ରଦର୍ଶନ କରି ଇଂଲଣ୍ଡକୁ ଜିତାଇଥିଲେ। ସେହିପରି ୨୦୦୫ରେ ଇଂଲଣ୍ଡ ପ୍ରଥମ ମୁକାବିଲାରେ ପରାସ୍ତ ହୋଇଥିଲେ ମଧ୍ୟ ଶେଷରେ ୨–୧ରେ ସିରିଜ ହାତେଇଥିଲା। ପ୍ରଥମ ମ୍ୟାଚ୍‌ରେ ଅଭିଜ୍ଞ ଦ୍ରୁତ ବୋଲର ୩୭ ବର୍ଷୀୟ ଜେମ୍ସ ଆଣ୍ଡରସନ ଇଞ୍ଜୁରି କାରଣରୁ ମାତ୍ର ୪ ଓଭର ବୋଲିଂ କରିପାରିଥିଲେ। ଏହା ଇଂଲଣ୍ଡ ପାଇଁ ବେଶ୍ ମହଙ୍ଗା ସାବ୍ୟସ୍ତ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍‌ରୁ ଆଣ୍ଡରସନଙ୍କୁ ବାଦ୍ ଦିଆଯାଇଛି। ଆଣ୍ଡରସନ ଖେଳୁ ନ ଥିବାରୁ ଆମେ ଅବଶ୍ୟ ସୁବିଧାଜନକ ସ୍ଥିତିରେ ରହିବୁ ବୋଲି ଅଷ୍ଟ୍ରେଲୀୟ କୋଚ୍ ଜଷ୍ଟିନ ଲାଙ୍ଗର କହିଛନ୍ତି। ଲର୍ଡ୍ସରେ ପରିବେଶ ଓ ପରିସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ। ତେଣୁ ମ୍ୟାଚ୍ ପାଇଁ ଆମକୁ ପ୍ରସ୍ତୁତ ରହିବାକୁ ପଡିବ। ଆଣ୍ଡରସନଙ୍କ ଅନୁପସ୍ଥିତିରେ ବିଶ୍ୱକପ୍‌ରେ ଜବରଦସ୍ତ ପ୍ରଦର୍ଶନ କରିଥିବା ଯୁବ ଦ୍ରୁତ ବୋଲର ଜୋଫ୍ରା ଆର୍ଚର ଟେଷ୍ଟ ପଦାର୍ପଣ କରିବେ ଓ ନିଜର ଦକ୍ଷତା ପ୍ରତିପାଦନ କରିବାର ସୁଯୋଗ ହାସଲ କରିବେ। ସେହିପରି ଇଂଲଣ୍ଡ ବାମହାତୀ ସ୍ପିନର ଜ୍ୟାକ ଲିଚ୍‌ଙ୍କୁ ଦଳରେ ସାମିଲ କରିବା ଆଶା କରାଯାଉଛି। ଲର୍ଡ୍ସରେ କିଛିଦିନ ତଳେ ଖେଳାଯାଇଥିବା ଆୟର୍ଲାଣ୍ଡ ବିପକ୍ଷ ଏକମାତ୍ର ଟେଷ୍ଟରେ ସେ କ୍ୟାରିୟର ଶ୍ରେଷ୍ଠ ୯୨ ରନ ସଂଗ୍ରହ କରିଥିଲେ ଓ ଦଳ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ପ୍ରଥମ ଟେଷ୍ଟରେ ସ୍ପିନର ମୋଇନ ଅଲି ଚମକ ଦେଖାଇବାରେ ବିଫଳ ହୋଇଥିବାରୁ ଲିଚ୍‌ଙ୍କୁ ସୁଯୋଗ ମିଳିବା ଆଶା କରାଯାଉଛି। ଏହି ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ତା'ର ବୋଲିଂ ଆଟାକ୍‌କୁ ରୋଟେଟ୍ କରିବ। ମିଚେଲ ଜନସନ ଓ ଜୋଶ ହାଜେଲଉଡ୍ ଇଂଲଣ୍ଡ ଟପ୍ ଅର୍ଡର ବିପକ୍ଷରେ ଚ୍ୟାଲେଞ୍ଜର ସମ୍ମୁଖୀନ ହେବେ। ଲର୍ଡ୍ସରେ ଶୁଖିଲା କିମ୍ବା ସବୁଜ ପିଚ ମିଳିଲେ ଆମ ପାଇଁ ବିଭିନ୍ନ ବିକଳ୍ପ ରହିଛି ବୋଲି ଲାଙ୍ଗର କହିଛନ୍ତି। ଆମ ପାଖରେ ୬ଜଣ ଉଚ୍ଚକୋଟୀର ଦ୍ରୁତ ବୋଲର ରହିଛନ୍ତି। ତେଣୁ ପରିସ୍ଥିତି ଦେଖି ଅନ୍ତିମ ଦଳ ଚୟନ କରିବୁ। ୧–୦ରେ ପିଛେଇଥିବାରୁ ଇଂଲଣ୍ଡ ଅବଶ୍ୟ ଅଧିକ ଚାପରେ ରହିବ। ଏହି ମ୍ୟାଚ୍‌ରେ ସ୍ମିଥ୍ ସମସ୍ତଙ୍କ ନଜରରେ ରହିବେ।



ଅଷ୍ଟ୍ରେଲିଆ ଖେଳାଳିଙ୍କ ଅଭ୍ୟାସ।

- **ଇଂଲଣ୍ଡ ଦଳ:** ଜୋ ରୁଟ୍ (ଅଧିନାୟକ), ମୋଇନ ଅଲି, ଜେମ୍ସ ଆଣ୍ଡରସନ, ଜୋଫ୍ରା ଆର୍ଚର, ଜନି ବେୟାରଷ୍ଟୋ, ଷ୍ଟୁଆର୍ଟ ବ୍ରଡ, ରୋରି ବର୍ନ୍ସ, ଜୋସ ବଟଲର, ସାମ କୁରାନ, ଜୋ ଡେନଲି, ଜାସନ ରଏ, ବେନ୍ ଷ୍ଟୋକ୍ସ, ଓଲି ଷ୍ଟୋନ୍ସ ଓ କ୍ରିସ୍ ୱୋକ୍ସ
- **ଅଷ୍ଟ୍ରେଲିଆ ଦଳ:** ଟିମ୍ ପେନ୍ (ଅଧିନାୟକ), କାମେରନ ବ୍ୟାଙ୍କ୍ରଫ୍ଟ, ପ୍ୟାଟ୍ କୁମିନ୍ସ, ମାର୍କସ ହାରିସ୍, ଜୋଶ ହାଜେଲଉଡ, ଟ୍ରାଭିସ୍ ହେଡ, ଉସ୍‌ମାନ ଖ୍ୱାଜା, ମର୍ନସ ଲାବୁସେନ, ନାଥନ ଲିୟନ, ମିଚେଲ ମାର୍ଶ, ଜେମ୍ସ ପାଟିନସନ, ପିଟରକ ସିଡଲ, ଷ୍ଟିଭେନ୍ ସ୍ମିଥ୍, ମିଚେଲ ଷ୍ଟାର୍କ, ମାଥ୍ୟୁସ ୱେଡ୍, ଡେଭିଡ ୱାର୍ନର

## ସଂକ୍ଷେପରେ

### ସେପ୍ଟେମ୍ବରରେ ସମୀକ୍ଷା ହେବ ଓଭର ଥ୍ରୋ ନିୟମ

**ଲଣ୍ଡନ,୧୩।୮:** ବିଶ୍ୱକପ୍ ଫାଇନାଲରେ ଡିପ୍ ଅଞ୍ଚଳରୁ ଯେଉଁ ଥ୍ରୋ ବେନ ଷ୍ଟୋକ୍ସଙ୍କ ବ୍ୟାଟରେ ବାଜି ବାଉଣ୍ଡ୍ରି ଲାଇନ ଅତିକ୍ରମ କରିଥିଲା, ତାହା ଆସନ୍ତା ସେପ୍ଟେମ୍ବରରେ ସମୀକ୍ଷା ହେବ। ଏ ନେଇ ମାରିଲେବୋନ କ୍ରିକେଟ କ୍ଲବ ପକ୍ଷରୁ କୁହାଯାଇଛି। ଉକ୍ତ ଓଭର ଥ୍ରୋ ଯୋଗୁ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍‌କୁ ଇଂଲଣ୍ଡ ସୁପର ଓଭରକୁ ନେବା ପରେ ବିଶ୍ୱକପ୍ ହାତେଇଥିଲା। ଡବ୍ଲ୍ୟୁସିସି (ବିଶ୍ୱ କ୍ରିକେଟ କମିଟି) ଓଭର ଥ୍ରୋ ସମ୍ବନ୍ଧୀୟ ନିୟମ ୧୯.୮ ବିଷୟରେ ଆଲୋଚନା କରିଛି। କମିଟି ଅନୁଭବ କରିଛି ଯେ, ନିୟମରେ ସ୍ୱଷ୍ଟତା ରହିଛି। ହେଲେ ଘଟଣାକୁ ସବ୍ କମିଟି ଆସନ୍ତା ସେପ୍ଟେମ୍ବରରେ ସମୀକ୍ଷା କରିବ ବୋଲି କୁହାଯାଇଛି। ନ୍ୟୁଜିଲାଣ୍ଡ ପକ୍ଷରୁ ଧାର୍ଯ୍ୟ ୨୪୧ ରନ୍‌ର ବିଜୟଲକ୍ଷ୍ୟକୁ ପିଛା କରୁଥିବାବେଳେ ଇଂଲଣ୍ଡ ଅନ୍ତିମ ୩ ବଲରେ ୯ ରନ୍ ଦରକାର କରୁଥିଲା। ଡିପ୍ ଅଞ୍ଚଳରେ ଗୁପଟିଲଙ୍କ ଥ୍ରୋ ଷ୍ଟୋକ୍ସ ଡାଇଭ ମାରିଥିବାବେଳେ ତାଙ୍କ ବ୍ୟାଟରେ ବାଜି ବଲ ବଉଣ୍ଡ୍ରି ଚାଲିଯାଇଥିଲା। ଏହାକୁ ଅନ୍ ଫିଲ୍ଡ ଅମ୍ପାୟର ଅଲିମ ଦାର ଓ ମାରିଅସ ଇରାମୁସ ୬ ରନ୍ ଦେଇଥିଲେ। ବ୍ୟାଟ୍ସମ୍ୟାନ ଦୁଇ ରନ୍ ନେଇଥିବାବେଳେ ଓଭର ଥ୍ରୋ ବାବଦକୁ ୪ ମିଳିଥିଲା। କିନ୍ତୁ ନିୟମ ଅନୁଯାୟୀ, ଅମ୍ପାୟର ଉକ୍ତ ଥ୍ରୋ ଲାଗି ମୋଟ ୫ ରନ୍ ଦେବା କଥା ବୋଲି ପୂର୍ବତନ ଆଇସିସି ଏଲାଇଟ୍ ପ୍ୟାନେଲ ଅମ୍ପାୟର ସାଇନ ଟଫେଲ କହିଥିଲେ।

### ପ୍ରଥମ ରାଉଣ୍ଡରୁ ମୁରେଙ୍କ ବିଦାୟ

**ସିନସିନାଟି,୧୩।୮ (ପିଟି):** ଚଳିତ ବର୍ଷ ଜାନୁୟାରୀରେ ଅଣ୍ଟାରେ ଅସ୍ତ୍ରୋପଚାର କରାଇବା ପରେ ଆଣ୍ଡି ମୁରେ ପ୍ରଥମ ଥର ପାଇଁ ପୁରୁଷ ସିଙ୍ଗଲ୍ସ ବର୍ଗକୁ ଫେରିଥିଲେ। ହେଲେ ସେ ସିନସିନାଟି ମାଷ୍ଟର୍ସ ଟୁର୍ନାମେଣ୍ଟର ପ୍ରଥମ ବାଧା ଅତିକ୍ରମ କରିବାରେ ବିଫଳ ହୋଇଛନ୍ତି। ପୂର୍ବତନ ଶୀର୍ଷ ର୍‍ୟାଙ୍କଧାରୀ ମୁରେ ୪-୬, ୪-୬ ସେଟ୍‌ରେ ରିଚାର୍ଡ ଗାସକ୍ୟୁଟଙ୍କଠାରୁ ହାରିଛନ୍ତି। ଦୁଇଥର ଚାମ୍ପିୟନ ମ୍ୟାଚ୍‌ରେ ସମ୍ପୂର୍ଣ୍ଣ ଆତ୍ମବିଶ୍ୱାସର ସହ ଖେଳି ପାରି ନ ଥିଲେ। ସେ ୟୁଏସ୍ ଓପନ ଖେଳିବେ ନାହିଁ ବୋଲି ପୂର୍ବରୁ କହିଥିଲେ। ଏହି ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଦୁଇ ସପ୍ତାହ ପରେ ଖେଳାଯିବ। ଉଲ୍ଲେଖଥାଉ କି, ମୁରେ ଅସ୍ତ୍ରୋପଚାର ପରେ କୋର୍ଟକୁ ଫେରିଥିଲେ ମଧ୍ୟ ପୁରୁଷ ଡବଲ୍ସ ଓ ମିକ୍ସଡ୍ ଡବଲ୍ସ ବର୍ଗରେ ଖେଳୁଥିଲେ।



❝ ଆଇସିସି ଦିନିକିଆ ବିଶ୍ୱକପ୍‌ରେ ଫାଇନାଲକୁ ଉନ୍ନୀତ ହେବାପରେ ଟେଷ୍ଟ ଚାମ୍ପିୟନଶିପ୍‌ରେ ଆମେ ଭଲ କରିପାରିବୁ ବୋଲି ଆମର ଆଶା ରହିଛି ।

–କେନ୍ ୱିଲିୟମସନ,ନ୍ୟୁଜିଲାଣ୍ଡ କ୍ରିକେଟ ଅଧିନାୟକ



❝ ଆମର ସମସ୍ତ ବୋଲର ଫିଟ୍ ଥିବାରୁ ଚଳିତ ଆଶେସ ସିରିଜରେ ଖେଳାଳି ମନୋନୟନବେଳେ ଚୟନକର୍ତ୍ତାମାନେ ଅଡୁଆରେ ପଡ଼ିବେ ।

–ଝେ ରିଚାର୍ଡସନ, ଅଷ୍ଟ୍ରେଲୀୟ ପେସ୍ ବୋଲର

# ନାଭାଲ ଟାଟା ହକି ଏକାଡେମୀ ଉଦ୍‌ଘାଟିତ



ନାଭାଲ ଟାଟା ହକି ଏକାଡେମୀର ଖେଳାଳିଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ କ୍ରୀଡ଼ା ବିଭାଗ ଓ ଟାଟା ଷ୍ଟିଲ୍‌ର ଅଧିକାରୀମାନେ।

ଭୁବନେଶ୍ୱର, ୧୩।୮ (ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶା କ୍ରୀଡ଼ା ଇତିହାସରେ ମଙ୍ଗଳବାର ଆଉ ଏକ ନୂଆ ଅଧ୍ୟାୟ ଯୋଡ଼ି ହୋଇଛି। ଟାଟା ଷ୍ଟିଲ୍, ଟାଟା ଟ୍ରଷ୍ଟସ ଓ ଓଡ଼ିଶା ସରକାରଙ୍କ ମିଳିତ ଉଦ୍ୟମରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ପରିସରରେ 'ନାଭାଲ ଟାଟା ହକି ଏକାଡେମୀ' ଉଦ୍‌ଘାଟିତ ହୋଇଯାଇଛି। ଅପରାହ୍ଣରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅତିଥିଭାବେ ଯୋଗଦେଇ ଏହି ଉଚ୍ଚ ପ୍ରଦର୍ଶନ ହକି କେନ୍ଦ୍ର–ନାଭାଲ ଟାଟା ହକି ଏକାଡେମୀ (ଏନ୍‌ଟିଏଚ୍ଏ)କୁ ଉଦ୍‌ଘାଟନ କରିଛନ୍ତି। ଫଳରେ ଏବେ ରାଜ୍ୟର ହକି ପ୍ରତିଭାଙ୍କୁ ଭବିଷ୍ୟତରେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରର କ୍ରୀଡ଼ାବିତ୍‌ଭାବେ ଗଢ଼ିତୋଳିବାରେ ଏହି ଏକାଡେମୀ ବେଶ୍ ସହାୟକ ହେବ ବୋଲି ଆଶା କରାଯାଉଛି। ଟାଟା ଷ୍ଟିଲ ଓ ଟାଟା ଟ୍ରଷ୍ଟର ଏହିଭଳି ଉଦ୍ୟମକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିବା ସହିତ ଏହି ଏକାଡେମୀକୁ ଆନୁଷ୍ଠାନିକ ଭାବେ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ ମଧ୍ୟ କରିଛନ୍ତି। ଏହି ଅବସରରେ ଟାଟା ଷ୍ଟିଲ୍‌ର ସିଇଓ ଓ ଏମ୍‌ଡି ଟି.ଭି. ନରେନ୍ଦ୍ରନ, କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, କ୍ରୀଡ଼ା ଓ ଯୁବସେବା ବିଭାଗ ନିର୍ଦ୍ଦେଶକ ଭିନିଲ କ୍ରିଷ୍ଣା, ଟାଟା ଷ୍ଟିଲ ଉପସଭାପତି (କର୍ପୋରେଟ୍ ସେବା) ଚାଣକ୍ୟ ଚୌଧୁରୀ, ଟାଟା ଟ୍ରଷ୍ଟସର ବରିଷ୍ଠ ଉପଦେଷ୍ଟା ବୁରଜିସ ତାରାପୋରବାଲା ପ୍ରମୁଖ ଉପସ୍ଥିତ ରହିଥିଲେ। 'ଦେଶରେ କ୍ରୀଡ଼ାର ରାଜଧାନୀ ଭାବେ ଭୁବନେଶ୍ୱରରେ ଦ୍ରୁତ ଗତିରେ ଉଦୀୟମାନ ହେଉଛି। ନାଭାଲ ଟାଟା ହକି ଏକାଡେମୀ ପ୍ରତିଷ୍ଠା କରାଯିବା ସହ ଓଡ଼ିଶାର ଯୁବତୀଯୁବକମାନେ କମ୍ ବୟସରୁ କୃତ୍ରିମ ଟର୍ଫରେ ଶ୍ରେଷ୍ଠମାନର ପ୍ରଶିକ୍ଷଣ ହାସଲ କରିପାରିବେ। ଫଳରେ ଭବିଷ୍ୟତରେ କ୍ରୀଡ଼ାବିତ୍‌ମାନେ ସେମାନଙ୍କ ଅନ୍ତର୍ଜାତୀୟ ପ୍ରତିପକ୍ଷଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବାରେ ସହାୟକ ହେବ। ସର୍ବୋପରି ଅନ୍ତର୍ଜାତୀୟସ୍ତରରେ ଦେଶ ତରଫରୁ କିପରି ଅଧିକ ଓଡ଼ିଆ ଖେଳାଳି ପ୍ରତିନିଧିତ୍ୱ କରିପାରିବେ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ରଖାଯାଇଛି। ଏଥିସହ ଏହି ଅଭିଯାନ ମଧ୍ୟ ଉଚ୍ଚମାନର ହକି କୋଚ୍ ସୃଷ୍ଟି କରିବାରେ ସହାୟକ ହେବ' ବୋଲି କ୍ରୀଡ଼ା ଓ ଯୁବସେବା ବିଭାଗ ମନ୍ତ୍ରୀ ତୁଷାରକାନ୍ତି ବେହେରା ଖବରଦାତା ସମ୍ମିଳନୀରେ କହିଛନ୍ତି।

'ଟାଟା ଷ୍ଟିଲ ସର୍ବଦା କ୍ରୀଡ଼ାକୁ ଏକ ବିରତି ଏବଂ ପେସାଭାବେ ଉତ୍ସାହିତ ଓ ସହଯୋଗ ପ୍ରଦାନ କରିଆସିଛି। ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଜରିଆରେ ସବୁବେଳେ ତୃଣମୂଳସ୍ତରରେ ଯୁବତୀଯୁବକଙ୍କ ସହ ଯୋଡ଼ି ହୋଇରହିଛି। ଏହି ଏକାଡେମୀ ଭବିଷ୍ୟତରେ ଚାମ୍ପିୟନ ଖେଳାଳି ସୃଷ୍ଟି କରିବାରେ ସହାୟକ ହେବ' ବୋଲି ଟାଟା ଷ୍ଟିଲ ସିଇଓ ଓ ଏମ୍‌ଡି ଟି.ଭି. ନରେନ୍ଦ୍ରନ ଏହି ଅବସରରେ ପ୍ରକାଶ କରିଛନ୍ତି।

## ସମ୍ବଲପୁର, ସୁନ୍ଦରଗଡ଼ରେ ତୃଣମୂଳ କେନ୍ଦ୍ର




ମୁଖ୍ୟମନ୍ତ୍ରୀ ହକି ଏକାଡେମୀ ଉଦ୍‌ଘାଟନ କରୁଛନ୍ତି।

ରାଜ୍ୟର କ୍ରୀଡ଼ା ପ୍ରତିଭାମାନଙ୍କ ପରିପୋଷଣ ଲାଗି ଟାଟା ଷ୍ଟିଲ୍, ଟାଟା ଟ୍ରଷ୍ଟସ ଓ ଓଡ଼ିଶା ସରକାରଙ୍କ ମିଳିତ ଉଦ୍ୟୋଗରେ ସ୍ଥାପନ କରାଯାଇଥିବା ଟାଟା ଓଡ଼ିଶା ହକି କାର୍ଯ୍ୟକ୍ରମର ୩ ସୂତ୍ରୀ ଅଂଶବିଶେଷ ସ୍ୱରୂପ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ହକି କମ୍ପ୍ଲେକ୍ସ ପରିସରରେ ଏହି ଉଚ୍ଚସ୍ତରୀୟ ହକି ଏକାଡେମୀ ଖୋଲାଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଭୁବନେଶ୍ୱର, ସୁନ୍ଦରଗଡ଼ ଓ ରାଉରକେଲାଠାରେ ରହିଥିବା କ୍ରୀଡ଼ା ଛାତ୍ରାବାସ ଏବେ ଆଞ୍ଚଳିକ ବିକାଶ କେନ୍ଦ୍ର (ଆର୍‌ଡିସି)ରେ ପରିଣତ ହେବ। ଟାଟା ଷ୍ଟିଲ୍ ଓ ଟାଟା ଟ୍ରଷ୍ଟସ୍‌ର ବିଶେଷଜ୍ଞମାନେ ଆର୍‌ଡିସିଗୁଡ଼ିକ ସହ ଏକାଠି କାମକରି ସେମାନଙ୍କ ଦକ୍ଷତା ଓ ଉତ୍କର୍ଷ ବଢ଼ାଇବେ। ପ୍ରାରମ୍ଭିକ ପର୍ଯ୍ୟାୟରେ ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲାରେ ୧୦ରୁ ୨୦ଟି ତୃଣମୂଳ କେନ୍ଦ୍ର ସ୍ଥାପନ କରାଯିବ। ତୃଣମୂଳସ୍ତରରୁ ଯେଉଁ ପ୍ରତିଭାମାନଙ୍କୁ ଚୟନ କରାଯିବ ସେମାନଙ୍କୁ କ୍ରୀଡ଼ା ଛାତ୍ରାବାସରେ ନାମ ଲେଖାଇବା ପାଇଁ ସୁପାରିସ କରାଯିବ। ତୃଣମୂଳ କେନ୍ଦ୍ର ଓ ଆର୍‌ଡିସିଗୁଡ଼ିକ ନିୟମିତ ଭାବେ ନାଭାଲ ଟାଟା ହକି ଏକାଡେମୀକୁ କ୍ରୀଡ଼ା ପ୍ରତିଭା ଯୋଗାଣକୁ ନିଶ୍ଚିତ କରିବେ। ଆର୍‌ଡିସି ଓ ଏନ୍‌ଟିଏଚ୍ଏ ଓଡ଼ିଶାର ଆବଶ୍ୟକତା ପୂରଣ କରିବ। ସେହିଭଳି ଏହିସବୁ ଅଞ୍ଚଳରେ ଗୁଣାତ୍ମକ ହକି ଖେଳାଳିଙ୍କ ଉନ୍ନତି ଦିଗରେ ଭିତ୍ତିଭୂମି ବିକଶିତ କରାଇବା ଲାଗି ସରକାର ସହାୟତା ପ୍ରଦାନ କରିବେ। ଏଥିସହ ଯେଉଁ ଯୁବ ଓ ଉତ୍ସାହୀ ଖେଳାଳି ପିଲାଙ୍କ ସହ ମିଶି କାମ କରିବାକୁ ଆଗ୍ରହୀ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯାଇ ଏହି କେନ୍ଦ୍ରଗୁଡ଼ିକରେ ପ୍ରଶିକ୍ଷଣ ପ୍ରଦାନକାରୀ ଏବଂ ସଂଯୋଜକଭାବେ ପେସାଦାର ସୁଯୋଗ ଦିଆଯିବ। ଉଲ୍ଲେଖଯୋଗ୍ୟ, ଭାରତୀୟ ହକି ପ୍ରତି ଯୋଗଦାନ ଓ କ୍ରୀଡ଼ା ପ୍ରଶାସକ ଭାବେ କୃତିତ୍ୱ ହାସଲ କରିଥିବା ନାଭାଲ ଏଚ୍ ଟାଟାଙ୍କ ପ୍ରତି ସମ୍ମାନସ୍ୱରୂପ ଏହି ଏକାଡେମୀର ନାମକରଣ କରାଯାଇଛି। ନାଭାଲ ସର୍ବଭାରତୀୟ କ୍ରୀଡ଼ା ପରିଷଦ (ଏଆଇସିଏସ୍), ଭାରତୀୟ ହକି ମହାସଂଘ (ଏଫ୍ଆଇଏଚ୍) ଓ ଅନ୍ତର୍ଜାତୀୟ ହକି ମହାସଂଘ (ଆଇଏଫ୍ଏଚ୍)ର ସଭାପତି ଭଳି ସମ୍ମାନଜନକ ପଦରେ ସଫଳତାର ସହ କାର୍ଯ୍ୟ ତୁଲାଇଥିଲେ। ପୂର୍ବରୁ ଜାମସେଦପୁରଠାରେ ଏନ୍‌ଟିଏଚ୍‌ଏର ଆଉ ଏକ ଏକାଡେମୀ କାର୍ଯ୍ୟ କରୁଛି।

### ଓଡ଼ିଶାରୁ ୧୮ ଖେଳାଳି

ନାଭାଲ ଟାଟା ହକି ଏକାଡେମୀରେ ପ୍ରଥମେ ବାଳିକାମାନଙ୍କୁ ନେଇ ପ୍ରଶିକ୍ଷଣ ପ୍ରଦାନ କରାଯିବ। ପ୍ରଥମ ପର୍ଯ୍ୟାୟରେ ୧୨ରୁ ୧୭ ବର୍ଷ ମଧ୍ୟରେ ମୋଟ୍ ୨୪ଜଣ ବାଳିକାଙ୍କୁ ଏକାଡେମୀ ଲାଗି ଚୟନ କରାଯାଇଛି। ଯେଉଁଥିରେ ଓଡ଼ିଶାର ସମ୍ବଲପୁର, ସୁନ୍ଦରଗଡ଼, ଦେଓଗଡ଼ ଆଦି ଜିଲାର ୧୮ଜଣ ରହିଥିବାବେଳେ ବଳକା ଖେଳାଳି ଝାଡ଼ଖଣ୍ଡ, ଆସାମର ଏଥିରେ ସ୍ଥାନ ପାଇଛନ୍ତି। ୟୁରୋପୀୟ ଓ ବିଶ୍ୱ ଚାମ୍ପିୟନ ତଥା ୩ଥର ଅଲିମ୍ପିକ ପଦକ ବିଜେତା ନେଦରଲାଣ୍ଡ୍‌ସର ଫ୍ଲୋରିସ ଜାନ୍ ବୋଭେଲାଣ୍ଡର ଏହି ଏକାଡେମୀର ପ୍ରଶିକ୍ଷକ ନିଯୁକ୍ତ ହୋଇଛନ୍ତି। ତିନିଜଣ ସହାୟକ କୋଚ୍ ତାଙ୍କୁ ସହାୟତା କରିବେ। ସେହିଭଳି ଏହି ଏକାଡେମୀରେ ଫିଜିଓ, ପୋଷଣ ବିଶେଷଜ୍ଞ ନିଯୁକ୍ତ କରାଯିବ। ପ୍ରଶିକ୍ଷାର୍ଥୀଙ୍କୁ ଏଠାରେ ଖେଳ ବ୍ୟତୀତ ଶିକ୍ଷା, ବ୍ୟକ୍ତିଗତ ବିକାଶ ଆଦି ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ଦ୍ୱିତୀୟାର୍ଦ୍ଧରେ ଏହି ଏକାଡେମୀରେ ବାଳକମାନଙ୍କୁ ସାମିଲ କରାଯିବ ବୋଲି ଜଣାପଡ଼ିଛି।

# ସିଓଏର ନିଷ୍ପତ୍ତି: କେବଳ କ୍ରିକେଟ କ୍ଲବକୁ ମିଳିବ ସଦସ୍ୟତା

**କଟକ ଅଫିସ,୧୩।୮:** ସୁପ୍ରିମକୋର୍ଟ ପକ୍ଷରୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ପରିଚାଳନା ପାଇଁ ନିଯୁକ୍ତ କମିଟି ଅଫ ଆଡମିନଷ୍ଟ୍ରେଟର(ସିଓଏ)ର ବୈଠକ ମଙ୍ଗଳବାର ମୁମ୍ବାଇଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ରାଜ୍ୟ ସଂଘର ନିର୍ବାଚନ ନେଇ ଯେଉଁ ନିଷ୍ପତ୍ତି ହୋଇଛି ତାହା ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପାଇଁ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। କାରଣ ବୈଠକରେ କ୍ଲବମାନଙ୍କୁ ସଦସ୍ୟତା ମିଳିବା ନେଇ ଦୀର୍ଘ ସମୟର ଆଲୋଚନା ହୋଇଥିଲା। ଯେଉଁଥିରେ କ୍ରିକେଟ ସହ ଜଡ଼ିତ କ୍ଲବ ତଥା କ୍ରିକେଟ ଟୁର୍ନାମେଣ୍ଟରେ ଭାଗ ନେଉଥିବା କିମ୍ବା କ୍ରିକେଟକୁ ପ୍ରୋତ୍ସାହିତ କରୁଥିବା କ୍ଲବମାନେ ସଦସ୍ୟତା ପାଇଁ ହକଦାର ବୋଲି ସିଓଏ ଘୋଷଣା କରିଛି। ଯାହା ଫଳରେ ସଦସ୍ୟତା ପାଇବାକୁ ଦାବି କରୁଥିବା ଓଡ଼ିଶାର ଅନେକ କ୍ଲବ ନିମନ୍ତେ ଏବେ ଚିନ୍ତାର ବିଷୟ ପାଲଟିଛି। ଦେଶର ୩୬ଟି ଯାକ କ୍ରିକେଟ ସଂଘ ଏ ଦିଗରେ ବିଶେଷ ଦୃଷ୍ଟି ଦେବାକୁ ସିଓଏର ନିର୍ଦ୍ଦେଶ ରହିଛି। ସାମାଜିକ କ୍ଲବ ନ ହୋଇ ଯେଉଁଟି ପ୍ରକୃତରେ କ୍ରିକେଟ କ୍ଲବ ତାହାର ଚୂଡ଼ାନ୍ତ ତାଲିକା ଖୁବଶୀଘ୍ର ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛି ସିଓଏ। ଏହି ଘୋଷଣା ପରେ ଓସିଏ ସହ ଅନୁବନ୍ଧିତ ଅନେକ ପୁରୁଣା କ୍ଲବଙ୍କ ପତ୍ତା ଏବେ କଟିବ ବୋଲି ଜଣେ ବରିଷ୍ଠ କ୍ରୀଡ଼ା ସଙ୍ଗଠକ ନିଜ ନାମ ଗୋପନ ରଖି ମତ ଦେଇଛନ୍ତି। ସିଓଏର ପୂର୍ଣ୍ଣ ଅନୁମୋଦନ ପ୍ରାପ୍ତ ଓସିଏ ପାଇଁ ଗୋଟିଏ ହିଁ ସମସ୍ୟା ମୁଣ୍ଡ ଟେକି ଛିଡ଼ା ହୋଇଥିଲା। ଏହା ହେଉଛି କ୍ଲବମାନଙ୍କୁ ସଦସ୍ୟତା ପ୍ରଦାନ। ସମ୍ବିଧାନ ସଂଶୋଧନ ଦିନଠାରୁ ରାଜ୍ୟର ଅନେକ କ୍ଲବ ସଦସ୍ୟତା ପାଇବାକୁ ଅଣ୍ଟା ଭିଡ଼ିଥିଲେ। ଯାହା ଓସିଏ ପାଇଁ ସମସ୍ୟା ସୃଷ୍ଟି କରିଥିଲା। ଏପରିକି ଅନେକ କ୍ଲବ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଓସିଏ ସହ ପୂର୍ବରୁ ଅନୁବନ୍ଧିତ ଥିବା ୨୦ କ୍ଲବକୁ ସମ୍ବିଧାନ ସଂଶୋଧନ ରିପୋର୍ଟରେ ବାଦ୍ ଦେବା ଫଳରେ ବିବାଦ ଜୋର ଧରିଥିଲା। ଏହି ୨୦ କ୍ଲବ ହେଲେ ଟାଉନ କ୍ଲବ, ରୋଭର୍ସ କ୍ଲବ, ଜୟଦୁର୍ଗା କ୍ଲବ, ସନରାଇଜ କ୍ଲବ, ସନସାଇନ କ୍ଲବ, କିଶୋର କ୍ଲବ, ରୟାଲ କ୍ଲବ, ବିସିୟୁ, ମଙ୍ଗଳା କ୍ଲବ, ସହୀଦ ସ୍ପୋର୍ଟିଂ କ୍ଲବ, ଏଲଆଇସି ସ୍ପୋର୍ଟସ କ୍ଲବ, ରାଇଜିଂ ଷ୍ଟାର କ୍ଲବ, ଓଜିପି କ୍ଲବ, ଜଗତପୁର ଆଥ୍‌ଲେଟିକ ଆସୋସିଏଶନ, ଏସିସି, ଏସ୍‌ବିଆଇ ସ୍ପୋର୍ଟସ କ୍ଲବ, ରାଇଜିଂ ଷ୍ଟୁଡେଣ୍ଟ କ୍ଲବ, ୟୁନିୟନ ସ୍ପୋର୍ଟିଂ କ୍ଲବ, ବିଶ୍ୱଭାରତୀ କ୍ଲବ ଓ ଜୁଭେନାଇଲ କ୍ଲବ। ବିବାଦ ସୁପ୍ରିମକୋର୍ଟରେ ପହଞ୍ଚିବା ଫଳରେ ଓସିଏ କାର୍ଯ୍ୟକାରୀ କମିଟି ଉପରୋକ୍ତ ୨୦ କ୍ଲବର ନାମ ସୁପାରିଶ କରିଥିଲା। ଏହାପରେ ଭୁବନେଶ୍ୱରର କିଛି କ୍ରିକେଟ କ୍ଲବ ଉକ୍ତ ପ୍ରତିବାଦ ସୁଅରେ ସାମିଲ ହୋଇଥିଲେ। ସେମାନେ ମଧ୍ୟ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ପର୍ଯ୍ୟାୟରେ ଓଡ଼ିଶାରୁ ମୋଟ ୫୧ଟି କ୍ଲବ ସଦସ୍ୟତା ପାଇବା ନେଇ ସିଓଏ ନିକଟକୁ ଚିଠି ପଠାଇଥିଲେ। କିଛି ଦିନ ପୂର୍ବରୁ ଦିଲ୍ଲୀ ସୁପ୍ରିମକୋର୍ଟରେ ଆମିକସ କ୍ୟୁରିଙ୍କୁ ଭେଟିଥିଲେ ଓସିଏର ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରା, କାର୍ଯ୍ୟକାରୀ କମିଟି ଅଧ୍ୟକ୍ଷ ଧୀରେନ ପଲାଇ ଓ ରାମେଶ୍ୱର ସ୍ପୋର୍ଟିଂ ସମ୍ପାଦକ ଦୀପକ ମଙ୍ଗରାଜ। ଓଡ଼ିଶା କ୍ରିକେଟର ଭାଗ୍ୟ, ଭବିଷ୍ୟତକୁ ନେଇ ଦୀର୍ଘ ସମୟର ଆଲୋଚନା ହୋଇଥିଲା। ସମ୍ବିଧାନ ସଂଶୋଧନକୁ ନେଇ ରହିଥିବା ବିବାଦକୁ ତୁଟାଇବାକୁ ଆମିକସ୍ କ୍ୟୁରି ମତ ରଖିଥିଲେ। ତେବେ ସେ ବୈଠକରେ ମଧ୍ୟ ମୁଖ୍ୟ ଆଲୋଚନାର ବିଷୟ ଥିଲା କ୍ଲବମାନଙ୍କ ସଦସ୍ୟତା। ବିଭିନ୍ନ ଆଲୋଚନା, ପର୍ଯ୍ୟାଲୋଚନା ପରେ ଓସିଏ ବାଧ୍ୟ ହୋଇ କ୍ଲବ ସମସ୍ୟା ତୁଟାଇବାକୁ ସିଓଏ ନିକଟରେ ବାରମ୍ବାର ନିବେଦନ କରିଥିଲା। ମଙ୍ଗଳବାର ସିଓଏ ରିପୋର୍ଟରେ ଏହା ସ୍ପଷ୍ଟ କରାଯାଇଛି ଯେ, କ୍ରିକେଟ କ୍ଲବ ଗୁଡ଼ିକୁ ସଦସ୍ୟତା ଦେବାରେ ରାଜ୍ୟ ସଂଘ ବାଧା ସୃଷ୍ଟି କରି ପାରିବ ନାହିଁ।

# ଭାରତ ସିରିଜ୍ ଲାଗି ଦକ୍ଷିଣ ଆଫ୍ରିକା ଦଳ ଘୋଷିତ

ଜୋହାନ୍ସବର୍ଗ,୧୩।୮ (ଏଏଫ୍‌ପି)

ଆଗାମୀ ଭାରତ ବିପକ୍ଷ ଟେଷ୍ଟ ଓ ଟି୨୦ ସିରିଜ ପାଇଁ ଦକ୍ଷିଣ ଆଫ୍ରିକା ଦଳ ଘୋଷିତ ହୋଇଛି। ସେପ୍ଟେମ୍ବରରେ ଖେଳାଯିବାକୁ ଥିବା ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ ପାଇଁ ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ କ୍ୱିଣ୍ଟନ ଡିକକ୍‌ଙ୍କୁ ନେତୃତ୍ୱ ପ୍ରଦାନ କରାଯାଇଛି। ଏହି ଦଳରେ ପୂର୍ବତନ ଅଧିନାୟକ ଫାଫ୍ ଡୁପ୍ଲେସିଙ୍କୁ ସାମିଲ କରାଯାଇ ନାହିଁ। ତେବେ ଡୁପ୍ଲେସି ପୂର୍ବପରି ୩ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜରେ ଦକ୍ଷିଣ ଆଫ୍ରିକାର ନେତୃତ୍ୱ ନେବେ। ଟି୨୦ ପରେ ଏହି ଟେଷ୍ଟ ସିରିଜ ଖେଳାଯିବ। ଟେଷ୍ଟରେ ଟେମ୍ବା ବଭୁମା ଡୁପ୍ଲେସିଙ୍କ ଡେପୁଟି ହିସାବରେ କାର୍ଯ୍ୟ କରିବେ। ଟେଷ୍ଟ ଫର୍ମାଟରେ ପୂର୍ବପରି ଡୁପ୍ଲେସି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବେ ବୋଲି କ୍ରିକେଟ ସାଉଥ୍ ଆଫ୍ରିକା (ସିଏସ୍ଏ) କାର୍ଯକାରୀ ନିର୍ଦ୍ଦେଶକ କୋରି ଭାନ ଜିଲ କହିଛନ୍ତି। ସେହିପରି ରାସି ଭାନ ଡେର ଡୁସେନ ଡିକକ୍ ଡେପୁଟି ଭାବେ ଟି୨୦ ଦଳରେ ଉପଅଧିନାୟକ ଭାବେ କାର୍ଯ୍ୟ ତୁଲାଇବେ। ଆସନ୍ତାବର୍ଷ ଅଷ୍ଟ୍ରେଲିଆରେ ଟି୨୦ ବିଶ୍ୱକପ୍ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି। ତେଣୁ ଏହି ସିରିଜରେ ଜଣେ ଦକ୍ଷ ଅଧିନାୟକ ଓ ଏକ ସନ୍ତୁଳିତ ଦଳ ଗଢି ତୋଳିବାର ଶେଷ ସୁଯୋଗ ପାଇବ ଦକ୍ଷିଣ ଆଫ୍ରିକା। ଉଭୟ ଟି୨୦ ଓ ଟେଷ୍ଟ ଦଳରେ ୩ଜଣ ନବାଗତଙ୍କୁ ସ୍ଥାନ ମିଳିଛି। ଦ୍ରୁତ ବୋଲର ଅନ୍‌ରିଚ ନୋରଜ ଉଭୟ ଦଳରେ ସ୍ଥାନ ପାଇଛନ୍ତି। ବ୍ୟାଟ୍ସମ୍ୟାନ ବଭୁମା ଓ ସ୍ପିନ୍ ଅଲରାଉଣ୍ଡର ବିଜର୍ନ ଫର୍ଚ୍ୟୁନ ଟି୨୦ ଦଳରେ ସ୍ଥାନ ହାସଲ କରିଛନ୍ତି। ସେହିପରି ଉଇକେଟକିପର ରୁଡି ସେକେଣ୍ଡ ଓ ସ୍ପିନ୍ ବୋଲିଂ ଅଲରାଉଣ୍ଡର ସେନୁରାନ ମୁଥୁସାମି ଟେଷ୍ଟ ଦଳରେ ସାମିଲ ହୋଇଛନ୍ତି। ସବୁ ଦୃଷ୍ଟିରୁ ବିଚାର କରାଯାଇ ଉଭୟ ଫର୍ମାଟ ପାଇଁ ସନ୍ତୁଳିତ ଦଳ ଘୋଷଣା କରାଯାଇଛି ବୋଲି ସିଏସ୍ଏ ତରଫରୁ କୁହାଯାଇଛି। ଦକ୍ଷିଣ ଆଫ୍ରିକା ଭାରତ ଗସ୍ତରେ ଆସି ଏହି ଦୁଇଟି ସିରିଜ ଖେଳିବ। ସେପ୍ଟେମ୍ବର ୧୫ ତାରିଖରୁ ଟି୨୦ ସିରିଜ ଆରମ୍ଭ ହେବ ଓ ପରେ ଟେଷ୍ଟ ସିରିଜ ଖେଳାଯିବ।



କ୍ୱିଣ୍ଟନ ଡିକକ୍

- **ଦକ୍ଷିଣ ଆଫ୍ରିକା ଟେଷ୍ଟ ଦଳ:** ଫାଫ୍ ଡୁପ୍ଲେସି (ଅଧିନାୟକ), ଟେମ୍ବା ବଭୁମା (ଉପ-ଅଧିନାୟକ), ଥେଉନିସ୍ ଡି ବ୍ରୁଇନ, କ୍ୱିଣ୍ଟନ ଡିକକ୍, ଡିନ ଏଲଗାର, ଜୁବେର ହମ୍‌ଜା, କେଶବ ମହାରାଜ, ଏଡେନ ମାରକ୍ରାମ, ସେନୁରାନ ମୁଥୁସାମି, ଲୁନ୍‌ଗି ଏନ୍‌ଗିଡି, ଅନରିଚ୍ ନୋର୍ଜ, ଭର୍ନନ ଫିଲାଣ୍ଡର, ଡେନ ପିଟ୍, କାଗିସୋ ରାବାଡ଼ା ଓ ରୁଡିସେକଣ୍ଡ
- **ଦକ୍ଷିଣ ଆଫ୍ରିକା ଟି୨୦ ଦଳ:** କ୍ୱିଣ୍ଟନ ଡିକକ୍ (ଅଧିନାୟକ), ରାସି ଭାନ ଡେର ଡୁସେନ (ଉପ- ଅଧିନାୟକ), ଟେମ୍ବା ବଭୁମା, ଜୁନିୟର ଡାଲା, ବିଜର୍ନ ଫର୍ଚ୍ୟୁନ, ବେଉରାନ ହେଣ୍ଡ୍ରିକ୍ସ, ରିଜା ହେଣ୍ଡ୍ରିକ୍ସ, ଡେଭିଡ ମିଲର, ଅନରିଜ ନୋରଜ, ଆଣ୍ଡିଲ ଫେଲୁକ୍ୱାୟୋ, ଡ୍ୱେନ ପ୍ରିଟୋରିୟସ, କାଗିସୋ ରାବାଡ଼ା, ତାବରେଜ ସାମସି ଓ ଜନ-ଜନ ସ୍ମୁଟ୍ସ

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ହରଷମଣୀ ପାଙ୍ଗସାଣୀ
ପାତ୍ରପଡ଼ା, ଭୁବନେଶ୍ୱର–୧୯
ଆବିର୍ଭାବ: ୦୨।୦୭।୧୯୩୧
ତିରୋଧାନ: ୦୪।୦୮।୨୦୧୯
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ
ପୁତ୍ର: ମାନସ, ପୂର୍ଣ୍ଣଚନ୍ଦ୍ର, ପବିତ୍ର, ସଚିତ୍ର ଇନ୍ଦ୍ରଜିତ୍, ବୋହୂ: ପ୍ରଫୁଲ୍ଲବାଳା, ଚନ୍ଦ୍ରକଳା, ପ୍ରମିଳା, ବିନୋଦିନୀ, ଝିଅ: ସଂଯୁକ୍ତା, ସ୍ୱର୍ଣ୍ଣଲତା, ଜ୍ୱାଇଁ: ଭୀମସେନ, ବ୍ରଜ କିଶୋର, ନାତି/ନାତୁଣୀ: ଚିତ୍ତରଞ୍ଜନ, ରଶ୍ମିରଞ୍ଜନ, ଜଗତଜୀବନ, ମାୟାରଞ୍ଜନ, ବ୍ରଜ, ସଂଗ୍ରାମ, ବିଶ୍ୱଜିତ, ଚିନ୍ମୟୀ, ପ୍ରତିମା, ଚିତ୍ରରେଖା, ସୁଚିତ୍ରା, ଶଶିରେଖା, ଚିତ୍ରାଞ୍ଜଳି, ଚିତ୍ରମାଳା, ସମସ୍ତ ପାଙ୍ଗସାଣୀ ପରିବାର ଓ ଆତ୍ମୀୟସ୍ୱଜନ।
ଧ–୧୩୮୬

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ବିନୋଦିନୀ ପଣ୍ଡା
ଖରାଖିଆ ବୈଦ୍ୟନାଥ ସାହି, ଓଲ୍ଡ ଟାଉନ୍, ଭୁବନେଶ୍ୱର
ଆବିର୍ଭାବ: ୧୫।୦୫।୧୯୬୨
ତିରୋଧାନ: ୦୪।୦୮।୨୦୧୯
ଆଜିର ଏହି ଏକାଦଶାହ ପୁଣ୍ୟତିଥିରେ ଆମେ ସପରିବାର ଏତିକି ପରମାତ୍ମାଙ୍କ ନିକଟରେ ପ୍ରାର୍ଥନା କରୁଛୁ ଯେ ତୋର ଆତ୍ମାର ସଦ୍‌ଗତି ହେଉ, ଚିରଶାନ୍ତି ଲାଭ କରୁ ଏବଂ ତୁମ ଆଶୀର୍ବାଦ ଆମ୍ଭମାନଙ୍କ ଜୀବନର ପାଥେୟ ହେଉ।
ଶୋକସନ୍ତପ୍ତ:
ସ୍ୱାମୀ– ରାମଚନ୍ଦ୍ର ପଣ୍ଡା, ପୁତ୍ର– ହିମାଂଶୁ ଭୂଷଣ ପଣ୍ଡା, ସୁଧାଂଶୁ ଭୂଷଣ ପଣ୍ଡା, ଝିଅ– ହିମାଦ୍ରୀ ଦାଶ, ଜ୍ୱାଇଁ– ବିକାଶ ଦାଶ, ନାତୁଣୀ– ଦିବ୍ୟାଶ୍ରୀ, ଶ୍ରେୟାଶ୍ରୀ ଏବଂ ବନ୍ଧୁବାନ୍ଧବ।
ଧ–୧୩୯୦୦

ଶ୍ରଦ୍ଧାଞ୍ଜଳି
ଦ୍ୱାଦଶତମ ଶ୍ରାଦ୍ଧବାର୍ଷିକୀ



୰ ଦେବେନ୍ଦ୍ରନାଥ ଦାସ
(ପୂର୍ବତନ ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର, ଓୟୁଏଟି)
ଏମ୍-୨୦, ଭୀମଟାଙ୍ଗୀ, ହାଉସିଂବୋର୍ଡ କଲୋନୀ,ଭୁବନେଶ୍ୱର
ଆବିର୍ଭାବ : ନୃସିଂହ ଚତୁର୍ଦ୍ଦଶୀ ୧୯୨୫
ତିରୋଧାନ : ୨୭.୦୮.୨୦୦୭
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମ୍ଭର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।
ବନ୍ଧୁ ଓ ପରିବାରବର୍ଗ
ଧ–୧୩୮୯୬

## ରାତି ପାହିଲେ ରକ୍ଷାବନ୍ଧନ

# ସବୁଠି ଉତ୍ସାହ ଉଦ୍ଦୀପନା



ଜଣେ ଛାତ୍ରୀ ଦୋକାନରୁ ରାଖୀ କିଣୁଛନ୍ତି

**ରକ୍ଷାବନ୍ଧନ। ଭଉଣୀ-ଭାଇ ପବିତ୍ର ସମ୍ପର୍କ ସ୍ୱାକ୍ଷର ବହନ କରୁଥିବା ଦିନଟିଏ। ଏହିଦିନରେ ଭାଇ ହାତରେ ରାଖୀ ବାନ୍ଧି ନିଜର ସୁରକ୍ଷା ଲୋଡ଼ିଥାଏ ଭଉଣୀ। ସନାତନ ସଂସ୍କୃତିର ଏହି ଗଣପର୍ବକୁ ନେଇ ସବୁଠି ଦେଖିବାକୁ ମିଳିଛି ଉତ୍ସାହ ଉଦ୍ଦୀପନା। ସହରଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ଯାଏ ଖୋଲିଛି ସ୍ୱତନ୍ତ୍ର ରାଖୀ ଦୋକାନ। ଖୋଜାଚାଲିଛି ସୁନ୍ଦର ଆଉ ମନଲୋଭା ରାଖୀ। ମନପସନ୍ଦର ରାଖୀ କିଣିବାକୁ ମହିଳା, ଯୁବତୀଙ୍କ ମଧ୍ୟରେ ପ୍ରବଳ ଆଗ୍ରହ ଦେଖିବାକୁ ମିଳିଛି। ରକ୍ଷାବନ୍ଧନ ଅବ୍ୟବହିତ ପୂର୍ବରୁ କାମାକ୍ଷାନଗର ଅଞ୍ଚଳର ବିଭିନ୍ନ ବର୍ଗର ଲୋକଙ୍କୁ ନେଇ ଏହି ଉପସ୍ଥାପନା...**

କାମାକ୍ଷାନଗର ସହରରେ ୧୩ବର୍ଷ ହେଲା ରାଖୀ ଦୋକାନ କରିଆସୁଛି। ପ୍ରଥମେ ପ୍ରଥମେ ୨ରୁ ୩ଟି ଦୋକାନ ଖୋଲୁଥିଲା। ଏବେ ଏହି ସଂଖ୍ୟା ୩୦ ଟପିଲାଣି। ସେହି ଅନୁଯାୟୀ ବ୍ୟବସାୟ ମଧ୍ୟ ବଢ଼ିଚାଲିଛି। ଚଳିତବର୍ଷ ୧ଟଙ୍କାରୁ ଆରମ୍ଭ କରି ୭୫୦ ଟଙ୍କା ଯାଏ ରାଖୀ ବିକ୍ରି ହେଉଛି। ଷ୍ଟୋନ୍ ରାଖୀ, ବିଭିନ୍ନ ଶସ୍ୟରେ ନିର୍ମିତ ରାଖୀର ଚାହିଦା ଅଧିକ ରହିଛି। ୧୫ଦିନ ହେଲା ଦୋକାନ ଖୋଲିଲାଣି। ଶେଷ ଦୁଇଦିନରେ ଭଲ ବ୍ୟବସାୟ ହେବା ଆଶା ରହିଛି।

**-ଅଶୋକ ସାହୁ, ବ୍ୟବସାୟୀ**



ରାଖୀ ପୂର୍ଣ୍ଣିମାକୁ ସବୁ ଭଉଣୀ ଅପେକ୍ଷା କରି ରହିଥାନ୍ତି। ଭାଇ-ଭଉଣୀର ସମ୍ପର୍କକୁ ଆହୁରି ଗାଢ଼ କରିଦିଏ ରାଖୀ। ସେଇଥିପାଇଁ କେମିତି ଭାଇ ପାଇଁ କିଣୁଥିବା ରାଖୀ ଅନ୍ୟ ସମସ୍ତଙ୍କଠାରୁ ଭିନ୍ନ ହେବ ସେହି ଚେଷ୍ଟା କରିଥାଏ। ଚଳିତ ବର୍ଷ ସ୍ୱାମୀଙ୍କ ସହ କଲିକତା ଯାଇଥିଲି। ସେଠାରୁ ଭାଇଙ୍କ ପାଇଁ ରାଖୀ ଆଣିଛି। ଆଗରୁ ବି ମୂଲ୍ୟବାନ ଧାତୁ ନିର୍ମିତ ରାଖୀ ଦେଇଛି। ଯେଉଁଠି ବି ରହିଲେ ଏହି ଦିନକୁ କେବେ ଭୁଲି ନ ଥାଏ।

**-ଶ୍ୱାତୀ ଖେମ୍‌କା, ଗୃହିଣୀ**



ରକ୍ଷାବନ୍ଧନ ହେଉଛି ଅଦୃଶ୍ୟ ପାରମ୍ପରିକ ଭାବାତ୍ମକ ବନ୍ଧନର ଦୃଶ୍ୟମାନ ପରିଚୟ। ଭଉଣୀ-ଭାଇର ସମ୍ପର୍କ ସବୁ ସମ୍ପର୍କଠାରୁ ଭିନ୍ନ। ଏହାକୁ କାହା ସହିତ ତୁଳନା କରାଯାଇପାରିବ ନାହିଁ। ପୌରାଣିକ ଯୁଗରୁ ଏହି ପର୍ବ କିମ୍ବଦନ୍ତୀ ହୋଇ ରହିଆସିଛି। ରାଖୀ ପୂର୍ଣ୍ଣିମା ଏଭଳି ଏକ ଉତ୍ସବ, ଯେଉଁଦିନକୁ ଉଭୟେ ଭଉଣୀଭାଇ ଅପେକ୍ଷା କରି ରହିଥାନ୍ତି। ମୋର ୫ଜଣ ଭାଇ ଅଛନ୍ତି। ରକ୍ଷା ବନ୍ଧନରେ ସମସ୍ତଙ୍କ ହାତକୁ ମାନିବା ଭଳି ରାଖୀ କିଣି ନେଇଥାଏ। ଠାକୁରଙ୍କ ନିକଟରେ ସମସ୍ତଙ୍କ ଶୁଭ ମନାସିଥାଏ।

**-ସ୍ମିତାରାଣୀ ପାତ୍ର, କଲେଜ ଅଧ୍ୟକ୍ଷା**



ଛୋଟ ଦିନରୁ ଭଉଣୀଭାଇ ଏକାଠି ରହୁଥିଲୁ। ତେଣୁ ବାପାଙ୍କ ସହ ଦୁହେଁ ବଜାରକୁ ଯାଇ ଭାଇର ମନପସନ୍ଦର ରାଖୀ କିଣୁ ଆଣୁଥିଲି। ରାଖୀ ବାନ୍ଧି ଉପହାର ଦେବାକୁ ଜିଦ୍ କରୁଥିଲି। ଗତବର୍ଷଠାରୁ ଭାଇ ବାହାରେ ରହି ପାଠପଢୁଛି। ଏଥର ରାଖୀରେ ଏକୁଟିଆ ବଜାରକୁ ଯାଇ ତା' ହାତକୁ ମାନିବା ଭଳି ରଙ୍ଗିନ ଷ୍ଟୋନ ରାଖୀ ଆଣିଛି। ସ୍ୱାଧୀନତା ଦିବସ ରାଖୀ ଗୋଟିଏ ଦିନରେ ପଡୁଥିବାରୁ ଭାଇ ଘରକୁ ଆସିଲେ ରାଖୀ ବାନ୍ଧିବି। ସେହି ସମୟକୁ ଅପେକ୍ଷା କରି ରହିଛି।

**-ସୌମ୍ୟା ମଲ୍ଲିକ, ଛାତ୍ରୀ**

ରିପୋର୍ଟ: ସୁଧୀର କୁମାର ପରିଡ଼ା

DADLS-15

## ସ୍ୱାଧୀନତା ଦିବସ – ୨୦୧୯

ଚଳିତ ବର୍ଷ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ
ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆ, ଭୁବନେଶ୍ୱରରେ
ଅନୁଷ୍ଠିତ ହେବ । ଏହି ଦିବସକୁ ଅବିସ୍ମରଣୀୟ କରିବା ପାଇଁ
'ଓଡ଼ିଶା ଓ ଗାନ୍ଧିଜୀ'
ଶୀର୍ଷକ ଏକ ଭବ୍ୟ ପ୍ରଦର୍ଶନୀର ଆୟୋଜନ କରାଯାଇଛି ।

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ**
ସ୍ୱାଧୀନତା ଦିବସ ପାଳନ ଅବସରରେ
ଜାତୀୟ ପତାକା ଉତ୍ତୋଳନ
କରିବା ସହିତ ଉକ୍ତ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବେ ।

ଉଭୟ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ବିନମ୍ର ନିବେଦନ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ



15001/13/0024/1920

MARUTI SUZUKI ARENA

FREEDOM OFFER

EMBRACE THE SPIRIT OF FREEDOM.
Celebrate freedom by choosing Maruti Suzuki cars.



DZIRE SAVE UP TO ₹40,000*   SWIFT SAVE UP TO ₹35,000*

DZIRE SWIFT

E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: Karthik.M@maruti.co.in

| NARAYANI MOTORS | ODYSSEY MOTORS | JYOTE MOTORS | SKY AUTOMOBILES |
|---|---|---|---|
| BHUBANESHWAR: CALL: 7381094890/ 0674-2588474, 0674-2588475, 0674-2588473. PURI: CALL: 9583022035. PARADEEP: CALL: 9583022034/ 06722-228044. | ANGUL: CALL: 7752076136, 9776901481. PALLAHARA: CALL: 7873565435, 9437831123. | BHUBANESWAR: LEWIS ROAD: CALL: 9776615020, 9776615035, 9776615032 NAYAPALLI: CALL: 7381355999, 7381366999 KEONJHAR: CALL: 8599019854, 7064493469 BARIPADA: CALL: 9437102597. BHADRAK: CALL: 7381064240 NAYAGARH: CALL: 7381028515. BALASORE: CALL: 7064499108 | BHUBANESWAR: CALL: 9776645711. CUTTACK: CALL: 9776677771, 7381873818. DHENKANAL: CALL: 9776900005. JAJPUR: CALL: 9776900777. |

*Offer includes consumer offer and exchange bonus (wherever applicable) on Dzire Diesel (all variants) and Swift Diesel (all variants). Terms and conditions apply. Offers may vary from city to city and variant to variant for all models. Colors shown may vary from actual body color due to printing on paper. Images used are for illustration purposes only. Offers valid till 31st August 2019.

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ